


କକ୍‌ଟେଲ୍ ପାଇଁ ମନା କରିଥିଲେ ରଣବୀର
▶ପୃଷ୍ଠା ୧୧ ଦେଖନ୍ତୁ...



RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-356 ♦WEDNESDAY ♦24 JUNE 2026 ♦PAGE-12 ♦₹ 7.00 | JEYPORE | ♦ବର୍ଷ-୪୩ ♦ସଂଖ୍ୟା-୩୫୬ ♦ବୁଧବାର ♦୨୪ ଜୁନ୍ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


# ଟିଏମ୍‌ସିରେ ଲଢ଼େଇ ତୀବ୍ର

## ନାମ ଓ ଚିହ୍ନ ପାଇଁ ନିର୍ବାଚନ କମିସନଙ୍କ ଦ୍ୱାରସ୍ଥ ହେଲେ ମମତା ଓ ରତବ୍ରତ

■ କୋଲକାତା, ୨୩।୬ (ଏଜେନ୍ସି): ତୃଣମୂଳ କଂଗ୍ରେସ (ଟିଏମ୍‌ସି) ମଧ୍ୟରେ କ୍ଷମତାକୁ ନେଇ ଚାଲିଥିବା କନ୍ଦଳ ଏବେ ଚରମ ସୀମାରେ ପହଞ୍ଚିଛି। ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ଶିବିର ଏବଂ ରତବ୍ରତ ବାନାର୍ଜୀଙ୍କ ନେତୃତ୍ୱାଧୀନ ବିଦ୍ରୋହୀ ଗୋଷ୍ଠୀ ମଧ୍ୟରେ ଦଳର ନାମ ଏବଂ ଚିହ୍ନ ଉପରେ ନିୟନ୍ତ୍ରଣ ପାଇଁ ଲଢେଇ ଏବେ ନିର୍ବାଚନ କମିସନଙ୍କ ଦ୍ୱାରରେ ପହଞ୍ଚିଛି।

ଦଳକୁ ହାତରୁ ଖସିଯିବା ଆଗରୁ ମମତା ନିଜ ଉଦ୍ୟମ ଆରମ୍ଭ କରିଛନ୍ତି। ସୋମବାର ରାତିରେ ମମତା ନିର୍ବାଚନ କମିସନଙ୍କ ନିକଟରେ ଦଳର ଏକ ପୁନର୍ଗଠିତ ଜାତୀୟ କାର୍ଯ୍ୟକାରିଣୀ କମିଟି ଏବଂ ସାଂଗଠନିକ ଢାଞ୍ଚାର ତାଲିକା ଦାଖଲ କରିଛନ୍ତି। ତାଲିକାରେ ମମତାଙ୍କୁ ଦଳର ଅଧ୍ୟକ୍ଷା ଏବଂ ଅଭିଷେକ



ବାନାର୍ଜୀ ଜାତୀୟ ସାଧାରଣ ସମ୍ପାଦକ, ଚନ୍ଦ୍ରିମା ଭଟ୍ଟାଚାର୍ଯ୍ୟଙ୍କୁ ରାଜ୍ୟ ସଭାପତି, ଡେରେକ ଓ'ବ୍ରାଏନ ଓ ଦୋଲା ସେନଙ୍କୁ ଯୁଗ୍ମ ସମ୍ପାଦକ ଏବଂ ଶୁଭାଶିଷ ଚକ୍ରବର୍ତ୍ତୀଙ୍କୁ କୋଷାଧ୍ୟକ୍ଷ ଭାବେ ନିଯୁକ୍ତି ଦିଆଯାଇଛି। ମମତା ନିଜେ ଏହି ତାଲିକାରେ ସ୍ୱାକ୍ଷର କରି ନିର୍ବାଚନ କମିସନଙ୍କ ପାଖକୁ ପଠାଇଥିବା ଜଣା ପଡ଼ିଛି। ନିର୍ବାଚନ କମିସନଙ୍କୁ ଦିଆଯାଇଥିବା ସଂଶୋଧିତ ତାଲିକାରୁ ଜୁନ୍ ୫ରେ ଘୋଷଣା କରାଯାଇଥିବା ଜାତୀୟ କାର୍ଯ୍ୟକାରିଣୀ କମିଟିର ସଦସ୍ୟ ଅରୂପ ବିଶ୍ୱାସଙ୍କୁ ବାଦ୍ ଦିଆଯାଇଛି। ଏହା ବ୍ୟତୀତ ଫିରହାଦ ହାକିମ, ଅରୂପ ରାୟ, ଜାଭେଦ ଖାନ, ରଥିନ ଘୋଷ ଏବଂ ସାବିନା ୟାସମିନଙ୍କ ଭଳି ବିଧାୟକ ତଥା ନେତାଙ୍କୁ ଦଳରୁ ବହିଷ୍କାର କରାଯାଇଛି।

ଅନ୍ୟପଟେ, ଏକ ପାଞ୍ଚତାରକା ହୋଟେଲରେ ରତବ୍ରତଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ପୃଥକ ଜାତୀୟ କାର୍ଯ୍ୟକାରିଣୀ କମିଟି ଗଠନ କରାଯାଇ ମମତା କିମ୍ବା ଅଭିଷେକଙ୍କ ପାଇଁ କୌଣସି ସ୍ଥାନ ରଖାଯାଇ ନାହିଁ। ବିଦ୍ରୋହୀ ଗୋଷ୍ଠୀ ହାଓଡା ସେଣ୍ଟ୍ରାଲ ବିଧାୟକ ଅରୂପ ରାୟଙ୍କୁ ଅଧ୍ୟକ୍ଷ ଏବଂ ରତବ୍ରତଙ୍କୁ ▶ପୃଷ୍ଠା-୭

### ତାମିଲନାଡୁ ଗ୍ୟାସ୍ ଦୁର୍ଘଟଣାରେ ୭ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ

# ଓଡ଼ିଶା ଫେରିଲା ୫ ମରଶରୀର

■ ଭୁବନେଶ୍ୱର/ ତେଲକୋଇ, ୨୩।୬ (ସମିସ): ତାମିଲନାଡୁର ତିରୁଭଲ୍ଲୁରଠାରେ ଘଟିଥିବା ଆମୋନିଆ ଗ୍ୟାସ୍ ଲିକ୍ ଦୁର୍ଘଟଣାରେ ଚିକିତ୍ସାଧୀନ ଅବସ୍ଥାରେ ଆଉ ୨ ଜଣ ଓଡ଼ିଆଙ୍କର ମୃତ୍ୟୁ ଘଟିଛି। ଫଳରେ ମୃତ୍ୟୁସଂଖ୍ୟା ୭କୁ ବୃଦ୍ଧି ପାଇଛି। ଅନ୍ୟ ଦୁଇ ମୃତକ ହେଲେ କେନ୍ଦୁଝର ଜିଲ୍ଲାର ସଜନୀ ଜୁଆଙ୍ଗ ଓ ଜାମୁନୀ ଜୁଆଙ୍ଗ। ସଜନୀଙ୍କ ଘର ବାଂଶପାଳ ବ୍ଲକ ଅନ୍ତର୍ଗତ କୁଡ଼ିପଶା ଗ୍ରାମରେ ହୋଇଥିବା ବେଳେ ଜାମୁନିଙ୍କ ଘର ତେଲକୋଇ ବ୍ଲକ ଅନ୍ତର୍ଗତ ରଙ୍ଗମାଟିଆରେ ବୋଲି ଜଣାପଡ଼ିଛି। ଅପରପକ୍ଷେ ସୋମବାର ପ୍ରତ୍ୟେକ ମୃତ ଶ୍ରମିକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୪ ଲକ୍ଷ ଟଙ୍କା ଲେଖାଏଁ ସହାୟତା ଘୋଷଣା କରିଥିବା



## ସହାୟତା ରାଶି ୧୦ ଲକ୍ଷ ଟଙ୍କାକୁ ବୃଦ୍ଧିକଲେ ମୁଖ୍ୟମନ୍ତ୍ରୀ

ବେଳେ ଏହି ରାଶିକୁ ଆଜି ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି କରିଛନ୍ତି। ଏପଟେ ମଙ୍ଗଳବାର ମୃତକ ୫ଜଣଙ୍କର ମରଶରୀର ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିଥିଲା। ଯେଉଁ ମୃତକଙ୍କର ମରଶରୀର ଓଡ଼ିଶା ଆସିଛି ସେମାନେ ହେଲେ ଜିମାନୀ ଜୁଆଙ୍ଗ, ଗୀତା ଜୁଆଙ୍ଗ, ଭୂମିଆ ଜୁଆଙ୍ଗ, ଶିବାନୀ ଓ ଫୁଲମଣି ଜୁଆଙ୍ଗ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ, ▶ପୃଷ୍ଠା-୭

### ରାଜ୍ୟସଭା କ୍ରସ ଭୋଟିଂ

# ଅକଳରେ ୧୧ ବିଧାୟକ

■ ଭୁବନେଶ୍ୱର, ୨୩।୬ (ସମିସ): ଗତ ରାଜ୍ୟସଭା ନିର୍ବାଚନରେ ଦଳୀୟ ହୁଇପ୍ ଅମାନ୍ୟ କରି ବିଜେପି ସମର୍ଥିତ ସ୍ୱାଧୀନ ପ୍ରାର୍ଥୀଙ୍କୁ ଭୋଟ ଦେଇଥିବା ବିଜେଡିର ୮ ଓ କଂଗ୍ରେସର ୩ ବିଧାୟକ ଅକଳରେ ପଡ଼ିଛନ୍ତି। ନିଜ ଦଳକୁ ଧୋକା ଦେଇଥିବାରୁ ବିଜେପି ସେମାନଙ୍କୁ ଆଦର କରି କୋଳେଇ ନେବ ବୋଲି ସେମାନେ ଯେଉଁ ଆଶା କରିଥିଲେ, ତାହା ଏବେ ମଉଳିବାକୁ ବସିଛି। ପ୍ରଥମତଃ ସେମାନେ ପ୍ରତିନିଧିତ୍ୱ କରୁଥିବା ଅଞ୍ଚଳର ବିଜେପି ନେତାମାନଙ୍କ ବିରୋଧ ସେମାନଙ୍କ ପାଇଁ କଣ୍ଟା ହୋଇଛି। ପୁନଶ୍ଚ ସଦସ୍ୟ ପଦ ରଦ୍ଦ ହେବା ଭୟରେ ସେମାନେ ଆନୁଷ୍ଠାନିକ ଭାବରେ ମଧ୍ୟ ବିଜେପିରେ ଯୋଗଦେଇ ପାରୁନାହାନ୍ତି। ଏହି ସମୟରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଟିପ୍ପଣୀ ଏହି ୧୧ ବିଧାୟକଙ୍କ ପାଇଁ ଅଡୁଆ ହୋଇଛି। ଯେଉଁ ୧୧ ବିଧାୟକ ନିଲମ୍ବିତ ହୋଇଛନ୍ତି, ସେମାନଙ୍କୁ ମୁଁ ଜାଣିଛି ବୋଲି ସଂକ୍ଷେପରେ ସୁରେଶ ପୂଜାରୀଙ୍କ ଟିପ୍ପଣୀକୁ ରାଜନୈତିକ ସମୀକ୍ଷକ ନକରାତ୍ମକ ଦୃଷ୍ଟିରେ ଦେଖୁଛନ୍ତି। ଟିପ୍ପଣୀ ଅନେକ ଦିଗକୁ ଇଙ୍ଗିତ କରିଛି।

ଅନ୍ୟପକ୍ଷରେ ବିଜେଡି ଓ ବିଜେପି ଦଳରୁ ନିଲମ୍ବିତ କରିଥିବା ବିଧାୟକମାନଙ୍କୁ ଗ୍ରହଣ କରିବାକୁ ରାଜି ନୁହନ୍ତି ବୋଲି କୁହାଯାଉଛି।

## ଫେରାଇ ନେବାକୁ ରାଜି ନୁହନ୍ତି ବିଜେଡି ଓ କଂଗ୍ରେସ

## କୋଳେଇ ନେବାକୁ ଅରାଜି ବିଜେପି ରାଜ୍ୟ ନେତୃତ୍ୱ

ଗଣମାଧ୍ୟମ ସହ ଅନୌପଚାରିକ ଆଲୋଚନା ସମୟରେ ଶ୍ରୀ ପୂଜାରୀ କହିଛନ୍ତି ଯେ ବିଜେପି ଗୋଟେ ଧର୍ମଶାଳା ପାର୍ଟି ନୁହେଁ। ଯାହାର ଦରକାର ପଡ଼ିବ, ସେ ଆସିବ। କାମ ସରିଗଲେ ସେ ପଳାଇବ। କିଛି ପାଇବା ପାଇଁ ଓ ସ୍ୱାର୍ଥ ପାଇଁ ଆସୁଥିବା ଲୋକଙ୍କୁ ପଶ୍ଚାତାପ କରିବାକୁ ପଡ଼ିବ ବୋଲି ଶ୍ରୀ ପୂଜାରୀଙ୍କ ବିଜେଡିର ବରିଷ୍ଠ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଅରୁଣ ସାହୁ କହିଛନ୍ତି ଯେ ଯେଉଁମାନେ ଦଳରୁ ଗୋଡ଼କାଢ଼ି ଯାଇଛନ୍ତି, ସେମାନଙ୍କୁ ଆଉ ଫେରାଇ ଆଣିବାର ପ୍ରଶ୍ନ ଉଠୁନାହିଁ। ନିଲମ୍ବିତ ବିଧାୟକମାନେ ଯଦି ବିଜେପି ଯିବାକୁ ଚାହୁଁଛନ୍ତି, ସେମାନେ ଯାଇ ପାରନ୍ତି। ମାତ୍ର ଯେଉଁମାନେ ବିଜେପି ▶ପୃଷ୍ଠା-୭

# କେନ୍ଦ୍ରମନ୍ତ୍ରୀ କୁରିଆନଙ୍କ ଇସ୍ତଫା



■ ନୂଆଦିଲ୍ଲୀ, ୨୩।୬ (ଏଜେନ୍ସି): କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଜର୍ଜ କୁରିଆନ ମଙ୍ଗଳବାର କେନ୍ଦ୍ର ମନ୍ତ୍ରୀ ପରିଷଦରୁ ନିଜର ଇସ୍ତଫା ପ୍ରଦାନ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପରାମର୍ଶ କ୍ରମେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କର ଏହି ଇସ୍ତଫାପତ୍ରକୁ ଗ୍ରହଣ କରିଛନ୍ତି। କୁରିଆନଙ୍କ ୬ ବର୍ଷିଆ ରାଜ୍ୟସଭା କାର୍ଯ୍ୟକାଳ ଜୁନ୍ ୨୧ରେ ସମାପ୍ତ ହୋଇଥିଲା। ନିକଟରେ ଅନୁଷ୍ଠିତ ରାଜ୍ୟସଭା ନିର୍ବାଚନରେ ବିଜେପି ତାଙ୍କୁ ପୁନର୍ବାର ପ୍ରାର୍ଥୀ ନ କରିବାକୁ ନିଷ୍ପତ୍ତି ନେବା ପରେ ସେ ମନ୍ତ୍ରୀ ପଦରୁ ଓହରି ଯାଇଛନ୍ତି। ତେବେ ତାଙ୍କ ଇସ୍ତଫାର କୌଣସି ନିର୍ଦ୍ଦିଷ୍ଟ କାରଣ ଆନୁଷ୍ଠାନିକ ଭାବେ ପ୍ରକାଶ କରାଯାଇ ନାହିଁ। ୬୫ ବର୍ଷୀୟ କୁରିଆନ ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରଣାଳୟ ଏବଂ ମତ୍ସ୍ୟପାଳନ, ପ୍ରାଣୀ ସମ୍ପଦ ଓ ଦୁଗ୍ଧ ବିଭାଗର ରାଷ୍ଟ୍ରମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଉଥିଲେ। ପେସାରେ ଜଣେ ଓକିଲ ଥିବା କୁରିଆନ, କେରଳର କୋଟାୟମ ଅଞ୍ଚଳର ବାସିନ୍ଦା ଏବଂ ୧୯୮୦ ମସିହାରେ ବିଜେପି ପ୍ରତିଷ୍ଠା ହେବା ସମୟରୁ ଦଳ ସହିତ ଜଡିତ ଅଛନ୍ତି। ସେ ଦଳର ଜଣେ ବରିଷ୍ଠ ନେତା ଭାବେ କେରଳ ୟୁନିଟର ସାଧାରଣ ସମ୍ପାଦକ ଏବଂ ଉପ-ସଭାପତି ଭଳି ଗୁରୁତ୍ୱପୂର୍ଣ୍ଣ ସାଂଗଠନିକ ପଦବୀରେ କାର୍ଯ୍ୟ କରିଛନ୍ତି।

## 'ଇଚ୍ଛାମୃତ୍ୟୁ' ମାଗିଲେ ଯୁବ ଚାଷୀ

■ ମେଲଛାମୁଣ୍ଡା, ୨୩।୬ (ସମିସ): ଯେଉଁ ହାତ ସାରା ଦେଶକୁ ଅନ୍ନ ଯୋଗାଏ, ଆଜି ସେହି ହାତ ନିଜ ପାଇଁ ମୃତ୍ୟୁ ଭିକ୍ଷା କରୁଛି। ଧାନ ବିକ୍ରି ସମସ୍ୟା ଓ ପ୍ରଶାସନିକ ଅବହେଳା ଯୋଗୁଁ ପୁଣି ଚର୍ଚ୍ଚାରେ ଭାତହାଣ୍ଡି କୁହାଯାଉଥିବା ବରଗଡ଼ ଜିଲ୍ଲା। ବ୍ୟବସ୍ଥାର ଚକ୍ରବ୍ୟୂହରେ ଚାପି ହୋଇ ଶେଷରେ ରାଷ୍ଟ୍ରପତିଙ୍କ ନିକଟରେ 'ଇଚ୍ଛାମୃତ୍ୟୁ' ପାଇଁ ଆବେଦନ କରିଛନ୍ତି ଜଣେ ଯୁବଚାଷୀ। ଏଭଳି ଏକ ସମ୍ବେଦନଶୀଳ ତଥା ଦୁଃଖଦ ଘଟଣା



ସାମ୍ନାକୁ ଆସିଛି ମେଲଛାମୁଣ୍ଡା ଥାନା ଅନ୍ତର୍ଗତ ମେଲଛାମୁଣ୍ଡା ଗ୍ରାମରୁ। ମିଳିଥିବା ସୂଚନା ଅନୁଯାୟୀ, ମେଲଛାମୁଣ୍ଡା ଗ୍ରାମର ଭରତକୃଷ୍ଣ ସାହୁଙ୍କ ପୁଅ ଗୋପାଳ ସାହୁ ଚଳିତ ରବି ଋତୁରେ କଷ୍ଟେମଷ୍ଟେ ଧାନ ଚାଷ କରିଥିଲେ। ହେଲେ ଧାନ ବିକ୍ରି ସମୟରେ ତାଙ୍କୁ ସରକାରୀ ଟୋକନ ମିଳିନଥିଲା। ଘରେ ରୋଗୀଣା ମାଆଙ୍କ ଚିକିତ୍ସା ଏବଂ ଅନ୍ୟାନ୍ୟ ଜରୁରୀ ଖର୍ଚ୍ଚ ତୁଲାଇବା ପାଇଁ ସେ ବାଧ ହୋଇ ଅତି କମ୍ ମୂଲ୍ୟରେ ଶାଗମାଛ ଦରରେ କିଛି ଧାନ ଖୋଲା ବଜାରରେ ବିକ୍ରି କରିଦେଇଥିଲେ। ▶ପୃଷ୍ଠା-୭






### ୪ ତାରିଖରେ ଆସିବେ ଶାହା


# ବିଜେପି ରାଜନୀତି ସରଗରମ



■ ଭୁବନେଶ୍ୱର, ୨୩।୬ (ସମିସ): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଗସ୍ତ ପରେ ଆସନ୍ତା ଜୁଲାଇ ମାସ ପ୍ରଥମାର୍ଦ୍ଧରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ଓଡ଼ିଶା ଆସିବେ। ଜୁଲାଇ ୪ତାରିଖରେ କେନ୍ଦ୍ର ଗୃହମନ୍ତ୍ରୀଙ୍କ ଗସ୍ତ ସ୍ଥିରୀକୃତ ହୋଇଛି। ଏହି ଅବସରରେ ସେ କିଛି ସରକାରୀ କାର୍ଯ୍ୟକ୍ରମରେ ଯୋଗ ଦେବେ ଓ ଦଳୀୟ କାର୍ଯ୍ୟରେ ମଧ୍ୟ ଅଂଶଗ୍ରହଣ କରିବେ। ଏହାକୁ ନେଇ ରାଜ୍ୟ ବିଜେପି ରାଜନୀତି ସରଗରମ ହୋଇଛି। ଏକ ପକ୍ଷରେ ବିଜେପିର ନୂତନ ଅଧ୍ୟକ୍ଷ ନିତିନ ନବୀନ ନିଜର ନୂଆ ଟିମ୍ ଗଠନ କରିବାକୁ ଯାଉଛନ୍ତି, ଅନ୍ୟପକ୍ଷରେ ପ୍ରଧାନମନ୍ତ୍ରୀ ମଧ୍ୟ କେନ୍ଦ୍ର ମନ୍ତ୍ରିମଣ୍ଡଳର ପୁନର୍ଗଠନ କରିବେ ବୋଲି ଚର୍ଚ୍ଚା ହେଉଛି। ବିଜେପିର ଜାତୀୟ ଟିମ୍ ଓ କେନ୍ଦ୍ର ମନ୍ତ୍ରିମଣ୍ଡଳ ପୁନର୍ଗଠନ ପରେ ରାଜ୍ୟରେ ମନ୍ତ୍ରୀ ପରିଷଦରେ ଅଦଳବଦଳ ହେବାର ଆକଳନ କରାଯାଉଛି। ▶ପୃଷ୍ଠା-୭

### ମଣ୍ଡିରେ ପଡ଼ିଛି ଧାନ

# କୀଟନାଶକ ପିଇ ଜୀବନ ହାରିଲେ ଚାଷୀ



■ କୋମନା, ୨୩।୬ (ସମିସ): ମଣ୍ଡିରେ ପଡ଼ିଛି ଧାନ, ଟୋକନ ଥାଇ ମଧ୍ୟ ମିଲର ଉଠାଉନାହିଁ। ଫଳରେ ସିଏସ୍‌ଓ ଅଫିସ ସମ୍ମୁଖରେ ଅନୁଷ୍ଠିତ ଆନ୍ଦୋଳନରେ ସାମିଲ ହୋଇ ନିରାଶରେ ଫେରିବା ପରେ କୀଟନାଶକ ପିଇ ଜୀବନ ହାରିଛନ୍ତି ଜଣେ ଚାଷୀ। ଏଭଳି ଅଭାବନୀୟ ଘଟଣା ଘଟିଛି ନୂଆପଡ଼ା ଜିଲ୍ଲା କୋମନା ବ୍ଲକରେ। ମୃତ ଚାଷୀ ହେଲେ କୋମନା ବ୍ଲକ ଜଡାମୁଣ୍ଡା ଗାଁର ନେପାଳ ମାଝୀ। ଧାନ ବିକି ନପାରି ଜୀବନ ହାରିଥିବା ଆଲୋଚନା ହେଉଛି। ପ୍ରକାଶ ଯେ, ଜଡ଼ାମୁଣ୍ଡା ରବି ଧାନ ମଣ୍ଡିରେ ମେ' ୩୦ରୁ ଜୁନ୍ ▶ପୃଷ୍ଠା-୭




## ୟୁରୋପରେ ଗ୍ରୀଷ୍ମର କରାଳ ରୂପ, ବଢ଼ୁଛି ମୃତ୍ୟୁସଂଖ୍ୟା

ପ୍ୟାରିସ/ଲଣ୍ଡନ, ୨୩।୬(ଏଜେନ୍ସି): ସମଗ୍ର ୟୁରୋପରେ ବର୍ତ୍ତମାନ ଭୟଙ୍କର ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ଫଳରେ ଫ୍ରାନ୍ସରେ ମୃତ୍ୟୁ ସଂଖ୍ୟା ବଢ଼ିବା ସହ ବ୍ରିଟେନରେ ଜୁନ୍ ମାସର ସମସ୍ତ ରେକର୍ଡ ଭାଙ୍ଗିବାକୁ ଯାଉଛି। ଫ୍ରାନ୍ସର ୫୪ଟି ଅଞ୍ଚଳରେ ରେଡ୍ ଆଲର୍ଟ ଜାରି କରାଯାଇଛି। ସେଠାରେ ତାପମାତ୍ରା ୪୦ ଡିଗ୍ରୀ ସେଲସିୟସରୁ ଅଧିକ ରହିଛି। ସରକାରୀ ସୂଚନା ଅନୁଯାୟୀ, ଫ୍ରାନ୍ସରେ ପ୍ରବଳ ଗୁଳୁଗୁଳି ଯୋଗୁଁ ଅତିକମରେ ୧୮ ଜଣଙ୍କର ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ଏକ କାର୍ ଭିତରେ ରହିଯାଇଥିବା ୨ଟି ଶିଶୁ ମଧ୍ୟ ସାମିଲ ଅଛନ୍ତି। ୟୁରୋପର ଏହି ଅସ୍ୱାଭାବିକ ପରିସ୍ଥିତି ପାଇଁ ବୈଜ୍ଞାନିକମାନେ 'ଓମେଗା ବ୍ଲକ'କୁ ଦାୟୀ କରିଛନ୍ତି। ଓମେଗା ବ୍ଲକ ସାହାରା ମରୁଭୂମିରୁ ଉଷ୍ମ ବାୟୁକୁ ୟୁରୋପ ଆଡକୁ ଟାଣୁଛି। ଫ୍ରାନ୍ସର ବୋର୍ଡିକ୍ସ ସହରରେ ପୂର୍ବର ସମସ୍ତ ରେକର୍ଡ ଭାଙ୍ଗି ତାପମାତ୍ରା ୪୧.୯ ଡିଗ୍ରୀ ସେଲସିୟସରେ ପହଞ୍ଚିଛି। ସେହିଭଳି ବ୍ରିଟେନରେ ତାପମାତ୍ରା ୩୯ ଡିଗ୍ରୀ ଅତିକ୍ରମ କରିବା ନେଇ ପୂର୍ବାନୁମାନ କରାଯାଇଛି। ଇଟାଲୀ ମଧ୍ୟ ଏହି ପ୍ରଭାବରୁ ବର୍ତ୍ତି ନାହିଁ, ସେଠାରେ ୧୨ଟି ସହର ପାଇଁ ରେଡ୍ ଆଲର୍ଟ ଜାରି କରାଯାଇଛି। ଏହି ଗ୍ରୀଷ୍ମ ପ୍ରବାହ କେବଳ ୟୁରୋପରେ ସୀମିତ ରହିନାହିଁ। ନେଚର କ୍ଲାଇମେଟ ଚେଞ୍ଜ ପତ୍ରିକାରେ ପ୍ରକାଶିତ ଅନୁଧ୍ୟାନ ଅନୁଯାୟୀ, ମେକ୍ସିକୋ, କେନିଆ ଏବଂ ଇଟାଲୀ ଭଳି ଦେଶଗୁଡିକରେ ଗ୍ରୀଷ୍ମ ପ୍ରବାହର ସମୟସୀମା ଗତ କିଛି ଦଶନ୍ଧି ତୁଳନାରେ ଏକରୁ ଦୁଇ ମାସ ବୃଦ୍ଧି ପାଇଛି। ଅଧ୍ୟୟନରୁ ଜଣାପଡ଼ିଛି ଯେ ବର୍ତ୍ତମାନ ବିଶ୍ୱରେ ପ୍ରାୟ ୧୦୦ କୋଟିରୁ ଅଧିକ ଲୋକ ଅତିକମରେ ଗୋଟିଏ ଦିନ ଅତ୍ୟଧିକ ଗ୍ରୀଷ୍ମ ପ୍ରବାହ ଜନିତ କଷ୍ଟର ସାମ୍ନା କରୁଛନ୍ତି। ଏହି ପରିସ୍ଥିତି ୧୯୭୦ ଦଶକ ତୁଳନାରେ ଯଥେଷ୍ଟ ଅଧିକ। ବୈଜ୍ଞାନିକମାନେ ଚେତାବନୀ ଦେଇଛନ୍ତି ଯେ କେବଳ ଉଚ୍ଚ ତାପମାତ୍ରା ନୁହେଁ, ବରଂ ବାୟୁମଣ୍ଡଳରେ ବଢ଼ୁଥିବା ଆର୍ଦ୍ରତା ମଧ୍ୟ ମଣିଷ ପାଇଁ ମାରାତ୍ମକ ସାବ୍ୟସ୍ତ ହେଉଛି।

## ବାୟୁସେନାର ସମସ୍ତ ୩୬ଟି ରାଫେଲ୍ ସୁରକ୍ଷିତ

ନୂଆଦିଲ୍ଲୀ, ୨୩।୬(ଏଜେନ୍ସି): ଅପରେସନ ସିନ୍ଦୂର ସମୟରେ ଭାରତୀୟ ବାୟୁସେନାର ରାଫେଲ୍ ଯୁଦ୍ଧବିମାନକୁ ଖସାଇଥିବା ନେଇ ପାକିସ୍ତାନ ପକ୍ଷରୁ ବାରମ୍ବାର କରାଯାଉଥିବା ମିଥ୍ୟା ପ୍ରଚାର ପୁଣିଥରେ ବିଫଳ ହୋଇଛି। ବାୟୁସେନାର ସରକାରୀ ଦସ୍ତାବେଜରୁ ପ୍ରମାଣିତ ହୋଇଛି ଯେ, ଭାରତ ପାଖରେ ଥିବା ସମସ୍ତ ୩୬ଟି ଯାକ ରାଫେଲ୍ ଯୁଦ୍ଧବିମାନ ସମ୍ପୂର୍ଣ୍ଣ ସୁରକ୍ଷିତ ଏବଂ କାର୍ଯ୍ୟକ୍ଷମ ଅଛନ୍ତି। ବାୟୁସେନା ମୁଖ୍ୟାଳୟ ପକ୍ଷରୁ ଜୁନ୍‌ରେ ଏକ 'ରିକ୍ୱେଷ୍ଟ ଫର ପ୍ରପୋଜାଲ' ଦସ୍ତାବେଜ ଜାରି ହୋଇଥିଲା। ଏଥିରେ ବାୟୁସେନା ବର୍ତ୍ତମାନ ସେବାରେ ଥିବା ସମସ୍ତ ୩୬ଟି ରାଫେଲ୍ ବିମାନ ପାଇଁ ୫ ମାସର ରକ୍ଷଣାବେକ୍ଷଣ ସହାୟତା ପାଇଁ ଆବେଦନ କରିଛି। ୨୦୧୬ରେ ଫ୍ରାନ୍ସ ସହିତ ହୋଇଥିବା ସରକାରୀ ଚୁକ୍ତି ଅନୁସାରେ ଭାରତ ୩୬ଟି ରାଫେଲ୍ ବିମାନ କିଣିଥିଲା। ଏହି ଦସ୍ତାବେଜ ସ୍ପଷ୍ଟ କରିଛି ଯେ ସମସ୍ତ ବିମାନ ବର୍ତ୍ତମାନ ମଧ୍ୟ ବାୟୁସେନାର ଅଭିନ୍ନ ଅଙ୍ଗ ହୋଇ ରହିଛି। ଅପରେସନ୍ ସିନ୍ଦୂର ସମୟରେ ଭାରତର ଏକାଧିକ ରାଫେଲ୍ ବିମାନକୁ ନଷ୍ଟ କରିଦେଇଥିବା ନେଇ ପାକିସ୍ତାନ ସରକାର ଓ ସେଠାକାର ସୋସିଆଲ ମିଡିଆ ବାରମ୍ବାର ଦାବି କରିଆସୁଥିଲେ। ପହଲଗାମ ଆତଙ୍କବାଦୀ ଆକ୍ରମଣର ଜବାବରେ ଭାରତ ଏହି ସାମରିକ ଅଭିଯାନ ଆରମ୍ଭ କରିଥିଲା। ତେବେ ବାୟୁସେନାର ଏହି ନୂତନ ଟେଣ୍ଡର ପାକିସ୍ତାନର ଦାବିକୁ ସମ୍ପୂର୍ଣ୍ଣ ଭାବେ ପ୍ରତ୍ୟାଖ୍ୟାନ କରିଛି। ଏହା ପୂର୍ବରୁ ମଧ୍ୟ ପାକିସ୍ତାନ ଯେଉଁ ଟେଲ୍ ନମ୍ବର ଥିବା ବିମାନଗୁଡ଼ିକୁ ନଷ୍ଟ ହୋଇଥିବା କହିଥିଲା, ସେଗୁଡ଼ିକୁ ପରବର୍ତ୍ତୀ ସମୟରେ କାର୍ଯ୍ୟକ୍ଷମ ଅବସ୍ଥାରେ ଉଡୁଥିବାର ଦେଖିବାକୁ ମିଳିଥିଲା।

## ଦିଲ୍ଲୀରେ ନାବାଳିକାକୁ ଦୁଷ୍କର୍ମ ପରେ ହତ୍ୟା; ଟ୍ୟାକ୍ସି ଚାଳକ ଗିରଫ

ନୂଆଦିଲ୍ଲୀ, ୨୩।୬(ଏଜେନ୍ସି): ଦେଶର ରାଜଧାନୀ ଦିଲ୍ଲୀର ମେହରୌଲି ଅଞ୍ଚଳରେ ଜଣେ ୧୧ ବର୍ଷର ନାବାଳିକାକୁ ଅପହରଣ, ଦୁଷ୍କର୍ମ ଏବଂ ପରେ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ପୁଲିସ ଏହି ମାମଲାରେ ଜଣେ ଟ୍ୟାକ୍ସି ଚାଳକକୁ ଗିରଫ କରିଛି। ସୂଚନା ଅନୁଯାୟୀ, ପୀଡ଼ିତା ନାବାଳିକା ଜଣକ ନିଜ ପରିବାର ସହ ସିଡିଆର ଛକ ନିକଟସ୍ଥ ଫୁଟପାଥରେ ଶୋଇଥିଲେ। ସୋମବାର ଭୋର ପ୍ରାୟ ୬ଟାରେ ପରିବାର ଲୋକେ ଝିଅ ନିଖୋଜ ଥିବା ନେଇ ପୁଲିସକୁ ସୂଚନା ଦେଇଥିଲେ। ସିସିଟିଭି ଫୁଟେଜ୍ ଏବଂ ତଦନ୍ତ ଆଧାରରେ ପୁଲିସ ଅଭିଯୁକ୍ତ ଟ୍ୟାକ୍ସି ଚାଳକ ବବଲୁକୁ ଗିରଫ କରିବାରେ ସଫଳ ହୋଇଥିଲା। ପୁଲିସ ଜେରା ସମୟରେ ଅଭିଯୁକ୍ତ ନିଜର ଅପରାଧ ସ୍ୱୀକାର କରିଛି। ଅଭିଯୁକ୍ତର ସୂଚନା ଆଧାରରେ ପୁଲିସ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ପୀଡ଼ିତାଙ୍କ ପରିବାର ମୂଳତଃ ବିହାରର ବାସିନ୍ଦା। ପରିବାରରେ ୪ଟି ସନ୍ତାନ ଥିବାବେଳେ ପିତାମାତା ଦିନମଜୁରିଆ ଭାବେ କାମ କରନ୍ତି ଏବଂ ୧୧ ବର୍ଷର ନାବାଳିକା ଜଣକ ରାସ୍ତାରେ ବେଲୁନ୍ ବିକ୍ରି କରି ପରିବାରକୁ ସାହାଯ୍ୟ କରୁଥିଲେ ବୋଲି ଜଣାପଡ଼ିଛି। ଆର୍ଥିକ ଅଭାବ ଯୋଗୁଁ ଘରଭଡ଼ା ଦେଇ ନପାରିବାରୁ ସେମାନେ ଫୁଟପାଥରେ ରହିବାକୁ ବାଧ୍ୟ ହୋଇଥିଲେ। ପୁଲିସ ଅନୁଯାୟୀ, ଅଭିଯୁକ୍ତ ନାମରେ ପୂର୍ବରୁ ମଧ୍ୟ ଅପରାଧିକ ମାମଲା ରହିଛି।

# ନିଟ୍ ପରୀକ୍ଷା ଜାଲିଆତି ରାକେଟ୍‌ରେ ଲକ୍ଷ ଲକ୍ଷ ଟଙ୍କା କାରବାର



■ ପାଟନା ଏମ୍ସ ଡାକ୍ତରୀ ଛାତ୍ର ସଂପୃକ୍ତ
■ ପରୀକ୍ଷାର୍ଥୀଙ୍କ ଠାରୁ ନେଉଥିଲେ ୪୦ ଲକ୍ଷ

ପାଟନା, ୨୩।୬(ଏଜେନ୍ସି): ବିହାରର ଲକ୍ଷ୍ମୀସରାଇ ଜିଲ୍ଲାରେ ଅନୁଷ୍ଠିତ ପୁନଃ ନିଟ୍ ପରୀକ୍ଷାରେ ପୁଣି ଜାଲିଆତି ଚେଷ୍ଟା ହୋଇଥିବା ଖବର ସାମ୍ନାକୁ ଆସିଛି। ଏମ୍ସ ପାଟନା, ପାଟନା ମେଡିକାଲ କଲେଜ ଏବଂ ହସ୍ପିଟାଲ (ପିଏମ୍‌ସିଏଚ୍) ଏବଂ ଗୟାର ଅନୁଗ୍ରହ ନାରାୟଣ ମଗଧ ମେଡିକାଲ କଲେଜ (ଏଏନ୍‌ଏମ୍‌ଏମ୍‌ସିଏଚ୍) ଭଳି ପ୍ରତିଷ୍ଠିତ ଅନୁଷ୍ଠାନର ଛାତ୍ରମାନେ ଅସଲି ପରୀକ୍ଷାର୍ଥୀଙ୍କ ବଦଳରେ ଛଦ୍ମବେଶୀ ପରୀକ୍ଷାର୍ଥୀ ଭାବେ ପରୀକ୍ଷା ଦେଉଥିବା ବେଳେ ଧରାପଡ଼ିଛନ୍ତି। ଏହି ଘଟଣାରେ ପୁଲିସ ବର୍ତ୍ତମାନ ସୁଦ୍ଧା ୨୪ ଜଣଙ୍କୁ ଗିରଫ କରିଛି। ତଦନ୍ତ ଅନୁଯାୟୀ, ଏହି ଗ୍ୟାଙ୍ଗ ମେଡିକାଲରେ ଆଡମିସନ କରାଇଦେବା ପାଇଁ ଜଣେ ଜଣେ ପରୀକ୍ଷାର୍ଥୀଙ୍କଠୁ ପ୍ରାୟ ୪୦ ଲକ୍ଷ ଟଙ୍କା ଆଦାୟ କରୁଥିଲେ। ଧନୀ ପରିବାରର ପିଲାମାନଙ୍କୁ ଟାର୍ଗେଟ୍ କରି ସେମାନଙ୍କ ବଦଳରେ ପରୀକ୍ଷା ଦେବା ପାଇଁ ମେଧାବୀ ମେଡିକାଲ ଛାତ୍ର ବା 'ସଲଭର' ମାନଙ୍କୁ ନିୟୋଜିତ କରାଯାଉଥିଲା। ଏହି କାର୍ଯ୍ୟ ପାଇଁ ଆର୍ଥିକ ଅସୁବିଧାରେ ଥିବା ମେଡିକାଲ ଛାତ୍ରମାନଙ୍କୁ ୧୫ ରୁ ୨୦ ଲକ୍ଷ ଟଙ୍କାର ପ୍ରଲୋଭନ ଦେଖାଯାଥିଲା। ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ, ଦିଲ୍ଲୀ ଏବଂ ପଶ୍ଚିମବଙ୍ଗ ଭଳି ୬ଟି ରାଜ୍ୟରୁ ଛାତ୍ରମାନଙ୍କୁ ଅଣାଯାଇଥିଲା। ତେବେ ଏହି ଜାଲିଆତି ପ୍ରକ୍ରିୟାରେ ବାୟୋମେଟ୍ରିକ୍ ସୁରକ୍ଷା ବ୍ୟବସ୍ଥାକୁ ବାଇପାସ୍ କରିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ଦ୍ୱାରା ବାୟୋମେଟ୍ରିକ୍ ଯାଞ୍ଚ ପାଇଁ ନିୟୋଜିତ ହୋଇଥିବା 'ଇନୋଭେଟିଭ୍ ଭ୍ୟୁ' ନାମକ ଏକ ଘରୋଇ ସଂସ୍ଥାର କର୍ମଚାରୀମାନେ ଏହି ଗ୍ୟାଙ୍ଗ ସହ ସାମିଲଥିବା କୁହାଯାଇଛି। ଏହି କମ୍ପାନୀ ପୂର୍ବରୁ ଅନେକ ରାଜ୍ୟରେ ବ୍ଲାକଲିଷ୍ଟେଡ୍ ହୋଇଥିଲା। ତଥାପି ଉକ୍ତ ସଂସ୍ଥାକୁ ଏହି ଗୁରୁଦାୟିତ୍ୱ ଦିଆଯିବା ପ୍ରଶ୍ନବାଚୀ ସୃଷ୍ଟି କରିଛି।

ବାୟୋମେଟ୍ରିକ୍ ତଥ୍ୟ ମେଳ ନଖାଇଲେ ମଧ୍ୟ କର୍ମଚାରୀମାନେ ଜାଲ୍ ପରୀକ୍ଷାର୍ଥୀଙ୍କୁ ଭିତରକୁ ପ୍ରବେଶ କରିବାକୁ ଅନୁମତି ଦେଉଥିଲେ। ଏହି ସଂକ୍ରାନ୍ତରେ ୧୮ ଜଣ ବାୟୋମେଟ୍ରିକ୍ କର୍ମଚାରୀଙ୍କୁ ଗିରଫ କରାଯାଇଛି। ଗିରଫ ହୋଇଥିବା ମୁଖ୍ୟ ବ୍ୟକ୍ତିମାନଙ୍କ ମଧ୍ୟରେ ପିଏମ୍‌ସିଏଚ୍‌ର ୨୦୨୨ ବ୍ୟାଚର ତୃତୀୟ ବର୍ଷର ଏମ୍‌ବିବିଏସ୍ ଛାତ୍ର ଅଶ୍ୱିନୀ କୁମାର ରହିଛନ୍ତି। ସେ ମୟଙ୍କ କାଶ୍ୟପ ନାମରେ ଏକ ଜାଲ୍ ପରିଚୟ ପତ୍ର ବ୍ୟବହାର କରୁଥିଲେ। ପରୀକ୍ଷା କେନ୍ଦ୍ରରେ ବାୟୋମେଟ୍ରିକ୍ ଯାଞ୍ଚ କର୍ମଚାରୀ ଭାବେ ରହି ସେ ପରୀକ୍ଷାର୍ଥୀଙ୍କୁ ସାହାଯ୍ୟ କରୁଥିଲେ। ଏପରିକି ପରୀକ୍ଷା ଦିନ ତାଙ୍କର କଲେଜରେ ଉପସ୍ଥାନ ଥିବା ଦେଖାଯାଇଛି। ଫଳରେ କଲେଜ ଭିତରେ ମଧ୍ୟ କେହି ତାଙ୍କୁ ସାହାଯ୍ୟ କରୁଥିବା ସନ୍ଦେହ ହୋଇଛି। ସେହିପରି ଅନ୍ୟଜଣେ ପଶ୍ଚିମବଙ୍ଗର ଜଳପାଇଗୁଡି ମେଡିକାଲ କଲେଜର ଛାତ୍ର ସଲଭର ମନ୍ତୋଷ କୁମାର ପରୀକ୍ଷା ଦେବାକୁ ଆସି ଧରାପଡ଼ିଥିଲେ। ଲକ୍ଷ୍ମୀସରାଇ ଏସପି ପ୍ରେରଣା କୁମାର କହିଛନ୍ତି ଯେ ଏହି ନେଟୱାର୍କ ବିହାର, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଏବଂ ଦିଲ୍ଲୀ ସମେତ ଅନେକ ରାଜ୍ୟକୁ ବ୍ୟାପିଛି। ବର୍ତ୍ତମାନ ଏହି ମାମଲାକୁ ଅଧିକ ତଦନ୍ତ ପାଇଁ ଅର୍ଥନୈତିକ ଅପରାଧ ଶାଖାକୁ ହସ୍ତାନ୍ତର କରାଯାଇଛି। ବିଭିନ୍ନ ମେଡିକାଲ କଲେଜର ଅଧ୍ୟକ୍ଷମାନେ ମଧ୍ୟ ଏହି ଘଟଣାରେ ସଂଶ୍ଳିଷ୍ଟ ଥିବା ଛାତ୍ରମାନଙ୍କ ବିରୁଦ୍ଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଏହି ସ୍କାମ୍ ସାମ୍ନାକୁ ଆସିବା ପରେ ପରୀକ୍ଷା ବ୍ୟବସ୍ଥାର ସ୍ୱଚ୍ଛତା ଉପରେ ପୁଣି ଥରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ନିର୍ବାଚନ ଫଳାଫଳକୁ ଚାଲେଞ୍ଜ — କୋର୍ଟ ଗଲେ ମମତା

**ସିସିଟିଭି ଫୁଟେଜ୍ ଏବଂ ଇଭିଏମ୍ ସଂରକ୍ଷିତ ରଖିବାକୁ କୋର୍ଟଙ୍କ ନିର୍ଦ୍ଦେଶ**



କୋଲକାତା, ୨୩।୬(ଏଜେନ୍ସି): ନିର୍ବାଚନରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ପରାଜୟ ପରେ ନିର୍ବାଚନ ଫଳାଫଳ ନେଇ କଲିକତା ହାଇକୋର୍ଟରେ ମାମଲା ଦାୟର ହୋଇଛି। ଏନେଇ ଭବାନୀପୁର ନିର୍ବାଚନ ମଣ୍ଡଳୀର ଭୋଟ୍ ଗଣତି ପ୍ରକ୍ରିୟା ସହ ଜଡିତ ସମସ୍ତ ସିସିଟିଭି ଫୁଟେଜ୍, ଇଭିଏମ୍ ଏବଂ ଭିଭିପାଟ୍ ମେସିନଗୁଡ଼ିକୁ ସୁରକ୍ଷିତ ଭାବେ ସଂରକ୍ଷିତ ରଖିବା ପାଇଁ ହାଇକୋର୍ଟ ମଙ୍ଗଳବାର ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମମତା ନିଜର ପାରମ୍ପରିକ ଆସନ ଭବାନୀପୁରରୁ ବିଜେପି ପ୍ରାର୍ଥୀ ଶୁଭେନ୍ଦୁ ଅଧିକାରୀଙ୍କଠାରୁ ୧୫, ୧୦୫ ଭୋଟ୍ ବ୍ୟବଧାନରେ ପରାଜିତ ହୋଇଥିଲେ। ଏହି ଫଳାଫଳକୁ ଚ୍ୟାଲେଞ୍ଜ କରି ମମତା ଏକ ନିର୍ବାଚନ ପିଟିସନ ଦାୟର କରିଥିଲେ। ସେଥିରେ ସେ ଭୋଟ୍ ଗଣତି ସମୟରେ ବ୍ୟାପକ ଅନିୟମିତତା ଏବଂ ଦୁର୍ନୀତି ହୋଇଥିବା ଅଭିଯୋଗ କରିଛନ୍ତି। ମମତାଙ୍କ ଓକିଲ କଲ୍ୟାଣ ବାନାର୍ଜୀ କୋର୍ଟରେ ଯୁକ୍ତି ବାଢ଼ିଥିଲେ ଯେ, ୧୨ତମ ରାଉଣ୍ଡ ଗଣତି ପର୍ଯ୍ୟନ୍ତ ମମତା ଆଗୁଆ ଥିଲେ। କିନ୍ତୁ ପରେ ପରିଣାମ ହଠାତ୍ ବଦଳି ଯାଇଥିଲା। ଏପରିକି ଟିଏମ୍‌ସିର ଗଣତି ଏଜେଣ୍ଟମାନଙ୍କୁ ମାଡ଼ ମରାଯିବା ସହ ସେମାନଙ୍କୁ ଜୋର ଜବରଦସ୍ତ ଗଣତି କେନ୍ଦ୍ରରୁ ବାହାର କରି ଦିଆଯାଇଥିଲା ବୋଲି ସେ ଅଭିଯୋଗ କରିଛନ୍ତି। ଏହି ସମସ୍ତ ଘଟଣା ସେଠାରେ ଲାଗିଥିବା ସିସିଟିଭି କ୍ୟାମେରାରେ କଏଦ ହୋଇଛି ବୋଲି ଦାବି କରାଯାଇଛି। ଜଷ୍ଟିସ୍ ଗୌରାଙ୍ଗ କାନ୍ତ ଏହି ମାମଲାର ଶୁଣାଣି କରି ପ୍ରମାଣଗୁଡ଼ିକୁ ନଷ୍ଟ ହେବାରୁ ରକ୍ଷା କରିବା ପାଇଁ ତୁରନ୍ତ ସୁରକ୍ଷିତ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମଇ ୪ରେ ଗଣତି କେନ୍ଦ୍ର ଏବଂ ଗଣତି ହଲ୍ ଭିତରେ ଓ ବାହାରେ ରେକର୍ଡ ହୋଇଥିବା ସମସ୍ତ ସିସିଟିଭି ଫୁଟେଜ୍ ସଂରକ୍ଷିତ ରଖାଯିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଭବାନୀପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ବ୍ୟବହୃତ ହୋଇଥିବା ସମସ୍ତ ଇଭିଏମ୍ କଣ୍ଟ୍ରୋଲ୍ ୟୁନିଟ୍ ଏବଂ ବାଲଟ୍ ୟୁନିଟ୍ ସୁରକ୍ଷିତ ରଖାଯିବ, ନିର୍ବାଚନରେ ବ୍ୟବହୃତ ସମସ୍ତ ଭିଭିପାଟ୍ ମେସିନଗୁଡ଼ିକୁ ମଧ୍ୟ ହେପାଜତରେ ରଖାଯିବ ବୋଲି କୋର୍ଟ ରାୟ ଦେଇଛନ୍ତି। ଏହାସହ ଅଦାଲତ ସ୍ପଷ୍ଟ କରିଛନ୍ତି ଯେ, କୋର୍ଟଙ୍କ ବିନା ଅନୁମତିରେ ଏହି ସାମଗ୍ରୀଗୁଡ଼ିକୁ କୌଣସି ପ୍ରକାରେ ନଷ୍ଟ କରାଯାଇପାରିବ ନାହିଁ, ପୁନର୍ବାର ବ୍ୟବହାର କରାଯାଇପାରିବ ନାହିଁ କିମ୍ବା ସେଥିରେ କୌଣସି ପରିବର୍ତ୍ତନ କରାଯାଇପାରିବ ନାହିଁ।

## ବାହାଘର ପୂର୍ବରୁ ଯୁବକଙ୍କୁ ହତ୍ୟା କଲା ପ୍ରେମିକା

ପୁଣେ, ୨୩।୬ (ଏଜେନ୍ସି): ମହାରାଷ୍ଟ୍ରର ପୁଣେସ୍ଥିତ ଐତିହାସିକ ଲୋହଗଡ଼ ଦୁର୍ଗରୁ ଖସିପଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟଣାରେ ଚାଞ୍ଚଲ୍ୟକର ରହସ୍ୟ ସାମ୍ନାକୁ ଆସିଛି। ପ୍ରଥମେ ଏକ ଦୁର୍ଘଟଣା ବୋଲି କୁହାଯାଉଥିବା ଏହି ଘଟଣା ପ୍ରକୃତରେ ଏକ ସୁଚିନ୍ତିତ ହତ୍ୟାକାଣ୍ଡ ବୋଲି ପୁଲିସ ତଦନ୍ତରୁ ଜଣାପଡ଼ିଛି। ୨୫ ବର୍ଷୀୟ କେତନ ବିଶାଳ ଅଗ୍ରୱାଲଙ୍କୁ ତାଙ୍କ ନିର୍ବନ୍ଧ ସରିଥିବା ଭାବି ପତ୍ନୀ ସିୟା ଗୋୟଲ ଏବଂ ତାଙ୍କ ପ୍ରେମୀ ଚେତନ ଚୌଧୁରୀ ମିଶି ଦୁର୍ଗରୁ ୩୫୦ ଫୁଟ୍ ଗଭୀର ଖାଇକୁ ଠେଲି ହତ୍ୟା କରିଥିବା ଅଭିଯୋଗରେ ପୁଲିସ ଉଭୟଙ୍କୁ ଗିରଫ କରିଛି।



ତଦନ୍ତ ଅନୁଯାୟୀ, ୨୦ ବର୍ଷୀୟା ସିୟା ନିଜ ପରିବାର ଦ୍ୱାରା ଠିକ୍ କରାଯାଇଥିବା କେତନଙ୍କୁ ବିବାହ କରିବାକୁ ଚାହୁଁନଥିଲେ। ତାଙ୍କର ୨୨ ବର୍ଷୀୟ ଚେତନ ଚୌଧୁରୀଙ୍କ ସହ ପ୍ରେମ ସମ୍ପର୍କ ଥିଲା। ତେଣୁ ଉଭୟ କେତନଙ୍କୁ ସେମାନଙ୍କ ସମ୍ପର୍କର ଏକ ବଡ଼ ପ୍ରତିବନ୍ଧକ ବୋଲି ଭାବୁଥିଲେ। ଶେଷରେ ସେ ଚେତନଙ୍କ ସହ ମିଶି କେତନଙ୍କୁ ରାସ୍ତାରୁ ହଟାଇବା ପାଇଁ ଯୋଜନା କରିଥିଲେ। ଜୁନ୍ ୧୮ରେ ଘଟିଥିବା ଏହି ଘଟଣା ପ୍ରକୃତରେ ହତ୍ୟା ପାଇଁ ସେମାନଙ୍କର ଦ୍ୱିତୀୟ ପ୍ରୟାସ ଥିଲା ବୋଲି ପୁଲିସ କହିଛି। ଏହା ପୂର୍ବରୁ ଜୁନ୍ ୧୪ରେ ମଧ୍ୟ ସେମାନେ ଲୋହଗଡ଼ ଦୁର୍ଗରେ କେତନଙ୍କୁ ସର୍ପାଘାତର ଭୟ ଦେଖାଇ ଖାଇକୁ ଠେଲିଦେବାକୁ ଚେଷ୍ଟା କରିଥିଲେ। କିନ୍ତୁ ସେହି ସମୟରେ କେତନ ବଞ୍ଚିଯାଇଥିଲେ। ସିୟା ଏହି ଘଟଣାକୁ ଏକ ଦୁର୍ଘଟଣାର ରୂପ ଦେବାକୁ ବହୁ ଚେଷ୍ଟା କରିଥିଲେ। ଏପରିକି ବିବାହ ପୂର୍ବରୁ ବାଲି ଯିବାର ଯୋଜନାକୁ ବାତିଲ କରିବାକୁ ସେ ନିଜ ପାସପୋର୍ଟକୁ ହୋଟେଲର ଶୌଚାଳୟରେ ଫୋପାଡ଼ି ଦେଇଥିଲେ। ଘଟଣା ଦିନ ସିୟାଙ୍କ ଜନ୍ମଦିନ ପାଳନ ପାଇଁ ସେମାନେ ଦୁର୍ଗକୁ ଯାଇଥିଲେ। କେତନ ଫଟୋ ଉଠାଉଥିବା ସମୟରେ ଭାରସାମ୍ୟ ହରାଇ ଖସିପଡ଼ିଥିବା ସିୟା ଦାବି କରିଥିଲେ। ମାତ୍ର ପଚରାଉଚରା ସମୟରେ ତାଙ୍କ ଉପରେ ସନ୍ଦେହ ଜାତ ହୋଇଥିଲା। ମୋବାଇଲ୍ ଫୋନ୍ ରେକର୍ଡ ତଥା ସୋସିଆଲ ମିଡିଆ ଯାଞ୍ଚ ପରେ ହତ୍ୟାକାଣ୍ଡର ରହସ୍ୟ ଖୋଲିଥିଲା। ସିୟା ଏବଂ ଚେତନଙ୍କ ମଧ୍ୟରେ ଥିବା ସମ୍ପର୍କ ଏବଂ ହତ୍ୟା ଯୋଜନାର ଡିଜିଟାଲ ପ୍ରମାଣ ପୁଲିସକୁ ମିଳିଛି। ବର୍ତ୍ତମାନ ପୁଲିସ ଏହି ମାମଲାରେ ଅଧିକ ତଦନ୍ତ ଜାରି ରଖିଛି।

# ବୁଝାମଣା ସତ୍ତ୍ୱେ ହର୍ମୁଜ ଅନିଶ୍ଚିତତା



■ ସମୁଦ୍ର ପଥ ଖୋଲା ରହିବ: ଟ୍ରମ୍ପ
■ ଅବରୋଧ ପାଇଁ ମଧ୍ୟ ପ୍ରସ୍ତୁତ

ୱାସିଂଟନ୍, ୨୩।୬(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଙ୍ଗଳବାର କହିଛନ୍ତି ଯେ ହର୍ମୁଜ ପ୍ରଣାଳୀକୁ ବର୍ତ୍ତମାନ ପାଇଁ ଖୋଲା ରଖାଯିବ ଏବଂ କୌଣସି ନୌସେନା ଅବରୋଧ କରାଯିବ ନାହିଁ। ଇରାନ ସହ ଆଣବିକ ଆଲୋଚନା ସକାରାତ୍ମକ ଭାବେ ଆଗକୁ ବଢ଼ୁଥିବାରୁ ଏହି ନିଷ୍ପତ୍ତି ନିଆଯାଇଛି ବୋଲି ସେ ସୂଚନା ଦେଇଛନ୍ତି। ଟ୍ରମ୍ପ ଟ୍ରୁଥ୍ ସୋସିଆଲ୍‌ରେ ପ୍ରକାଶ କରିଛନ୍ତି ଯେ, ଇରାନ ଭବିଷ୍ୟତ ପାଇଁ ଉଚ୍ଚସ୍ତରୀୟ ଆଣବିକ ଯାଞ୍ଚ ପାଇଁ ସମ୍ପୂର୍ଣ୍ଣ ଭାବେ ରାଜି ହୋଇଛି। ଏହାଦ୍ୱାରା ଆଣବିକ ସ୍ୱଚ୍ଛତା ବଜାୟ ରହିବ। ଇରାନ ଏହି ସର୍ତ୍ତରେ ସମ୍ମତି ପ୍ରକାଶ କରିନଥିଲେ ଆଗକୁ କୌଣସି ଆଲୋଚନା ହୋଇନଥାନ୍ତା ବୋଲି ଟ୍ରମ୍ପ ସ୍ପଷ୍ଟ କରିଛନ୍ତି। ଇରାନ ସହ ହୋଇଥିବା ବୁଝାମଣାକୁ ସେ ଏକ ବଡ଼ କୂଟନୈତିକ ବିଜୟ ବୋଲି ଅଭିହିତ କରିଛନ୍ତି। ଇରାନରେ ସୃଷ୍ଟି ହୋଇଥିବା ମାନବୀୟ ସଙ୍କଟକୁ ଦୃଷ୍ଟିରେ ରଖି ଟ୍ରମ୍ପ ଏକ ସହାୟତା ବ୍ୟବସ୍ଥା ବିଷୟରେ ଜଣାଇଛନ୍ତି। ଆମେରିକା ଟ୍ରେଜେରି ଦ୍ୱାରା ମୁକ୍ତ କରାଯାଇଥିବା ଅର୍ଥ ସିଧାସଳଖ ଇରାନକୁ ନଯାଇ ଆମେରିକା ପ୍ରଶାସନର ନିୟନ୍ତ୍ରଣରେ ଥିବା ଏକ ଏସ୍କ୍ରୋ ଆକାଉଣ୍ଟରେ ରହିବ। ଏହି ଅର୍ଥ କେବଳ ଆମେରିକୀୟ ଚାଷୀଙ୍କଠାରୁ ଖାଦ୍ୟଶସ୍ୟ ଏବଂ ଔଷଧ କିଣିବା ପାଇଁ ବ୍ୟବହୃତ ହେବ। ଇତିମଧ୍ୟରେ ହର୍ମୁଜ ଦେଇ ଗତ ସୋମବାର ରେକର୍ଡସ୍ତରୀୟ ୧୯ ନିୟୁତ ବ୍ୟାରେଲ୍ ଅଶୋଧିତ ତୈଳ ପରିବହନ ହୋଇଛି। ଫଳରେ ଅନ୍ତର୍ଜାତୀୟ ବଜାରରେ ତୈଳ ଦର ହ୍ରାସ ପାଉଥିବା ବେଳେ ବିଶ୍ୱ ବଜାରରେ ସୁରକ୍ଷା ଭାବନା ବୃଦ୍ଧି ପାଇଛି ବୋଲି ଟ୍ରମ୍ପ କହିଛନ୍ତି। ତଥାପି ଆବଶ୍ୟକ ପଡ଼ିଲେ ନୌସେନା ପୁଣି ଥରେ ଅବରୋଧ କରିବା ପାଇଁ ସଜାଗ ରହିଛି। ଅନ୍ୟପଟେ, ଓମାନ ଏବଂ ଇରାନ ଏକ ମିଳିତ ବିବୃତି ଜାରି କରି ହର୍ମୁଜ ପ୍ରଣାଳୀକୁ ଅନ୍ତର୍ଜାତୀୟ ଜଳପଥ ଭାବେ ସୁରକ୍ଷିତ ଏବଂ ଖୋଲା ରଖିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଉଭୟ ଦେଶ ଏହି ଜଳପଥ ଉପରେ ନିଜର ସାର୍ବଭୌମତ୍ୱ ଦାବି କରିବା ସହ ଭବିଷ୍ୟତରେ ଏହାର ପରିଚାଳନା ପାଇଁ ଏକ ନୂତନ ଢାଞ୍ଚା ପ୍ରସ୍ତୁତ କରିବାକୁ ଯୋଜନା କରିଛନ୍ତି।

## ଇସ୍ରାଏଲ୍ ସହ ସମ୍ପର୍କ: ଇରାନରେ ୩୨୦୦ରୁ ଅଧିକ ଗିରଫ, ସମ୍ପତ୍ତି ବ୍ୟାଜାପ୍ତ

ତେହେରାନ, ୨୩।୬(ଏଜେନ୍ସି): ଇସ୍ରାଏଲକୁ ସାହାଯ୍ୟ କରିବା ଅଭିଯୋଗରେ ଇରାନ ସରକାର ନିଜ ଦେଶର ନାଗରିକଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଶତ୍ରୁ ଦେଶ ପାଇଁ କାମ କରୁଥିବା ଏବଂ ସରକାର ବିରୋଧୀ ଅପପ୍ରଚାର ଚଳାଇଥିବା ଅଭିଯୋଗରେ ୩, ୨୯୨ ଜଣଙ୍କୁ ଗିରଫ କରାଯାଇଥିବା ନେଇ ଇରାନର ନ୍ୟାୟିକ ବିଭାଗ ସୂଚନା ଦେଇଛି। ଗିରଫ ବ୍ୟକ୍ତିଙ୍କ ମଧ୍ୟରୁ ୬୮୪ ଜଣଙ୍କ ବିରୋଧରେ ଇସ୍ରାଏଲ୍ ପାଇଁ ସାମରିକ ଗତିବିଧିରେ ସହଯୋଗ କରିଥିବାର ଗୁରୁତର ଅଭିଯୋଗ ରହିଛି। ଏଥିସହିତ ୧, ୨୫୮ ଜଣଙ୍କ ଉପରେ ରାଷ୍ଟ୍ର ବିରୋଧୀ ରାଜନୈତିକ ପ୍ରୋପାଗାଣ୍ଡା ବା ଅପପ୍ରଚାର କରିଥିବା ଅଭିଯୋଗ ହୋଇଛି। ଏପର୍ଯ୍ୟନ୍ତ ୧, ୦୬୧ ଜଣଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ କରାଯାଇଛି। ସରକାର ଶତାଧିକ ସନ୍ଦିଗ୍ଧଙ୍କ ସମ୍ପତ୍ତିକୁ ମଧ୍ୟ ବ୍ୟାଜାପ୍ତ କରିଛନ୍ତି। ଗତ ସପ୍ତାହରେ ଇସଫାହାନ ପ୍ରଦେଶରେ ପ୍ରାୟ ୧୦୦ ଜଣ ବ୍ୟକ୍ତିଙ୍କ ସମ୍ପତ୍ତି ସରକାର ନିଜ ଅକ୍ତିଆରକୁ ନେଇଛନ୍ତି। ଚଳିତ ବର୍ଷ ଜାନୁଆରୀରେ ଇରାନରେ ବ୍ୟାପକ ସରକାର ବିରୋଧୀ ଆନ୍ଦୋଳନ ହୋଇଥିଲା। ଏହାପରେ ଦମନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ବର୍ତ୍ତମାନ ହୋଇଥିବା ଗିରଫଦାରି ତାହାର ଅଂଶବିଶେଷ ବୋଲି କୁହାଯାଇଛି। ସେତେବେଳେ ପ୍ରାୟ ୫୦, ୦୦୦ରୁ ଅଧିକ ଲୋକଙ୍କୁ ଗିରଫ କରାଯାଇଥିଲା। ଇରାନର ବିପ୍ଳବୀ ଗାର୍ଡ ଦାବି କରିଛି ଯେ, ଆମେରିକା ଏବଂ ଇସ୍ରାଏଲର ମିଳିତ ବିମାନ ଆକ୍ରମଣ ସମୟରେ ଏହି ବ୍ୟକ୍ତିମାନେ ସେମାନଙ୍କୁ ଗୁପ୍ତ ତଥ୍ୟ ଯୋଗାଇ ସହାୟତା କରୁଥିଲେ। ଅନ୍ୟପଟେ, ଅନ୍ତର୍ଜାତୀୟ ମାନବାଧିକାର ସଂଗଠନଗୁଡ଼ିକ ଇରାନର ଏହି ପଦକ୍ଷେପକୁ କଠୋର ସମାଲୋଚନା କରିଛି। ଆମ୍‌ନେଷ୍ଟି ଇଣ୍ଟରନ୍ୟାସନାଲ୍ କହିଛି ଯେ, ଇରାନ ଯୁଦ୍ଧର ଆଳ ଦେଖାଇ ନିଜ ଦେଶର ବିରୋଧୀ ସ୍ୱରକୁ ଚାପିବା ପାଇଁ ବେଆଇନ ଗିରଫଦାରି ଏବଂ କଠୋର ଦଣ୍ଡାଦେଶ ପ୍ରଦାନ କରୁଛି। ନରୱେ ସ୍ଥିତ 'ଇରାନ ହ୍ୟୁମାନ ରାଇଟ୍ସ ଗ୍ରୁପ୍'ର ତଥ୍ୟ ଅନୁଯାୟୀ, ଚଳିତ ବର୍ଷ ଜୁନ୍ ୮ ସୁଦ୍ଧା ଅତିକମରେ ୪୦ ଜଣ ବନ୍ଦୀଙ୍କୁ ରାଜନୈତିକ ଅଭିଯୋଗରେ ଫାଶୀ ଦିଆଯାଇଛି।







# ଦୁଇ ମିନିଟ୍ ବିଳମ୍ବ ପାଇଁ ଛାତ୍ରଛାତ୍ରୀଙ୍କ ସ୍ୱପ୍ନ ଧୂଳିସାତ୍

**ପୁନଃ ନିଟ୍ ପରୀକ୍ଷା**

ନୂଆଦିଲ୍ଲୀ, ୨୩।୬(ଏଜେନ୍ସି): ଭାରତର ସବୁଠାରୁ କଠିନ ପ୍ରବେଶିକା ପରୀକ୍ଷା ମଧ୍ୟରୁ ଅନ୍ୟତମ ନିଟ୍। ପ୍ରଶ୍ନପତ୍ର ଲିକ୍ ଓ ପରୀକ୍ଷା ବିଭ୍ରାଟର ମାସେ ପରେ ପୁନଃ ନିଟ୍ ପରୀକ୍ଷାକୁ ନେଇ ଏବେ ସାରା ଦେଶରେ ଚର୍ଚ୍ଚା। ପେପର ଲିକ୍ ବିବାଦ ପରେ ଜାତୀୟ ପରୀକ୍ଷା ଏଜେନ୍ସି (ଏନ୍‌ଟିଏ)କୁ ପରୀକ୍ଷା ପରିଚାଳନା ପାଇଁ ଦ୍ୱିତୀୟ ସୁଯୋଗ ମିଳିଥିବା ବେଳେ, ମାତ୍ର କିଛି ମିନିଟ୍ ବିଳମ୍ବରେ ପହଞ୍ଚିଥିବା ଅନେକ ଛାତ୍ରଛାତ୍ରୀଙ୍କୁ କିନ୍ତୁ କୌଣସି ସୁଯୋଗ ଦିଆଯାଇ ନାହିଁ। ଶନିବାର ଏନ୍‌ଟିଏ ପକ୍ଷରୁ ଭାରତ ଓ ବିଦେଶର ୫, ୪୦୦ ରୁ ଅଧିକ କେନ୍ଦ୍ରରେ ପ୍ରାୟ ୨୨.୭ ଲକ୍ଷ ପ୍ରାର୍ଥୀଙ୍କ ପାଇଁ ଏହି ପୁନଃ ପରୀକ୍ଷା ଆୟୋଜିତ ହୋଇଥିଲା। ପେପର ଲିକ୍ ପରି ଘଟଣାର ପୁନରାବୃତ୍ତି ରୋକିବା ପାଇଁ ଏଥର ଏଆଇ ମନିଟରିଂ, ବାୟୋମେଟ୍ରିକ ଯାଞ୍ଚ ଏବଂ ପ୍ରାୟ ୫୦, ୦୦୦ ଜାମର ବ୍ୟବହାର ସହ ଅଭୂତପୂର୍ବ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ପରୀକ୍ଷା ନିୟମ ଅନୁସାରେ ଦିନ ୧.୩୦ ସୁଦ୍ଧା ଗେଟ୍ ବନ୍ଦ ହେବାର ସମୟ ଧାର୍ଯ୍ୟ କରାଯାଇଥିଲା। ତେବେ ବର୍ଷା, ଟ୍ରାଫିକ୍ ଜାମ୍ କିମ୍ବା ଗାଡି ପଙ୍କଚର ଭଳି ଅପ୍ରତ୍ୟାଶିତ କାରଣ ଯୋଗୁଁ ମାତ୍ର ୨ ରୁ ୫ ମିନିଟ୍ ବିଳମ୍ବରେ ପହଞ୍ଚିଥିବା ଛାତ୍ରଛାତ୍ରୀଙ୍କୁ ଭିତରକୁ ପ୍ରବେଶ ଅନୁମତି ମିଳିନଥିଲା। ମଧ୍ୟପ୍ରଦେଶର ବିଦିଶାରେ ଜଣେ ଛାତ୍ରୀ ବର୍ଷା ଓ ମୋଟରସାଇକେଲ ପଙ୍କଚର ଯୋଗୁଁ ମାତ୍ର ୨ ମିନିଟ୍ ବିଳମ୍ବରେ ପହଞ୍ଚିଥିଲେ। ତାଙ୍କ ପିତା ପରୀକ୍ଷା କେନ୍ଦ୍ର ବାହାରେ କାନ୍ଦି କାନ୍ଦି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଥିଲେ। କିନ୍ତୁ ଶେଷରେ ବାୟୋମେଟ୍ରିକ ଲକ୍ ହୋଇଯିବା କାରଣରୁ ଛାତ୍ରୀଜଣକ ପରୀକ୍ଷା ଦେଇପାରିନଥିଲେ। ସେହିପରି ତେଲେଙ୍ଗାନା ଜଗିତିଆଲ ଜିଲ୍ଲାରୁ ଆସିଥିବା ଏକ ଭିଡିଓରେ ଜଣେ ମା' ନିଜ ଝିଅ ପାଇଁ ସୁରକ୍ଷା କର୍ମୀଙ୍କ ପାଦ ତଳେ ପଡ଼ି ନେହୁରା ହେଉଥିବାର ଦୃଶ୍ୟ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ବେଙ୍ଗାଲୁରୁରେ ଟ୍ରାଫିକ୍ ଯୋଗୁଁ ବିଳମ୍ବ ହେବାରୁ କିଛି ଛାତ୍ରୀ ଗେଟ୍ ଡେଇଁ ପ୍ରବେଶ କରିବାକୁ ଚେଷ୍ଟା କରିଥିବା ଦେଖିବାକୁ ମିଳିଛି। ସେହିପରି ମୋରାଦାବାଦରେ ଗୁଗଲ୍ ମ୍ୟାପ୍‌ର ଭୁଲ୍ ନିର୍ଦ୍ଦେଶ ଯୋଗୁଁ ଅନେକ ପରୀକ୍ଷାର୍ଥୀ ଠିକ୍ ସମୟରେ କେନ୍ଦ୍ରରେ ପହଞ୍ଚିପାରି ନଥିବା ଜଣାପଡ଼ିଛି। ଏହି ଘଟଣାକୁ ନେଇ ଅଭିଭାବକ ଓ ସାଧାରଣ ଜନତାଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ପରୀକ୍ଷା ପ୍ରଣାଳୀର ତ୍ରୁଟି ଯୋଗୁଁ ୨୩ ଲକ୍ଷ ଛାତ୍ରଛାତ୍ରୀଙ୍କୁ ମାସେରୁ ଅଧିକ ସମୟ ଅପେକ୍ଷା କରାଯାଇ ପାରିଲା। କିନ୍ତୁ ପରୀକ୍ଷାର୍ଥୀଙ୍କ ପାଇଁ ମାତ୍ର ୨ ମିନିଟ୍ ସମୟ ସହ କୋହଳ କରାଗଲା ନାହିଁ କାହିଁକି ବୋଲି ପ୍ରଶ୍ନ ଉଠିଛି।

## ଛତିଶଗଡ଼ରୁ ଆସୁନି ଟୋପେ ବି ପାଣି

# ମୃତ୍ୟୁଶଯ୍ୟାରେ ମହାନଦୀ



**ଅମ୍ବାଭୋନା, ୨୩।୬ (ସମିସ):** ଓଡ଼ିଶାର ଜୀବନରେଖା ମହାନଦୀ ଏବେ ଗୁରୁତର ଜଳ ସଂକଟ ଦେଇ ଗତି କରୁଛି। ବର୍ଷା ଋତୁ ଆରମ୍ଭ ହୋଇଥିଲେ ମଧ୍ୟ ଛତିଶଗଡ଼ରୁ ଆବଶ୍ୟକ ପରିମାଣର ଜଳ ପ୍ରବାହ ହେଉନଥିବାରୁ ଓଡ଼ିଶା ସୀମାରେ ନଦୀର ଅବସ୍ଥା ଅତ୍ୟନ୍ତ ଦୟନୀୟ ହୋଇପଡ଼ିଛି। ଯେଉଁ ମହାନଦୀ ଦିନେ ଲୋକଙ୍କ ଜୀବିକା, କୃଷି, ମତ୍ସ୍ୟଚାଷ ଓ ପାନୀୟ ଜଳର ପ୍ରମୁଖ ଉତ୍ସ ଥିଲା, ସେହି ନଦୀ ଆଜି ଅନେକ ସ୍ଥାନରେ ଶୁଖିଲା ବାଲୁକା ଶଯ୍ୟାରେ ପରିଣତ ହୋଇଛି।

ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକର ଭୈନାତୋରା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଚିଖିଲି ନିକଟରେ ମହାନଦୀ ଓଡ଼ିଶାକୁ ପ୍ରବେଶ କରିଥାଏ। ଏହି ସ୍ଥାନରେ ବର୍ତ୍ତମାନ ନଦୀର ଜଳସ୍ତର ଅସ୍ୱାଭାବିକ ଭାବରେ ହ୍ରାସ ପାଇଥିବା ଦେଖି ସ୍ଥାନୀୟ ଲୋକେ ଚିନ୍ତିତ ହୋଇପଡ଼ିଛନ୍ତି। ଗ୍ରୀଷ୍ମ ଋତୁରେ ମଧ୍ୟ ଯେଉଁଠାରେ ୨୦ରୁ ୨୫ ଫୁଟ ପର୍ଯ୍ୟନ୍ତ ପାଣି ରହୁଥିଲା, ସେଠାରେ ଏବେ ବାଲିଚର ଓ ଶୁଖିଲା ନଦୀପଠା ଦେଖିବାକୁ ମିଳୁଛି। ଉପରମୁଣ୍ଡରେ କଲମା, ସାରାଡିହି, ମରୋନି ଓ ବସନ୍ତପୁର ଅଞ୍ଚଳରେ ଏକାଧିକ ବ୍ୟାରେଜ, ଆନିକଟ ଓ ଜଳ ସଂରକ୍ଷଣ ପ୍ରକଳ୍ପ ନିର୍ମାଣ କରି ମହାନଦୀର ସ୍ୱାଭାବିକ ଜଳ ପ୍ରବାହକୁ ଅଟକାଇ ରଖିଛି ଛତିଶଗଡ଼। ଏହି ପ୍ରକଳ୍ପଗୁଡ଼ିକରୁ ଶିଳ୍ପ ପ୍ରତିଷ୍ଠାନକୁ ବ୍ୟାପକ ପରିମାଣରେ ଜଳ ଯୋଗାଣ କରାଯାଉଥିବାରୁ ତଳମୁଣ୍ଡରେ ଥିବା ଓଡ଼ିଶା ଅଞ୍ଚଳ ଜଳ ସଙ୍କଟର ସମ୍ମୁଖୀନ ହେଉଛି। ଏହି ପ୍ରସଙ୍ଗରେ ଦୁଇ ରାଜ୍ୟ ମଧ୍ୟରେ ଦୀର୍ଘଦିନ ଧରି ବିବାଦ ଚାଲିଥିବା ବେଳେ ମାମଲା ସୁପ୍ରିମକୋର୍ଟ ଏବଂ ମହାନଦୀ ଟ୍ରିବ୍ୟୁନାଲର ବିଚାରାଧୀନ ରହିଛି।

### ଭୂତଳ ଜଳସ୍ତର ହ୍ରାସକୁ ନେଇ ବଢ଼ୁଛି ଚିନ୍ତା

ମହାନଦୀର ଜଳସ୍ତର ହ୍ରାସ ପାଇବା ଯୋଗୁଁ ଚିଖିଲି, ମହୁଲପାଲି, ପଥରାସେନୀ, ଲାଉନସରା, ତାମଦେଇ, ଜରିମୁଲି, ଗୋବିନ୍ଦପୁର ଏବଂ କୁରୁମକେଲ ଭଳି ନଦୀକୂଳିଆ ଗ୍ରାମଗୁଡ଼ିକ ସବୁଠାରୁ ଅଧିକ ପ୍ରଭାବିତ ହୋଇଛନ୍ତି। ପାନୀୟ ଜଳ ଅଭାବ ସହ ଗୃହପାଳିତ ପଶୁପକ୍ଷୀଙ୍କ ପାଇଁ ମଧ୍ୟ ପାଣି ଯୋଗାଡ଼ କଷ୍ଟସାଧ ହୋଇପଡ଼ିଛି। ନଦୀ ଉପରେ ନିର୍ଭର କରୁଥିବା ଶତାଧିକ ମତ୍ସ୍ୟଜୀବୀ ପରିବାରଙ୍କ ଜୀବିକା ଏବେ ବିପଦରେ। ନଦୀରେ ପାଣି କମିଯିବାରୁ ମାଛ ସଂଖ୍ୟା ହ୍ରାସ ପାଉଥିବା ବେଳେ ମତ୍ସ୍ୟଜୀବୀ ରୋଜଗାର ହରାଇବାକୁ ବସିଛନ୍ତି। ସେହିପରି ନଦୀ ପଠାରେ ତରଭୁଜ, କାକୁଡ଼ି, ବଙ୍ଗଳା ଓ ବିଭିନ୍ନ ପନିପରିବା ଚାଷ କରୁଥିବା ଚାଷୀମାନେ ମଧ୍ୟ ଜଳ ଅଭାବ ଯୋଗୁଁ ଚାଷ କାର୍ଯ୍ୟରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାର ପ୍ରଭାବ କେବଳ ନଦୀ ମଧ୍ୟରେ ସୀମିତ ରହିନାହିଁ। ଅମ୍ବାଭୋନା ବ୍ଲକର ଭୂତଳ ଜଳସ୍ତର ଉପରେ ମଧ୍ୟ ଏହାର ଗଭୀର ପ୍ରଭାବ ପଡ଼ିଛି। ଅନେକ ଗଭୀର ନଳକୂପରେ ଜଳସ୍ତର କମିବା ଆରମ୍ଭ ହୋଇଥିବା ବେଳେ ଆଗାମୀ ଦିନରେ ପାନୀୟ ଜଳ ସଂକଟ ଆହୁରି ଉତ୍କଟ ହେବ।

ଅନ୍ୟପଟେ ମହାନଦୀର ଜଳ ଉପରେ ନିର୍ଭର କରୁଥିବା ଚିଖିଲି, ଜାମପାଲି ଓ ତାମଦେଇ ପାର୍ବତୀ ମେଗା ଉଠା ଜଳସେଚନ ପ୍ରକଳ୍ପ ମଧ୍ୟ ପ୍ରଭାବିତ ହେବା ଆଶଙ୍କା ବଢ଼ିଛି। ସେହିପରି ଅମ୍ବାଭୋନା, ଭଟଲି ଓ ସୋହେଲା ବ୍ଲକରେ କାର୍ଯ୍ୟକାରୀ ହେଉଥିବା "ହର ଘର ଜଳ' ଯୋଜନାର ଭବିଷ୍ୟତ ଜଳ ଯୋଗାଣ ବ୍ୟବସ୍ଥା ନେଇ ମଧ୍ୟ ପ୍ରଶ୍ନ ଉଠିଛି।

## ପଦ୍ମଶ୍ରୀ ଗ୍ରହଣ କଲେ ୩ ଓଡ଼ିଆ





**ଭୁବନେଶ୍ୱର,୨୩।୬(ସମିସ):** ସାହିତ୍ୟ, ଶିକ୍ଷା ଓ କଳା କ୍ଷେତ୍ରରେ ଅସାଧାରଣ ଅବଦାନ ପାଇଁ ୩ଜଣ ଓଡ଼ିଆଙ୍କୁ ପଦ୍ମଶ୍ରୀ ସମ୍ମାନ ପ୍ରଦାନ କରାଯାଇଛି। ରାଷ୍ଟ୍ରପତି ଭବନରେ ଆୟୋଜିତ ପଦ୍ମ ପୁରସ୍କାର ସମାରୋହରେ ଓଡ଼ିଶାରୁ ଚରଣ ହେମ୍ବ୍ରମ୍, ସୀମାଞ୍ଚଳ ପାତ୍ର ଏବଂ ଶରତ କୁମାର ପାତ୍ରଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହି ସମ୍ମାନ ପ୍ରଦାନ କରିଛନ୍ତି। ଚରଣ ହେମ୍ବ୍ରମ ହେଉଛନ୍ତି ସାନ୍ତାଳୀ ଗବେଷକ ଓ ଶିକ୍ଷାବିତ୍। ସାନ୍ତାଳୀ 'ଅଲିଚିକି' ଲିପିର ପ୍ରସାର କ୍ଷେତ୍ରରେ ଅବଦାନ ସହ ଆଦିବାସୀ ଶିକ୍ଷା ଓ ସଂସ୍କୃତିର ସୁରକ୍ଷା ପାଇଁ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ସେହିପରି ଗଞ୍ଜାମର ପ୍ରସିଦ୍ଧ ପ୍ରହଲ୍ଲାଦ ନାଟକର ପ୍ରବୀଣ କଳାକାର ସୀମାଞ୍ଚଳ ପାତ୍ର ପାରମ୍ପରିକ ଲୋକକଳାକୁ ଉଜ୍ଜିବୀତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି।

କଟକ ନୂଆପାଟଣାର ବୁଣାକାର ଓ ବାନ୍ଧକଳାର ମାଷ୍ଟର କାରିଗର ଶରତ କୁମାର ପାତ୍ର ୬ଦଶନ୍ଧି ଧରି ଓଡ଼ିଶାର ପାରମ୍ପରିକ ବୁଣାକଳାକୁ ସମୃଦ୍ଧ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରି ଏହି ସମ୍ମାନ ଲାଭ କରିଛନ୍ତି। ନିକଟରେ ଡ. ମହେନ୍ଦ୍ର କୁମାର ମିଶ୍ର ପଦ୍ମଶ୍ରୀ ଗ୍ରହଣ କରିଥିଲେ। ସାହିତ୍ୟ ଓ ଶିକ୍ଷା କ୍ଷେତ୍ର ପାଇଁ ଡ. ମହେନ୍ଦ୍ର କୁମାର ମିଶ୍ରଙ୍କୁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଛି। ସେହିପରି ବିଭିନ୍ନ କ୍ଷେତ୍ରରେ ଅବଦାନ ପାଇଁ ୨ ଜଣଙ୍କୁ ପଦ୍ମବିଭୂଷଣ, ୭ ଜଣଙ୍କୁ ପଦ୍ମଭୂଷଣ, ୫୬ ଜଣଙ୍କୁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଛି। ଲୋକପ୍ରିୟ ବଲିଉଡ୍ କଣ୍ଠଶିଳ୍ପୀ ଅଲକା ୟାଗନିକଙ୍କୁ ପଦ୍ମଭୂଷଣ, ଟେନିସ୍ ଖେଳାଳି ବିଜୟ ଅମ୍ରିତରାଜଙ୍କୁ ପଦ୍ମଭୂଷଣ, ମାଲାୟଲମ ସୁପରଷ୍ଟାର ମାମୁଟିଙ୍କୁ ମଧ୍ୟ ପଦ୍ମଭୂଷଣ ସମ୍ମାନ ଏବଂ ଝାଡଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ଶିବୁ ସୋରେନଙ୍କୁ ମରଣୋତ୍ତର ପଦ୍ମଭୂଷଣ ସମ୍ମାନ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପ୍ରଦାନ କରିଛନ୍ତି।

### ରଥଯାତ୍ରା ଦ୍ୱିତୀୟ ସମନ୍ୱୟ ବୈଠକ

## ପୁରୀ ଜଗିବେ ୨୨୦ ପ୍ଲାଟୁନ୍ ପୁଲିସ





**ପୁରୀ,୨୩।୬(ସମିସ):** ଆଉ ୨୨ ଦିନ ପରେ ବିଶ୍ୱପ୍ରସିଦ୍ଧ ରଥଯାତ୍ରା। ଏଥର ମହାପ୍ରଭୁଙ୍କ ପବିତ୍ର ଘୋଷଯାତ୍ରାକୁ ଅଘଟଣ ଓ ଦୁର୍ଘଟଣାବିହୀନ କରିବା ପାଇଁ ସବୁ ପ୍ରକାର ପ୍ରଚେଷ୍ଟା କରାଯାଉଛି। ଗତବର୍ଷ ହୋଇଥିବା ତ୍ରୁଟି ବିଚ୍ୟୁତି ଓ ଭୁଲ୍‌ରୁ ଅନେକ କିଛି ଶିଖି ଏଥର ଜାନୁଆରୀ ମାସରୁ ଆରମ୍ଭ ହୋଇଛି ପ୍ରସ୍ତୁତି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି ରଥଯାତ୍ରାର ଦ୍ୱିତୀୟ ସମନ୍ୱୟ କମିଟି ବୈଠକ। ଟାଉନ୍ ହଲ୍ ପରିସରରେ ଅନୁଷ୍ଠିତ ବୈଠକରେ ଆଇନ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ପବିତ୍ର ରଥଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବାକୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ସେହିପରି ରେଳ ବିଭାଗ ପକ୍ଷରୁ ୩୭୦ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରିବ ବୋଲି ନିଷ୍ପତ୍ତି ହୋଇଛି। ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ୨୨୦ ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ ହେବେ ବୋଲି ଜଣାପଡ଼ିଛି।

ବୈଠକରେ ଏଜେଣ୍ଡା ଅନୁଯାୟୀ, ପ୍ରଥମେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ରଥଯାତ୍ରା ପାଇଁ ମନ୍ଦିର ପ୍ରଶାସନର ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଇଥିଲେ। ଏବର୍ଷ ଗୋଟିଏ ସେଟ୍ ଅଧିକ ଚାରମାଳ ସେଟ୍ ପାଇଁ ତାଳ କାଠ ପହଞ୍ଚିସାରିଛି। ରଥ ନିର୍ମାଣ ବେଶ୍ ଆଗୁଆ ଚାଲିଛି। ରଥଯାତ୍ରା ପାଇଁ ଆବଶ୍ୟକ ସାମଗ୍ରୀ, ଶୃଙ୍ଖଳିତ ନୀତିକାନ୍ତି ସେବକଙ୍କ ସହିତ ଆଲୋଚନା ଏବଂ ଗୁଣ୍ଡିଚା ମନ୍ଦିର ନବୀକରଣ କାମ ସମ୍ପର୍କରେ ସୂଚନା ଦେଇଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅକ୍ଷୟ କୁମାର ଶତପଥୀ, ସ୍ୱାସ୍ଥ୍ୟ ବିଭାଗର ପ୍ରସ୍ତୁତି ସମ୍ପର୍କରେ କହିଥିଲେ। ରଥଯାତ୍ରା ସମୟର ଆମ୍ବୁଲାନ୍ସ କରିଡର ହେବ। ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଓ ଗୁଳୁଗୁଳିକୁ ଦୃଷ୍ଟିରେ ରଖି ସଦର ମୁଖ୍ୟ ଚିକିତ୍ସାଳୟ ସହ ବିଭିନ୍ନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଶୀତତାପ ନିୟନ୍ତ୍ରିତ ଶଯ୍ୟାର ବ୍ୟବସ୍ଥା କରାଯିବ। ମୁଖ୍ୟ ଚିକିତ୍ସାଳୟ ସମେତ ଅନ୍ୟାନ୍ୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଅତିରିକ୍ତ ଶଯ୍ୟା, ଆମ୍ବୁଲାନ୍ସ, ୩୧ ଫାଷ୍ଟଏଡ୍ ସେଣ୍ଟର ହେବ। ଅଂଶୁଘାତର ମୁକାବିଲା ପାଇଁ ଅତ୍ୟାଧୁନିକ ବ୍ୟବସ୍ଥା ସହ ସ୍ୱତନ୍ତ୍ର ବେଡ୍ କରାଯିବ। ୧୦ ଆଇସିୟୁ ବେଡ୍, ଅସ୍ଥାୟୀ ବର୍ଣ୍ଣ ୱାର୍ଡର ୧୦ଟି ବେଡ୍, ଟ୍ରମାକେୟାରର ୧୦ ବେଡ୍, ୪୬ଟି ଆମ୍ବୁଲାନ୍ସ, ପ୍ରାୟ ୩୦୦ ୟୁନିଟ୍ ରକ୍ତ ମହଜୁଦ୍ ରଖାଯିବ। ରଥଯାତ୍ରା ପାଇଁ ୧୬୦୦ ଅସ୍ଥାୟୀ ଶୌଚାଳୟ ବ୍ୟବସ୍ଥା ହେବ। କେବଳ ସ୍ନାନଯାତ୍ରା ପାଇଁ ୩୦୦ ଅସ୍ଥାୟୀ ଶୌଚାଳୟ କାର୍ଯ୍ୟକ୍ଷମ କରିବ ବୋଲି କହିଥିଲେ। ପରିବହନ ଅଧିକରୀ ରଥଯାତ୍ରା ପାଇଁ ପ୍ରାୟ ୨୫୦ ସ୍ୱତନ୍ତ୍ର ବସ୍ ଚଳାଚଳ କରିବ। ଯାତ୍ରୀମାନଙ୍କଠାରୁ ଯେପରି ଅଧିକ ଭଡ଼ା ଆଦାୟ ନ ହେବ ତାକୁ ଗୁରୁତ୍ୱ ଦିଆଯାଇଛି। ସବୁ ବସ୍, ଅଟୋରେ ରେଟ୍‌ଚାର୍ଟ ଲାଗିବ। ଜାତୀୟ ରାଜପଥରେ ସ୍ପିଡ୍ ଚେକିଂ ହେବ। ତାଳବଣିଆକୁ ଅସ୍ଥାୟୀ ବସ୍‌ଷ୍ଟାଣ୍ଡ ଉଠିବ ବୋଲି ସୂଚନା ଦେଇଥିଲେ।

**ଚାଲିବ ୩୭୦ ସ୍ୱତନ୍ତ୍ର ଟ୍ରେନ୍**
**୧,୬୦୦ ଅସ୍ଥାୟୀ ଶୌଚାଳୟ**
**୨୩ଟି ସ୍ଥାନରେ ଅସ୍ଥାୟୀ ପାର୍କିଂ**

ସେହିପରି ରେଳ ବିଭାଗ ପକ୍ଷରୁ ୩୭୦ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରିବ। ରେଗୁଲାର ଓ ସ୍ୱତନ୍ତ୍ର ଟ୍ରେନ୍‌କୁ ମିଶାଇ ପ୍ରାୟ ୧୨୦୦ ଟ୍ରେନ୍ ରଥଯାତ୍ରା ସମୟରେ ପୁରୀକୁ ଚଳାଚଳ ହେବ। ୨୫ ହଜାର ଯାତ୍ରୀଙ୍କ ପାଇଁ ରେଳଷ୍ଟେସନ ପାଖରେ ହୋଲ୍ଡିଂ ଏରିଆ, ୧.୫ ଲକ୍ଷ ଯାତ୍ରୀଙ୍କ ଲାଗି ମାଗଣା ଖାଦ୍ୟ ବ୍ୟବସ୍ଥା କରାଯାଉଛି। ୩୫ଟି ଅତିରିକ୍ତ ଟିକଟ କାଉଣ୍ଟର, ୩୦ଟି ମୋବାଇଲ୍ ଟିକଟ କାଉଣ୍ଟର ଓ ୧୨ଟି ଏଟିଭିଏମ୍ କାର୍ଯ୍ୟ କରିବ। ୮୦୦ ଆର୍‌ପିଏଫ୍, ୧୫୦୦ ଜିଆର୍‌ପି ମୁତୟନ ହେବେ। ସେହିପରି ୨୫୬ଟି କ୍ୟାମେରା, ୧୦ ସ୍ନାଇପର ଡଗ୍, ଫାୟାର ବ୍ରିଗେଡ୍ ଯାତ୍ରୀଙ୍କ ସୁରକ୍ଷା ବ୍ୟବସ୍ଥାରେ ସାମିଲ୍ ହେବେ।

## ୧୦ରେ ଆସିବେ ଉପରାଷ୍ଟ୍ରପତି



**ଭୁବନେଶ୍ୱର,୨୩।୬(ସମିସ):** ଆସନ୍ତା ୯ ତାରିଖରେ ଓଡ଼ିଶା ଆସିବେ ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ। ଏହାକୁ ନେଇ ମଙ୍ଗଳବାର ମୁଖ୍ୟ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଭୁବନେଶ୍ୱରସ୍ଥିତ ଓୟୁଏଟି ପରିସରରେ ଆୟୋଜିତ ହେବାକୁ ଥିବା 'ଲେଟର ଅଫ ଅଥରାଇଜେସନ'ର ଜାତୀୟ ଶୁଭାରମ୍ଭ କାର୍ଯ୍ୟକ୍ରମରେ ସେ ମୁଖ୍ୟ ଅତିଥି ଭାବେ ଯୋଗ ଦେବେ। ଗଭୀର ସମୁଦ୍ରରେ ମତ୍ସ୍ୟ ସମ୍ପଦର ସ୍ଥାୟୀ ଉପଯୋଗ ସଂକ୍ରାନ୍ତରେ ଏହି ଜାତୀୟ କାର୍ଯ୍ୟକ୍ରମରେ ପ୍ରାୟ ୧ହଜାରରୁ ଅଧିକ ମତ୍ସ୍ୟଜୀବୀ ଓ ପ୍ରତିନିଧି ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କ ସମେତ କେନ୍ଦ୍ର ମନ୍ତ୍ରୀ ମଧ୍ୟ ଯୋଗ ଦେବେ ବୋଲି ଜଣାପଡ଼ିଛି। ଅନୁଷ୍ଠିତ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ଉପରାଷ୍ଟ୍ରପତିଙ୍କ ସୁରକ୍ଷା, ପ୍ରୋଟୋକଲ, ଟ୍ରାଫିକ ପରିଚାଳନା, ସ୍ୱାସ୍ଥ୍ୟସେବା ଓ ବିଦ୍ୟୁତ ଯୋଗାଣ ଆଦି ଉପରେ ବିସ୍ତୃତ ଆଲୋଚନା ହୋଇଛି।

## ରେଳଧାରଣାରୁ ଆଇନଜୀବୀଙ୍କ ମୃତଦେହ ଉଦ୍ଧାର



**ଝାରସୁଗୁଡ଼ା,୨୩।୬(ସମିସ):** ଝାରସୁଗୁଡ଼ାର ପରିଚିତ ବିଜେଡି ନେତା ତଥା ଆଇନଜୀବୀ ତ୍ରିନାଥ ଗୁଆଲଙ୍କର ସନ୍ଦେହଜନକ ମୃତ୍ୟୁ ଘଟିଛି। ଦକ୍ଷିଣ ପୂର୍ବ ବମ୍ବେ ହାୱଡା ମୁଖ୍ୟ ରେଳପଥ ତଥା ଝାରସୁଗୁଡ଼ା-ଧୁତ୍ରା ରେଳ ଷ୍ଟେସନ ମଝି ବାଲିଯୋରୀ ରେଳ ଫାଟକ ନିକଟସ୍ଥ ଡାଉନ୍ ରେଳ ଧାରଣାରୁ ତ୍ରିନାଥଙ୍କ ଖଣ୍ଡବିଖଣ୍ଡିତ ମୃତଦେହ ଜବତ ହୋଇଛି। ରେଳଧାରଣାରେ ତ୍ରିନାଥଙ୍କ ଖଣ୍ଡବିଖଣ୍ଡିତ ହୋଇ ଶବ ପଡିଥିବା ଦେଖି କେହି ଜଣେ ଖବର ଦେଇଥିଲେ। ଏହାପରେ ରେଳବାର ପୁଲିସ ଅଧିକାରୀ, ଜିଲ୍ଲା ଆରକ୍ଷୀ ଅଧିକାରୀଙ୍କ ସମେତ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳକୁ ପହଞ୍ଚିଥିଲେ। ତେବେ ଭୋର୍ ସାଢେ ୫ଟାରେ କୋରାପୁଟ-ରାଉରକେଲା ଏକ୍ସପ୍ରେସ ଟ୍ରେନ୍ ଧକ୍କାରେ ତାଙ୍କର ମୃତ୍ୟୁ ଘଟିଥିବା ଲୋକୋ ପାଇଲଟ ଷ୍ଟେସନରେ ଅବଗତ କରିଥିବା ଜଣାପଡିଛି। ଘଟଣାସ୍ଥଳରୁ ତାଙ୍କ ଚପଲ, ଧଳା ସାର୍ଟ, ମୋବାଇଲ୍, ସୁଇସାଇଡାଲ ନୋଟ୍ ଜବତ ହୋଇଛି। ସେ ଝାରସୁଗୁଡ଼ା ଜିଲ୍ଲା ଓକିଲ ସଂଘର ଦୁଇ ଥର ସଭାପତି ଥିଲେ। କାଉନସିଲର ମଧ୍ୟ ଥିଲେ। ବିଜେପି ତରଫରୁ ମଧ୍ୟ ବିଧାୟକ ଭାବେ ନିର୍ବାଚନ ଲଢିଥିଲେ। ଅବିବାହିତ ତ୍ରିନାଥ ଅଞ୍ଚଳର ଦୁଃଖୀ, ଗରିବ, ନିରୀହ ଲୋକଙ୍କ ସେବାରେ ଜୀବନ ଉତ୍ସର୍ଗ କରିଥିଲେ। ତେବେ ତାଙ୍କୁ ହତ୍ୟା କରାଯାଇଛି ବୋଲି ତାଙ୍କ ପୁତୁରା ଯଦୁମଣି ଗୁଆଲ ଅଭିଯୋଗ କହିଛନ୍ତି। ମାନସିକ ସ୍ତରରେ ସେ ଅତ୍ୟନ୍ତ ଦୃଢ଼ ଥିଲେ। ସେ କେବେ ବି ଆତ୍ମହତ୍ୟା କର ନ ଥିବେ। ଦୁଇ ତିନି ଦିନ ପୂର୍ବରୁ ଏକ ଜମିବାଡ଼ି ମାମଲାକୁ ନେଇ କଥାବାର୍ତ୍ତା ହୋଇଥିଲା; ଯେଉଁଥିରେ ଅନ୍ୟ ପକ୍ଷକୁ ନୋଟିସ୍ ଯାଇଥିଲା। ସେହି ଜମି ବିବାଦ କାରଣରୁ ହିଁ କେହି ଜବରଦସ୍ତ ତାଙ୍କୁ ଏଠାକୁ ଆଣି ହତ୍ୟା କରିଛନ୍ତି କିମ୍ବା ଆତ୍ମହତ୍ୟା କରିବାକୁ ବାଧ କରିଛନ୍ତି। ସେ ପ୍ରତିଦିନ ସକାଳେ କେବଳ ଇକୋ ପାର୍କକୁ ପ୍ରାତଃ ଭ୍ରମଣ ପାଇଁ ଯାଆନ୍ତି। ଏହି ରେଳ ଲାଇନ୍ ଆଡ଼କୁ ସେ କେବେ ଆସନ୍ତି ନାହିଁ। ଏହାର ନିରପେକ୍ଷ ତଦନ୍ତ ହେବା ଦରକାର ବୋଲି ସେ ଦାବି କରିଛନ୍ତି।

ଝାରସୁଗୁଡ଼ା ଜିଲ୍ଲା ଓକିଲ ସଂଘର ସଭାପତି ରଘୁମଣି ପଟେଲ କହିଛନ୍ତି ଯେ, ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଚିହ୍ନ ରହିଛି। ଘରଠାରୁ ପ୍ରାୟ ୭/୮ କିଲୋମିଟର ଦୂର ଏହି ରେଳ ଟ୍ରାକକୁ ସେ କେମିତି ଓ କାହିଁକି ଆସିଲେ ତାହା ବଡ଼ ପ୍ରଶ୍ନ ସୃଷ୍ଟି କରୁଛି। ବିଧାୟକ ଟଙ୍କଧର ତ୍ରିପାଠି, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ପୂର୍ବତନ ବିଧାୟିକା ଦୀପାଳି ଦାସ, ବ୍ରଜରାଜନଗରର ପୂର୍ବତନ ବିଧାୟିକା ଅଳକା ମହାନ୍ତିଙ୍କ ସମେତ ବିଭିନ୍ନ ବ୍ୟକ୍ତି ତାଙ୍କ ମୃତ୍ୟୁରେ ଶୋକ ପ୍ରକାଶ କରିଛନ୍ତି।

## ସାରା ଓଡ଼ିଶା ଛୁଇଁଲା ମୌସୁମୀ; ୨୭ ଯାଏଁ ବର୍ଷା

**ଭୁବନେଶ୍ୱର, ୨୩।୬ (ସମିସ):** ଗତ ୧୨ ତାରିଖରେ ରାଜ୍ୟରେ ମୌସୁମୀ ବାୟୁ ପ୍ରବେଶ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ଆଜି ଏହା ରାଜ୍ୟର ସମସ୍ତ ଅଞ୍ଚଳକୁ ଛୁଇଁ ଆଗକୁ ବଢ଼ିଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ମୌସୁମୀ ବାୟୁ ଓଡ଼ିଶା ପ୍ରବେଶ କରିଥିଲେ ହେଁ ବର୍ଷା ହୋଇପାରି ନାହିଁ। ତେବେ ମୌସୁମୀ ନିମ୍ନ ଚାପରେଖା ସ୍ୱାଭାବିକ ଅବସ୍ଥାକୁ ଫେରିଥିବାରୁ ମୌସୁମୀ ଅଧିକ ସକ୍ରିୟ ରହିବା ସହ ଭଲ ବର୍ଷା ହେବା ନେଇ ଆଶା କରାଯାଉଛି। ୨୩ ତାରିଖରୁ ଆସନ୍ତା ୨୬ ତାରିଖ ଯାଏଁ ମୌସୁମୀ ଅଧିକ ଶକ୍ତିଶାଳୀ ରହିବାକୁ ଥିବାବେଳେ ଉପକୂଳ, ଉତ୍ତର ଓ ଦକ୍ଷିଣ ଓଡ଼ିଶାରେ ବର୍ଷାର ପରିଣାମ ବଢ଼ିବା ନେଇ ଆକଳନ କରାଯାଉଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଆଗାମୀ ୨୭ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଅଞ୍ଚଳରେ ବର୍ଷା ସମ୍ଭାବନା ରହିଛି। ବୁଧବାର କଟକ, ରାୟଗଡା, କୋରାପୁଟ, ଗଞ୍ଜାମ ଓ ନୟାଗଡରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ସେହିପରି ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, ଜଗତସିଂହପୁର, କଟକ, ସୁନ୍ଦରଗଡ, ଝାରସୁଗୁଡ଼ା, କଟକ, ବରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଗଜପତି, ଗଞ୍ଜାମ, ପୁରୀ, ଖୋର୍ଦ୍ଧା ଓ ନୟାଗଡରେ ୪୦ରୁ ୫୦ କିମି ବେଗରେ ପବନ ସହ ବର୍ଷା ହେବାର ସମ୍ଭାବନା ରହିଛି। ଏହାବ୍ୟତୀତ ସମ୍ବଲପୁର, ଦେବଗଡ, ଅନୁଗୋଳ, ଢେଙ୍କାନାଳ, ସୋନପୁର, ବୌଦ୍ଧ, ନୂଆପଡା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ରାୟଗଡା, କୋରାପୁଟ ଓ ମାଲକାନଗିରିରେ ୩୦ରୁ ୪୦ କିମି ବେଗରେ ପବନ ବହିବା ସହ ବର୍ଷା ସମ୍ଭାବନା ରହିଛି ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି।

### ଜୁଲାଇ ୫ ରେ ପ୍ରକାଶ ପାଇବ ଚିଠା ଭୋଟର ତାଲିକା

## ଜୁଲାଇ ୫ରୁ ଅଗଷ୍ଟ ୪ ମଧ୍ୟରେ ଆପତ୍ତି ଅଭିଯୋଗ

**ଭୁବନେଶ୍ୱର,୨୩।୬(ସମିସ):** ରାଜ୍ୟରେ ଏସଆଇଆର ପ୍ରକ୍ରିୟା ଜାରି ରହିଥିବା ବେଳେ ଆସନ୍ତା ୫ ତାରିଖରେ ଚିଠା ଭୋଟର ତାଲିକା ପ୍ରକାଶ ପାଇବ। ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳଗୁଡ଼ିକର ପ୍ରତିନିଧିମାନଙ୍କ ସହ ଏକ ଉଚ୍ଚସ୍ତରୀୟ ବୈଠକରେ ଏହି ସୂଚନା ଦେଇଛନ୍ତି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) ଆର. ଏସ. ଗୋପାଳନ।

ବୈଠକରେ ସ୍ୱତନ୍ତ୍ର ସଘନ ସଂଶୋଧନ ୨୦୨୬ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ବିସ୍ତୃତ ସମୀକ୍ଷା କରାଯାଇଛି। କେହି ଜଣେ ବି ଯୋଗ୍ୟ ଭୋଟର ଯେମିତି ତାଲିକାରୁ ବାଦ୍ ନ ପଡିବେ ସେ ଲାଗି ପ୍ରତ୍ୟେକ ବିଧାନସଭା ନିର୍ବାଚନ ମଣ୍ଡଳୀରେ ବୁଥ୍ ସ୍ତରୀୟ ଅଧିକାରୀ ଏବଂ ବୁଥ୍ ସ୍ତରୀୟ ଏଜେଣ୍ଟ ମାନଙ୍କ ମଧ୍ୟରେ ଏକ ସମନ୍ୱୟ ବୈଠକ ଆସନ୍ତା ଜୁନ ୨୪ ଓ ୨୫ ତାରିଖରେ ଅନୁଷ୍ଠିତ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ପ୍ରକାଶିତ ହେବାକୁ ଥିବା ଚିଠା ଭୋଟର ତାଲିକାକୁ ନେଇ କୌଣସି ପ୍ରକାରର ଆପତ୍ତି କିମ୍ବା ଅଭିଯୋଗ ଆସନ୍ତା ଜୁଲାଇ ୫ ତାରିଖରୁ ଅଗଷ୍ଟ ୪ ତାରିଖ ମଧ୍ୟରେ କରାଯାଇପାରିବ। ଜୁଲାଇ ୫ ତାରିଖ ପରେ ଯଦି ଚିଠା ଭୋଟର ତାଲିକାରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ, ଫର୍ମ-୬ ମାଧ୍ୟମରେ ନୂତନ ନାମ ଯୋଡ଼ିପାରିବେ। ଫର୍ମ-୭ ଦେଇ ଭୋଟର ତାଲିକାରୁ ନାମ ବାଦ୍ ଓ ଫର୍ମ-୮ ମାଧ୍ୟମରେ ଯେକୌଣସି ପ୍ରକାରର ସଂଶୋଧନ କରିପାରିବେ ବୋଲି ସୂଚନା ମିଳିଛି। ରାଜ୍ୟରେ ଆଜି ସୁଦ୍ଧା ୯୯.୯୧ ପ୍ରତିଶତ ଅର୍ଥାତ ୩କୋଟି ୩୩ଲକ୍ଷ ୬୯ହଜାର ୬୨୭ ଜଣ ଭୋଟରଙ୍କୁ ପରିଗଣନା ଫର୍ମ ବଣ୍ଟନ ହୋଇଥିବା ବେଳେ , ସେଥି ମଧ୍ୟରୁ ୯୦.୮୬ ପ୍ରତିଶତ ଅର୍ଥାତ ୩କୋଟି ୩୪ଲକ୍ଷ ୬ହଜାର ୭୨୯ ଜଣ ଭୋଟରଙ୍କର ଡିଜିଟାଇଜେସନ କରାଯାଇଛି ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ବୈଠକରେ ସୂଚନା ଦେଇଥିଲେ। ସିଇଓ ସୁଶାନ୍ତ କୁମାର ମିଶ୍ର , ଯୁଗ୍ମ ସିଇଓ ଗୋପୀନାଥ କୁଅଁର , ଡେପୁଟି ସିଇଓ ଡ଼. ଲକ୍ଷ୍ମୀପ୍ରସାଦ ସାହୁ ଓ ଅନାମିକା ସିଂଙ୍କ ସମେତ ସମସ୍ତ ରାଜନୈତିକ ଦଳର ପ୍ରତିନିଧିମାନେ ଉପସ୍ଥିତ ଥିଲେ।


## ଭିଜିଲାନ୍ସ ଜାଲରେ ନିର୍ବାହୀ ଯନ୍ତ୍ରୀ



**ସମ୍ବଲପୁର, ୨୩।୬ (ସମିସ):** ସମ୍ବଲପୁର କମାଣ୍ଡ ଏରିଆ ଡେଭଲପମେଣ୍ଟ ଅଥରିଟି (ସିଏଡିଏ) ସେଚାଞ୍ଚଳ ଉନ୍ନୟନ ବିଭାଜନ-୪ର ନିର୍ବାହୀ ଯନ୍ତ୍ରୀ (କୃଷି) ଇଂ. ପଦ୍ମଲୋଚନ ନାୟକ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ଜାଲରେ ପଡିଛନ୍ତି। ସମ୍ବଲପୁର ଧନୁପାଲିସ୍ଥିତ କାର୍ଯ୍ୟାଳୟ ଯାଞ୍ଚ ପରେ ଭିଜିଲାନ୍ସ ଟିମ୍ ତାଙ୍କୁ ସମ୍ବଲପୁର ଭିଜିଲାନ୍ସ କାର୍ଯ୍ୟାଳୟକୁ ନେଇ ଯାଇଥିଲା। ସମ୍ବଲପୁର ଧନୁପାଲିସ୍ଥିତ ତାଙ୍କ ଭଡ଼ା ଘର, ସେହି ଅଞ୍ଚଳରେ ଥିବା ସରକାରୀ କାର୍ଯ୍ୟାଳୟ, କଟକ ବିଦ୍ୟାଧରପୁରରେ ୩ ମହଲା ବାସଗୃହ, ବାଲେଶ୍ୱର ବସ୍ତା ଥାନା ଅଧୀନ ମୁଖାଲିସଠାରେ ୨ ମହଲା କୋଠା, କଟକ ସହରରେ ଦୁଇ ସହଯୋଗୀଙ୍କ ବାସଗୃହ ଏବଂ ମାଲକାନଗିରି କାଲିମେଲାରେ ତାଙ୍କ ସହଯୋଗୀଙ୍କ ଘର ଯାଞ୍ଚ କରାଯାଇଛି। ଇଂ. ନାୟକ ଓ ତାଙ୍କ ପରିବାରବର୍ଗଙ୍କ ନାମରେ କଟକ ବିଦ୍ୟାଧରପୁରରେ ୭ ହଜାର ବର୍ଗଫୁଟ୍‌ର ୩ ମହଲା ଆବାସିକ ଘର, ବାଲେଶ୍ୱର ମୁଖାଲିସଠାରେ ୧୪୬୫ ବର୍ଗଫୁଟର ଏକ ଦୁଇ ମହଲା କୋଠା ଏବଂ ଭୁବନେଶ୍ୱର, କଟକ, କୋରେଇ (ଯାଜପୁର), ବସ୍ତା (ବାଲେଶ୍ୱର) ଓ ଡେଲାଙ୍ଗ (ପୁରୀ) ଭଳି ପ୍ରମୁଖ ସହର ଉପକଣ୍ଠରେ ୧୫ଟି ମୂଲ୍ୟବାନ ପ୍ଲଟ୍ ଠାବ ହୋଇଛି। କଟକ ବିଦ୍ୟାଧରପୁରର ଏକାଧିକ ମୂଲ୍ୟବାନ ପ୍ଲଟ୍, ଭୁବନେଶ୍ୱରର ନୂଆଗାଁ ଓ କୋଟିଲାପୁଟର ଦୁଇଟି ମୂଲ୍ୟବାନ ପ୍ଲଟ୍, ପୁରୀର ଜମୁନା ଝାରପଡ଼ା, ବାଲେଶ୍ୱର ବସ୍ତାର ତୁଣ୍ଡା ଏବଂ ଯାଜପୁର ସୁକିନ୍ଦା ଓ କୋରେଇରେ ମଧ୍ୟ ଅନେକ ମୂଲ୍ୟବାନ ଜମି ରହିଛି। ଭିଜିଲାନ୍ସ ବୈଷୟିକ ଟିମ୍ ଦ୍ୱାରା ସମସ୍ତ କୋଠାବାଡ଼ି ଓ ଜମିର ମାପଚୁପ ଏବଂ ମୂଲ୍ୟ ନିରୂପଣ କାର୍ଯ୍ୟ ଚାଲିଛି। ଇଂ. ନାୟକଙ୍କଠାରୁ ନଗଦ ୩ ଲକ୍ଷ ୪୫ ହଜାର ନଗଦ ଟଙ୍କା ସମେତ ଶ୍ରୀଲଙ୍କା, ନେପାଳ, ବାହରିନ୍ ଏବଂ ଆମେରିକାର ବିଦେଶୀ ମୁଦ୍ରା ମଧ୍ୟ ମିଳିଛି। ତାଙ୍କର ବିଭିନ୍ନ ବ୍ୟାଙ୍କ ଓ ଡାକଘର ଜମା ସହିତ ଅନ୍ୟ ଆର୍ଥିକ ପ୍ରତିଷ୍ଠାନରେ ହୋଇଥିବା ପୁଞ୍ଜିନିବେଶର ଯାଞ୍ଚ ଚାଲିଛି। ସେହିପରି ଗୋଟିଏ ଜେସିବି ସହିତ ଟୟୋଟା ଇନୋଭା, ଟାଟା ଇଣ୍ଡିଗୋ ଓ ୱାଗନଆର ଏବଂ ଗୋଟିଏ ଦୁଇଚକିଆ ଯାନ ଠାବ କରାଯାଇଛି। ୪ ଜଣ ଡିଏସପି, ୧୩ ଜଣ ଇନ୍ସପେକ୍ଟର ଏବଂ ୭ ଜଣ ଏଏସଆଇଙ୍କ ସମେତ ଭିଜିଲାନ୍ସ କର୍ମଚାରୀ ଚଢଉରେ ସାମିଲ ହୋଇଛନ୍ତି।

## ଜାମିନରେ ଆସି ଦୁଷ୍କର୍ମ ଅଭିଯୁକ୍ତ ବିଜେପି ନେତା ଫେରାର

**ବ୍ରହ୍ମପୁର,୨୩।୬(ସମିସ):** ହାଇକୋର୍ଟରୁ ସର୍ତ୍ତମୂଳକ ଅନ୍ତରୀଣ ଜାମିନରେ ଆସି ଫେରାର ହୋଇଗଲେ ନାବାଳିକା ଦୁଷ୍କର୍ମ ଅଭିଯୁକ୍ତ ନକଲି ଡାକ୍ତର ତଥା ବିଜେପି ନେତା ଭବାନୀ ଶଙ୍କର ଦାଶ। ଫେରାର ଅଭିଯୁକ୍ତ ଭବାନୀ ନିଜକୁ ଭାରତୀୟ ମଜଦୁର ସଂଘର ପୂର୍ବତନ ଜିଲ୍ଲା ସଭାପତି ବୋଲି ପରିଚୟ ଦେଉଥିଲେ। ନାବାଳିକାଙ୍କୁ ଦୁଷ୍କର୍ମ ଅଭିଯୋଗର ତଦନ୍ତ ବେଳେ ଭବାନୀଙ୍କ ହୋମିଓପାଥିକ ଡାକ୍ତରୀ ସାର୍ଟିଫିକେଟ ମଧ୍ୟ ନକଲି ବୋଲି ଜଣାପଡ଼ିବା ପରେ ପୁଲିସ ତଦନ୍ତ ଜାରି ରଖିଛି। ଜଣେ ନାବାଳିକା(୧୭)ଙ୍କୁ ବିଏସସି ନର୍ସିଂ ସେ ପୁଣି ମାଗଣାରେ ରହିବା ସହ ଅଧ୍ୟୟନର ସୁବିଧା ଦେବାର ପ୍ରତିଶ୍ରୁତି ଦେଇଥିଲେ ଭବାନୀ। ଭବାନୀ ତାଙ୍କ କମାପଲ୍ଲୀସ୍ଥିତ ବାଜପେୟୀ ଆରୋଗ୍ୟମ କ୍ଲିନିକରେ ନାବାଳିକାଙ୍କୁ ମୃଦୁ ପାନୀୟରେ ନିଶା ଦେଇ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଥିଲା। ପୀଡ଼ିତା ନାବାଳିକା ବୈଦ୍ୟନାଥପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଘଟଣାର ତଦନ୍ତ କରି ପୁଲିସ ବିଜେପି ନେତା ଭବାନୀ ଦାଶଙ୍କ ସମେତ ଜନୈକା ଅଙ୍ଗନୱାଡି କର୍ମୀ ଓ କ୍ଲିନିକର ସହାୟିକାଙ୍କ ସମେତ ମୋଟ ୩ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା।



ଭବାନୀ ନିଜକୁ ବିଶ୍ୱହିନ୍ଦୁ ପରିଷଦର ନେତା ଓ ଭାରତୀୟ ମଜଦୁର ସଂଘର ଜିଲ୍ଲା ସଭାପତି ଭାବେ ପରିଚୟ ଦେଉଥିଲେ। ଗିରଫ ପରେ ଭବାନୀ ବ୍ରହ୍ମପୁର ଜେଲରେ ଥିବା ସମୟରେ ତାଙ୍କ ବିରୁଦ୍ଧରେ ମାମଲାକୁ ନେଇ ଚାର୍ଜଫ୍ରେମ୍ ହୋଇଥିଲା। ପରେ ଭବାନୀଙ୍କ ଏକମାତ୍ର ପୁଅର ସଡ଼କ

**ପୁଅର ଶ୍ରାଦ୍ଧରେ ଯୋଗ ଦେବାକୁ ହାଇକୋର୍ଟରୁ ମିଳିଥିଲା ଜାମିନ**

ଦୁର୍ଘଟଣାରେ ଅକାଳ ମୃତ୍ୟୁ ଘଟିଥିଲା। ମେ ୮ତାରିଖରେ ପୁଅର ପ୍ରଥମ ଶ୍ରାଦ୍ଧ ବାର୍ଷିକୀରେ ଯୋଗଦେବା ପାଇଁ ଆବେଦନ କରି ହାଇକୋର୍ଟରୁ ୧୦ଦିନ ପାଇଁ ଗତ ମେ ୭ତାରିଖରେ ସର୍ତ୍ତମୂଳକ ଜାମିନ ମିଳିଥିଲା। ଭବାନୀଙ୍କୁ କୋର୍ଟରେ ଆତ୍ମସମର୍ପଣ କରିବାକୁ ନିର୍ଦ୍ଦେଶ ଥିଲା। କିନ୍ତୁ ଭବାନୀ ଜେଲରୁ ମୁକୁଳିବା ପରେ ଆଜି ପର୍ଯ୍ୟନ୍ତ ଆତ୍ମସମର୍ପଣ ନକରି ଫେରାର ଥିବା ଜଣାପଡିଛି। ଏହାକୁ ନେଇ କୋର୍ଟ ପକ୍ଷରୁ ଭବାନୀଙ୍କ ବିରୋଧରେ ଜାମିନ ବିହୀନ ଗିରଫ ପରୱାନା ଜାରି କରିଛନ୍ତି। କେବଳ ଫେରାର ଭବାନୀଙ୍କୁ ନୁହେଁ ବରଂ ତାଙ୍କୁ ଜାମୀନରେ ନେଇଥିବା ଦୁଇ ଜାମିନଦାର ନିରାକାର ସାହୁ ଓ ସନ୍ୟାସୀ ମହାନ୍ତିଙ୍କ ସମେତ ବୈଦ୍ୟନାଥପୁର ଥାନା ପୁଲିସକୁ ଆସନ୍ତା ୨୫ତାରିଖରେ ଫେରାର ଭବନୀଙ୍କୁ କୋର୍ଟରେ ହାଜର ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

ସକାଳ
THE SAKALA



**ନବରଙ୍ଗପୁର-ଜୟପୁର ରେଳପଥ ପ୍ରକଳ୍ପ**

# ଭୂମି ଅଧିଗ୍ରହଣ ପାଇଁ କ୍ଷତିପୂରଣ ଅର୍ଥ ବିତରଣ



ନବରଙ୍ଗପୁର, ୨୩।୬(ସମିସ): ନବରଙ୍ଗପୁର ପୁଲିସ ପଡ଼ିଆ ଠାରେ ନବରଙ୍ଗପୁର ଜୟପୁର ରେଳପଥ ପ୍ରକଳ୍ପ ସକାଶେ ଭୂମି ଅଧିଗ୍ରହଣ ବାବଦ ତୃତୀୟ ପର୍ଯ୍ୟାୟ କ୍ଷତି ପୂରଣ ରାଶି ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବା ବେଳେ ଅତିଥି ଭାବରେ ନବରଙ୍ଗପୁର ସାଂସଦ ଲୋକସଭା ବଳଭଦ୍ର ମାଝୀ ଏବଂ ସମ୍ମାନିତ ଅତିଥି ଭାବେ ବିଧାୟକ ନବରଙ୍ଗପୁର ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଗୌରୀ ଶଙ୍କର ମାଝୀ, ଜିଲ୍ଲାପାଳ ଡ. ମହେଶ୍ୱର ସ୍ୱାଇଁ ଯୋଗ ଦେଇ ଜମି ଅଧିଗ୍ରହଣ ଯୋଗୁଁ ନନ୍ଦାହାଣ୍ଡି ତହସିଲର ଜମି ହରାଇଥିବା ୧୪୪ ଜଣ ବ୍ୟକ୍ତିଙ୍କୁ ୧୫୩ କୋଟିଟଙ୍କା ର ଅର୍ଥରାଶି ଚେକ୍ ମାଧ୍ୟମରେ ପ୍ରଦାନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବିଶ୍ୱଜିତ୍ ଚନ୍ଦ୍ର ବର୍ମନ, ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର, କୁଞ୍ଜ ବିହାରୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଏହି ପ୍ରକଳ୍ପ ନିମନ୍ତେ ନନ୍ଦାହାଣ୍ଡି ତହସିଲର ଦହିଭଟା, ନୁଆଗୁଡା, ଗଦବାଗୁଡା, ସିନ୍ଧିଗୁଡା ମୌଜାର ୧୦୮.୫୫ ଏକର ଜମି ଅଧିଗ୍ରହଣ କରାଯାଇଛି ଏବଂ ଏହି ପ୍ରକଳ୍ପ ପାଇଁ ୫.୧୩ ଏକର ସରକାରୀ ଜମି ମଧ୍ୟ ଅଧିଗ୍ରହଣ ହୋଇଛି। ମୁଖ୍ୟ ଅତିଥି ଏହି ଅବସରରେ ରେଳ ପ୍ରକଳ୍ପ ଯୋଗୁଁ ନବରଙ୍ଗପୁର ଜିଲ୍ଲାବାସୀଙ୍କ ବହୁଦିନର ସ୍ୱପ୍ନ ପୂରଣ ହେବ ବୋଲି କହିଥିଲେ। ନିଜ ବକ୍ତବ୍ୟରେ କେନ୍ଦ୍ର ସରକାରଙ୍କ ଓଡ଼ିଶା ରାଜ୍ୟରେ ରେଳ ପ୍ରକଳ୍ପ ବିକାଶ ପାଇଁ ୧୦,୦୦୦ କୋଟି ଟଙ୍କାର ବ୍ୟୟବରାଦକୁ ପ୍ରଶଂସା କରିବା ସହ ଭାରତ ମାଳା ରାସ୍ତା, ଜୟପୁର ବ୍ରହ୍ମପୁର ୬ ଟିକିଆ ରାସ୍ତା, ମେଡିକାଲ କଲେଜ, ବ୍ଲକ୍ ଷ୍ଟାଡିୟମ୍ , ଆଦର୍ଶ ବିଦ୍ୟାଳୟ, ଦକ୍ଷତା ବିକାଶ ଉପରେ ଗୁରୁତ୍ୱ ଦେଇ ଏହା ଜିଲ୍ଲାର ବିକାଶରେ ବିଶେଷ ସହାୟକ ହେବ ବୋଲି କହିଥିଲେ। ସାଂସଦ ନିଜ ବକ୍ତବ୍ୟରେ ଏହି ରେଳ ପ୍ରକଳ୍ପ ନବରଙ୍ଗପୁର ଜିଲ୍ଲାବାସୀଙ୍କ ବହୁ ଦିନର ଦାବି ଓ ସ୍ୱପ୍ନକୁ ପୂରଣ କରିବ ଏବଂ ଡିସେମ୍ବର ସୁଦ୍ଧା ଖୁବ୍‌ଶୀଘ୍ର ରେଳପଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି କହିବା ସହ ରେଳ ପ୍ରକଳ୍ପରେ ଜମି ଦେଇଥିବା ବ୍ୟକ୍ତିଙ୍କୁ ଭୂୟସୀ ପ୍ରଶଂସା କରିଥିଲେ। ପ୍ରକାଶ ଥାଉ କି ପ୍ରସ୍ତାବିତ ଜୁନାଗଡ-ନବରଙ୍ଗପୁର ,ନବରଙ୍ଗପୁର-ଜୟପୁର ଏବଂ ମାଲକାନଗିରି- ଭଦ୍ରାଚଳମ ମୋଟ ୪୬୦ କିମି ସ୍ୱାଧୀନ ଭାରତର ଦ୍ୱିତୀୟ ବୃହତ୍ତମ ରେଳପଥ ପ୍ରକଳ୍ପ ଅଟେ। କାର୍ଯ୍ୟକ୍ରମରେ ଜମି ହରାଇ କ୍ଷତି ପୂରଣ ପାଇଥିବା ବ୍ୟକ୍ତି, ସାଂସଦ ପ୍ରତିନିଧି ଜ୍ୟୋତି ରଞ୍ଜନ କଂସ, ତହସିଲଦାର ନନ୍ଦାହାଣ୍ଡି ଚନ୍ଦ୍ରହାସ ମହାନନ୍ଦିଆ, ତହସିଲଦାର ନବରଙ୍ଗପୁର ଭୋଳେଶ୍ୱର ନାୟକ,ବି ଡି ଓ ନବରଙ୍ଗପୁର ସୁନିଲ ଖରା, ଡିଆଇପିଆର୍‌ଓ ମନୋଜ ବେହେରାଙ୍କ ସମେତ ଅନେକ ହିତାଧିକାରୀ, ବୁଦ୍ଧିଜୀବୀ, ସ୍ଥାନୀୟ ଜନ ସାଧାରଣ, ଛାତ୍ରଛାତ୍ରୀ,ତହସିଲ କାର୍ଯ୍ୟାଳୟ କର୍ମଚାରୀ, ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ।

# ପୌର ପରିଷଦ ପକ୍ଷରୁ ଜନକଲ୍ୟାଣ ମେଳା

ରାୟଗଡ଼,୨୩।୬(ସମିସ): ଆଜି ରାୟଗଡା ପୌର ପରିଷଦ ପକ୍ଷରୁ ରାୟଗଡ଼ା ବିଜୁ ପଟ୍ଟନାୟକ ଅଡିଟୋରିୟମ୍ ପରିସରରେ ଜିଲ୍ଲାସ୍ତରୀୟ ଜନ କଲ୍ୟାଣ ମେଳା ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ରାୟଗଡ଼ ଜିଲ୍ଲା ନଗର ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅକ୍ଷୟ କୁମାର ଖେମୁଣ୍ଡ, ମୁଖ୍ୟ ଏଟିଆଇଟିଏଚଆଇ ଭାବେ ଯୋଗଦାନ କରିଥିଲେ। ତାଙ୍କ ସହିତ ପୌର ପରିଷଦର ଅଧ୍ୟକ୍ଷ ପି. ମହେଶ ପଟ୍ଟନାୟକ, ପୌର ପରିଷଦର ସମସ୍ତ କାଉନ୍‌ସିଲର, ଜିଲ୍ଲା ମିଶନ ମ୍ୟାନେଜର, ଟିମ୍ ଲିଡର୍ଡ୍ରୁଡା, ଏଲ.ଡି.ଏମ, କମ୍ୟୁନିଟି ଅର୍ଗାନାଇଜର ଏବଂ ପୌର ପରିଷଦର ଅନ୍ୟାନ୍ୟ କର୍ମଚାରୀମାନଙ୍କ ସକ୍ରିୟ ସହଯୋଗ ଓ ଅବଦାନ ଯୋଗୁଁ କାର୍ଯ୍ୟକ୍ରମଟି ସଫଳ ଭାବେ ସମ୍ପନ୍ନ ହୋଇଥିଲା। ରାୟଗଡ଼ ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ସମଗ୍ର କାର୍ଯ୍ୟକ୍ରମକୁ ସଂଯୋଜନା ଓ ପରିଚାଳନା କରିଥିଲେ। ଏହି ଜନ କଲ୍ୟାଣ ମେଳାରେ ରାସ୍ତା ପାଶ୍ୱର୍ ବ୍ୟବସାୟୀମାନଙ୍କୁ ବିଭିନ୍ନ ସାମାଜିକ ସୁରକ୍ଷା ଏବଂ କଲ୍ୟାଣମୂଳକ ଯୋଜନା ସହିତ ସଂଯୋଗ କରାଯାଇଥିଲା। ସେମାନଙ୍କୁ ପିଏମ ଜୀବନ ଜ୍ୟୋତି ବୀମା ଯୋଜନା, ପିଏମ ଜୀବନ ସୁରକ୍ଷା ବୀମା ଯୋଜନା, ନିର୍ମାଣ ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ, ପିଏମ୍ ଶ୍ରମଯୋଗୀ ମାନଧନ ଯୋଜନା, ପିଏମ ଜନଧନ ଯୋଜନା, ଜନନୀ ସୁରକ୍ଷା ଯୋଜନା, ମାତୃବନ୍ଦନା ଯୋଜନା ଆଦି ସମେତ ୮ଟି ଗୁରୁତ୍ୱପୂର୍ଣ୍ଣ ଯୋଜନାରେ ସଂଯୋଗ କରାଯାଇଥିଲା। କାର୍ଯ୍ୟକ୍ରମରେ ମୋଟ ୧୨୩ ଜଣ ନୂତନ ରାସ୍ତା ପାଶ୍ୱର୍ ବ୍ୟବସାୟୀଙ୍କୁ ଚିହ୍ନଟ କରାଯାଇଥିଲା। ନୂତନ ଭାବେ ମଞ୍ଜୁର ହୋଇଥିବା ଋଣ ରାଶିକୁ ଦୁଇଜଣ ରାସ୍ତା ପାଶ୍ୱର୍ ବ୍ୟବସାୟୀଙ୍କୁ ପ୍ରକଳ୍ପ ନିର୍ଦ୍ଦେଶକ ସ୍ୱହସ୍ତରେ ଚେକ ପ୍ରଦାନ କରି ସମ୍ମାନିତ କରିଥିଲେ। ୧୦ ଜଣ ନୂତନ ରାସ୍ତା ପାଶ୍ୱର୍ ବ୍ୟବସାୟୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରାସ୍ତା ପାଶ୍ୱର୍ ବ୍ୟବସାୟୀମାନଙ୍କ ଦକ୍ଷତା ବୃଦ୍ଧି ଓ ନିରାପଦ ଖାଦ୍ୟ ବିକ୍ରୟକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଖାଦ୍ୟ ସୁରକ୍ଷା ଓ ସ୍ୱଚ୍ଛତା ସମ୍ପର୍କିତ




ଏକ ଦକ୍ଷତା ବିକାଶ ପ୍ରଶିକ୍ଷଣ ମଧ୍ୟ ଆୟୋଜିତ ହୋଇଥିଲା। ଏହି ପ୍ରଶିକ୍ଷଣରେ ଅଂଶଗ୍ରହଣକାରୀ ବ୍ୟବସାୟୀମାନଙ୍କୁ ସ୍ୱଚ୍ଛ ଓ ନିରାପଦ ଖାଦ୍ୟ ପ୍ରସ୍ତୁତି, ସଂରକ୍ଷଣ ଓ ବିକ୍ରୟ ସମ୍ପର୍କରେ ସଚେତନ କରାଯାଇଥିଲା। ଏହି ଜନ କଲ୍ୟାଣ ମେଳା ମାଧ୍ୟମରେ ରାସ୍ତା ପାଶ୍ୱର୍ ବ୍ୟବସାୟୀମାନଙ୍କୁ ସରକାରଙ୍କ ବିଭିନ୍ନ କଲ୍ୟାଣମୂଳକ ଯୋଜନାର ସୁବିଧା ସହିତ ସଂଯୋଗ କରାଯାଇ ସେମାନଙ୍କ ସାମାଜିକ ଓ ଆର୍ଥିକ ସୁରକ୍ଷା ସୁନିଶ୍ଚିତ କରିବା ଦିଗରେ ରାୟଗଡ଼ ପୌର ପରିଷଦ ତରଫରୁ ଉଲ୍ଲେଖନୀୟ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ମୁଖ୍ୟ ଅତିଥି ଶ୍ରୀ ଖେମୁଣ୍ଡ ପ୍ରକାଶ କରିଥିଲେ

**■ ଜେକେ କାଗଜକଳର ଗାତ ପାଲଟିଛି ବିପଦ**

# ଜେସିବିରେ ଗାତରୁ ଉଦ୍ଧାର ହେଲା ଗାଈ



ରାୟଗଡ଼,୨୩।୬(ସମିସ): ରାୟଗଡ଼ ଜିଲ୍ଲା ସଦର ବ୍ଲକ ଜେକେପୁର ସହରର ଏସବିଆଇ ରାସ୍ତାରୁ ସାନ ଚାନ୍ଦିଲି ଗ୍ରାମକୁ ଯାଇଥିବା ରାସ୍ତା ପାଶ୍ୱର୍ରେ ଥିବା ଜେକେ କାଗଜକଳର କଲୋନୀ ନିକଟରେ ଆଜି ସକାଳେ ଏକ ଗାଈ ପ୍ରାୟ ୮ ଫୁଟ ଗଭୀର ଗାତରେ ପଡ଼ିଯାଇଥିଲା। କମ୍ପାନୀ ଓ କଲୋନୀରୁ ନିର୍ଗତ ଅପରିଷ୍କାର ପାଣି ନିଷ୍କାସନ ପାଇଁ ଖୋଳାଯାଇଥିବା ଏହି ଗାତରେ ଗାଈଟି ପଡ଼ିବା ପରେ ସ୍ଥାନୀୟ ଅଞ୍ଚଳରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ନିକଟସ୍ଥ ପଡ଼ିଆରେ ଖେଳୁଥିବା ଯୁବକମାନେ ଘଟଣା ଦେଖି ତୁରନ୍ତ ଜେକେ କାଗଜ କଳ କର୍ତ୍ତୃପକ୍ଷ ଓ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ସୂଚନା ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲା। ଗାତଟି ଗଭୀର ହୋଇଥିବାରୁ ପରେ ଏକ ଜେସିବି ମେସିନ ସହାୟତାରେ ମୋଟା ଦଉଡ଼ିରେ ଗାଈକୁ ବାନ୍ଧି ସୁରକ୍ଷିତ ଭାବେ ଉପରକୁ ଉଦ୍ଧାର କରାଯାଇଥିଲା। ସ୍ଥାନୀୟ ଲୋକଙ୍କ କହିବାନୁସାରେ, ଏହି ଖୋଲା ଗାତରେ ବାରମ୍ବାର ଗୃହପାଳିତ ପଶୁ ଓ ଲୋକମାନେ ପଡ଼ି ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଏନେଇ ବାରମ୍ବାର କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଉଥିଲେ ମଧ୍ୟ ସ୍ଥାୟୀ ସମାଧାନ କରାଯାଉ ନଥିବା ଅଭିଯୋଗ ହେଉଛି। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ଯୁବଗୋଷ୍ଠୀ ଓ ବାସିନ୍ଦାମାନେ ଦାବି କରିଛନ୍ତି ଯେ, ଲୋକ ଓ ପଶୁଙ୍କ ସୁରକ୍ଷା ଦୃଷ୍ଟିରୁ ଉକ୍ତ ଗାତକୁ ତୁରନ୍ତ ମାଟି ପକାଇ ପୋତି ଦିଆଯାଉ କିମ୍ବା କଂକ୍ରିଟ ପ୍ଲେଟ ପକାଇ ସମ୍ପୂର୍ଣ୍ଣ ଭାବେ ଘୋଡ଼ାଇ ଦିଆଯାଉ। ତେବେ ଏନେଇ ଜେକେ କାଗଜ କଳ କର୍ତ୍ତୃପକ୍ଷଙ୍କ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

# ଦୁଇ ବିଦ୍ୟାଳୟରେ ଯୋଗ ଦିବସ କାର୍ଯ୍ୟକ୍ରମ



କୋଟପାଡ,୨୩।୬ (ସମିସ): ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ୧୨ତମ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଏଥିରେ ସମସ୍ତ ଛାତ୍ରୀ ଏବଂ ଏସ୍‌ଏଚ୍‌ଜି ଗ୍ରୁପର ମାଆ ମାନେ ଉପସ୍ଥିତ ଥିଲେ। ସାଂସଦ ପ୍ରତିନିଧି ଚନ୍ଦ୍ରଶେଖର ଦାଶ, ବିଦ୍ୟାଳୟ ପରିଚାଳାନା କମିଟିର ଅଧ୍ୟକ୍ଷ ସୁଧୀର ଚନ୍ଦ୍ର ମହାନ୍ତି, ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ସବିତା ମାଦଳା, ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଦମୟନ୍ତୀ ସାହୁ, ରତିକାନ୍ତ ମହାନ୍ତି, ସଇତା ଗୋଲାରୀ , ସସ୍ମିତା ରନ୍ଧାରୀ, ମହିମା ମୁଣ୍ଡ, ଆକାଶ ବିଭାର, ରୂପସୀ ମହାନ୍ତି,ବନିତା ମହାନ୍ତି, ପ୍ରିୟଦର୍ଶିନୀ ମଣ୍ଡଳ,ଶୁଭାଶିଷ ପଣ୍ଡା, ଅଜୟ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଯୋଗ ଅଭ୍ୟାସରେ ଯୋଗ ଦେବା ସହିତ କାର୍ଯ୍ୟକ୍ରମକୁ ପରିଚାଳନାରେ ସାହାଯ୍ୟ କରିଥିଲେ। ବିଦ୍ୟାଳୟର କ୍ରୀଡ଼ା ଶିକ୍ଷୟିତ୍ରୀ ଶ୍ରୁଶ୍ରୀ ପ୍ରଭାସିନୀ ଲିମାଲ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହ ଯୋଗ ଅଭ୍ୟାସ କରିଥିଲେ। ସମସ୍ତ ଅତିଥି ମାନେ ଯୋଗର ମହତ୍ୱ ବିଷୟରେ ବର୍ଣ୍ଣନା କରି ଏହାକୁ କିପରି ଦୈନନ୍ଦିନ ଜୀବନରେ ପ୍ରତିଫଳିତ କରିହେବ ସେ ନେଇ ଆଲୋକପାତ କରିଥିଲେ। ଶେଷରେ ପ୍ରଧାନ ଶିକ୍ଷୟିତ୍ରୀ ଦମୟନ୍ତୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ଏକଲବ୍ୟ ଆବାସିକ ବିଦ୍ୟାଳୟ ଡାମଣାହାଣ୍ଡିଠାରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟ ସମସ୍ତ ୪୪୪ ଜଣ ଛାତ୍ରଛାତ୍ରୀ ଉପସ୍ଥିତ ରହି ଯୋଗ ଅଭ୍ୟାସ କରିଥିଲେ। ବିଜେପି ନେତା ଗୌରାଙ୍ଗ ନାୟକ ଉପସ୍ଥିତ ରହି ଯୋଗର ମହତ୍ତ୍ୱ ବିଷୟରେ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରିନ୍‌ସିପାଲ ନିରଞ୍ଜନ କୁମାର ନୀରାଲାଙ୍କ ସହ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ସମସ୍ତ କର୍ମଚାରୀ ଉପସ୍ଥିତ ରହି ଯୋଗ ଅଭ୍ୟାସ କରିଥିଲେ।

## ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ପ୍ରଶାନ୍ତ ପଟ୍ଟନାୟକଙ୍କ ପରଲୋକ



ରାୟଗଡ, ୨୩।୬(ସମିସ): ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ପ୍ରଶାନ୍ତ ପଟ୍ଟନାୟକ(୬୯)ଙ୍କର ଗତ ୨୧ ତାରିଖ ରାତିରେ ହୃଦଘାତରେ ପରଲୋକ ଘଟିଛି। ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ତୁରନ୍ତ ଜିଲ୍ଲା ମୁଖ୍ୟ ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କର ଶେଷ ସମୟ ବେଳେ ପାଖରେ ଧର୍ମପତ୍ନୀ କଲ୍ୟାଣୀ କୁମାରୀ ପାତ୍ର, ପୁତ୍ର ଦେବୀ ପ୍ରସାଦ ପଟ୍ଟନାୟକ, କନ୍ୟା ପ୍ରକଳ୍ପିନୀ ପଟ୍ଟନାୟକ, ଜ୍ୱାଇଁ ପ୍ରମୋଦ ପଟ୍ଟନାୟକ, ବଡ଼ଭାଇ ପ୍ରଦୀପ ପଟ୍ଟନାୟକ ଓ ପ୍ରମୋଦ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଆଦର୍ଶ ଶିକ୍ଷକଭାବେ ସେ ମାତ୍ର ୪୨ ବର୍ଷ ବୟସରେ ରାଜ୍ୟପାଳ ପୁରସ୍କାର ପାଇ ସମଗ୍ର ରାୟଗଡ଼ ଜିଲ୍ଲାପାଇଁ ଗୌରବ ଆଣିଥିଲେ। ୨୦୧୦ -୧୧ ଆର୍ଥିକ ବର୍ଷରେ ସେ ଉଭୟ ପ୍ରକୃତି ମିତ୍ର ଓ ପ୍ରକୃତି ବନ୍ଧୁ ସମ୍ମାନ ଲାଭ କରିଥିଲେ। ଏତଦବ୍ୟତୀତ ରାଜ୍ୟ ଜନଶିକ୍ଷା ସାଧନ କେନ୍ଦ୍ରର ଶ୍ରେଷ୍ଠ ସ୍ୱେଚ୍ଛାସେବୀଭାବେ ସମ୍ମାନିତ ହୋଇଥିଲେ। ଦୀର୍ଘଦିନ ଧରି ରାୟଗଡ ଜିଲ୍ଲା ଶିକ୍ଷକ ସଂଘର ସଭାପତି ମଧ୍ୟ ରହିଥିଲେ। ରାୟଗଡ ଜିଲ୍ଲା ବିଜେପି ସଙ୍ଗଠନରେ ସେ ଜଣେ ପ୍ରମୁଖ ପଦାଧିକାରୀ ରହିଥିଲେ। ରାୟଗଡ ସହରରେ ବିଭିନ୍ନ ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ ସହ ଜଡ଼ିତ ରହି ସେ ସମସ୍ତଙ୍କ ପ୍ରିୟ ଓ ପ୍ରଶଂସିତ ହୋଇ ଆସିଥିଲେ। ସେ ଅଟଳ ବିହାରୀ ବାଜପେୟୀ ସ୍ମୃତି ସଂସଦର ପ୍ରତିଷ୍ଠାତା ସଦସ୍ୟ ମଧ୍ୟ ଥିଲେ। ସ୍ମୃତି ସଂସଦ ର ଆବାହକ କୀର୍ତ୍ତିଚନ୍ଦ୍ର ସାହୁ, ରାୟଗଡ ଟ୍ରକ ମାଲିକ ସଂଘ ସଭାପତି ୟାଲା ଭେଙ୍କେଟେଶ୍ୱର ରାଓ, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ର ସଦସ୍ୟ ରାମ ଚନ୍ଦ୍ର ସାହୁ ପ୍ରମୁଖ ଗଭୀର ଶୋକ ପ୍ରକଟ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ସ୍ଥାନୀୟ ଅଗ୍ରଣୀ ଅନୁଷ୍ଠାନ 'ଆଜାଦ ହିନ୍ଦ ଆସୋସିଏସନ' ତରଫରୁ ୨୨ ତାରିଖ ସନ୍ଧ୍ୟାରେ ଏକ ମିଳିତ ଶୋକସଭାର ଆୟୋଜନ କରାଯାଇଥିଲା। ତାଙ୍କର ବିୟୋଗରେ ସହରର ପ୍ରମୁଖ ବ୍ୟକ୍ତିବିଶେଷଙ୍କ ମଧ୍ୟରେ ପ୍ରାଧ୍ୟାପକ ଦୁଷ୍ମନ୍ତ ମହାନ୍ତି, ସୁଶାନ୍ତ କୁମାର ନାୟକ, ସତ୍ୟ ନାରାୟଣ ଗନ୍ତାୟତ, ଆଶୁତୋଷ ପାତ୍ର, ନୀଳମଣି ପାଟଯୋଶୀ, ବିନାୟକ କର, ଦ୍ୱିତୀଚନ୍ଦ୍ର ସାହୁ, କୀର୍ତ୍ତିଚନ୍ଦ୍ର ସାହୁ, ଶିବ ନାରାୟଣ ମିଶ୍ର, ରାଜେଶ ପାଢ଼ୀ, ତ୍ରିବେଣୀ ମିଶ୍ର, ମଞ୍ଜୁଶ୍ରୀ ମୁଖାର୍ଜୀ, ମହାଶ୍ୱେତା ମିଶ୍ର, କଲ୍ୟାଣୀ ସାସମଲ, ଅରୁଣ ପାଣିଗ୍ରାହୀ, ରାମଚନ୍ଦ୍ର ପଟ୍ଟନାୟକ, କାଳି ଚରଣ ରଥ, ଗୋବିନ୍ଦ ରଥ, ଲୋକନାଥ ପଣ୍ଡା, ତ୍ରିନାଥ ଖାଡଙ୍ଗା, ସୁବାସ ବେହେରା, ଶ୍ରୀଧର ପଟ୍ଟନାୟକ, ବିମଳ ଚାନ୍ଦ ପଟ୍ଟନାୟକ, ଶିବ ନାରାୟଣ ଗୌଡ଼, ଆଶିଷ ପଣ୍ଡା ଓ ହୃଷୀକେଶ ରଥ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି।

# 'ବିକାଶ ଧାରା, ଓଡ଼ିଶା ସାରା' କାର୍ଯ୍ୟକ୍ରମ



ନାରାୟଣପଟଣା,୨୩।୬ (ସମିସ): ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଓ କେନ୍ଦ୍ର ସରକାରଙ୍କ ୧୨ ବର୍ଷ ପୂର୍ତ୍ତି ଅବସରରେ ନାରାୟଣପଟଣା ଗ୍ରାମ ପଞ୍ଚାୟତ ନାଟ୍ୟ ମଣ୍ଡପ ପରିସରରେ ପଞ୍ଚାୟତସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ନାରାୟଣପଟଣା ସରପଞ୍ଚ ରେବତୀ କୁନ୍ଦାରୀୟାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସରକାରଙ୍କ ବିଭିନ୍ନ ଜନକଲ୍ୟାଣମୂଳକ ଯୋଜନା, ବିକାଶମୂଳକ ପଦକ୍ଷେପ ଏବଂ ଉଲ୍ଲେଖନୀୟ ସଫଳତା ସମ୍ପର୍କରେ ଆଲୋଚନା କରାଯାଇଥିଲା। ସମ୍ମିଳନୀରେ ବାର୍ଦ୍ଧକ୍ୟ ଭତ୍ତା, ରାସନ କାର୍ଡ ବଣ୍ଟନ, ମହିଳା ସଶକ୍ତିକରଣ, ସାମାଜିକ ସୁରକ୍ଷା, ଗ୍ରାମ୍ୟ ଓ ଭିତ୍ତିଭୂମି ବିକାଶ, ସ୍ୱାସ୍ଥ୍ୟସେବା ଏବଂ ପାନୀୟ ଜଳ ଯୋଗାଣ ଭଳି ବିଭିନ୍ନ କ୍ଷେତ୍ରରେ ସରକାରଙ୍କ କାର୍ଯ୍ୟକ୍ରମ ଓ ସଫଳତା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ବିଶେଷ କରି ପଞ୍ଚାୟତ ଅଞ୍ଚଳର ବହୁ ସଂଖ୍ୟକ ମହିଳା ଏଥିରେ ଯୋଗଦେଇ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ଅବଗତ ହେବାର ସୁଯୋଗ ପାଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଗୋଲାଦି ତ୍ରିନାଥ ଯୋଗଦେଇ ସରକାରଙ୍କ ବିକାଶମୂଳକ କାର୍ଯ୍ୟକ୍ରମ ଲୋକଙ୍କ ନିକଟରେ ପହଞ୍ଚିବା ଦିଗରେ ଏଭଳି ସମ୍ମିଳନୀର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥୀ ରମେଶ ଦାସ, ନାଏବ ସରପଞ୍ଚ ଟି ଶ୍ରୀନିବାସ, ଆଇ ରାମସେଠ ଯୋଗଦେଇ ସରକାରଙ୍କ ଜନମୁଖୀ ଯୋଜନାଗୁଡ଼ିକର ସଫଳ ରୂପାୟନ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବୟବନ୍ଧୁ ଯୋଜନାରେ ସ୍ୱାସ୍ଥ୍ୟ ବୀମା କାର୍ଡ ଏବଂ ଅନ୍ନପୂର୍ଣ୍ଣା ଯୋଜନାରେ ଯୋଗ୍ୟ ହିତାଧିକାରୀମାନଙ୍କୁ କାର୍ଡ ବଣ୍ଟନ କରାଯାଇଥିଲା। ଏହି ଅବସରରେ ସମସ୍ତ ମେମ୍ବର, ସମିତି ସଭ୍ୟା ଙ୍କ ସମେତ ପଞ୍ଚାୟତର ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ପଞ୍ଚାୟତ ନିର୍ବାହୀ ଅଧିକାରୀ ରମେଶ ଚନ୍ଦ୍ର ଡୁଳ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ରାଜ କୁମାର ସାରଥୀ, ଯୋଗାଣ ସହାୟକ ମନୋଜ କୁମାର ଘଣ୍ଟ, ଶିବାଜୀ ପଟ୍ଟନାୟକ ସହଯୋ କରିଥିଲେ।

**● ଡିଏଚ୍‌ଏଚ୍‌ରେ କାର୍ଯ୍ୟକ୍ଷମ ହେଉନି ଆରକ୍ଷୀ କକ୍ଷ**

# ପୁଲିସ କର୍ମଚାରୀ ମୁତୟନ ପାଇଁ ଦାବି

ରାୟଗଡ଼, ୨୩।୬(ସମିସ): ରାୟଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ (ଡିଏଚଏଚ) ପରିସରରେ ନିର୍ମିତ ଆରକ୍ଷୀ କକ୍ଷ ବହୁଦିନ ଧରି କାର୍ଯ୍ୟକ୍ଷମ ହୋଇନଥିବାରୁ ହସ୍ପିଟାଲର ସୁରକ୍ଷା ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠିଛି। ମେଡିକାଲ କର୍ତ୍ତୃପକ୍ଷ ପକ୍ଷରୁ ପ୍ରାୟ ଦଶ ଥର ଲିଖିତ ଭାବେ ଅନୁରୋଧ କରାଯାଇଥିଲେ ମଧ୍ୟ ଆରକ୍ଷୀ କକ୍ଷରେ ପୋଲିସ କର୍ମଚାରୀ ମୁତୟନ ପାଇଁ ସ୍ଥାନୀୟ ଥାନା। ଆଇଆଇସି କୌଣସି ପଦକ୍ଷେପ ନେଇନଥିବା କହିଛନ୍ତି ଡିଏଚଏଚର ଡିଏମଓ ତଥା ଅଧୀକ୍ଷକ ଡା. ପ୍ରଶାନ୍ତ କୁମାର ମିଶ୍ର। ଏହି ପ୍ରସଙ୍ଗ ସାମ୍ନାକୁ ଆସିବା ପରେ ସ୍ଥାନୀୟ ବିଧାୟକ କାଡ୍ରକା ଆପଲାସ୍ୱାମୀ ହସ୍ପିଟାଲର ଏଡିଏମଓ ଶ୍ରୀ ମିଶ୍ରଙ୍କ ସହ ଆଲୋଚନା କରିଥିଲେ। ଏହି ସମସ୍ୟାର ସମାଧାନ ପାଇଁ ସେ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ସହ ଆଲୋଚନା କରି ଆବଶ୍ୟକ ପଦକ୍ଷେପ ନେବେ ବୋଲି କହିଛନ୍ତି। ଉଲ୍ଲେଖଯୋଗ୍ୟ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀ ସେବାକୁ କେନ୍ଦ୍ର କରି ଅନେକ ସମୟରେ ହଟ୍ଟଗୋଳ ସୃଷ୍ଟି ହେଉଥିବା ବେଳେ ଚୋରି ଭଳି ଘଟଣା ମଧ୍ୟ ସାମ୍ନାକୁ ଆସିଥାଏ। ଏଭଳି ପରିସ୍ଥିତିରେ ହସ୍ପିଟାଲ ପରିସରରେ ଆରକ୍ଷୀ କକ୍ଷ କାର୍ଯ୍ୟକ୍ଷମ ହୋଇ ସେଠାରେ ପୋଲିସ କର୍ମଚାରୀ ମୁତୟନ ହେଲେ ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ କରିବା ସହଜ ହେବ ଏବଂ ରୋଗୀ, ସମ୍ପର୍କୀୟ ଓ ଚିକିତ୍ସା କର୍ମଚାରୀଙ୍କ ମନରେ ସୁରକ୍ଷାର ଭାବନା ସୃଷ୍ଟି ହେବ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି। ରାୟଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପ୍ରତିଦିନ ଶତାଧିକ ରୋଗୀ ଚିକିତ୍ସା ପାଇଁ ଆସୁଥିବାରୁ ସେମାନଙ୍କ ସୁରକ୍ଷା ଓ ହସ୍ପିଟାଲରେ ଶୃଙ୍ଖଳା ବଜାୟ ରଖିବା ପାଇଁ ଆରକ୍ଷୀ କକ୍ଷକୁ ତୁରନ୍ତ କାର୍ଯ୍ୟକ୍ଷମ କରି ସ୍ଥାୟୀ ଭାବେ ପୋଲିସ କର୍ମଚାରୀ ମୁତୟନ କରିବାକୁ ସାଧାରଣରେ ଦାବି ହେଉଛି।




## ଶ୍ରୀମା ଅରବିନ୍ଦ ଆଶ୍ରମର ପ୍ରମୁଖ ପରିଚାଳିକାଙ୍କ ପରଲୋକ




ନବରଙ୍ଗପୁର,୨୩।୬(ସମିସ): ନବରଙ୍ଗପୁର ଶ୍ରୀମା ଅରବିନ୍ଦ ଆଶ୍ରମର ପ୍ରମୁଖ ପରିଚାଳିକା ସୁଜାତା ପଟ୍ଟନାୟକଙ୍କ ଅକାଳ ବିୟୋଗ ଘଟିଛି। ମଙ୍ଗଳବାର ସକାଳେ ସେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବାପରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଶ୍ରୀମାଙ୍କ ଶ୍ରଦ୍ଧାଳୁ ମାନେ ଆସି ଶେଷ ଦର୍ଶନ କରିବା ସହ ତାଙ୍କ ମର ଶରୀର ନିକଟରେ ୮ ଘଣ୍ଟା ଧରି ନାମ ଜପ କରିଥିଲେ। ପରେ ଅପରାହ୍ନ ୪ରେ ଇନ୍ଦ୍ରାବତୀ ଶ୍ମଶାନ ଘାଟରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି।

**ପାଣି ମାମଲା ଥାନାରେ**

# ରାଇସିଂ ସରପଞ୍ଚଙ୍କ ବିରୋଧରେ ମହିଳାଙ୍କ ଏତଲା



ନନ୍ଦପୁର, ୨୩।୬ (ସମିସ): ପାଣି ପାଇଁ ଥାନାରେ ଅଭିଯୋଗ। ତାହା ପୁଣି ସରପଞ୍ଚଙ୍କ ବିରୋଧରେ। ଏମିତି ଏକ ଘଟଣା ଦେଖିବାକୁ ମିଳିଛି ନନ୍ଦପୁର ବ୍ଲକ୍ ଅନ୍ତର୍ଗତ ରାଇଙ୍ଗି ଗ୍ରାମ ପଞ୍ଚାୟତ ଅଧୀନସ୍ଥ ପେଟାଲ ଗ୍ରାମରେ। ସୂଚନା ଅନୁସାରେ ପେଟାଲ ଗ୍ରାମରେ ପାନୀୟ ଜଳ ସମସ୍ୟା ନେଇ ପେଟାଲ ଗ୍ରାମ ମୁଦୁଲି ସାହରେ ଗତ ଦୁଇ ମାସ ତଳେ ନୂତନ ନଳକୂପ ଖନନ କରାଯାଇଥିଲା। ଉକ୍ତ ସାହିର ୫ ପରିବାର ଉକ୍ତ ନଳକୂପରେ ପାଣି ମୋଟର ସଂଯୋଗ କରି ପାନୀୟ ଜଳ ବ୍ୟବହାର କରିଥିଲେ । ହେଲେ ଗତ ଦୁଇ ଦିନ ହେବ ପାନୀୟ ଜଳ ବ୍ୟବହାରକୁ ନେଇ ବିବାଦ ଦେଖା ଦେଇଛି। ବିବାଦ ବଢ଼ିବା ପରେ ଗ୍ରାମରେ ଥିବା ଦୁଇ ନଳକୂଅରୁ ଯନ୍ତାଂଶ କାଢ଼ି ଦେଇଥିଲେ। ଦୁଇ ନଳକୂଅର ଯନ୍ତାଂଶ କଢ଼ା ଯାଇଥିବା ବେଳେ ସାହିରେ ପାନୀୟ ଜଳ ସମସ୍ୟା ଦେଖା ଦେଇଛି। ଏ ନେଇ ସରପଞ୍ଚଙ୍କ ସହ ପାଟି ତୁଣ୍ଡ ଆରମ୍ଭ ହୋଇ ଥିଲା। ଏହି କଥାକୁ ନେଇ ପାଡୁଆ ଥାନାରେ ଅଭିଯୋଗ ଆଣିଛନ୍ତି ରୁକ୍ମଣୀ ମୁଦୁଲି । ସେପଟେ ଏ ନେଇ ପ୍ରତିକ୍ରିୟା ରଖିଛନ୍ତି ରାଇସିଂ ସରପଞ୍ଚ ଜଗବନ୍ଧୁ ଚେଟି । ସେ କହିଛନ୍ତି ମୁଦୁଲି ସାହିର ସ୍ୱତନ୍ତ୍ର ୫ ପରିବାର ପାଇଁ ଏକ ନଳକୂପ ଖନନ କରାଯାଇଥିଲା। ହେଲେ ଗୋଟିଏ ପରିବାର ଓ ଗୋଟିଏ ସାହି ମଧ୍ୟରେ ଜାତି ପ୍ରଥାକୁ କେନ୍ଦ୍ର କରି ପାନୀୟ ଜଳ ବ୍ୟବହାରକୁ ନେଇ ବିବାଦ ଦେଖା ଦେବାରୁ ନଳକୂଅରୁ ଯନ୍ତାଂଶ କାଢ଼ି ଦିଆଯାଇଛି ବୋଲି ସେ କହିଛନ୍ତି।

## ଭୁଶୁଡ଼ି ଥିବା ସାଇଡ୍ ୱାଲ୍ ନିକଟରେ ଲାଗିଲା ନାଲି ଫିତା

'ସକାଳ' ପ୍ରଭାବ

ପୋଡ଼ାଗଡ଼, ୨୩।୬ (ସମିସ): କୋରାପୁଟରୁ ରାୟଗଡ଼ା ସଂଯୋଗ କରୁଥିବା ୩୨୬ ନଂ ଜାତୀୟ ରାଜପଥର ରୁଣ୍ଡୀଆମ୍ବ ଗ୍ରାମ ନିକଟସ୍ଥ ପୋଲର ସାଇଡ ୱାଲ୍ ଭୁଶୁଡ଼ି ପଡ଼ିବା ନେଇ ଆଜି ଦୈନିକ ଖବରକାଗଜ 'ସକାଳ'ରେ ଖବର ପ୍ରକାଶିତ ହୋଇଥିଲା। ଏହା ପରେ ଚେତିଲେ ଜାତୀୟ ରାଜପଥ କର୍ତ୍ତୃପକ୍ଷ। ମଙ୍ଗଳବାର ଅପରାହ୍ନରେ ଉକ୍ତ ପୋଲକୁ ଆସି ବିଭାଗୀୟ ଅଧିକାରୀ ସ୍ଥିତି ଅନୁଧ୍ୟାନ କରିବା ସହ କଡ଼ରେ ରଖାଯାଇଥିବା ପଥର କାଢି କାଠ ବଲା ଦେଇ ସେଠାରେ ନାଲି ଫିତା ଲଗେଇ ଥିବା ଜଣାପଡ଼ିଛି। ପୂର୍ବରୁ କିଛି ପଥର ଖଣ୍ଡ ରଖା ଯାଇଥିଲା। ତେଣୁ ଗାଡ଼ି ଚାଳକ ମାନେ ଜାଣି ପାରୁ ନଥିଲେ। ନାଲି ଫିତା ଲାଗିବା ପରେ ସମସ୍ତ ଚାଳକ ସତର୍କ ହେବେ ବୋଲି ଅଞ୍ଚଳବାସୀଙ୍କ ସମେତ ଅନେକ ଗାଡ଼ି ଚାଳକ କହିଛନ୍ତି।

## ଖଲିଆଗୁଡ଼ାରେ ପାଗଳ କୁକୁର ଆତଙ୍କ, ୫ ଶିଶୁ ଆହତ

ମୁନିଗୁଡା, ୨୩।୬(ସମିସ):

ରାୟଗଡ ଜିଲ୍ଲା ମୁନିଗୁଡା ବ୍ଲକ ଅଞ୍ଚଳରେ ପାଗଳ କୁକୁର ଆତଙ୍କ ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ଲୋକଙ୍କ ମଧ୍ୟରେ ଭୟର ପରିବେଶ ସୃଷ୍ଟି ହୋଇଛି। କିଛିଦିନ ପୂର୍ବରୁ ଅମ୍ବାଦଳା ହାଟପଦା, ସାହୁ କଲୋନୀ ଓ ଇନ୍ଦିରାପଡା ଅଞ୍ଚଳରେ ଜଣେ ଶିଶୁ ସମେତ ୫ ଜଣ ପାଗଳ କୁକୁର କାମୁଡାରେ ଆହତ ହୋଇ ଚିକିତ୍ସା ପରେ ଘରକୁ ଫେରିଥିଲେ। ଏହାର କିଛିଦିନ ପରେ ପୁଣି ରଘୁବାରୀ ପଞ୍ଚାୟତର ଖଲିଆଗୁଡା ଗ୍ରାମରେ ପାଗଳ କୁକୁର ଆକ୍ରମଣରେ ୫ ଜଣ ଶିଶୁ ଆହତ ହୋଇଥିବା ଜଣାପଡିଛି। ଆହତ ଶିଶୁମାନଙ୍କୁ ତୁରନ୍ତ ଉଦ୍ଧାର କରାଯାଇ କଳାହାଣ୍ଡି ଜିଲ୍ଲାର ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସେଠାରେ ସେମାନଙ୍କର ଚିକିତ୍ସା ଚାଲିଥିବା ସୂଚନା ମିଳିଛି ଲଗାତାର ଭାବେ ବିଭିନ୍ନ ଗ୍ରାମରେ ପାଗଳ କୁକୁର ଆକ୍ରମଣ ଘଟଣା ବଢୁଥିବାରୁ ଲୋକମାନେ ନିଜ ପିଲାଙ୍କ ସୁରକ୍ଷା ନେଇ ଚିନ୍ତିତ ହୋଇପଡିଛନ୍ତି। ଅଞ୍ଚଳବାସୀ ପ୍ରଶାସନ ଓ ପଶୁପାଳନ ବିଭାଗକୁ ତୁରନ୍ତ ହସ୍ତକ୍ଷେପ କରି ପାଗଳ କୁକୁରକୁ ଧରିବା ସହ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରିଛନ୍ତି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ଏଭଳି ଘଟଣା ବାରମ୍ବାର ଘଟୁଥିବାରୁ ଗ୍ରାମବାସୀ ଭୟଭୀତ ଅବସ୍ଥାରେ ରହିଛନ୍ତି। ପ୍ରଶାସନ ଶୀଘ୍ର ପଦକ୍ଷେପ ନ ନେଲେ ଆଗାମୀ ଦିନରେ ଅଧିକ ଲୋକ ଏହାର ଶିକାର ହେବାର ଆଶଙ୍କା ପ୍ରକାଶ ପାଇଛି।

## ରାୟଗଡ଼ ଡିଏଚ୍ଏଚ୍‌ରେ ଦୁଇ ଅକ୍ସିଜେନ୍ ପ୍ଲାଣ୍ଟ ଅଚଳ

# ରୋଗୀ ସେବା ନେଇ ବଢ଼ିଲା ଚିନ୍ତା







ରାୟଗଡ଼, ୨୩।୬(ସମିସ):

କୋଭିଡ୍ ମହାମାରୀ ସମୟରେ ରୋଗୀଙ୍କୁ ନିରବଚ୍ଛିନ୍ନ ଅକ୍ସିଜେନ ଯୋଗାଣ ଲକ୍ଷ୍ୟରେ ପିଏମ୍ କେୟାର୍ସ ଓ ସିଏମ୍ କେୟାର୍ସ ପାଣ୍ଠିରେ ରାୟଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ (ଡିଏଚ୍ଏଚ୍) ପରିସରରେ ସ୍ଥାପିତ ଦୁଇଟି ପିଏସଏ ମେଡିକାଲ ଅକ୍ସିଜେନ ପ୍ଲାଣ୍ଟ ବହୁ ଦିନ ଧରି ଅଚଳ ହୋଇ ପଡ଼ିଥିବା ଘଟଣାକୁ ନେଇ ରୋଗୀ ସେବା ଓ ସ୍ୱାସ୍ଥ୍ୟ ପରିଚାଳନା ଉପରେ ପ୍ରଶ୍ନ ଉଠିଛି। ୨୦୨୧ ମସିହା ଅକ୍ଟୋବର ୭ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭର୍ଚୁଆଲ ମାଧ୍ୟମରେ ପିଏମ୍ କେୟାର୍ସ ପାଣ୍ଠିରେ ସ୍ଥାପିତ ଅକ୍ସିଜେନ ପ୍ଲାଣ୍ଟର ଉଦ୍‌ଘାଟନ କରିଥିଲେ। ଏହି ପ୍ଲାଣ୍ଟ ମାଧ୍ୟମରେ ହସ୍ପିଟାଲର ବିଭିନ୍ନ ୱାର୍ଡକୁ ପାଇପ୍‌ଲାଇନ୍ ଯୋଗେ ଅକ୍ସିଜେନ ଯୋଗାଣର ବ୍ୟବସ୍ଥା କରାଯାଇଥିଲା। କିନ୍ତୁ ବର୍ତ୍ତମାନ ଉଭୟ ଅକ୍ସିଜେନ ପ୍ଲାଣ୍ଟ ଅଚଳ ହୋଇପଡ଼ିଥିବାରୁ ଜରୁରୀ ସମୟରେ ହସ୍ପିଟାଲକୁ ଅକ୍ସିଜେନ ସିଲିଣ୍ଡର ଓ ଅକ୍ସିଜେନ କନ୍‌ସେଣ୍ଟ୍ରେଟର ଉପରେ ନିର୍ଭର କରିବାକୁ ପଡୁଛି। ଫଳରେ ଗୁରୁତର ରୋଗୀଙ୍କ ଚିକିତ୍ସା ବ୍ୟବସ୍ଥା ନେଇ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି। ସୂତ୍ରରୁ ପ୍ରକାଶ, ନିକଟରେ ଅନୁଷ୍ଠିତ ଗଭର୍ଣ୍ଣିଂ ବଡି ବୈଠକରେ ମଧ୍ୟ ଅଚଳ ଅକ୍ସିଜେନ ପ୍ଲାଣ୍ଟ ସମ୍ପର୍କରେ କୌଣସି ଉଚ୍ଚ ପଦସ୍ଥ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯାଇ ନଥିବା କିମ୍ବା ପ୍ରସଙ୍ଗଟି ଉପସ୍ଥାପନ କରାଯାଇ ନଥିବା ଜଣାପଡ଼ିଛି। ରୋଗୀ କଲ୍ୟାଣ ସମିତି ପାଣ୍ଠି ବ୍ୟବହାର କରି ଯାନ୍ତ୍ରିକ ତ୍ରୁଟିର ମରାମତି କରାଯାଇପାରୁଥିବା ସତ୍ତ୍ୱେ ସେ ଦିଗରେ ପଦକ୍ଷେପ ନିଆଯାଇ ନଥିବାକୁ ନେଇ ମଧ୍ୟ ପ୍ରଶ୍ନ ଉଠୁଛି। ଡିଏଚଏଚରେ ଦୁଇଜଣ ମେଡିକାଲ ମ୍ୟାନେଜର ଓ ଜଣେ ଅଧୀକ୍ଷକ କାର୍ଯ୍ୟରତ ଥିବା ସତ୍ତ୍ୱେ ଏଭଳି ଅବ୍ୟବସ୍ଥା କାହିଁକି ସୃଷ୍ଟି ହେଲା, ତାହାକୁ ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଉଛି। ଅକ୍ସିଜେନ ପ୍ଲାଣ୍ଟ ଅଚଳ ଥିବା ଘଟଣା ସାମ୍ନାକୁ ଆସିବା ପରେ ଆଜି ରାୟଗଡ଼ ବିଧାୟକ କାଡ୍ରକା ଆପଲାସ୍ୱାମୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଗସ୍ତ କରିଥିଲେ। ସେ ଏଡିଏମଓ (ମେଡିକାଲ)ଙ୍କ ସହ ଅକ୍ସିଜେନ ପ୍ଲାଣ୍ଟର ସ୍ଥିତି ଓ ରୋଗୀ ସେବା ସମ୍ପର୍କରେ ଆଲୋଚନା କରିବା ସହ ନବଜାତ ଶିଶୁ ସ୍ୱତନ୍ତ୍ର ଯତ୍ନ ୟୁନିଟ୍ (ଏସଏନସିୟୁ) କେନ୍ଦ୍ର ପରିଦର୍ଶନ କରି ସେଠାରେ ଥିବା ଅକ୍ସିଜେନ ବ୍ୟବସ୍ଥାର ସମୀକ୍ଷା କରିଥିଲେ। ସେଠାରେ ୨୪ଟି ଶଯ୍ୟାରେ ଆଜି ପ୍ରାୟ ୨୦ ଜଣ ନବଜାତ ଶିଶୁ ରହିଛନ୍ତି। ରୋଗୀ ସେବାରେ କୌଣସି ବିଘ୍ନ ନ ଘଟିବା ପାଇଁ ତୁରନ୍ତ ଆବଶ୍ୟକୀୟ ପଦକ୍ଷେପ ନେଇ ଅକ୍ସିଜେନ ପ୍ଲାଣ୍ଟକୁ ଶୀଘ୍ର କାର୍ଯ୍ୟକ୍ଷମ କରିବାକୁ ସେ ସମ୍ପୃକ୍ତ ଅଧିକାରୀଙ୍କୁ କହିଥିଲେ। ଏନେଇ ଡିଏମଓ ତଥା ଡିଏଚ୍ଏଚ୍ ଅଧିକ୍ଷକ ଡା. ପ୍ରଶାନ୍ତ କୁମାର ମିଶ୍ର କହିଛନ୍ତି ଯେ, ଅକ୍ସିଜେନ ପ୍ଲାଣ୍ଟରେ ଯାନ୍ତ୍ରିକ ତ୍ରୁଟି ଦେଖାଦେଇଥିବାରୁ ଏହା ଗତକାଲି ରାତି ପ୍ରାୟ ୧୦ଟାରୁ ବନ୍ଦ ରହିଛି। ତେବେ ହସ୍ପିଟାଲରେ ପ୍ରାୟ ୨୦ ଦିନ ପର୍ଯ୍ୟନ୍ତ ଆବଶ୍ୟକ ଅକ୍ସିଜେନ ସିଲିଣ୍ଡରର ପର୍ଯ୍ୟାପ୍ତ ଷ୍ଟାଣ୍ଡବାଇ ବ୍ୟବସ୍ଥା ରହିଛି ଏବଂ ରୋଗୀ ସେବାରେ କୌଣସି ବାଧା ସୃଷ୍ଟି ହେବ ନାହିଁ। ଭୁବନେଶ୍ୱରରୁ ଟେକ୍ନିକାଲ ଟିମ୍ ଆସି ଆବଶ୍ୟକ ଥିବା ଯନ୍ତ୍ରାଂଶଗୁଡ଼ିକୁ ସଜାଡ଼ିଦେବା ପରେ ଅକ୍ସିଜେନ ପ୍ଲାଣ୍ଟ ପୁଣି ସ୍ୱାଭାବିକ ଭାବେ କାର୍ଯ୍ୟକ୍ଷମ ହେବ ବୋଲି ସେ ସୂଚନା ଦେଇଛନ୍ତି। ତେବେ କୋଭିଡ୍ ପରି ଜରୁରୀ ପରିସ୍ଥିତିକୁ ଦୃଷ୍ଟିରେ ରଖି କୋଟି କୋଟି ଟଙ୍କା ବ୍ୟୟରେ ସ୍ଥାପିତ ଏହି ଅକ୍ସିଜେନ ପ୍ଲାଣ୍ଟଗୁଡ଼ିକ ଦୀର୍ଘଦିନ ଧରି ଅଚଳ ରହିବା ଘଟଣା ଜିଲ୍ଲାର ସ୍ୱାସ୍ଥ୍ୟ ପରିଚାଳନା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହାର ତୁରନ୍ତ ମରାମତି କରି ପୁଣି କାର୍ଯ୍ୟକ୍ଷମ କରିବାକୁ ସାଧାରଣ ଲୋକ ଦାବି କରିଛନ୍ତି।

➤ ସ୍ଥିତି ପରଖିଲେ ରାୟଗଡ଼ ବିଧାୟକ
➤ ସିଲିଣ୍ଡର ମହଜୁଦ ଅଛି : ଅଧିକ୍ଷକ

## ନବରଙ୍ଗପୁର ସାଂସଦଙ୍କ ନନ୍ଦାହାଣ୍ଡି ଗସ୍ତ



ନନ୍ଦାହାଣ୍ଡି, ୨୩।୬(ସମିସ): ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ ନନ୍ଦାହାଣ୍ଡି ବ୍ଲକ ଗସ୍ତ କରିଥିଲେ। ବ୍ଲକର ଦହଣା ଗ୍ରାମରେ ବିଭିନ୍ନ ବିଶିଷ୍ଟ ବ୍ୟକ୍ତିଙ୍କ ସହ ବାର୍ତ୍ତାଳାପ କରିବା ପୂର୍ବରୁ ସ୍ଥାନୀୟ ସ୍ୱର୍ଗତ ଗଦାଧର ତ୍ରିପାଠୀଙ୍କ ପରିବାରବର୍ଗଙ୍କ ସହ ଆଲୋଚନା କରିଥିଲେ। ସ୍ୱର୍ଗତ ତ୍ରିପାଠୀ ଜଣେ ଏକାଧାରରେ ସମାଜସେବୀ, ସାମ୍ବାଦିକ ଓ ବିଜେପିର ନବରଙ୍ଗପୁର ଜିଲ୍ଲା ଉପସଭାପତି ଦାୟିତ୍ୱ ମଧ୍ୟ ତୁଲାଇଥିଲେ। ଉକ୍ତ ଗ୍ରାମର ରାଷ୍ଟ୍ରପତି ପୁରସ୍କୃତ ଅବସରପ୍ରାପ୍ତ ଶିକ୍ଷକ ଶରତ ଚନ୍ଦ୍ର ଦାସ, ଅବସରପ୍ରାପ୍ତ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପଦ୍ମ ରଞ୍ଜନ ଦାସ, ଅବସରପ୍ରାପ୍ତ ଶିକ୍ଷକ ଶିବ ପ୍ରସାଦ ତ୍ରିପାଠୀ, ଅଗ୍ରଣୀ ଚାଷୀ ସତ୍ୟନାରାୟଣ ରଥ ଓ ଅବସରପ୍ରାପ୍ତ ଉଚ୍ଚ ବିଦ୍ୟାଳୟ କିରାଣୀ ଶରତ ଚନ୍ଦ୍ର ତ୍ରିପାଠୀ ପ୍ରମୁଖଙ୍କୁ ଭେଟି ଆଲୋଚନା କରିଥିଲେ। କେନ୍ଦ୍ରର ନରେନ୍ଦ୍ର ମୋଦୀଙ୍କ ବାର ବର୍ଷ ଶାସନ ଓ ଓଡ଼ିଶାର ମୋହନ ଚରଣ ମାଝୀଙ୍କ ଦୁଇ ବର୍ଷ ଶାସନ କାଳର ଉପଲବ୍‌ଧ ବିଷୟରେ ଆଲୋଚନା କରିଥିଲେ। ସ୍ଥାନୀୟ ଶ୍ମଶାନରେ ଉନ୍ନତିମୂଳକ କାର୍ଯ୍ୟ ପ୍ରଗତିରେ ଅବଦାନ ଥିବାରୁ ଲୋକମାନେ ସାଂସଦଙ୍କୁ ପ୍ରଶଂସା କରିବା ସହ ଧନ୍ୟବାଦ ଜଣାଇଥିଲେ। ଏହି ଗସ୍ତ ସମୟରେ ନନ୍ଦାହାଣ୍ଡ ସାଂସଦ ପ୍ରତିନିଧି ଜାନକୀ କାନ୍ତ ବିଷୋୟୀ, ତେନ୍ତୁଳିଖୁଣ୍ଟି ବ୍ଲକ ସାଂସଦ ପ୍ରତିନିଧି ସନ୍ତୋଷ କୁମାର ପାତ୍ର, ବିଜେପି ଜିଲ୍ଲା ଉପ ସଭାପତି ସନାତନ ତ୍ରିପାଠୀ, ଡଙ୍ଗର ଭେଜା ମଣ୍ଡଳ ସଭାପତି ଭାବଗ୍ରାହୀ ବେହେରା ଏବଂ ଦଳୀୟ କର୍ମୀ ଭାବେ ଶ୍ରୀନିବାସ ଶତପଥୀ, ଦେବୀ ପ୍ରସାଦ ମହାପାତ୍ର, ବୁଦୁ ଜାନୀ ଓ ଗୌର ହରି ଶତପଥୀ ପ୍ରମୁଖ ଉପସ୍ଥିତ ରହିଥିଲେ।

## ସିଡିଏମ୍‌ଓଙ୍କୁ ଯତ୍ନକାରୀ ଦଳର ଦାବିପତ୍ର ପ୍ରଦାନ



ବୈପାରୀଗୁଡ଼ା, ୨୩।୬(ସମିସ):

ବୈପାରୀଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ମାନସିକ ଅସୁସ୍ଥଙ୍କ ଯତ୍ନକାରୀ ଦଳ ତରଫରୁ ସିଡ଼ିଏମଓଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱେଡ୍ କର୍ମକର୍ତ୍ତାଙ୍କ ନେତୃତ୍ୱରେ ବୈପାରୀଗୁଡା ବ୍ଲକର ବିଭିନ୍ନ ଅଞ୍ଚଳରୁ ମାନସିକ ରୋଗୀଙ୍କ ଯତ୍ନ ନେଉଥିବା ବ୍ୟକ୍ତି ତଥା ଯତ୍ନକାରୀ ଦଳ ବୈପାରୀଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚିଥିଲେ। ଆଜି ସିଡିଏମ୍ଓଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ଡାକ୍ତର ଆଶିଷ କୁମାର ବଳଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଉଲ୍ଲେଖ ଅଛି ଯେ, ବୈପାରୀଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମାନସିକ ରୋଗ ବିଶେଷଜ୍ଞ ଡାକ୍ତର ପରୀକ୍ଷା ସୁବିଧା ନାହିଁ। ଯାହାକି ବୈପାରୀଗୁଡା ବ୍ଲକର ମୋଟ ୩୪୧ ମାନସିକ ରୋଗୀଙ୍କୁ ସ୍ୱର୍ଡ ଅନୁଷ୍ଠାନ ଚିହ୍ନଟ କରିଥିବା ବେଳେ ସେମାନଙ୍କୁ ପ୍ରତି ମାସର ୫ ତାରିଖ ଦିନ ମେଡିକାଲ ପରିସରରେ କେବଳ ଔଷଧ ପ୍ରଦାନ କରାଯାଉଛି। କିନ୍ତୁ ବିଶେଷଜ୍ଞ ଡାକ୍ତର ପରାମର୍ଶ ସୁବିଧା ନାହିଁ। ଯଦି ଡାକ୍ତରୀ ପରୀକ୍ଷା ଆବଶ୍ୟକ ହୁଏ, ବୈପାରୀଗୁଡାରୁ ୪୦ କିଲୋମିଟର ଦୂରରେ ଥିବା ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ଯିବାକୁ ପଡୁଛି। ଫଳରେ ମାନସିକ ରୋଗୀଙ୍କ ସମେତ ଯତ୍ନକାରୀମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବ୍ଲକର ଦୂରଦୂରାନ୍ତ ତଥା ଉପାନ୍ତ ଅପହଞ୍ଚ ଅଞ୍ଚଳର ମାନସିକ ରୋଗୀଙ୍କୁ କୋରାପୁଟ ନେବା ଆଣିବା ସମ୍ଭବପର ନାହିଁ। ଏଣୁ ବୈପାରୀଗୁଡା ମେଡିକାଲରେ ଅନ୍ତତଃ ୩ ମାସକୁ ଥରେ ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ସୁବିଧା ହେଲେ, ରୋଗୀଙ୍କୁ ନିୟମିତ ଔଷଧ ସେବନ, ଦୈନନ୍ଦିନ ଜୀବନଚର୍ଯ୍ୟା ଏବଂ ମାନସିକ ସ୍ଥିତିକୁ ସୁଧାରିବା ପାଇଁ ଚିକିତ୍ସା ଯୋଜନା କରାଯାଇପାରିବ। ଏହି ଦାବିପତ୍ର ଦେବା ସମୟରେ ମାନସିକ ଅସୁସ୍ଥଙ୍କ ଯତ୍ନକାରୀ ଦଳ ସଭାପତି ବାସନ୍ତୀ ଦଣ୍ଡସେନା, ଉପ ସଭାପତି ନୀଳାମ୍ବର ଭୂମିଆ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱେଡ୍‌ର ନବୀନ ଚନ୍ଦ୍ର ବିଶୋଇ, ନିର୍ମଳା ମାଝୀ, ସୁରେନ୍ଦ୍ର ସାନ୍ତା, ଜଗନ୍ନାଥ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ରେଳଧାରଣାରୁ ମହିଳାଙ୍କ ମୃତଦେହ ଉଦ୍ଧାର



ରାୟଗଡ଼, ୨୩।୬(ସମିସ): ରାୟଗଡ଼ ସହରର ମା' ମଝିଘରିଆଣୀ ମନ୍ଦିର ନିକଟ ରେଳ ବ୍ରିଜ ଧାରଣାରୁ ଆଜି ଜଣେ ୫୫ ବର୍ଷୀୟ ମହିଳାଙ୍କ ଖଣ୍ଡବିଖଣ୍ଡିତ ମୃତଦେହ ଉଦ୍ଧାର କରିଛି ରାୟଗଡ଼ ଜିଆରପି ପୁଲିସ। ମୃତକ ହେଲେ ସହରର ନେହେରୁ ନଗର ଅଞ୍ଚଳର ବାସିନ୍ଦା ଏମ୍. ଜୟଲକ୍ଷ୍ମୀ। ଖବର ପାଇ ଜିଆରପି ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ସେଠାରୁ କିଛି ଔଷଧ ମଧ୍ୟ ଜବତ କରିଛି। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ, ମୃତ ମହିଳା ତାଙ୍କ ସ୍ୱାମୀଙ୍କ ସହ ରାୟଗଡ଼ରେ ରହୁଥିବା ବେଳେ ତାଙ୍କ ପୁଅ ଓ ଝିଅ ବାହାର ରାଜ୍ୟରେ ରହୁଛନ୍ତି। ମୃତ୍ୟୁର ପ୍ରକୃତ କାରଣ ତଦନ୍ତ ପରେ ସ୍ପଷ୍ଟ ହେବ ବୋଲି ଜିଆରପି ପୁଲିସ କହିଛି। ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯିବା ସହ ପରିବାର ସଦସ୍ୟଙ୍କୁ ସୂଚନା ଦିଆଯାଇଛି ଏବଂ ଘଟଣାର ତଦନ୍ତ ଜାରି ରହିଛି।

## ସିଲେଇ ତାଲିମ ପାଇଁ ଭୁବନେଶ୍ୱର ଗଲେ ଦଶମନ୍ତପୁରର ୯୩ ଯୁବତୀ



ପୋଡ଼ାଗଡ଼, ୨୩।୬ (ସମିସ): କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ୍‌ର ୯୩ ଯୁବତୀ ସିଲେଇ ତାଲିମ ପାଇଁ ଆଜି ଭୁବନେଶ୍ୱର ଗସ୍ତ କରିଥିବା ଜଣାପଡିଛି। ପ୍ରକାଶ ଯେ ଓଡିଶା ସ୍କିଲ ଡେଭେଲପମେଣ୍ଟର ପ୍ରକଳ୍ପ ସଂଯୋଜକ ଅନୁଜ ଶୁକ୍ଲାଙ୍କ ତତ୍ତ୍ୱାବଧାନରେ ସଭା କକ୍ଷ ଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସିଦ୍ଧେଶ୍ୱର ନାୟକ, ସମ୍ମାନିତ ଅତିଥି ଭାବେ ସମନ୍ୱିତ ଅଧିକାରୀ କବିତା ନାଗଙ୍କ ସମେତ ପୋଡ଼ାଗଡ ପଞ୍ଚାୟତରୁ ମୋଟ ୨୭, ଲୁଲ୍ଲାରୁ ୧୧, ଦଶମନ୍ତପୁରରୁ ୧୨, ଦୁଆରଶୁଣୀରୁ ୧୭, ଗାଦିଆଗୁଡାରୁ ୧୮, ପାଇକ ଫୁଲବେଡ଼ାରୁ ୩, ଗିର୍ଲିଗୁମ୍ମାରୁ ୫ ଏବଂ ଚଣାବାଡ଼ ପଞ୍ଚାୟତରୁ ଜଣଙ୍କ ସମେତ ମୋଟ ୯୩ ଜଣ ଯୁବତୀ ଆଜି ବସ୍ ଯୋଗେ ଭୁବନେଶ୍ୱର ଯାଇଥିବା ଜଣାପଡିଛି। ତେବେ ଦୁର୍ଗମ ଅଞ୍ଚଳରେ ଘରେ ଥିବା ବେକାର ଯୁବତୀମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଏହି ପ୍ରୟାସ ଆରମ୍ଭ ହେବା ସହ ସେଠାରୁ ୭ରୁ ୮ ମାସ ମଧ୍ୟରେ ତାଲିମ ନେଇ ଆସିବା ପରେ ତାଲିମପ୍ରାପ୍ତ ଯୁବତୀ ମାନେ ରାୟଗଡା ଜିଲ୍ଲା କାଶୀପୁର ବ୍ଲକ କଂସାରୀ ଗୁଡା କମ୍ପାନୀଠାରେ ନିୟୋଜିତ ହୋଇପାରିବେ ବୋଲି ଓଡିଶା ସ୍କିଲ ଡେଭେଲପମେଣ୍ଟର ପ୍ରକଳ୍ପ ସଂଯୋଜକ ଶ୍ରୀ ଶୁକ୍ଲା ପ୍ରକାଶ କରିଛନ୍ତି। ଯେଉଁମାନେ ବଞ୍ଚିତ ଅଛନ୍ତି ଏଭଳି ତାଲିମ ନେବା ପାଇଁ ଇଚ୍ଛୁକ ଥିବା ଯୁବତୀ ମାନେ ମଧ୍ୟ ପ୍ରଶିକ୍ଷଣ ପାଇଁ ଯାଇପାରିବେ ବୋଲି ସେ ସୂଚନା ଦେଇଛନ୍ତି।

## ବିଦ୍ୟୁତ୍ ଆଘାତରେ ହାଇଦ୍ରାବାଦରେ ଦାଦନ ଶ୍ରମିକ ମୃତ



ବୈପାରୀଗୁଡ଼ା, ୨୩।୬(ସମିସ): ବୈପାରୀଗୁଡାରେ ପୁଣି ଦାଦନ ଦୁଃଖ। ପରିବାର ପ୍ରତିପୋଷଣ ପାଇଁ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇ ବିଦ୍ୟୁତ ସଂସ୍ପର୍ଶରେ ଆସି ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ଗତ ରାତିରେ ହାଇଦ୍ରାବାଦ ସ୍ଥିତ ଫିଲିମନଗର ଠାରେ ଏଭଳି ଅଘଟନ ଘଟିଛି। ମୃତକ ବୈପାରୀଗୁଡା ବ୍ଲକ କଲାର ପଞ୍ଚାୟତ ରାମପୁର ଗାଁର କୌଳାସ ମାଝୀ। ପରିବାର ଲୋକଙ୍କ ସୂଚନା ଅନୁଯାଇ, ରାମପୁର ଗାଁର ବଳି ମାଝୀଙ୍କ ପୁଅ କୌଳାସ ମାଝୀ ଦୁଇ ପଇସା ଅଧିକ ରୋଜଗାର ପାଇଁ ଦୁଇ ମାସ ହେବ ନଳକୂପ ଖନନ ଗାଡ଼ିରେ ଶ୍ରମିକ ଭାବେ କାମ କରୁଥିଲେ। ସେ ହାଇଦ୍ରାବାଦ ଫିଲ୍ମ ନଗର ଅଞ୍ଚଳରେ କାମ କରୁଥିଲେ। ହେଲେ ଗତକାଲି ରାତିରେ ନଳକୂପ ଖନନ ଗାଡି ଡାଲା ଉପରେ କୌଳାସ ଏବଂ ତାଙ୍କ ସାଥିଙ୍କ ସହ ମିଶି ଶୋଇଥିଲେ। ବିଳମ୍ବିତ ରାତିରେ କୌଳାସ ଶୌଚ ପାଇଁ ଉଠି ଠିଆହୋଇଥିଲେ। ହେଲେ ତାଙ୍କ ମୁଣ୍ଡ ଉପରେ ବିଦ୍ୟୁତ ତାର ଥିବା ବେଳେ ହଠାତ୍ ତାଙ୍କ ହାତ ତାରରେ ବାଜିଯାଇଥିଲା। ଫଳରେ ବିଦ୍ୟୁତ ସଂସ୍ପର୍ଶରେ ଆସି କୌଳାସର ମୃତ୍ୟୁ ଘଟିଛି ବୋଲି ପରିବାର ଲୋକଙ୍କୁ ସୂଚନା ମିଳିଛି। ଏହି ଘଟଣା ରାମପୁର ଅଞ୍ଚଳ ସମେତ ବୈପାରୀଗୁଡା ବ୍ଲକରେ ଶୋକର ଛାୟା ଖେଳାଇ ଦେଇଛି। ବୈପାରୀଗୁଡା ତଥା କୋରାପୁଟ ଜିଲ୍ଲାରେ ଦାଦନ ସମସ୍ୟାର ସାମଗ୍ରିକ ଏବଂ ସ୍ଥାୟୀ ସମାଧାନ ପାଇଁ ଏହି ଉଚ୍ଚ ସ୍ତରୀୟ ଟାସ୍କଫୋର୍ସ ଲକ୍ଷ୍ୟ ନିଷ୍ଠ ହୋଇ କାର୍ଯ୍ୟ କରିବା ଆବଶ୍ୟକ ବୋଲି ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

## ଆଧାର ନଥିବାରୁ ଭତ୍ତା ଓ ରାସନରୁ ବଞ୍ଚିତ ବୃଦ୍ଧା



ମାଲକାନଗିରି, ୨୩।୬(ସମିସ):

ଆଧାର କାର୍ଡ ନଥିବାରୁ ବର୍ଷ ବର୍ଷ ଧରି ସରକାରୀ ଯୋଜନାରୁ ବଞ୍ଚିତ ହୋଇ ଅସହାୟ ଜୀବନ କାଟୁଛନ୍ତି ଜଣେ ବୃଦ୍ଧା। ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ଅଧୀନ ନାୟକଗୁଡା ପଞ୍ଚାୟତର ପାକନଗୁଡା ଗ୍ରାମର ୮୨ ବର୍ଷୀୟା କୌଶଲ୍ୟା ବାକାଙ୍କ ଏହି ଦୁଃଖଦ କାହାଣୀ ପ୍ରଶାସନିକ ବ୍ୟବସ୍ଥାର ତ୍ରୁଟିକୁ ପୁଣିଥରେ ସାମ୍ନାକୁ ଆଣିଛି। କୌଶଲ୍ୟା ବାକାଙ୍କ ଅଭିଯୋଗ ଅନୁଯାୟୀ, ଆଧାର କାର୍ଡ ନଥିବା କାରଣରୁ ତାଙ୍କ ବାର୍ଦ୍ଧକ୍ୟ ଭତ୍ତା ବନ୍ଦ ହୋଇଯାଇଛି। କେବଳ ଭତ୍ତା ନୁହେଁ, ତାଙ୍କ ରାସନ କାର୍ଡ ମଧ୍ୟ ବାତିଲ କରାଯାଇଥିବାରୁ ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାର ସୁବିଧାରୁ ମଧ୍ୟ ସେ ବଞ୍ଚିତ ହୋଇଛନ୍ତି। ବାରମ୍ବାର ଗୁହାରି କରିଥିଲେ ମଧ୍ୟ ତାଙ୍କ ଦୁଃଖ କେହି ଶୁଣିନଥିବା ଅଭିଯୋଗ କରିଛନ୍ତି ବୃଦ୍ଧା। ସୂଚନା ଅନୁସାରେ, କୌଶଲ୍ୟା ଅନେକ ଥର ଆଧାର କାର୍ଡ କରିବା ପାଇଁ ପ୍ରୟାସ କରିଥିବା ବେଳେ ଆଧାର କାର୍ଡ ହୋଇ ପାରିନି। ତେବେ ନିକଟରେ ଆଧାର କେନ୍ଦ୍ର ମଧ୍ୟ ନଥିବାରୁ ସେ ଏହି କାର୍ଡ କରି ପାରିନଥିବା ବେଳେ ତାଙ୍କ ଭତ୍ତା ବନ୍ଦ ହୋଇଯାଇଥିଲା। ଏହା ସହିତ ରାସନ ବ୍ୟବସ୍ଥା ମଧ୍ୟ ବନ୍ଦ ହୋଇଯିବାରୁ ଜୀବନ ଜୀବିକା ଚଳାଇବା ତାଙ୍କ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ପାଲଟିଛି। ବୟସର ଅପରାହ୍ନରେ ସେ ଅନେକ କଷ୍ଟ ଓ ଅଭାବ ମଧ୍ୟରେ ଦିନ କାଟୁଥିବା ଜଣାପଡ଼ିଛି।

### ପ୍ରଶାସନର ହସ୍ତକ୍ଷେପ ପରେ ଆଶାର କିରଣ

ଏହି ଘଟଣା ସାମ୍ନାକୁ ଆସିବା ପରେ ସମାଜସେବୀ ରାମଚନ୍ଦ୍ର ମାଛା ଏହାରେ ହସ୍ତକ୍ଷେପ କରିଥିଲେ। ତାଙ୍କ ଉଦ୍ୟମ ପରେ ବ୍ଲକ ପ୍ରଶାସନ ପକ୍ଷରୁ ତୁରନ୍ତ ୨ ହଜାର ଟଙ୍କା ସହାୟତା ରାଶି କୌଶଲ୍ୟା ବାକାଙ୍କୁ ପ୍ରଦାନ କରାଯାଇଥିବା ସୂଚନା ମିଳିଛି। ଏହା ସହ ତାଙ୍କର ଭତ୍ତା ପୁନଃ ଚାଲୁ କରିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିବା କୁହାଯାଇଛି। ଏନେଇ ମାଥିଲି ବ୍ଲକର ବିଏସଏସଓ ସଞ୍ଜୟ କୁମାର ସାମଲ କହିଛନ୍ତି ଯେ, ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କ ସହ ଆଲୋଚନା ପରେ କୌଶଲ୍ୟା ବାକାଙ୍କୁ ଖୁବଶୀଘ୍ର ଭତ୍ତା ଓ ରାସନ କାର୍ଡର ସୁବିଧା ଯୋଗାଇ ଦେବା ପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି। ଏପରି ସ୍ଥିତିରେ ଜଣେ ବୃଦ୍ଧା କେବଳ ଆଧାର କାର୍ଡ ନ ଥିବାରୁ ବର୍ଷ ବର୍ଷ ଧରି ମୌଳିକ ସରକାରୀ ସୁବିଧାରୁ ବଞ୍ଚିତ ରହିବା ଘଟଣା ପ୍ରଶାସନିକ ବ୍ୟବସ୍ଥା ଉପରେ ପ୍ରଶ୍ନଚିହ୍ନ ସୃଷ୍ଟି କରିଛି। ତେବେ ବିଳମ୍ବରେ ହେଉ ପଛେ, ପ୍ରଶାସନର ହସ୍ତକ୍ଷେପ ପରେ କୌଶଲ୍ୟା ବାକାଙ୍କ ଜୀବନରେ ପୁଣିଥରେ ଆଶାର କିରଣ ଦେଖାଦେଇଛି।

## ୩୧ ଭୂମିହୀନ ପରିବାରଙ୍କୁ ଜମି ପଟ୍ଟା ବଣ୍ଟନ



କାଶୀପୁର, ୨୩।୬ (ସମିସ): ରାୟଗଡା ଜିଲ୍ଲାର କାଶୀପୁର ତହସିଲ ଅନ୍ତର୍ଗତ ଡୋଙ୍ଗାସିଲ ଆରଆଇ ସର୍କଲର ପେରିଙ୍ଗିଣି ଗ୍ରାମ ଏବଂ ମାଇକାଞ୍ଚ ଆରଆଇ ସର୍କଲର ମାଇକାଞ୍ଚ ଗ୍ରାମର ମୋଟ ୩୧ ଜଣ ଯୋଗ୍ୟ ଭୂମିହୀନ ପରିବାରଙ୍କୁ ଭୂମି ପଟ୍ଟା ବଣ୍ଟନ କରାଯାଇଛି। କାଶୀପୁର ତହସିଲ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ନିହାର ରଞ୍ଜନ କହଁର ଉପସ୍ଥିତ ରହି ହିତାଧିକାରୀଙ୍କୁ ପଟ୍ଟା ପ୍ରଦାନ କରିଥିଲେ। ଏହି ପଟ୍ଟା ବଣ୍ଟନ ପୂର୍ବରୁ ଡଙ୍ଗାସିଲ ଓ ମାଇକାଞ୍ଚ ଆରଆଇ ସର୍କିଲ ଅଧୀନରେ ଥିବା ଭୂମିହୀନ ପରିବାରମାନଙ୍କ ଚିହ୍ନଟ, କ୍ଷେତ୍ର ଯାଞ୍ଚ, ଜମି ଚୟନ ଏବଂ ରାଜସ୍ୱ ସମ୍ବନ୍ଧୀୟ ସମସ୍ତ ଆବଶ୍ୟକ ପ୍ରକ୍ରିୟା ସଫଳତାର ସହିତ ସମ୍ପନ୍ନ କରାଯାଇଥିଲା। ଏହି କାର୍ଯ୍ୟରେ ଉଭୟ ଆରଆଇ ସର୍କିଲର ରାଜସ୍ୱ ନିରୀକ୍ଷକ ଏବଂ କ୍ଷେତ୍ରସ୍ତରୀୟ କର୍ମଚାରୀମାନେ ସକ୍ରିୟ ଭାବେ ସହଯୋଗ କରିଥିଲେ। ପଟ୍ଟା ପ୍ରଦାନ ଅବସରରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ କହଁର କହିଥିଲେ ଯେ, ଭୂମିହୀନ ପରିବାରମାନଙ୍କୁ ଜମିର ଆଇନଗତ ଅଧିକାର ପ୍ରଦାନ କରିବା ସରକାରଙ୍କ ଏକ ଗୁରୁତ୍ୱପୂର୍ଣ୍ଣ କଲ୍ୟାଣମୂଳକ ପଦକ୍ଷେପ। ଏହା ଦ୍ୱାରା ଗରିବ ଏବଂ ଆଦିବାସୀ ପରିବାରମାନଙ୍କ ସାମାଜିକ ଓ ଆର୍ଥିକ ସୁରକ୍ଷା ସୁନିଶ୍ଚିତ ହେବ। ଏହି କାର୍ଯ୍ୟକ୍ରମରେ ତହସିଲ ପ୍ରଶାସନର ଅଧିକାରୀ, ରାଜସ୍ୱ ବିଭାଗର କର୍ମଚାରୀ, ସ୍ଥାନୀୟ ଜନପ୍ରତିନିଧି ଏବଂ ବହୁ ସଂଖ୍ୟକ ଗ୍ରାମବାସୀ ଉପସ୍ଥିତ ଥିଲେ। ପଟ୍ଟା ପାଇବା ପରେ ଲାଭାର୍ଥୀମାନେ ସରକାର ଓ ଜିଲ୍ଲା ପ୍ରଶାସନ ପ୍ରତି କୃତଜ୍ଞତା ପ୍ରକାଶ କରିଥିଲେ।

ସକାଳ
THE SAKALA

# ସମ୍ପାଦକୀୟ



ବିଜ୍ଞାନ ସଂଗଠିତ ଜ୍ଞାନର ସମାହାର; ଅପରପକ୍ଷରେ ସଂଗଠିତ ଜୀବନର ସମାହାର ହେଉଛି ପ୍ରଜ୍ଞା।
- ଇମାନୁଏଲ୍ କାଣ୍ଟ

## କୋଚିଂକେନ୍ଦ୍ରର କାରୁଣ୍ୟ

ଐତିହାସିକ ଲକ୍ଷ୍ନୌ ସହରସ୍ଥିତ ଏକ ଘରୋଇ କୋଚିଂ କେନ୍ଦ୍ରରେ ମର୍ମନ୍ତୁଦ ଅଗ୍ନିକାଣ୍ଡରେ ୧୫ ଛାତ୍ରଛାତ୍ରୀଙ୍କ ମୃତ୍ୟୁ ଘଟିଥିବା ବେଳେ ଆହତଙ୍କ ସଠିକ୍ ସଂଖ୍ୟା ଜଣାପଡ଼ିନାହିଁ। ଏହାପରେ ଏବେ ପୁଣି ଥରେ ଦେଶରେ ପ୍ରତିଦିନ ଅନିୟନ୍ତ୍ରିତ ଓ ଅଶୃଙ୍ଖଳିତ ଭାବେ ଗଢ଼ି ଉଠୁଥିବା କୋଚିଂ ସେଣ୍ଟରର ବୈଧତା ଓ ସୁରକ୍ଷା ଉପରେ ପ୍ରଶ୍ନବାଚୀ ଲାଗିଛି। ଏଭଳି ଅବାଞ୍ଛିତ ଅଘଟଣାମାନଙ୍କର ପୁନରାବୃତ୍ତିକୁ ସମୂଳେ ନିୟନ୍ତ୍ରଣ କରିବା ବଦଳରେ ମୃତକଙ୍କ ପରିବାରକୁ ଅନୁକମ୍ପାମୂଳକ ସହାୟତା ଘୋଷଣା, ସମ୍ପୃକ୍ତ ମାଲିକଙ୍କ ବିରୋଧରେ ଗରିଫ୍ ପରୱାନା, କୋଠାର ଅଗ୍ନି ନିରାପତ୍ତା ବ୍ୟବସ୍ଥା ଯାଞ୍ଚ ଆଦି ତାଲିପକା ଉଦ୍ୟମ ଓ ଆଲୋଚନା ଆମ ଦେଶରେ ଏକ ଗତାନୁଗତିକ ଧାରାରେ ପରିଣତ ହୋଇସାରିଛି।

ପ୍ରତିଯୋଗିତାମୂଳକ ପରୀକ୍ଷା ଏବଂ ବୈଷୟିକ ଶିକ୍ଷା ପାଇଁ ହେଉଥିବା ପ୍ରବେଶିକା ପରୀକ୍ଷାରେ ସଫଳତା ପାଇବା ପାଇଁ ଘରୋଇ କୋଚିଂ ବ୍ୟବସ୍ଥା ଆମ ଦେଶରେ ସମୟ ସହିତ ପୁରୁଣା ହୋଇଚାଲିଛି। ସମୟକ୍ରମେ ଏହା ଏକ ବଡ଼ ସଂଗଠିତ ବ୍ୟବସାୟରେ ପରିଣତ ହେବା ସହ ଆଶାୟୀ ବିଦ୍ୟାର୍ଥୀ ଓ ସେମାନଙ୍କ ପିତାମାତାଙ୍କ ପାଇଁ ଏକ ବଡ଼ ସମସ୍ୟା ପାଲଟିଛି। ଅନେକ ବାଦବିବାଦ, ଅଭିଯୋଗ ଓ ସମାଲୋଚନା ପରେ ଘରୋଇ କୋଚିଂ ସେଣ୍ଟରଗୁଡ଼ିକୁ ନିୟନ୍ତ୍ରଣ କରିବା ପାଇଁ କେନ୍ଦ୍ର ସରକାର ୨୦୨୪ ମସିହାରେ ମାର୍ଗଦର୍ଶିକା ଜାରି କରିଛନ୍ତି। କିନ୍ତୁ ତାହାର କାର୍ଯ୍ୟକାରୀ ଦାୟିତ୍ୱ ରାଜ୍ୟ ସରକାରମାନ ଉପରେ ଛାଡ଼ିଦିଆଯାଇଥିବାରୁ ଏବେ ଲକ୍ଷ୍ନୌ ଅଘଟଣ ପାଇଁ ଉତ୍ତରପ୍ରଦେଶ ସରକାର ଉତ୍ତରଦାୟୀ ହେବା କଥା। କିନ୍ତୁ ଡବଲ୍‌ଇଞ୍ଜିନ୍ ସରକାରରେ ଉତ୍ତରଦାୟିତ୍ୱ ମୁଣ୍ଡାଇବାର ସଂସ୍କୃତି ଆଦୌ ନଥିବାରୁ ଏହି ଘଟଣା ମଧ୍ୟ କେବଳ ଶୋକପ୍ରକଟ, ତଦନ୍ତ ଟିମ୍ ଗଠନ, ଅନୁକମ୍ପା ରାଶି ବଣ୍ଟନରେ ସୀମିତ ରହିଯିବା ଭଳି ଲାଗୁଛି।

କେନ୍ଦ୍ର ସରକାରଙ୍କ ଦ୍ୱାରା ଜାରି ନୂଆ ନିର୍ଦ୍ଦେଶାବଳୀ ଅନୁସାରେ ପେସାଦାର ବା ବୃତ୍ତିଗତ ପାଠ୍ୟକ୍ରମ ପାଇଁ ତାଲିମ ଦେଉଥିବା କୋଚିଂ ସେଣ୍ଟରଗୁଡ଼ିକ ନିଜକୁ ରାଜ୍ୟ ସରକାରଙ୍କ ନିକଟରେ ପଞ୍ଜୀକୃତ କରିବେ। ସେମାନେ ୧୬ ବର୍ଷ ବୟସରୁ କମ୍ ବିଦ୍ୟାର୍ଥୀଙ୍କୁ କୋଚିଂ ପାଇଁ ନାମ ଲେଖାଇ ପାରିବେ ନାହିଁ। ତାଲିମ ଦେଉଥିବା ଶିକ୍ଷକଶିକ୍ଷୟିତ୍ରୀଙ୍କ ଶିକ୍ଷାଗତ ଯୋଗ୍ୟତା ମଧ୍ୟ ଉପାଧି କିମ୍ବା ତଦୂର୍ଦ୍ଧ୍ୱ ହେବ। ଏହାଛଡ଼ା ଏସବୁ କେନ୍ଦ୍ର ବିଦ୍ୟାର୍ଥୀଙ୍କଠାରୁ ଆଗଭଳି ଆଉ ପ୍ରଲୋଭିତ କରି ମନଇଚ୍ଛା ଫି’ ଆଦାୟ କରିପାରିବେ ନାହିଁ। ଏଥିନିମନ୍ତେ ଏକ ନିର୍ଦ୍ଦିଷ୍ଟ ଫି’ ଢାଞ୍ଚା ରହିବ। ସଂପୃକ୍ତ କୋଚିଂ ସେଣ୍ଟରଗୁଡ଼ିକ ପଞ୍ଜୀକୃତ ହେବା ପରେ ଶିକ୍ଷା ପ୍ରଦାନ କ୍ଷେତ୍ରରେ ନିର୍ଦ୍ଦିଷ୍ଟ ନୀତିନିୟମ ପାଳନ କରିବେ। କୋଚିଂ ସେଣ୍ଟରରେ ଛାତ୍ରଛାତ୍ରୀଙ୍କୁ ମନସ୍ତାତ୍ତ୍ୱିକ ସାହାଯ୍ୟ ସହଯୋଗ ସହିତ ସେମାନଙ୍କ ମାନସିକ ସ୍ୱାସ୍ଥ୍ୟର ସୁରକ୍ଷା ପ୍ରତି ଦୃଷ୍ଟି ଦେବାକୁ ପଡ଼ିବ। କୋଚିଂ ସେଣ୍ଟର ଭବନର ନିରାପତ୍ତା, ଅଗ୍ନି ନିରାପତ୍ତା ବ୍ୟବସ୍ଥା ଓ ଅନ୍ୟାନ୍ୟ ମୌଳିକ ସୁବିଧା ସୁଯୋଗ ପ୍ରତି ସଂପୃକ୍ତ କର୍ତ୍ତୃପକ୍ଷଙ୍କୁ ଦୃଷ୍ଟି ଦେବାକୁ ପଡ଼ିବ। ସମସ୍ତ ବିବରଣୀ ସମ୍ପୃକ୍ତ କୋଚିଂ ସେଣ୍ଟରର ୱେବ୍‌ସାଇଟ୍‌ରେ ଉଲ୍ଲେଖ ରହିବା ବାଧ୍ୟତାମୂଳକ କରାଯାଇଛି। ଛାତ୍ରଛାତ୍ରୀ କିମ୍ବା ଅଭିଭାବଙ୍କ ଆପତ୍ତି ଅଭିଯୋଗର ଶୁଣାଣି ଓ ସମାଧାନ କରିବା ପାଇଁ ସ୍ୱତନ୍ତ୍ର ନିୟମକ ଗଠନ ଲାଗି ମଧ୍ୟ ସେଥିରେ ପରାମର୍ଶ ରହିଛି। କିନ୍ତୁ ତାହା କେତେଦୂର ପାଳନ ହେଉଛି ଆମେ ସମସ୍ତେ ଅଳ୍ପେବହୁତ ଜ୍ଞାତ ଏବଂ ନିକଟରେ ଲକ୍ଷ୍ନୌ ଅଘଟଣ ଉଦାସୀନତାର ସଦ୍ୟତମ ଉଦାହରଣ।

ମେଧାଶକ୍ତି ଏକ ବିରଳ ସାମଗ୍ରୀ। ଏହା ବିଭୁଦତ୍ତ ହୋଇଥିବାରୁ ସମସ୍ତଙ୍କ ପାଖରେ ସମାନ ଭାବେ ନଥାଏ। ତେଣୁ ସ୍ୱତନ୍ତ୍ର ଶିକ୍ଷାଦାନ, ପ୍ରଶିକ୍ଷଣ ବା କୋଚିଂ ମାଧ୍ୟମରେ ପିଲାଙ୍କର ଜ୍ଞାନ ବଢ଼ାଇ ସେମାନଙ୍କୁ ଅଧିକ ପ୍ରତିଯୋଗିତାଯୋଗ୍ୟ କରିବାରେ କିଛି ଆପତ୍ତି ନାହିଁ। ତେବେ ପ୍ରତିଯୋଗିତାମୂଳକ ପରୀକ୍ଷା, କୋଟା ବ୍ୟବସ୍ଥା ଏବଂ ବୈଷୟିକ ଓ ବୃତ୍ତିଗତ ଶିକ୍ଷା ପାଇଁ ହେଉଥିବା ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା କ୍ରମଶଃ ଜଟିଳ ହେଉଛି। ଏଥିପାଇଁ ଉଦ୍ଦିଷ୍ଟ ସ୍ଥାନ ବା ଆସନ ଅନୁସାରେ ପରୀକ୍ଷାର୍ଥୀଙ୍କ ସଂଖ୍ୟା ବହୁଗୁଣ ଅଧିକ ରହୁଛି। ତେଣୁ ପିଲାଏ କୋଚିଂ ଉପରେ ନିର୍ଭର କରି ସଫଳ ହେବାକୁ ଆପ୍ରାଣ ଉଦ୍ୟମ କରୁଛନ୍ତି। ସେମାନେ ଘରଠାରୁ ବହୁଦୂରରେ ରହି ବାପ ମା’ଙ୍କ ଅର୍ଥଶ୍ରାଦ୍ଧ କରି ନିଜେ ଅତି କଷ୍ଟକର ପରିବେଶରେ ରହି ପ୍ରତିଯୋଗିତା ପାଇଁ ପ୍ରସ୍ତୁତ ହେଉଛନ୍ତି। କିନ୍ତୁ ଏଥିରେ ପ୍ରଦର୍ଶନାତ୍ମକ ପ୍ରଭାବ (ଡେମନ୍‌ଷ୍ଟ୍ରେଟିଭ୍ ଇଫେକ୍ଟ) ଅଧିକ ରହୁଛି। ତା’ ପିଲା କୋଚିଂ ନେଉଛି, ତେଣୁ ମୋ ପିଲା ନେବ। ସେ ପଇସା ଖର୍ଚ୍ଚ କରୁଛି, ମୁଁ କରିବି। ଏହି ନ୍ୟାୟରେ ସମସ୍ତେ କୋଚିଂ ସେଣ୍ଟର ମୁହାଁ। କିନ୍ତୁ ବାସ୍ତବରେ ପିତାମାତା ନିଜର ପିଲାଙ୍କ ଯୋଗ୍ୟତା ଓ ସାମର୍ଥ୍ୟକୁ ଏ କ୍ଷେତ୍ରରେ ଠିକ୍ ଭାବେ ଆକଳନ କରିପାରନ୍ତି ନାହିଁ। ପିଲାର ଅନିଚ୍ଛା ସତ୍ତ୍ୱେ ତା’କୁ କୋଚିଂ ସେଣ୍ଟରକୁ ପଠାଯାଏ ଏବଂ ସେଠାରେ ପିଲାଟି ଅନ୍ୟମାନଙ୍କ ସହ ପ୍ରତିଯୋଗିତା କରିବାରେ ବିଫଳ ହୋଇ ମାନସିକ ଚାପରେ ରହି ଶେଷରେ ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ନିଏ।

ବିଡ଼ମ୍ବନାର ବିଷୟ ଏହା ଯେ ଆଗାମୀ ଦଶନ୍ଧି ସୁଦ୍ଧା ବିଶ୍ୱର ତୃତୀୟ ସର୍ବବୃହତ ଅର୍ଥନୈତିକ ଶକ୍ତିର ସ୍ୱପ୍ନ ଦେଖୁଥିବା ଭାରତ ଶିକ୍ଷା ଆହରଣ ଓ ଶିକ୍ଷାଦାନ ଦୃଷ୍ଟିରୁ ବହୁତ ପଛରେ। ବିଶେଷକରି ସରକାରୀ ବିଦ୍ୟାଳୟଗୁଡ଼ିକର ଶୈକ୍ଷିକ ପରିବେଶ ଅତ୍ୟନ୍ତ ଚିନ୍ତାଜନକ। କେଉଁଠି ଛାତ୍ରଛାତ୍ରୀଙ୍କ ତୁଳନାରେ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ଅଭାବ ରହୁଛି ତ କେଉଁଠାରେ ପିଲାମାନେ ଭଙ୍ଗା ଚାଳଛପର ଘରେ କିମ୍ବା ଖୋଲା ଆକାଶ ତଳେ ବସି ପାଠ ପଢ଼ିବାକୁ ପଡୁଛି। ଦୁର୍ଗମ ଅଞ୍ଚଳର ସ୍ଥିତି ଆହୁରି ଦୟନୀୟ। ତେଣୁ ମେଧାବୀମାନଙ୍କ ପିତାମାତା ଓ ଅଭିଭାବକମାନେ କୋଚିଂସେଣ୍ଟର ମୁହାଁ ହେବା ସ୍ୱାଭାବିକ। ସରକାରୀ ସ୍ତରରେ ରହିଯାଉଥିବା ଏହି ଅଭାବ ଅସୁବିଧାରୁ ଘରୋଇ ସଂସ୍ଥାମାନେ ଚତୁରତାର ସହିତ ପ୍ରଚୁର ଆର୍ଥିକ ଲାଭ ଉଠାଇ ଚାଲିଛନ୍ତି। ସେମାନେ ସମୟୋପଯୋଗୀ ଗୁଣାତ୍ମକ ଶିକ୍ଷାଦାନ ଆଳରେ ଅଭିଭାବକଙ୍କଠାରୁ ଯେତିକି ପରିମାଣରେ ଫି’ ବା ଅର୍ଥ ଆଦାୟ କରୁଛନ୍ତି ତାହାକୁ ଏକପ୍ରକାର ଶୋଷଣ ପର୍ଯ୍ୟାୟର ଅନ୍ତର୍ଭୁକ୍ତ କରାଯାଇପାରେ।

ଆଜିର ଶିକ୍ଷା ବ୍ୟବସ୍ଥାର ବିଡ଼ମ୍ବନା ହେଉଛି ଯେ ଅଭିଭାବକ ଓ ଛାତ୍ରଛାତ୍ରୀଙ୍କ ପାଇଁ କୋଚିଂ ଏକ ଅବିଚ୍ଛେଦ୍ୟ ଓ ଅଲିଖିତ ନିୟମ ହୋଇଯାଇଛି। କିନ୍ତୁ କୋଚିଂକେନ୍ଦ୍ରର ତାଡ଼ନାରେ ସନ୍ତାନ ଓ ଅଭିଭାବକମାନଙ୍କ କୋହ ତା’ର ଚାରିକାନ୍ଥ ଭିତରେ ହିଁ ଲୁଚି ରହିଯାଉଛି। କୋହର ସ୍ୱର ଯେତେବେଳେ ଅତ୍ୟଧିକ ତୀବ୍ର ହୋଇ ବହୁତଳ କୋଠାର କାନ୍ଥ ଓ ପାଚେରି ଡେଇଁ ରାଜରାସ୍ତାରେ ପହଞ୍ଚୁଛି ସେତେବେଳେ ଯାଇ କାରୁଣ୍ୟ ଉଦ୍ରେକ ହେଉଛି। କିନ୍ତୁ କୋହର ସ୍ୱର ନିରବ ହେବା ସହିତ କାରୁଣ୍ୟ ମଧ୍ୟ ସମାଧି ନେଉଛି। ●

# ପାଠ୍ୟପୁସ୍ତକରେ ତ୍ରୁଟି: ଏକ ଗୁରୁତର ଆହ୍ୱାନ

**ଡ. ପଦ୍ମଲୋଚନ ରାଉତ**

ଶିକ୍ଷା ହେଉଛି ଏକ ଜାତିର ମେରୁଦଣ୍ଡ। ଯେକୌଣସି ସମାଜର ଉନ୍ନତି, ସଂସ୍କୃତିର ସଂରକ୍ଷଣ ଏବଂ ଆଗାମୀ ପିଢ଼ିର ଚରିତ୍ର ଗଠନ ଶିକ୍ଷା ମାଧ୍ୟମରେ ସମ୍ଭବ ହୋଇଥାଏ। ପାଠ୍ୟପୁସ୍ତକ ହେଉଛି ଶିକ୍ଷା ବ୍ୟବସ୍ଥାର ମୂଳ ଆଧାର। ଜଣେ ଛାତ୍ର କୌଣସି ବିଷୟରେ ପ୍ରଥମ ଜ୍ଞାନ ଓ ଧାରଣା ପାଠ୍ୟପୁସ୍ତକରୁ ହିଁ ପାଇଥାଏ। ତେଣୁ ପାଠ୍ୟପୁସ୍ତକରେ ଦିଆଯାଇଥିବା ତଥ୍ୟ ଯଦି ଭୁଲ, ଅସମ୍ପୂର୍ଣ୍ଣ କିମ୍ବା ବିଭ୍ରାନ୍ତିକର ହୁଏ, ତେବେ ଏହା କେବଳ ଶିକ୍ଷାର ଗୁଣବତ୍ତାକୁ ନଷ୍ଟ କରେ ନାହିଁ, ବରଂ ଏକ ପିଢ଼ିର ଚିନ୍ତାଧାରା ଓ ଜ୍ଞାନ ଭିତ୍ତିକୁ ମଧ୍ୟ ଦୁର୍ବଳ କରିଦିଏ।

ସମ୍ପ୍ରତି ଜାତୀୟ ଶିକ୍ଷାନୀତି ଆଧାରରେ ପ୍ରସ୍ତୁତ ଏବଂ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରକାଶିତ ଓଡ଼ିଆ ସରକାରୀ ପାଠ୍ୟପୁସ୍ତକରେ ହଜାର ହଜାର ତ୍ରୁଟି ଥିବା ନେଇ ଅଭିଯୋଗ ସାମ୍ନାକୁ ଆସିଛି। କେତେକ ସ୍ଥାନରେ ବୈଜ୍ଞାନିକ ତଥ୍ୟ ଭୁଲ ଦିଆଯାଇଥିବା ବେଳେ ଅନ୍ୟ କେତେକ ସ୍ଥାନରେ ଓଡ଼ିଶାର ଇତିହାସ, ଭୌଗୋଳିକ ପରିଚୟ ଏବଂ ସାମାଜିକ ତଥ୍ୟ ସମ୍ପର୍କରେ ଗୁରୁତର ତ୍ରୁଟି ରହିଥିବା ଚର୍ଚ୍ଚା ହେଉଛି। ଏହି ପ୍ରସଙ୍ଗ ଓଡ଼ିଶାର ଆତ୍ମପରିଚୟ, ଇତିହାସ ଓ ଭବିଷ୍ୟତ ସହ ଜଡ଼ିତ ଏକ ସମ୍ବେଦନଶୀଳ ପ୍ରସଙ୍ଗ। ଶିକ୍ଷା କେବଳ ଅକ୍ଷର ଜ୍ଞାନ ନୁହେଁ, ଏହା ଏକ ଜାତିର ଚିନ୍ତାଧାରା, ସଂସ୍କୃତି, ଇତିହାସ ଓ ଭବିଷ୍ୟତକୁ ନିର୍ଦ୍ଧାରଣ କରିଥାଏ। ଯେଉଁ ପାଠ୍ୟପୁସ୍ତକକୁ ଆଧାର କରି ଆଜିର ଶିଶୁମାନେ ଜ୍ଞାନ ଆହରଣ କରୁଛନ୍ତି, ସେହି ପୁସ୍ତକ ଯଦି ଭୁଲ୍ ତଥ୍ୟରେ ପରିପୂର୍ଣ୍ଣ ହୁଏ, ତେବେ ତାହା କେବଳ ଏକ ପ୍ରଶାସନିକ ତ୍ରୁଟି ନୁହେଁ, ବରଂ ସମଗ୍ର ଜାତି ପ୍ରତି ଏକ ଗୁରୁତର ଅବହେଳା।

ସାର୍ ଆଇଜକ ନିଉଟନଙ୍କ ଭଳି ବିଶ୍ୱବିଖ୍ୟାତ ବୈଜ୍ଞାନିକଙ୍କୁ ଜଣେ ପାଇଲଟ ବୋଲି ଉଲ୍ଲେଖ କରାଯାଇଛି, ନିୟମଗିରି ପର୍ବତକୁ ଝାଡ଼ଖଣ୍ଡରେ ଅବସ୍ଥିତ ବୋଲି ଦର୍ଶାଯାଇଛି, ବ୍ରହ୍ମପୁରକୁ ଏକ ଜିଲ୍ଲା ବୋଲି ଲେଖାଯାଇଛି। ଏହା କେବଳ କିଛି ଉଦାହରଣ ମାତ୍ର। ଏପରି ଅସଂଖ୍ୟ ଭୁଲ୍ ତଥ୍ୟକୁ ଆଧାର କରି କୋଟି କୋଟି ଟଙ୍କା ବ୍ୟୟରେ ପାଠ୍ୟପୁସ୍ତକ ପ୍ରକାଶ କରାଯାଇ ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କ ହାତରେ ଦିଆଯିବା ଘଟଣା ନିଶ୍ଚିତ ଭାବରେ ଚିନ୍ତାର ବିଷୟ। ଯେଉଁ ବୟସରେ ପିଲାମାନେ ପୁସ୍ତକର ପ୍ରତ୍ୟେକ ଶବ୍ଦକୁ ସତ୍ୟ ବୋଲି ବିଶ୍ୱାସ କରନ୍ତି, ସେହି ବୟସରେ ଭୁଲ୍ ଇତିହାସ, ଭୁଲ୍ ଭୌଗୋଳିକ ତଥ୍ୟ ଓ ଭୁଲ୍ ବୈଜ୍ଞାନିକ ସୂଚନା ଦେଇ ସେମାନଙ୍କ ଜ୍ଞାନଭିତ୍ତିକୁ ଦୁର୍ବଳ କରିବା ଏକ ଅକ୍ଷମଣୀୟ ଅପରାଧ ସଦୃଶ। ଏହି ସମସ୍ତ ଘଟଣାକୁ କେବଳ ଦାୟିତ୍ୱହୀନତା କିମ୍ବା ଅସାବଧାନତା ବୋଲି କହିଦେଲେ ହୁଏତ ଘଟଣାର ଗମ୍ଭୀରତାକୁ ଛୋଟ କରିଦେବା ହେବ।

ନିଜ ଭାଷା, ସଂସ୍କୃତି ଓ ଐତିହ୍ୟ ପାଇଁ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ହାସଲ କରିଥିବା ଓଡ଼ିଶାର ପିଲାମାନଙ୍କୁ ଯଦି ନିଜ ରାଜ୍ୟର ସଠିକ୍ ପରିଚୟ ଦିଆଯାଇପାରୁନାହିଁ, ତେବେ ଏହା ଅତ୍ୟନ୍ତ ଦୁଃଖଦ ଓ ଚିନ୍ତାଜନକ। ଇତିହାସ କୌଣସି ଜାତିର ସ୍ମୃତି ଏବଂ ଭୌଗୋଳିକ ପରିଚୟ ହେଉଛି ତାହାର ଅସ୍ତିତ୍ୱର ଆଧାର। ଏହି ଦୁଇଟିକୁ ଯଦି ଭୁଲ୍ ତଥ୍ୟ ମାଧ୍ୟମରେ ବିକୃତ କରାଯାଏ, ତେବେ ଆଗାମୀ ପିଢ଼ି ନିଜ ମୂଳ ପରିଚୟ ସମ୍ପର୍କରେ ବିଭ୍ରାନ୍ତ ହୋଇପଡ଼ିବ। ଆଜି ଏହି ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ଏତେ ବଡ଼ ଭୁଲ୍ ଧରାପଡ଼ିବା ପରେ ମଧ୍ୟ ସରକାର କାହିଁକି ନିଜ ଭୁଲ୍ ସ୍ୱୀକାର କରିବାକୁ ପ୍ରସ୍ତୁତ ନୁହେଁ? କାହିଁକି ତ୍ରୁଟି ସଂଶୋଧନ ପରିବର୍ତ୍ତେ ନିରବତା ଅବଲମ୍ବନ କରାଯାଉଛି? ଗଣତନ୍ତ୍ରରେ ସରକାର ଜନସାଧାରଣଙ୍କ ପ୍ରତି ଉତ୍ତରଦାୟୀ। ଶିକ୍ଷା ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଏପରି ଅବହେଳା ଜନସାଧାରଣଙ୍କ ବିଶ୍ୱାସକୁ ଦୁର୍ବଳ କରିଥାଏ।

ଏହାଠାରୁ ମଧ୍ୟ ଅଧିକ ଦୁଃଖର ବିଷୟ ହେଉଛି ଯେଉଁମାନେ ଓଡ଼ିଆ ଭାଷା, ସାହିତ୍ୟ, ଇତିହାସ ଓ ସଂସ୍କୃତିର ସୁରକ୍ଷା ପାଇଁ ସ୍ୱର ଉତ୍ତୋଳନ କରିଆସିଛନ୍ତି, ସେମାନେ ଆଜି କାହିଁକି ନିରବ? କାହିଁକି ଏହି ଗୁରୁତର ପ୍ରସଙ୍ଗକୁ ନେଇ ସମାଜରେ ବ୍ୟାପକ ଆଲୋଚନା ଓ ଆନ୍ଦୋଳନ ଦେଖିବାକୁ ମିଳୁନାହିଁ? ଆମେ କ’ଣ ଏପରି ଏକ ପର୍ଯ୍ୟାୟରେ ପହଞ୍ଚିଗଲୁ ଯେଉଁଠାରେ ସ୍ୱାର୍ଥ ସବୁକିଛି ଉପରେ ଭାରି ପଡୁଛି? ଓଡ଼ିଆ ଜାତିର ଇତିହାସ, ପରିଚୟ ଓ ଗୌରବକୁ ଯଦି ଧୀରେ ଧୀରେ କ୍ଷୟ କରାଯାଉଛି, ତେବେ ତାହା ବିରୁଦ୍ଧରେ ସ୍ୱର ଉଠାଇବା କି ଆମର ନୈତିକ ଦାୟିତ୍ୱ ନୁହେଁ? ଆଜି କର୍ମବୀର ଗୌରୀଶଙ୍କର ରାୟ, ବ୍ୟାସକବି ଫକୀରମୋହନ ସେନାପତି, ଉତ୍କଳ ଗୌରବ ମଧୁସୂଦନ ଦାସ କିମ୍ବା ଉତ୍କଳମଣି ଗୋପବନ୍ଧୁ ଦାସ ନାହାନ୍ତି, ଯେଉଁମାନେ ଭାଷା, ଶିକ୍ଷା ଓ ଜାତୀୟ ସ୍ୱାଭିମାନ ପାଇଁ ନିର୍ଭୀକ ଭାବେ ସଂଗ୍ରାମ କରିଥିଲେ। କିନ୍ତୁ ସେମାନଙ୍କ ଆଦର୍ଶ ଆଜି ମଧ୍ୟ ବଞ୍ଚି ରହିଛି। ସେହି ଆଦର୍ଶ ଆମକୁ ଶିଖାଏ ଯେ, ଜାତିର ସ୍ୱାର୍ଥ ଓ ଭବିଷ୍ୟତ ପ୍ରତି କୌଣସି ବିପଦ ଆସିଲେ ନିରବ ରହିବା ଉଚିତ ନୁହେଁ।

ଦେଶର ଆଗାମୀ ଭବିଷ୍ୟତ ହେଉଛନ୍ତି ଆଜିର କୋମଳମତି ଛାତ୍ରଛାତ୍ରୀ। ସେମାନଙ୍କ ହାତରେ ଭୁଲ୍ ତଥ୍ୟ ଭର୍ତ୍ତି ପାଠ୍ୟପୁସ୍ତକ ଧରାଇ ଦେବା ପିଲାଖେଳ ନୁହେଁ। ଏହା ଏକ ଗୁରୁତର ସାମାଜିକ ଓ ଶିକ୍ଷାଗତ ଦାୟିତ୍ୱର ପ୍ରଶ୍ନ। ଜଣେ ଛାତ୍ର ଯାହା ଆଜି ପଢ଼ିବ, ସେହି ଜ୍ଞାନକୁ ଆଧାର କରି ସେ ଆସନ୍ତାକାଲି ନିଜର ବିଚାରଧାରା ଗଠନ କରିବ। ତେଣୁ ଶିକ୍ଷାରେ ଭୁଲ୍ ତଥ୍ୟର ପ୍ରବେଶ କେବଳ ଏକ ପୁସ୍ତକର ତ୍ରୁଟି ନୁହେଁ, ଏହା ଏକ ପିଢ଼ିର ଚିନ୍ତାଧାରାକୁ ପ୍ରଭାବିତ କରିବାର ପ୍ରକ୍ରିୟା। ଏହି କାରଣରୁ ସମାଜର ପ୍ରତ୍ୟେକ ସଚେତନ ନାଗରିକ, ଶିକ୍ଷକ, ଅଭିଭାବକ ଓ ଶିକ୍ଷାବିତ୍ ଏହି ପ୍ରସଙ୍ଗରେ ନିଜର ମତ ସ୍ପଷ୍ଟ ଭାବେ ରଖନ୍ତୁ ଏବଂ ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକର ସଂଶୋଧନ ପାଇଁ ଦାବି କରନ୍ତୁ। କାରଣ ଏହା କୌଣସି ଦଳ, ସରକାର କିମ୍ବା ବ୍ୟକ୍ତିବିଶେଷର ପ୍ରସଙ୍ଗ ନୁହେଁ; ଏହା ଓଡ଼ିଶାର ଭବିଷ୍ୟତ, ଓଡ଼ିଆ ଜାତିର ସ୍ୱାଭିମାନ ଏବଂ ଆଗାମୀ ପିଢ଼ିର ସଠିକ୍ ଶିକ୍ଷା ଅଧିକାର ସହ ଜଡ଼ିତ ଏକ ଜାତୀୟ ପ୍ରସଙ୍ଗ। ଯଦି ଆଜି ଆମେ ନିରବ ରହିବା, ତେବେ ଇତିହାସ ଆମକୁ କେବେ କ୍ଷମା କରିବ ନାହିଁ। ଯଦି ଆମେ ସଚେତନ ହୋଇ ସତ୍ୟ, ତଥ୍ୟ ଓ ଶିକ୍ଷାର ସୁରକ୍ଷା ପାଇଁ ଏକତ୍ରିତ ହେବା, ତେବେ ନିଶ୍ଚିତ ଭାବରେ ଓଡ଼ିଶାର ଶିକ୍ଷା ବ୍ୟବସ୍ଥାକୁ ସଠିକ୍ ଦିଗରେ ନେଇପାରିବା ଏବଂ ଆଗାମୀ ପିଢ଼ି ପାଇଁ ଏକ ସୁଦୃଢ଼, ସତ୍ୟଭିତ୍ତିକ ଓ ଗୌରବମୟ ଭବିଷ୍ୟତ ଗଢ଼ିପାରିବା।

ଆଜି ଅନେକ ଶିକ୍ଷାବିତ୍ ଓ ସଚେତନ ନାଗରିକ ଆଶଙ୍କା କରୁଛନ୍ତି ଯେ ଇତିହାସକୁ ନୂଆ ଢଙ୍ଗରେ ବ୍ୟାଖ୍ୟା କରିବା ନାମରେ କେଉଁଠି ଓଡ଼ିଆ ଜାତିର ସ୍ୱତନ୍ତ୍ର ଚେତନାକୁ ଦୁର୍ବଳ କରିବାର ପ୍ରୟାସ ଚାଲିନାହିଁ ତ? ଶିକ୍ଷାର ମୂଳ ଉଦ୍ଦେଶ୍ୟ ହେଉଛି ମୁକ୍ତ ଚିନ୍ତା, ବୈଜ୍ଞାନିକ ମନୋଭାବ ଓ ସମାନତାର ଚେତନା ସୃଷ୍ଟି କରିବା। କିନ୍ତୁ ଯଦି ଛାତ୍ରଛାତ୍ରୀଙ୍କ ମନରେ ଅନ୍ଧ ଆନୁଗତ୍ୟ, ଏକପାଖିଆ ଚିନ୍ତାଧାରା କିମ୍ବା ସାମାଜିକ ବିଭାଜନକୁ ପ୍ରୋତ୍ସାହନ ଦେବା ଭଳି ଧାରଣା ପରୋକ୍ଷ ଭାବରେ ପ୍ରବେଶ କରାଯାଏ, ତେବେ ତାହା ଗଣତାନ୍ତ୍ରିକ ସମାଜ ପାଇଁ ଅଶୁଭ ସଙ୍କେତ। ଆଜି ଆବଶ୍ୟକ ହେଉଛି ପାଠ୍ୟପୁସ୍ତକ ପ୍ରସ୍ତୁତିର ସମ୍ପୂର୍ଣ୍ଣ ପ୍ରକ୍ରିୟାକୁ ସାର୍ବଜନୀନ ସମୀକ୍ଷା ପାଇଁ ଖୋଲା ରଖିବା, ତ୍ରୁଟିଗୁଡ଼ିକୁ ସ୍ୱୀକାର କରି ତୁରନ୍ତ ସଂଶୋଧନ କରିବା ଏବଂ ଓଡ଼ିଶାର ଇତିହାସ, ଭାଷା ଓ ସଂସ୍କୃତି ସମ୍ପର୍କରେ ଯେକୌଣସି ବିକୃତିକୁ ଦୂର କରିବା। କାରଣ ଶିକ୍ଷା କୌଣସି ସରକାରର ସମ୍ପତ୍ତି ନୁହେଁ; ଏହା ଜାତିର ଭବିଷ୍ୟତ, ଏବଂ ସେହି ଭବିଷ୍ୟତ ସହ ଖେଳିବାର ଅଧିକାର କାହାରି ନାହିଁ। ●

(ଆସୋସିଏଟ୍ ପ୍ରଫେସର)
ଅରୁଣାଚଳ ପ୍ରଦେଶ, ମୋ: ୯୬୭୮୦୯୧୩୦୦

# ସ୍ୱାଧୀନତା ସଂଗ୍ରାମୀଙ୍କ ଅନ୍ତୁଡ଼ିଶାଳ

**ମନୋରମା ନନ୍ଦ (ମିଶ୍ର)**

ଦେଶ ତଥା ଜନ୍ମମାଟିର ସୁରକ୍ଷା ପାଇଁ ଲଢ଼େଇ କରି ଅନେକ ସ୍ୱାଧୀନତା ସଂଗ୍ରାମୀ ଜୀବନକୁ ବଳି ଦେଇଛନ୍ତି। ଇଂରେଜ ଶାସନକୁ ପ୍ରତିହତ କରି ଅନ୍ୟମାନଙ୍କ ପାଇଁ ଉଚ୍ଚ ଆଦର୍ଶ ସୃଷ୍ଟି କରିଛନ୍ତି। ଏମିତି କେତେକ ଆଗଧାଡ଼ିର ସ୍ୱାଧୀନତା ସଂଗ୍ରାମୀଙ୍କୁ ଏକଜୁଟ୍ କରିଥିବା ସଂଗଠନ ହେଉଛି ‘ସ୍ୱାଧୀନତା ସଂଗ୍ରାମ ସୈନିକ ସଦନ’। ଏହି ସଦନ ପାଲଟିଥିଲା ଅବିଭକ୍ତ ପୁରୀ ଜିଲ୍ଲାର ସ୍ୱାଧୀନତା ସଂଗ୍ରାମୀଙ୍କ ଅନ୍ତୁଡ଼ିଶାଳ। ଦେଶ ସ୍ୱାଧୀନ ହେବା ପୂର୍ବରୁ ଅର୍ଥାତ୍ ୧୯୪୦ ମସିହାରେ ଅବିଭକ୍ତ ପୁରୀ ଜିଲ୍ଲା (ଏବେ ଖୋରଧା)ର ବାଜପୁର ଗ୍ରାମରେ ପ୍ରତିଷ୍ଠା କରାଯାଇଥିବା ଏହି ସଦନକୁ ଇତିମଧ୍ୟରେ ୮୬ ବର୍ଷ ଅତିକ୍ରାନ୍ତ ହୋଇଛି। କିନ୍ତୁ ଏବେ ମଧ୍ୟ ବିଗତ ଦିନର ସେହି ମହାନ୍ ସଂଗ୍ରାମୀଙ୍କ ଉଚ୍ଚ ଆଦର୍ଶରୁ ତିଳେମାତ୍ର ବିଚ୍ୟୁତ ନହୋଇ ତା’ର କାର୍ଯ୍ୟଧାରା ଜାରି ରଖିଛି। ଏହାର ସେତେବେଳେ ନେତୃତ୍ୱ ନେଇଥିଲେ ବାଜପୁରର ବରପୁତ୍ର ସ୍ୱାଧୀନତା ସଂଗ୍ରାମୀ କବିଗୌରବ ପଣ୍ଡିତ ନାରାୟଣ ମିଶ୍ର। ‘ନବଜୀବନ’ର ପ୍ରତିଷ୍ଠାତା ଚିନ୍ତାମଣି ମିଶ୍ର, ସଂଗ୍ରାମୀ ବାନାମ୍ବର ପଟ୍ଟନାୟକ, ପଦ୍ମନାଭ ମିଶ୍ର ଓ ନାରାୟଣ ସେଠୀ ପ୍ରମୁଖଙ୍କ ଭଳି ଧୂରୀଣ ବ୍ୟକ୍ତିତ୍ୱ ସହଯୋଗର ହାତ ବଢ଼ାଇଥିଲେ।

ମୁକ୍ତିସଂଗ୍ରାମୀ ପଣ୍ଡିତ ନାରାୟଣ ମିଶ୍ର ମାତ୍ର ୩ ବର୍ଷ ବର୍ଷ ବୟସରେ ପିତା ଦିଗମ୍ବର ମିଶ୍ରଙ୍କୁ ହରାଇ ପିତୃହୀନ ହୋଇଥିଲେ। ପରେ ତାଙ୍କ ବଡ଼ମାମୁଁ ବିଶ୍ୱନାଥ ମିଶ୍ରଙ୍କ ପରାମର୍ଶକ୍ରମେ ୧୯୨୧ରେ ପଞ୍ଚସଖାଙ୍କ ନେତୃତ୍ୱରେ ଗଢ଼ି ଉଠିଥିବା ସତ୍ୟବାଦୀ ବକୁଳ ବନବିଦ୍ୟାଳୟରେ ଶିକ୍ଷାଗ୍ରହଣ ପାଇଁ ସାକ୍ଷୀଗୋପାଳ ଅଭିମୁଖେ ଯାଇଥିଲେ। ପଞ୍ଚସଖାଙ୍କ ସଂସ୍ପର୍ଶରେ ଆସିବା ପରେ ସ୍ୱାଧୀନତାର ମହାମନ୍ତ୍ରରେ ଉଦ୍ଭାସିତ ହୋଇଥିଲେ। ୧୯୩୦ରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଆହ୍ୱାନରେ ରାଜ୍ୟର ବିଭିନ୍ନ ଗ୍ରାମରେ ସ୍ୱାଧୀନତା ସଂଗ୍ରାମରେ ଅଂଶଗ୍ରହଣ ପାଇଁ ‘ବାନରସେନା’ ଗଠନ କରାଯାଉଥାଏ। ସେଥିରେ ସାମିଲ ହେବା ପାଇଁ ସୈନିକ ବା କର୍ମୀ ଯୋଗାଡ଼ କରିବାକୁ ଆହ୍ୱାନ ଦିଆଯାଇଥିବାରୁ ବାଜପୁରରେ ଏଥିପାଇଁ ମୂଳଦୁଆ ପକାଇବାକୁ ନିଷ୍ପତ୍ତି ହୋଇଥିଲା। ପାଠପଢ଼ା, ପରିବାର, ଭବିଷ୍ୟତ ଜୀବନର ସୁଖ ସ୍ୱାଚ୍ଛନ୍ଦ୍ୟ ଆଦି ପରିତ୍ୟାଗ କରି ‘ବାନରସେନା’ ପାଇଁ କର୍ମୀ ଯୋଗାଡ଼ କରିବାର ଦୁର୍ବାର ଶପଥ ନେଇଥିଲେ ପଣ୍ଡିତ ନାରାୟଣ ମିଶ୍ର।

ଦିନେ ‘ସ୍ୱାଧୀନତା ସଂଗ୍ରାମ ସୈନିକ ସଦନ’ର ସଦସ୍ୟମାନେ ରାତି ପାହିବା ପୂର୍ବରୁ କଣାସ ନିକଟବର୍ତ୍ତୀ ଦୟାନଦୀ ନିକଟରେ ପହଞ୍ଚିବାକୁ କୁହାଯାଇଥିଲା। ସେହି ଶିବିରରୁ ଅସହଯୋଗ ଆନ୍ଦୋଳନର ନୂତନ ପର୍ଯ୍ୟାୟ ଆରମ୍ଭ ହେବାର ଯୋଜନା ଥିଲା। ଆଖିରେ ଆଖିଏ ନିଦ। ଅବଶ ହୋଇପଡ଼ିଲାଣି ସଂଗ୍ରାମୀଙ୍କ ଶରୀର। କାହାର ଗୋଡ଼ ଖଣ୍ଡିଆ ହୋଇ ଛୁଟିଲାଣି ରକ୍ତଧାର। ଖୁବ୍ ଦୂରରୁ ଦେଖାଯାଉଛି କଣାସର ନଦୀକୂଳ ବରଗଛ। ସଭା ପାଇଁ ସେଠାରେ ଚାଲିଛି ପ୍ରସ୍ତୁତି। ଲାଠି, ବେଡ଼ିକୁ ଖାତିର ନାହିଁ। ୫ଜଣଙ୍କୁ ଦିଆଗଲା ପିକେଟିଂ ଦାୟିତ୍ୱ। ଜାତୀୟ ସଙ୍ଗୀତ ଆବୃତ୍ତି ଏବଂ ହସ୍ତଶୋଭିତ ତ୍ରିରଙ୍ଗା ପତାକାର ଲହରୀଳ ନୃତ୍ୟ। ତା’ପରେ କର୍ତ୍ତବ୍ୟନିଷ୍ଠ ବ୍ରିଟିଶ ପୁଲିସ ଏବଂ ‘ବାନରସେନା’ ଭିତରେ ବେଶ୍ ଉପଭୋଗ୍ୟ ଖଣ୍ଡଯୁଦ୍ଧ। ହାତରେ ବେଡ଼ି, ଅଣ୍ଟାରେ ଦଉଡ଼ି, କଣ୍ଠରେ ଜାତୀୟ ସଙ୍ଗୀତର ଆବୃତ୍ତି। ପତାକାଟା କିନ୍ତୁ ପୁଲିସ ବୁଟ୍ ତଳେ ଛିନ୍ନଭିନ୍ନ ହୋଇ ସୁଦ୍ଧା ଶୋଭା ପାଉଥିଲା ପଣ୍ଡିତ ଶ୍ରୀମିଶ୍ରଙ୍କ ମସ୍ତକରେ।

୧୯୩୧ ମସିହାରେ ଅନୁଷ୍ଠିତ ‘ଲବଣ ସତ୍ୟାଗ୍ରହ’ରେ ପଣ୍ଡିତ ମିଶ୍ରଙ୍କ ସମେତ ସଦନର ସଦସ୍ୟମାନେ ସାମିଲ ହୋଇ ଲୁଣ ମାରିବାକୁ ଯାଇଥିବା ବେଳେ ଇଂରେଜ ସରକାରଙ୍କ ଅକଥନୀୟ ଅତ୍ୟାଚାରର ଶିକାର ହୋଇଥିଲେ। ତତଲା ବାଲିରେ ସ୍ଲେଜ ଗାଡ଼ି ଭଳି ଘୋଷରା ଖାଇବାକୁ ପଡ଼ିଥିଲା ସେମାନଙ୍କୁ। ମଝିରେ ମଝିରେ ଦିଆଯାଉଥିଲା ଲାଠି ଓ କୋରଡ଼ାରେ ପ୍ରହାର। ପିଇବାକୁ ପାଣି ବଦଳରେ ଦିଆଯାଉଥିଲା ପରିସ୍ରା। ପୁଲିସ ଭ୍ୟାନରେ ଆଳୁବସ୍ତା ପରି ଭର୍ତ୍ତି କରି ସଂଗ୍ରାମୀଙ୍କୁ ପ୍ୟାକ କରି ନିଆଯାଉଥିଲା। ପରେ ଭ୍ୟାନ ଛୁଟୁଥିଲା ପୁରୀ ଆଡ଼କୁ। ପୁରୀ ପୁଲିସ ହାଜତରେ ବିନା ଖାଦ୍ୟ ଓ ପାଣିରେ ରହିବାକୁ ପଡ଼ିଲା ସେମାନଙ୍କୁ ସପ୍ତାହକ ପର୍ଯ୍ୟନ୍ତ। ଏହି ସମୟରେ ସଦନର ସଦସ୍ୟମାନେ ମରିବୁ ପଛେ, ହାରିବୁ ନାହିଁ ବୋଲି ଶପଥ ନେଇଥିଲେ। ‘ସ୍ୱାଧୀନତା ସଂଗ୍ରାମ ସୈନିକ ସଦନ’ର ପ୍ରେରଣାକ୍ରମେ ଏହାର ସଦସ୍ୟମାନେ ଗଭୀର ଅନୁରକ୍ତି ସହ ଅଭେଦ୍ୟ ମମତା ଏବଂ ଅତୁଟ ସ୍ନେହରେ ସମସ୍ତଙ୍କୁ ବାନ୍ଧି ରଖିଥିଲେ। ପ୍ରଖ୍ୟାତ ସ୍ୱାଧୀତନା ସଂଗ୍ରାମୀ ଗୋକୁଳମୋହନ ରାୟଚୁଡ଼ାମଣି ଓ କୁନ୍ଦନ ରାମ୍ ପ୍ରମୁଖ ମଧ୍ୟ ସଦନକୁ ସୁଦୃଢ଼ କରିବାକୁ କେତେକାଂଶରେ ସହଯୋଗ କରିଥିଲେ। ବିଦ୍ରୋହୀଙ୍କୁ ଅସ୍ତ୍ରଶସ୍ତ୍ର ଯୋଗାଇବା ଉଦ୍ଦେଶ୍ୟରେ ଜମିଦାର ପରମ୍ପରାର ଅନେକ ପରିବାରର ସଦସ୍ୟଙ୍କୁ ବାଜପୁର ଅଣାଯାଇ ସଦନରେ ସାମିଲ କରାଯାଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ସଦନର ସଦସ୍ୟମାନେ ସଂଗୃହୀତ ଲୁହାରେ ଖଣ୍ଡା, ଢାଲ, ବର୍ଚ୍ଛା, ତୀର ଆଦି ତିଆରି କରୁଥିଲେ। ଏହି ବିପ୍ଳବୀଙ୍କ ହାତରେ ଏତେ ପରିମାଣର ଅସ୍ତ୍ରଶସ୍ତ୍ର ଦେଖି ଇଂରେଜ ସେନାପତିମାନେ ଆଶ୍ଚର୍ଯ୍ୟ ହୋଇଥିଲେ। ସଦନର ସଦସ୍ୟମାନେ ବିଭିନ୍ନ ଅଞ୍ଚଳର ବିପ୍ଳବୀଙ୍କୁ ଅଧିକାଂଶ ଅସ୍ତ୍ରଶସ୍ତ୍ର ଯୋଗାଇ ଦେଉଥିବା ଇଂରେଜମାନେ ଜାଣିବାକୁ ପାଇବାରୁ ସଦନର ସଦସ୍ୟଙ୍କୁ ଟାଣି ଟାଣି ଜେଲ ହାଜତକୁ ନେଇଥିଲେ। ଲବଣ ସତ୍ୟାଗ୍ରହରେ ସାମିଲ ହୋଇ ୧୯୪୨ ନଭେମ୍ବର ୧୬ରେ ସଦନର ସଦସ୍ୟମାନେ ଖୋରଧା ଓ ପାଟଣା କ୍ୟାମ୍ପ ଜେଲ୍‌ରେ ବନ୍ଦୀ ଜୀବନ ବିତାଇଥିବାର ନଜିର ରହିଛି।

ବାଜପୁରରେ ପ୍ରତିଷ୍ଠିତ ‘ସ୍ୱାଧୀନତା ସଂଗ୍ରାମ ସୈନିକ ସଦନ’ ସାରା ରାଜ୍ୟରେ ବାନରସେନାର ପ୍ରାଣକେନ୍ଦ୍ର ଭାବେ ଅଜସ୍ର ପ୍ରଶଂସା ସାଉଁଟିଥିଲା। ସୈନିକ ସଦନର ନିଷ୍ପତ୍ତି କ୍ରମେ ୧୯୪୭ରେ ଖଦଡ଼ ଓ ଧୋତି ପରିଧାନ କରି ଏହାର ସଦସ୍ୟମାନେ ହାତରେ ତ୍ରିରଙ୍ଗା ଧରି ଗାଁକୁ ଗାଁ ବୁଲିଲେ। ୧୯୫୩ରେ ଭୂତପୂର୍ବ ଅର୍ଥ ଓ ଶିକ୍ଷାମନ୍ତ୍ରୀ ପଣ୍ଡିତ ଗୋଦାବରୀଶ ମିଶ୍ର, ଗୋପବନ୍ଧୁ ମୂର୍ତ୍ତି ସ୍ଥାପନ ସମିତିର ସହକାରୀ ସମ୍ପାଦକ ଉଦୟନାଥ ଷଡ଼ଙ୍ଗୀ ପ୍ରମୁଖ ଏହି ସଦନ ପରିଦର୍ଶନରେ ଆସି ବାନରସେନାଙ୍କ କାର୍ଯ୍ୟରେ ବିମୋହିତ ହୋଇଥିଲେ। ୧୯୫୭ରେ ଭୂତପୂର୍ବ ଶିଳ୍ପ ଓ ବାଣିଜ୍ୟ ମନ୍ତ୍ରୀ ହରିହର ପଟେଲ, ୧୯୫୯ରେ ତତ୍କାଳୀନ ପୁରୀ ଜିଲ୍ଲା ମାଜିଷ୍ଟ୍ରେଟ ଉଦୟଚନ୍ଦ୍ର ଅଗ୍ରୱାଲା, ୧୯୬୧ରେ ତତ୍କାଳୀନ ରାଜ୍ୟପାଳ ଯଶୋବନ୍ତ ନାରାୟଣ ସୁକଠଣକର୍, ୧୯୬୭ରେ ଖ୍ୟାତନାମା କବି ଡ.ମାୟାଧର ମାନସିଂହ ପ୍ରମୁଖ ଏହି ସଦନ ପରିଦର୍ଶନ କରି ପ୍ରତ୍ୟକ୍ଷ ଅନୁଭୂତି ହାସଲ କରିଥିଲେ। ୧୯୬୪ ମସିହାରେ ଭୂତପୂର୍ବ ବାଚସ୍ପତି ନୀଳକଣ୍ଠ ଦାସ, ସର୍ବଭାରତୀୟ କଂଗ୍ରେସ କମିଟି ପ୍ରବକ୍ତା କେ.କାମରାଜ୍ ପ୍ରମୁଖ ଚିନ୍ତାମଣି ମିଶ୍ରଙ୍କ ନିମନ୍ତ୍ରଣକ୍ରମେ ଏହି ସଦନ ପରିଦର୍ଶନ କରିଥିଲେ। ସର୍ବୋପରି ତତ୍କାଳୀନ ମୁଖ୍ୟମନ୍ତ୍ରୀ ରାଜେନ୍ଦ୍ର ନାରାୟଣ ସିଂହଦେଓ ୧୯୬୭ରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବାଜପୁର ଆସିଥିବା ବେଳେ ଏହି ସଦନକୁ ଆସିଥିବା ଇତିହାସ ଅବଲୋକନ କଲେ ଜଣାପଡ଼େ। ୮୬ ବର୍ଷ ବୟସରେ ପହଞ୍ଚିଥିବା ‘ସୈନିକ ସଦନ’ ଆଜି ବି ସଗର୍ବେ ମୁଣ୍ଡ ଟେକି ସଂଗ୍ରାମୀଙ୍କ ସ୍ମୃତିଚାରଣ କରିଆସୁଛି। ●

ବାଜପୁର, ମୋ: ୯୭୭୮୫-୨୨୮୮୨

# ଶବରୀ ନାରାୟଣ ତୀର୍ଥ

**ସ୍ୱପ୍ନେଶ୍ୱର**

## ଲୋକକଥାରେ ଲୋକଦେବତା

ତ୍ରେତୟା ଯୁଗରେ ବାଳୀକୁ ବଧ କରିବା ପରେ ଭଗବାନ ଶ୍ରୀରାମଚନ୍ଦ୍ର ବାଳୀଙ୍କ ପତ୍ନୀ ତାରାଙ୍କ ଦ୍ୱାରା ଅଭିଶାପଗ୍ରସ୍ତ ହେଲେ। ଅଭିଶାପ ଅନୁଯାୟୀ ଦ୍ୱାପର ଯୁଗରେ ଜାରା ଶବର ରୂପେ ଜନ୍ମ ନେଇଥିବା ବାଳୀଙ୍କ ପୁତ୍ର ଅଙ୍ଗଦଙ୍କ ଶରାଘାତରେ ଶ୍ରୀକୃଷ୍ଣ ମୃତ୍ୟୁବରଣ କଲେ। ଏହି ଜାରା ଶବର ହେଲେ ଶବରମାନଙ୍କର ଆଦି ପୁରୁଷ। ଶବର ସଂପ୍ରଦାୟର ଲୋକମାନେ ଓଡ଼ିଶା ଓ ଛତିଶଗଡ଼ରେ ବହୁସଂଖ୍ୟାରେ ବାସ କରନ୍ତି। କେତେକ ଅଞ୍ଚଳରେ ସେମାନେ ଶଉରା ବା ଶଅର ଭାବେ ଜଣା ଯାଆନ୍ତି।

ଜୋଙ୍କ ନାମକ ଏକ ନଦୀ ଓଡ଼ିଶାର କଳାହାଣ୍ଡି ନୂଆପଡ଼ା ଅଞ୍ଚଳରୁ ବାହାରି ଛତିଶଗଡ଼ରେ କିଛିଦୂର ପ୍ରବାହିତ ହୋଇ ମହାନଦୀ ସହ ସଂଯୁକ୍ତ ହୋଇଛି। ଏହି ସଙ୍ଗମ ସ୍ଥଳର ନାମ ‘ଶବରୀ ନାରାୟଣ ତୀର୍ଥ’। ଶବରୀ ନାରାୟଣ ବର୍ତ୍ତମାନ ଅପଭ୍ରଂଶ ହୋଇ ‘ଶେଓରୀ ନାରାୟଣ’ ରୂପେ ଜଣାଯାଉଛି। ସେତେବେଳର ଓଡ଼ିଶାର ରାଜା କୌଣସି ସୂତ୍ରରୁ ଖବର ପାଇଲେ ଯେ ଶବରୀ ନାରାୟଣରେ ପରମାତ୍ମା ପୂର୍ଣ୍ଣବ୍ରହ୍ମ ନିଘଞ୍ଚ ଜଙ୍ଗଲର ଏକ ଗୁମ୍ଫାରେ ଜଣେ ଶବର ଦ୍ୱାରା ଆରାଧିତ ହେଉଛନ୍ତି। ସେ ପୁରୁଷୋତ୍ତମ କ୍ଷେତ୍ରରେ ଏକ ଭବ୍ୟ ମନ୍ଦିରରେ ଶ୍ରୀଜଗନ୍ନାଥଙ୍କୁ ପ୍ରତିଷ୍ଠା କରି ଆରାଧନା କରିବା ପାଇଁ ସଙ୍କଳ୍ପ କଲେ। ତେଣୁ ଶବରୀ ନାରାୟଣରୁ ମହାପ୍ରଭୁଙ୍କୁ ଆଣିବା ପାଇଁ ଜଣେ ବେଦଜ୍ଞ ବ୍ରାହ୍ମଣଙ୍କୁ ପଠେଇଲେ।

ଅନେକଦିନ ଯାତ୍ରା ପରେ ବ୍ରାହ୍ମଣ ଶବରୀ ନାରାୟଣରେ ପହଞ୍ଚିଲେ। ମହାପ୍ରଭୁଙ୍କ ସନ୍ଧାନ ପାଇଁ ବ୍ରାହ୍ମଣ ଶବର ସହ ବନ୍ଧୁତା ସ୍ଥାପନ କଲେ। ଶବର ବ୍ରାହ୍ମଣଙ୍କୁ ଆତିଥେୟ ଦେଲେ। ଏହି ସମୟରେ ବ୍ରାହ୍ମଣ ଶବର କନ୍ୟାର ପ୍ରେମରେ ପଡ଼ି ତାଙ୍କୁ ବିବାହ କଲେ। ଝିଅଜୋଇଁଙ୍କର ଅନେକ ଅନୁନୟ ବିନୟ ପରେ ଶବର ବ୍ରାହ୍ମଣଙ୍କୁ ଠାକୁରଙ୍କ ବିଜେସ୍ଥଳୀକୁ ନେଇଯିବା ପାଇଁ ଏକସର୍ତ୍ତରେ ରାଜି ହେଲେ। ସର୍ତ୍ତ ହେଲା ଯେ ଯିବା ଆସିବା ବେଳେ ବ୍ରାହ୍ମଣଙ୍କ ଆଖିରେ ପୁଟୁଳି ବନ୍ଧା ଯିବ। ବ୍ରାହ୍ମଣ ରାଜି ହେଲେ ଏବଂ ଶବରଙ୍କ ଅଲକ୍ଷ୍ୟରେ ନିଜ ଅଣ୍ଟିରେ କିଛି ସୋରିଷ ଲୁଚେଇ ନେଇଗଲେ। ଗଲା ବେଳେ ବ୍ରାହ୍ମଣ ଅଣ୍ଟିରୁ ସୋରିଷ ବାହାର କରି ବାଟ ସାରା ପକେଇ ପକେଇ ଗଲେ। ବ୍ରାହ୍ମଣ ମହାପ୍ରଭୁଙ୍କୁ ଦର୍ଶନ କରି ଫେରିଆସିଲେ। କିଛିଦିନ ପରେ ବର୍ଷା ହୋଇ ସୋରିଷ ଗଜା ହେଲା। ଦିନେ ସମସ୍ତଙ୍କ ଅଜ୍ଞାତରେ ବ୍ରାହ୍ମଣ ସୋରିଷ ଗଛ ଦେଖି ଦେଖି ମହାପ୍ରଭୁଙ୍କ ଗୁମ୍ଫାରେ ପହଞ୍ଚି ମହାପ୍ରଭୁଙ୍କୁ ସାଷ୍ଟାଙ୍ଗ ପ୍ରଣିପାତ କଲେ ଏବଂ ତାଙ୍କ ସଙ୍ଗରେ ପୁରୁଷୋତ୍ତମ କ୍ଷେତ୍ରକୁ ବିଜେ କରିବା ପାଇଁ ପ୍ରାର୍ଥନା କଲେ। ତାଙ୍କ ପ୍ରାର୍ଥନାରେ ସନ୍ତୁଷ୍ଟ ହୋଇ ଜଗନ୍ନାଥ କହିଲେ- ‘ବ୍ରାହ୍ମଣ, ମୁଁ ତୁମ ରାଜାଙ୍କ ଭକ୍ତିରେ ସନ୍ତୁଷ୍ଟ ହୋଇଛି। ନିତ୍ୟବୈକୁଣ୍ଠ ନୀଳାଚଳରେ ବିଜେ ହୋଇ ମୁଁ ପତିତମାନଙ୍କୁ ଉଦ୍ଧାର କରିବି। ଏହା ବିଧିନିର୍ଦ୍ଦିଷ୍ଟ। ମୁଁ ଦାରୁସ୍ୱରୂପରେ ପବିତ୍ର ମହାନଦୀରେ ଭାସିଭାସି ପୁରୁଷୋତ୍ତମ କ୍ଷେତ୍ରରେ ପହଞ୍ଚିବି। ରାଜା ସେ ଦାରୁରେ ଚତୁର୍ଦ୍ଧା ବିଗ୍ରହ ନିର୍ମାଣ କରି ଏକ ଭବ୍ୟମନ୍ଦିରରେ ପ୍ରତିଷ୍ଠା କରି ମୋର ପୂଜାର୍ଚ୍ଚନା କରିବେ।’

ମହାପ୍ରଭୁଙ୍କଠାରୁ ଆଶ୍ୱସନା ପାଇ ବ୍ରାହ୍ମଣ ନୀଳାଚଳକୁ ଫେରି ଆସିଲେ। ମହାପ୍ରଭୁ ଏକ ଶଙ୍ଖଚକ୍ର ଶୋଭିତ ଦିବ୍ୟଦାରୁ ସ୍ୱରୂପରେ ମହାନଦୀ, କାଠଯୋଡ଼ି, କୁଆଖାଇ ଓ ଭାର୍ଗବୀ ନଦୀରେ ଭାସି ଭାସି ପୁରୁଷୋତ୍ତମ କ୍ଷେତ୍ରରେ ପହଞ୍ଚିଲେ। ରାଜା ସେ ଦାରୁରେ ଚତୁର୍ଦ୍ଧାମୂର୍ତ୍ତି ନିର୍ମାଣ କରି ମନ୍ଦିରରେ ପ୍ରତିଷ୍ଠା କରି ପୂଜାର୍ଚ୍ଚନାର ବନ୍ଦୋବସ୍ତ କଲେ। ଶବରୀ ନାରାୟଣରେ ଜଗନ୍ନାଥଙ୍କ ଅନ୍ତର୍ଦ୍ଧାନ ହେବା ପରେ ଶବର ପାଗଳପ୍ରାୟ ହୋଇ କ୍ରନ୍ଦନ କରିବାକୁ ଲାଗିଲେ। ମହାପ୍ରଭୁ ଶବରଙ୍କୁ ସ୍ୱପ୍ନରେ ଦର୍ଶନ ଦେଇ କହିଲେ- ‘ତୁ ମୋର ଅନନ୍ୟ ଭକ୍ତମାନଙ୍କ ଭିତରୁ ଜଣେ। ସାରା ସଂସାରର କଲ୍ୟାଣ ସାଧନ ପାଇଁ ମୁଁ ବର୍ତ୍ତମାନଠାରୁ ଉତ୍କଳ ଦେଶର ସମୁଦ୍ର ତଟବର୍ତ୍ତୀ ନୀଳାଚଳ ଧାମରେ ଦାରୁ ସ୍ୱରୂପରେ ଆରାଧିତ ହେବି। ମୁଁ ପ୍ରଥମେ ପ୍ରକଟ ହୋଇଥିବା ଏହି ସ୍ଥାନ ଏକ ତୀର୍ଥସ୍ଥଳର ମାନ୍ୟତାପ୍ରାପ୍ତ ହେବ। ବ୍ରାହ୍ମଣ ତୁମ କନ୍ୟାର ସହାୟତା ନେଇ ମୋତେ ଆବିଷ୍କାର କରି ଥିବାରୁ ତା’ର ସ୍ମୃତିରକ୍ଷା ପାଇଁ ଏ ତୀର୍ଥ ‘ଶବରୀ ନାରାୟଣ’ ରୂପେ ପ୍ରସିଦ୍ଧି ଲାଭ କରିବ। ତୋର ଉତ୍ତରପୁରୁଷମାନେ ଦଇତା ସେବକ ନାମରେ ମୋର ଅଙ୍ଗଲାଗି ସେବକ ରୂପେ ମୋର ସେବାର ସୁଯୋଗ ପାଇବେ। ସାରା ସଂସାର ସେମାନଙ୍କୁ ମୋର କୁଟୁମ୍ବୀ ରୂପେ ଜାଣିବେ।’ କାଳକ୍ରମେ ଶବରୀ ନାରାୟଣ ଏକ ପ୍ରସିଦ୍ଧ ତୀର୍ଥକ୍ଷେତ୍ରରେ ପରିଣତ ହେଲା। ବର୍ତ୍ତମାନ ଏହା ଛତିଶଗଡ଼ର ଏକ ପ୍ରସିଦ୍ଧ ତୀର୍ଥ ଓ ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ପାଇଛି। ●

(ଆଧାର- ଜଗନ୍ନାଥ ମନ୍ଦିର ଓ ଜଗନ୍ନାଥ ତତ୍ତ୍ୱ- ପଣ୍ଡିତ ସୂ. ନା. ଦାଶ)

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. ‘ସକାଳ’ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. ‘ସକାଳ’କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. ‘ସକାଳ’ ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ ‘ସକାଳ’ ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ ‘ସକାଳ’ କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ୧୦୦୦ ମେଗାୱାଟର ସବୁଜ ଶକ୍ତି ପ୍ରକଳ୍ପ ବିକାଶ ଲକ୍ଷ୍ୟ

# ଏନଆଇଆରଏଲ୍-ଓରେଡା ଚୁକ୍ତିନାମା




ଭୁବନେଶ୍ୱର, ୨୩।୬ (ସମିସ): ରାଜ୍ୟରେ ସ୍ଥାୟୀ ଶକ୍ତିର ପ୍ରସାରକୁ ତ୍ୱରାନ୍ୱିତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଏନଏଲସି ଇଣ୍ଡିଆ ଲିମିଟେଡର ସମ୍ପୂର୍ଣ୍ଣ ମାଲିକାନାଧୀନ ସହାୟକ କମ୍ପାନୀ 'ଏନଏଲ୍‌ସି ଇଣ୍ଡିଆ ରିନ୍ୟୁଏବଲ୍ସ ଲିମିଟେଡ୍' (ଏନଆଇଆରଏଲ) ଏବଂ ଓଡ଼ିଶା ଅକ୍ଷୟ ଶକ୍ତି ଉନ୍ନୟନ ସଂସ୍ଥା (ଓରେଡା) ମଧ୍ୟରେ ଏକ ଯୌଥ ଉଦ୍ୟୋଗ (ଜଏଣ୍ଟ ଭେନଚର) ଚୁକ୍ତିନାମା ସ୍ୱାକ୍ଷରିତ ହୋଇଯାଇଛି। ଭୁବନେଶ୍ୱରସ୍ଥିତ ଖାରବେଳ ଭବନଠାରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଉପସ୍ଥିତିରେ ଏହି ଚୁକ୍ତିନାମା ସ୍ୱାକ୍ଷର କରାଯାଇଛି। ଓଡ଼ିଶାରେ ୧୦୦୦ ମେଗାୱାଟର ସବୁଜ ଶକ୍ତି ପ୍ରକଳ୍ପ ବିକାଶ କରିବା ପାଇଁ କମ୍ପାନୀ ଲକ୍ଷ୍ୟ ରଖିଥିବା ବେଳେ ୨୫୦ ମେଗାୱାଟ ପବନ ଶକ୍ତି (ୱିଣ୍ଡୋ ପାୱାର) ଏବଂ ୨୨୫ ମେଗାୱାଟ ଭାସମାନ ସୌର ଶକ୍ତି (ଫ୍ଲୋଟିଂ ସୋଲାର ପାୱାର)) ପ୍ରକଳ୍ପ କରାଯିବ। ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି ଯେ ଏହି ଉଦ୍ୟୋଗ ସ୍ଥାୟୀ ଶିଳ୍ପ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ସହ ଓଡ଼ିଶାକୁ ଭାରତର ଏକ ସବୁଜ ଶକ୍ତି କେନ୍ଦ୍ର ଭାବେ ପ୍ରତିଷ୍ଠିତ କରିବ। ଏହି ଯୌଥ ଉଦ୍ୟୋଗରେ ଏନଆଇଆରଏଲ ୫୧% ଏବଂ ଓରେଡା ୪୯% ଅଂଶଧନ ନିବେଶ କରିବେ। କମ୍ପାନୀର ପରିଚାଳନା ବୋର୍ଡରେ ଏନଆଇଆରଏଲ ପକ୍ଷରୁ ତିନି ଜଣ ଏବଂ ଓରେଡା ପକ୍ଷରୁ ଦୁଇ ଜଣ ସଦସ୍ୟ ରହିବେ। କାର୍ଯ୍ୟକ୍ରମରେ ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଳ କୁମାର ଦେବ କହିଛନ୍ତି ଯେ ବୃହତ ଆକାରର ଅକ୍ଷୟ ଶକ୍ତି ପ୍ରକଳ୍ପ ପରିଚାଳନା ନିମନ୍ତେ ଓଡ଼ିଶାର ପ୍ରତିଷ୍ଠାନିକ କ୍ଷମତାକୁ ସୁଦୃଢ଼ କରିବା ଦିଗରେ ଏହି ପଦକ୍ଷେପ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। କାର୍ଯ୍ୟକ୍ରମରେ ଶକ୍ତି ବିଭାଗ, ଓରେଡା ଏବଂ ଏନଆଇଆରଏଲ୍‌ର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଚାକିରି ଅପେକ୍ଷାରେ ମେଧାବୀ; ଅବସରପ୍ରାପ୍ତଙ୍କୁ ପୁନଃ ନିଯୁକ୍ତି

# ସରକାରଙ୍କୁ ଘେରିଲା ଛାତ୍ର ବିଜେଡି

ଭୁବନେଶ୍ୱର, ୨୩।୬ (ସମିସ): ଦୀର୍ଘ ୨ ବର୍ଷ ହେଲା ଏସ୍ଏସ୍‌ବି ଅଧ୍ୟାପକ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇନାହିଁ। ପୂର୍ବରୁ ନିଯୁକ୍ତି ଯୋଗ୍ୟତା ନେଇ ହାଇକୋର୍ଟରେ ମାମଲା ଥିବାବେଳେ ସରକାର ନିଜର ପକ୍ଷ ରଖୁନାହାନ୍ତି। ଫଳରେ ପ୍ରାୟ ୫୦ ହଜାର ଉଚ୍ଚଶିକ୍ଷିତ ଆଶାୟୀ ହତାଶ ହୋଇପଡ଼ିଥିବା ଅଭିଯୋଗ କରି ବିଜୁ ଜନତା ଦଳ ସରକାରଙ୍କ ଉପରେ ବର୍ଷିଛି। ଶଙ୍ଖ ଭବନରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଜୁ ଛାତ୍ର ଜନତା ଦଳର ସଭାନେତ୍ରୀ ଇପ୍ସିତା ସାହୁ ଓ କାର୍ଯ୍ୟକାରୀ ସଭାପତି ପ୍ରଦୋଷ ପରିଡ଼ା କହିଛନ୍ତି ଯେ ୨୦୨୨ ମସିହାରେ ନିଯୁକ୍ତି ନେଇ ହାଇକୋର୍ଟରେ ମାମଲା ହୋଇଥିବା ସତ୍ତ୍ୱେ ତତ୍କାଳୀନ ବିଜେଡି ସରକାର ହସ୍ତକ୍ଷେପ କରି ୧୦୬୫ ଅଧ୍ୟାପକଙ୍କୁ ନିଯୁକ୍ତି ଦେଇଥିଲେ। ୨୦୨୪ ମାର୍ଚ୍ଚରେ ପୁନର୍ବାର ଅଧ୍ୟାପକ ନିଯୁକ୍ତି ପାଇଁ ବିଜେଡି ସରକାର ବିଜ୍ଞପ୍ତି ପ୍ରକାଶ କରିଥିଲା।



ଜୁନ୍‌ରେ ସରକାର ପରିବର୍ତ୍ତନ ହେଲା ଓ ପୂର୍ବଭଳି କିଛି ଆଶାୟୀ ହାଇକୋର୍ଟରେ ମାମଲା ରୁଜୁ କଲେ। ମାତ୍ର ଏ କ୍ଷେତ୍ରରେ ଦୀର୍ଘ ୨ ବର୍ଷ ହେଲା ବିଜେପି ସରକାର ତତ୍ପରତା ଦେଖାଉ ନାହାନ୍ତି। ତାରିଖ ପରେ ତାରିଖ ଗଡୁଥିଲେ ମଧ୍ୟ ସରକାରୀ ଓକିଲ ପକ୍ଷ ରଖୁନାହାନ୍ତି। ଆଶାୟୀମାନେ ବାରମ୍ବାର ଉଚ୍ଚଶିକ୍ଷା ମନ୍ତ୍ରୀ, ଆଇନ ମନ୍ତ୍ରୀ, ଉଚ୍ଚଶିକ୍ଷା ବିଭାଗ ସଚିବ, ମୁଖ୍ୟ ଶାସନ ସଚିବ ଓ ଆଡଭୋକେଟ୍ ଜେନେରାଲଙ୍କୁ ଭେଟିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ସେହି କେସ୍‌ର ଶୁଣାଣି ପାଇଁ ଆସନ୍ତା ୩୦ ତାରିଖକୁ ହାଇକୋର୍ଟ ଧାର୍ଯ୍ୟ କରିଛନ୍ତି। ସେହି ଶୁଣାଣିରେ ସରକାରୀ ଓକିଲ ଅଂଶଗ୍ରହଣ କରି ୫୦ ହଜାର ଆଶାୟୀଙ୍କୁ ସରକାର ନ୍ୟାୟ ପ୍ରଦାନ କରନ୍ତୁ ବୋଲି ବିସିଜେଡି ରାଜ୍ୟ ସଭାନେତ୍ରୀ ଶ୍ରୀମତୀ ସାହୁ ଦାବି କରିଛନ୍ତି। ଅନ୍ୟଥା ମେଧାବୀଙ୍କ ପାଇଁ ବିଜୁ ଛାତ୍ର ଜନତା ଦଳ ତୀବ୍ର ଆନ୍ଦୋଳନ କରିବ ବୋଲି ସେ ଚେତାବନୀ ଦେଇଛନ୍ତି।

ସେହିପରି ଶ୍ରୀ ପରିଡ଼ା କହିଛନ୍ତି ଯେ, ରାଜ୍ୟରେ ହଜାର ହଜାର ଉଚ୍ଚଶିକ୍ଷିତ ମେଧାବୀ ଚାକିରି ପାଇଁ ଅପେକ୍ଷାରେ ଥିବାବେଳେ ସେମାନଙ୍କ ସ୍ୱାର୍ଥକୁ ସରକାର ପଦାଘାତ କରି ଅବସରପ୍ରାପ୍ତ ଅଧ୍ୟାପକଙ୍କୁ ପୁନଃ ନିଯୁକ୍ତି ପାଇଁ ୨୦୨୫ ଅକ୍ଟୋବର ୨୩ ରେ ବିଜ୍ଞପ୍ତି ପ୍ରକାଶ କଲେ। ରାଜ୍ୟର ମେଧାବୀ ଯୁବକ ଯୁବତୀଙ୍କୁ ସରକାର ପ୍ରତାରଣା କରି ଅବସରପ୍ରାପ୍ତଙ୍କୁ ପୁନଃ ନିଯୁକ୍ତି ଦେବା କାହା ସ୍ୱାର୍ଥରେ ବୋଲି ସେ ପ୍ରଶ୍ନ କରିଛନ୍ତି।

# ଜୁଲାଇ ୫କୁ ପୁଣି ଘୁଞ୍ଚିଲା ଓଟିଇଟି

କଟକ, ୨୩।୬ (ସମିସ): ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଟିଇଟି -୨୦୨୬) ପାଇଁ ଆଜି ସାନି ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ପରୀକ୍ଷା ଆସନ୍ତା ଜୁନ ମାସ ୨୧ ତାରିଖରେ ହେବ ବୋଲି ପୂର୍ବରୁ ସ୍ଥିରୀକୃତ ହୋଇଥିବା ବେଳେ ଏହାକୁ ନିଟ ପରୀକ୍ଷା ପାଇଁ ପ୍ରଥମେ ଘୁଞ୍ଚାଯାଇ ଜୁନ ୨୮ରେ ହେବ ବୋଲି ସ୍ଥିର କରାଯାଇଥିଲା। ଜୁନ ୨୮ରେ ଓଏସଏସସି ପକ୍ଷରୁ ଆରଆଇ, ଅମିନ ନିଯୁକ୍ତି ପରୀକ୍ଷା ଅନୁଷ୍ଠିତ ହେଉଥିବାରୁ ଓଟିଇଟି ପରୀକ୍ଷା ଆସନ୍ତା ଜୁଲାଇ ୫ତାରିଖରେ ଅନୁଷ୍ଠିତ ହେବ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି। ଓଟିଇଟି ପରୀକ୍ଷା ଦୁଇଟି ପର୍ଯ୍ୟାୟରେ ହେବାକୁ ଥିବା ବେଳେ ପେପର-୧ ସକାଳ ୯ଟାରୁ ୧୧ଟା ୩୦ ଓ ପେପର-୨ ପରୀକ୍ଷା ଦିନ ୨ଟାରୁ ଅପରାହ୍ନ ୪ଟା୩୦ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଗତ ଜୁନ ୧୭ରୁ ଆଡମିଟ୍ କାର୍ଡ ବୋର୍ଡ ୱେବସାଇଟରେ ଉପଲବ୍ଧ ହୋଇସାରିଛି। ଯେଉଁମାନେ ଏହାକୁ ଡାଉନଲୋଡ କରିଛନ୍ତି ଆଉ ଡାଉନଲୋଡ କରିବାକୁ ପଡିବ ନାହିଁ ବୋଲି ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ ସୂଚନା ଦେଇଛନ୍ତି।


## AFFIDAVIT

I, Abhisek Nayak, aged about 44 years, S/o- Nirmal Chandra Nayak, resident of At- Railway Station Road, Balangir, Ps- Town Bolangir, Balangir, Pin-767001, Odisha do hereby declare for my minor daughter Anrwita Abhisek Nayak by this affidavit No.1288, dtd- 22.06.2026, that now onwards she shall be known as **ANWITA ABHISEK NAYAK** for all future purposes.

## AFFIDAVIT

By virtue of an affidavit sworn before the Executive Magistrate, Banapur Vide No-1966 Dated 29/05/2026, I, DAKA BARIK aged about 54 years, S/o- Maguni Barik permanent resident of Village- Paladhuapali, P.O.- Ayatapur, P.S.- Nachuni of Khordha Dist. Odisha do hereby declare that I have changed my name from KABULA BARIK to DAKA BARIK. Henceforth I shall be known as **DAKA BARIK** for all purposes.

**DAKA BARIK**

## AFFIDAVIT

By virtue of an affidavit no- 2148, dated- 11/6/2026 sworn before Executive Magistrate, Banpur, declare that I, Nityananda Muduli, aged about- 44 years, S/o- Trinath Muduli of Address At- Muktadeipur, Po- Balidihi, PS- Banpur, Dist- Khordha, Odisha, Pin-752031, declare that I have changed the name of my minor daughter from Madhumita Muduli to Madhusmita Muduli. Henceforth, he shall be known as **Madhusmita Muduli** for all purposes.

**Madhusmita Muduli**


## ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ...

### ଟିଏମ୍‌ସି ପାଇଁ...

ସାଧାରଣ ସମ୍ପାଦକ ଭାବେ ମନୋନୀତ କରିଛନ୍ତି। ରତବ୍ରତଙ୍କ ଗୋଷ୍ଠୀ ଦାବି କରିଛି ଯେ ବିଧାୟକ ଦଳର ସଂଖ୍ୟାଗରିଷ୍ଠ ସମର୍ଥନ ସେମାନଙ୍କ ପାଖରେ ରହିଛି। ନୂତନ କମିଟି ରିପୋର୍ଟ ୧୫ ଦିନ ମଧ୍ୟରେ ନିର୍ବାଚନ କମିଶନଙ୍କୁ ଦିଆଯିବ ବୋଲି ରତବ୍ରତ କହିଛନ୍ତି। ଏହା ପୂର୍ବରୁ ମମତାଙ୍କ ଶିବିର ତତ୍ପରତା ଦେଖାଇ ନିଜର ପକ୍ଷ ରଖିସାରିଛି। ଦୁଇଟି ପୃଥକ ଗୋଷ୍ଠୀ ଗୋଟିଏ ଦଳ ଉପରେ ଦାବି କରୁଥିବାରୁ ଏହି ବିବାଦର ସମାଧାନ ଏବେ ନିର୍ବାଚନ କମିସନଙ୍କ ହାତରେ ରହିଛି।

### ଓଡ଼ିଶା ଫେରିଲା...

ଏକାଧିକ ବିଧାୟକ ଏବଂ ଅନ୍ୟମାନେ ସେଠାରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ସମସ୍ତଙ୍କ ମରଶରୀରକୁ ଶ୍ରମ ବିଭାଗ ପକ୍ଷରୁ ସରକାରୀ ବ୍ୟବସ୍ଥାରେ ସେମାନଙ୍କର ପୈତୃକ ଗ୍ରାମକୁ ପଠାଇ ଦିଆଯାଇଥିବା ଜଣାପଡ଼ିଛି। ସେଠାରେ ସେମାନଙ୍କର ଶେଷକୃତ୍ୟ ସମ୍ପନ୍ନ ହେବ। ସୂଚନାଯୋଗ୍ୟ ଯେ ତିରିଭଲ୍ଲୁର ଜିଲ୍ଲା ପେରିୟାପାଲିଆମରେ ସି ଫୁଡ୍ ଫ୍ୟାକ୍ଟ୍ରିରେ ଗ୍ୟାସ୍ ଲିକ୍ ଯୋଗୁ ଏମାନଙ୍କର ମୃତ୍ୟୁ ଘଟିଥିଲା।

### ବିଜେପି ରାଜନୀତି...

ଯାହାକୁ ନେଇ ବିଜେପିରେ ହଲଚଲ ସୃଷ୍ଟି ହୋଇଛି।

ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ନିତିନ ନବୀନଙ୍କ ନୂଆ ଟିମ୍‌ରେ ଓଡ଼ିଶାର କିଛି ବିଜେପି ନେତାଙ୍କୁ ସ୍ଥାନ ମିଳିପାରେ । ଏପରିକି ରାଜ୍ୟ ମନ୍ତ୍ରିମଣ୍ଡଳରେ ଗୁରୁତ୍ୱପୂର୍ଣ୍ଣ ବିଭାଗ ଦାୟିତ୍ୱରେ ଥିବା ଜଣେ ମନ୍ତ୍ରୀ ଓ ରାଜ୍ୟରୁ ନିର୍ବାଚିତ ଜଣେ ସାଂସଦଙ୍କୁ ଦଳ ସାଂଗଠନିକ କାର୍ଯ୍ୟରେ ନିୟୋଜିତ କରାଯାଇପାରେ । ଯେହେତୁ ବିଜେପି ଏବେ ଜଣେ ବ୍ୟକ୍ତି, ଗୋଟିଏ ପଦ ଉପରେ ବିଶ୍ୱାସ କରୁଛି; ତେଣୁ ସମ୍ପୃକ୍ତ ମନ୍ତ୍ରୀ ମୋହନଙ୍କ କ୍ୟାବିନେଟ୍‌ରୁ ବାଦ ପଡ଼ିବା ନିଶ୍ଚିତ । ଏ ସମ୍ପର୍କରେ ଶ୍ରୀ ଶାହା ଆଲୋଚନା କରିପାରନ୍ତି ବୋଲି କୁହାଯାଉଛି ।

ଅନ୍ୟପକ୍ଷରେ ଗତ ଗସ୍ତ ସମୟରେ ଦଳର ରାଷ୍ଟ୍ରୀୟ ସଭାପତି ନିତିନ ନବୀନ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ରାଜ୍ୟ ବିଜେପିର କୋର କମିଟି ସହ ଆଲୋଚନା କରିଥିଲେ । ଏହା ସହ ନିର୍ଦ୍ଦିଷ୍ଟ ଭାବରେ କିଛି ପ୍ରସଙ୍ଗରେ କାର୍ଯ୍ୟ କରିବା ପାଇଁ ଦଳୀୟ ନେତାଙ୍କୁ ନିର୍ଦ୍ଦେଶ ଦେଇଥିଲେ। ରାଜ୍ୟରେ ସରକାରଙ୍କ କାର୍ଯ୍ୟ, ଲୋକଙ୍କ ମଧ୍ୟରେ ଦଳର ବିଶ୍ୱନୀୟତା ଆଦି ପ୍ରସଙ୍ଗକୁ ନେଇ ସେ ଅସନ୍ତୋଷ ପ୍ରକାଶ କରିଥିବା ସେତେବେଳେ ଚର୍ଚ୍ଚା ହୋଇଥିଲା। ଏ ସମ୍ପର୍କରେ କେନ୍ଦ୍ରୀୟ କୋର କମିଟି ସହ ନିତିନ ନବୀନ ଆଲୋଚନା କରିଛନ୍ତି । ତେଣୁ ଓଡ଼ିଶାରେ ଦଳର ସାଂଗଠନିକ ସଂରଚନା ଓ ଅନ୍ୟାନ୍ୟ ପ୍ରସଙ୍ଗ ଉପରେ ମଧ୍ୟ ଶ୍ରୀ ଶାହା ଆଲୋଚନା କରିପାରନ୍ତି ବୋଲି କୁହାଯାଉଛି।

ପୁନଶ୍ଚ କେନ୍ଦ୍ର ମନ୍ତ୍ରିମଣ୍ଡଳର ଆଗାମୀ ସମ୍ପ୍ରସାରଣ ସମୟରେ ଏନ୍‌ଡ଼ିଏର ଅଂଶୀଦାର, ବିଜେପିରେ ସାମିଲ ହୋଇଥିବା ଆପ୍ ସାଂସଦ, ଏନ୍‌ଡ଼ିଏକୁ ସମର୍ଥନ ଜଣାଇଥିବା ଟିଏମ୍‌ସି ଓ ଶିବସେନା (ଉଦ୍ଧବ)ର ବିଭାଜିତ ଗୋଷ୍ଠୀର ସଦସ୍ୟଙ୍କୁ କିଛି ମନ୍ତ୍ରୀ ପଦ ଦିଆଯିବ। ତେଣୁ ପୂର୍ବରୁ ବିଜେପି କୋଟାରେ ଥିବା ମନ୍ତ୍ରୀ ପଦ ହ୍ରାସ ପାଇବାର ସମ୍ଭାବନା ରହିଛି । ଏହି ପରିପ୍ରେକ୍ଷୀରେ ଓଡ଼ିଶା ଭାଗରେ କେନ୍ଦ୍ରରେ ଅଧିକ ମନ୍ତ୍ରୀପଦ ମିଳିବାର ସମ୍ଭାବନା ଆଦୌ ନଥିବାରୁ ମନ୍ତ୍ରୀ ଆଶାୟୀମାନଙ୍କୁ କିପରି ସନ୍ତୁଷ୍ଟ କରାଯିବ ସେ ସମ୍ପର୍କରେ ହୁଏତ ଦଳୀୟ ନେତାଙ୍କ ସହ ଶ୍ରୀ ଶାହା ଆଲୋଚନା କରିପାରନ୍ତି । ରାଜ୍ୟରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣକୁ ନେଇ ଦୀର୍ଘଦିନ ହେଲା ଚର୍ଚ୍ଚା ଚାଲିଛି । ସରକାରରେ ୬ଟି ମନ୍ତ୍ରୀ ପଦ ଖାଲି ଥିବା ଯୋଗୁଁ ଅନେକ ଆଶାୟୀ ମନ୍ତ୍ରୀ ହେବାକୁ ପାଗବାନ୍ଧି ବସିଛନ୍ତି । ନିଗମ ଓ ବୋଡର୍‌ଗୁଡ଼ିକରେ ନିଯୁକ୍ତି ହୋଇ ପାରିନାହିଁ । ତେଣୁ ଶ୍ରୀ ଶାହାଙ୍କ ଆଗାମୀ ଗସ୍ତ ସମୟରେ ଏ ସମ୍ପର୍କରେ ନିଷ୍ପତ୍ତି ହୋଇପାରେ ବୋଲି କୁହାଯାଉଛି ।

ସୂଚନା ଅନୁସାରେ ରାଷ୍ଟ୍ରପତିଙ୍କ ଦ୍ୱାରା ଓଡ଼ିଶା ପୁଲିସକୁ ପ୍ରଦତ୍ତ ପୁଲିସ କଲର ଆୱାର୍ଡ କାର୍ଯ୍ୟକ୍ରମରେ ଆନୁଷ୍ଠାନିକ ଭାବେ ସାମିଲ ପାଇଁ ଏକ ପରେଡ୍ କାର୍ଯ୍ୟକ୍ରମରେ ଶ୍ରୀ ଶାହ ଯୋଗ ଦେବେ। ଏହାସହ ବଡ଼ମ୍ବା ଚିନି କଳ ସମେତ ବଲାଙ୍ଗୀର ଓ ନୟାଗଡ଼ ଚିନି କଳର ପୁନଃରୁଦ୍ଧାର କାର୍ଯ୍ୟ ଆରମ୍ଭ ପାଇଁ ଶିଳାନ୍ୟାସ କରିପାରନ୍ତି। ଭୁବନେଶ୍ୱରରେ ତ୍ରିଭୁବନ ସମବାୟ ବିଶ୍ୱବିଦ୍ୟାଳୟର ଏକ ସ୍କୁଲ ପ୍ରତିଷ୍ଠାର ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମ ଏବଂ ହୀରାକୁଦଠାରେ ୧୦୦କୋଟି ଟଙ୍କା ବ୍ୟୟରେ ପୂର୍ବଭାରତର ପ୍ରଥମ ସମନ୍ୱିତ ଆକ୍ୱା ପାର୍କ ସ୍ଥାପନ, ଭୁବନେଶ୍ୱରର ପାଣ୍ଡରାଠାରେ ୫୯ କୋଟି ଟଙ୍କା ବ୍ୟୟରେ ଅତ୍ୟାଧୁନିକ ମତ୍ସ୍ୟ ବଜାରର ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମରେ ମଧ୍ୟ କେନ୍ଦ୍ରମନ୍ତ୍ରୀ ଶାହ ଯୋଗ ଦେଇପାରନ୍ତି ବୋଲି ଜଣାପଡ଼ିଛି। ଅମିତ୍ ଶାହଙ୍କ ୪ତାରିଖରେ ଦିନିକିଆ ଗସ୍ତ ସମ୍ପର୍କରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ କେନ୍ଦ୍ରମନ୍ତ୍ରୀଙ୍କ ଏହି ଗସ୍ତ ନେଇ ଆନୁଷ୍ଠାନିକ ସୂଚନା ଆସିଛି। ତେବେ ଓଡ଼ିଶା ସରକାରଙ୍କ କେଉଁ କେଉଁ କାର୍ଯ୍ୟକ୍ରମରେ ସେ ଯୋଗଦେବେ, ତା'ର ଏକ ଚୂଡ଼ାନ୍ତ ତାଲିକା ପ୍ରସ୍ତୁତ କରାଯାଉଛି। ଏହାକୁ ଖୁବଶୀଘ୍ର କେନ୍ଦ୍ର ଗୃହ ମନ୍ତ୍ରାଳୟକୁ ଅନୁମୋଦନ ପାଇଁ ପଠାଯିବ ବୋଲି ସେ କହିଛନ୍ତି।

### ଅଙ୍କଲରେ ୧୧...

ଯାଇଥିଲେ ସେମାନଙ୍କ ମନବୋଧ ହୋଇ ଗଲାଣି ଓ ଯିବା ପାଇଁ ଯେଉଁମାନେ ଗୋଡ଼ଟେକି ବସିଛନ୍ତି; ସେମାନେ ବିଜେପି ଯିବା ପରେ ସବୁ ବୁଝିଯିବେ ବୋଲି ଶ୍ରୀ ସାହୁ କହିଛନ୍ତି ।

ଅପରପକ୍ଷରେ କ୍ରସ ଭୋଟିଙ୍ଗ ବିଧାୟକମାନଙ୍କର ଆଉ ଦଳରେସ୍ଥାନ ନାହିଁ ବୋଲି କହିଛନ୍ତି କଂଗ୍ରେସ ବିଧାୟକ ରାଜନ ଏକ୍କା। ସେ କହିଛନ୍ତି ଯେ ରାଜ୍ୟସଭାରେ କ୍ରସ ଭୋଟିଙ୍ଗ କରିଥିବା ୩ଜଣ କଂଗ୍ରେସ ବିଧାୟକ ଦଳରୁ ବିଦା ହେବା ନିଶ୍ଚିତ । ସେମାନଙ୍କର ସଭ୍ୟପଦ ରଦ୍ଦ ହେବ ଓ ସେମାନେ କେବେ ବି ଦଳକୁ ଫେରି ପାରିବେ ନାହିଁ। କ୍ରସ ଭୋଟିଂ କରିବା ପରେ ବି ସେମାନେ ଅନୁତପ୍ତ ନୁହନ୍ତି, ଦଳ ବିରୋଧୀ କାର୍ଯ୍ୟରେ ଲିପ୍ତ ଅଛନ୍ତି । କୌଣସି ସଫେଇ ଦଳ ଶୁଣିବ ନାହିଁ । ସେମାନଙ୍କ ସଭ୍ୟପଦ ରଦ୍ଦ ପାଇଁ ଦଳ କୋର୍ଟକୁ ଯିବ ବୋଲି ଶ୍ରୀ ଏକ୍କା କହିଛନ୍ତି ।

### କୀଟନାଶକ ପିଇ...

୨୮ ପର୍ଯ୍ୟନ୍ତ ୩୬ କ୍ୱିଣ୍ଟାଲ ୯୬ କିଲୋଗ୍ରାମ ଧାନ ବିକିବାକୁ ନେପାଳଙ୍କ ପାଖକୁ ଟୋକନ୍ ଆସିଥିଲା। ମଣ୍ଡିରୁ ଧାନ ଉଠୁନଥିବାରୁ ଗତକାଲି ଗାଁର ଶତାଧିକ ଚାଷୀଙ୍କ ସହ ନେପାଳ ସିଏସ୍‌ଓ ଅଫିସ ଆଗରେ ବିକ୍ଷୋଭରେ ସାମିଲ ହୋଇଥିଲେ। ସେଠାରୁ ଘରକୁ ଫେରି କୀଟନାଶକ ପିଇ ଦେଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ନୂଆପଡ଼ା ଜିଲ୍ଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସନ୍ଧ୍ୟାରେ ତାଙ୍କର ମୃତ୍ୟୁ ଘଟିଛି।

ନୂଆପଡ଼ା ଜିଲ୍ଲା ଚିକିତ୍ସାଳୟରେ ବ୍ୟବଚ୍ଛେଦ ପରେ ଆଜି ଦିନ ୧୧ଟାରେ ନେପାଳଙ୍କ ଶବ ଗାଁରେ ପହଞ୍ଚିଥିଲା। ମୃତକଙ୍କ ପରିବାରକୁ ୨୦ ଲକ୍ଷ ଟଙ୍କା ଓ ପରିବାରର ଜଣଙ୍କୁ ସରକାରୀ ଚାକିରି ଦାବିରେ ଗାଁ ଲୋକେ ଶ୍ମଶାନରୁ ଶବକୁ ଆଣି ଜାତୀୟ ରାଜପଥ ନଂ.୩୫୩ ଉପରେ ରଖି ଅବରୋଧ କରିଥିଲେ। ପରେ ନୂଆପଡ଼ା ଉପ ଜିଲ୍ଲାପାଳ, ଅତିରିକ୍ତ ଏସପି, କୋମନା ତହସିଲଦାର ପ୍ରମୁଖ ଆସି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଘଟଣା ସ୍ଥଳରେ ମୃତକଙ୍କ ପରିବାରକୁ ରେଡ୍‌କ୍ରସ ଫଣ୍ଡରୁ ୫୦ ହଜାର ଟଙ୍କା ସହାୟତା ଦେଲା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

# ନାର୍କୋ କୋର୍ଡିନେସନ ସେଣ୍ଟର ବୈଠକରେ ନିଶା ଚିନ୍ତା

ଭୁବନେଶ୍ୱର, ୨୩।୬ (ସମିସ): ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନ ସମ୍ମିଳନୀ କକ୍ଷରେ ରାଜ୍ୟସ୍ତରୀୟ ନାର୍କୋ କୋର୍ଡିନେସନ ସେଣ୍ଟର(ଏନ୍‌ସିଓଆର୍‌ଡି)ର ୭ମ ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟରେ ନିଶାଦ୍ରବ୍ୟ କାରବାର ନିୟନ୍ତ୍ରଣ, ନିଶାମୁକ୍ତ ସମାଜ ଗଠନ ପାଇଁ ଜନ ସଚେତନତା ଏବଂ ବିଭିନ୍ନ ସଂସ୍ଥା ମଧ୍ୟରେ ସମନ୍ୱୟକୁ ଅଧିକ ସୁଦୃଢ଼ କରିବା ନେଇ ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା। ବ÷ଠକରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଗୃହ ଓ ସୂଚନା ଓ ଲୋକସମ୍ପର୍କ ବିଭାଗ ହେମନ୍ତ ଶର୍ମା, ପୁଲିସ ମହାନିର୍ଦ୍ଦେଶକ ୱାଇବି ଖୁରାନିଆ, ଅପରାଧ ଅନୁସନ୍ଧାନ ବିଭାଗ ଓ କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର, ଡେପୁଟି ଡାଇରେକ୍ଟର ଜେନେରାଲ, ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋର ଉଚ୍ଚ ପଦାଧିକାରୀମାନେ ନିଜର ମତାମତ ଓ ପରାମର୍ଶ ରଖିଥିଲେ।

ବୈଠକରେ ଦର୍ଶାଯାଇଥିଲା ଯେ, ୨୦୨୪ରୁ ୨୦୨୬ ମଧ୍ୟରେ ଅଦ୍ୟାବଧି ରାଜ୍ୟରେ ୫୧୩ ମେଟ୍ରିକ ଟନ୍‌ରୁ ଅଧିକ ଗଞ୍ଜେଇ ଜବତ କରାଯାଇଥିବା ବେଳେ ୩,୨୩୮ଟି ମାମଲା ରୁଜୁ କରାଯାଇ ୪,୫୩୪ ଜଣଙ୍କୁ ଗିରଫ କରାଯାଇଛି। ସେହିପରି ୬୯,୪୭୦ ଏକରରୁ ଅଧିକ ବେଆଇନ ଗଞ୍ଜେଇ ଚାଷ ନଷ୍ଟ କରାଯାଇଛି। ୩୩ କିଲୋଗ୍ରାମରୁ ଅଧିକ ବ୍ରାଉନ୍ ସୁଗାର ଓ ୨ ଲକ୍ଷରୁ ଅଧିକ କୋଡିନ୍ ମିଶ୍ରିତ କଫ୍ ସିରପ୍ ବୋତଲ ଜବତ କରାଯାଇଛି। ଆନ୍ଧ୍ର-ଓଡ଼ିଶା ସୀମାରେ ଏସ୍‌ଟିଏଫ୍ ଦ୍ୱାରା ପରିଚାଳିତ ଏକ ସ୍ୱତନ୍ତ୍ର ଅଭିଯାନରେ ଏକ ଆନ୍ତର୍ରାଜ୍ୟ ନିଶାଦ୍ରବ୍ୟ ଚୋରାଚାଲାଣ ନେଟୱର୍କର ୭ଜଣ ସଦସ୍ୟଙ୍କୁ ଗିରଫ କରାଯିବା ସହ ପ୍ରାୟ ୨୩୦ କୋଟି ଟଙ୍କା ମୂଲ୍ୟର ହାସିସ୍ ତେଲ ଓ ଗଞ୍ଜେଇ ଜବତ କରାଯାଇଥିବା ସୂଚନା ଦିଆଯାଇଥିଲା। ଏହା ସହ ନିଶାଦ୍ରବ୍ୟ କାରବାର ସହ ଜଡିତ ସମ୍ପତ୍ତି ବିରୋଧରେ ଆର୍ଥିକ ତଦନ୍ତକୁ ଜୋରଦାର କରାଯାଇଛି। ବେଆଇନ ଗଞ୍ଜେଇ ଚାଷର ବିକଳ୍ପ ଭାବେ ଲାଭଜନକ କୃଷି କାର୍ଯ୍ୟକଳାପ ଓ ଜୀବିକାଭିତ୍ତିକ ଅନ୍ୟ ପଦକ୍ଷେପମାନେ ଗ୍ରହଣ କରିବାକୁ ବୈଠକରେ ପରାମର୍ଶ ଦିଆଯାଇଥିଲା। ଯୁବପିଢ଼ିଙ୍କୁ ନିଶାଦ୍ରବ୍ୟ କବଳରୁ ଦୂରେଇ ରଖିବା ପାଇଁ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ କରିବାକୁ ସେ ପରାମର୍ଶ ଦିଆଯାଇଛି।

# ବାଲିଅନ୍ତା ଭିଡ଼ହତ୍ୟା: ଆଉ ଜଣେ ଗିରଫ

ଭୁବନେଶ୍ୱର, ୨୩।୬ (ସମିସ): ବାଲିଅନ୍ତା ଭିଡ଼ ହତ୍ୟା ମାମଲାରେ ଅନ୍ୟତମ ଅଭିଯୁକ୍ତ ବିଭୁତି ଭୂଷଣ ପରିଡା ଓରଫ ହାପିକୁ କ୍ରାଇମ୍‌ବ୍ରାଞ୍ଚ ମଙ୍ଗଳବାର ଗିରଫ କରିଛି। ଜିଆର୍‌ପି କନ୍‌ଷ୍ଟେବଲ୍ ସୌମ୍ୟ ରଞ୍ଜନ ସ୍ୱାଇଁଙ୍କ ଆକ୍ରମଣରେ ସିଧାସଳଖ ସମ୍ପୃକ୍ତି ରହିଥିଲା ବୋଲି ଅଭିଯୋଗ ହୋଇଥିଲା। ତା ଘର ବେଣ୍ଟପୁରୁ କୁମ୍ଭାର ସାହି ଅଞ୍ଚଳରେ ବୋଲି ଜଣାପଡ଼ିଛି। ହାପିକୁ କଟକ ବିଡ଼ାନାସୀ ଅଞ୍ଚଳରୁ ଗିରଫ କରାଯାଇଛି। ହାପିକୁ ଗିରଫ କରିବା ପରେ ମୋଟ୍ ଗିରଫଦାରି ସଂଖ୍ୟା ୧୯କୁ ବୃଦ୍ଧି ପାଇଛି। କମିଶନରେଟ୍ ପୁଲିସ ୧୧ଜଣଙ୍କୁ ଗିରଫ କରିଥିଲା ବେଳେ କ୍ରାଇମ୍‌ବ୍ରାଞ୍ଚ ୮ ଜଣଙ୍କୁ ଗିରଫ କରିଛି। ତେବେ ଏହି ମାମଲାରେ ଆଉ କିଛି ଅଭିଯୁକ୍ତ ଏବେ ବି ଫେରାର୍ ଅଛନ୍ତି।

### 'ଇଚ୍ଛାମୃତ୍ୟୁ' ମାଗିଲେ...

ଘରେ ବାକି ରହିଥିବା ଧାନତକ ସରକାରୀ ମଣ୍ଡିରେ ବିକ୍ରି କରିବା ଆଶାରେ ଗୋପାଳ ଦୀର୍ଘ ଦିନ ହେବ ଟୋକନ୍‌କୁ ଅପେକ୍ଷା କରି ରହିଥିଲେ। ଏଥିପାଇଁ ସେ ବାରମ୍ବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି ନିଜର ଗୁହାରି ଜଣାଇଥିଲେ ମଧ୍ୟ ପ୍ରଶାସନ ତରଫରୁ କୌଣସି ସୁଫଳ ମିଳିନଥିଲା। ଶେଷରେ କେହି ତାଙ୍କ ଦୁଃଖ ନଶୁଣିବାରୁ ସେ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଛନ୍ତି। ଚାଷ କାର୍ଯ୍ୟ ପାଇଁ କରିଥିବା ଧାର-କରଜର ବୋଝ ଗୋପାଳଙ୍କ ମୁଣ୍ଡ ଉପରେ ଚାପ ସୃଷ୍ଟି କରିଥିବାବେଳେ ପ୍ରଶାସନର ନିରବତା ତାଙ୍କୁ ମାନସିକ ସ୍ତରରେ ମାରିଦେଇଛି। ଅନ୍ୟ କୌଣସି ଉପାୟ ନପାଇ ଆଜି ଅପରାହ୍ନରେ ଯୁବଚାଷୀ ଗୋପାଳ ସାହୁ ବରଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଏକ ଚରମ ପଦକ୍ଷେପ ସ୍ୱରୂପ ଇଚ୍ଛାମୃତ୍ୟୁ ଆବେଦନ କରିଛନ୍ତି। ସେ ଜିଲ୍ଲାପାଳଙ୍କ ଜରିଆରେ ଦେଶର ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ଓଡ଼ିଶାର ମୁଖ୍ୟମନ୍ତ୍ରୀ ଏବଂ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏହି ପତ୍ର ପ୍ରଦାନ କରିଛନ୍ତି। ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇବା ସହ ଚାଷୀ କୂଳ ମଧ୍ୟରେ ଗଭୀର ଶୋକର ଛାୟା ଖେଳିଯାଇଛି। ସରକାରୀ ବ୍ୟବସ୍ଥାରେ ଥିବା ତ୍ରୁଟି ଯୋଗୁଁ ଆଉ କେତେ ଦିନ ଏଭଳି ଚାଷୀଙ୍କୁ ନିଜ ଜୀବନ ହାରିବାକୁ ବା ମୃତ୍ୟୁ ମାଗିବାକୁ ପଡ଼ିବ, ତାହା ଏବେ ସବୁଠାରୁ ବଡ଼ ପ୍ରଶ୍ନ ଉଠିଛି।


## LOST

I Susma Acharya, W/o- Nirmal Kumar Acharya, of Vill.- Birmal. Ps.- Sadar, Dist.- Bargarh state that, I have lost original Electricity money receipt of Maa Fly Ash Bricks on 07.06.2026 bearing No. SD.A 1620002, Consumer A/C No. 515001110966 in the name of Susma Acharya of Rs.36,946.00 towards Security Deposit. Inspite of my several effort the same could not found.

## AFFIDAVIT

By virtue of an affidavit before the Executive Magistrate Bhubaneswar I, **Malka Tarannum,** the mother of **Daraksha Tarannum** declared that my daughter's new name is **Daraksha Tarannum** and old name is **Daraksan Taranum.** Hence from today she will be known as **Daraksha Tarannum.**

## AFFIDAVIT

By virtue of an affidavit sworn before the Notary Public, Sunabeda vide no 1086, dated 22/06/2026, I, Shek Rosan, S/o- Sak Mahamad, Vill - Patrapandi, PO - Thuba, PS - Nandapur, Dist - Koraput, declare that I have changed my Daughter's name from Simran to Simran Begam. Henceforth, my daughter shall be known as **Simran Begam** for all purpose.

**Sd/- Shek Rosan**

## AFFIDAVIT

By virtue of an affidavit no. 1788, sworn before the executive Magistrate Champua on dtd- 03/06/2026, I Falguni Kumari Rout, D/o- Rabi Rout, permanent resident of Vill- Maricha, P.o/Ps- Ghagarbeda, Dist- Mayurbhanj, Pin- 757035, Odisha, declare that I have changed my name from **Phalguni Rout** (Old Name ) to **Falguni Kumari Rout** (New Name), Henceforth she shall be known as **FALGUNI KUMARI ROUT** for all future purposes.

**Falguni Kumari Rout**

## AFFIDAVIT

I, Sachinkumar Jachindranath Patra, aged about 32 years, S/O- Jachindranath Jairam Patra, resident of At/Po- Rambhadeipur, Ps- Jagatsinghpur, Dist- Jagatsinghpur, Odisha, PIN-754102, do hereby declare by this affidavit No.1287, dtd- 22.06.2026, that now onwards I shall be known as **SACHIN JACHINDRANATH PATRA** for all future purposes.

## AFFIDAVIT

I, **Anoop Kumar Pera,** aged about 45 years, S/o- Ballav Pera, resident of At: Flat No-202, Block-C, PDN Horizon, Jagamara, Ps- Khandagiri, Bhubaneswar, Pin-751030, Odisha do hereby declare for my minor daughter Digna Anoop Pera by this affidavit No.1286, dtd- 22.06.2026, that now onwards she shall be known as **DIGNA DARSHEE PERA** for all future purposes.

## PANCHAYAT SAMITI OFFICE
## LEPHRIPARA, DIST: SUNDARGARH

19001/118/2627

No.: 1809 — Date: 23/06/2026

**e-Procurement Notice Bid Identification No. 02/2026-27**

The Block Development Officer, Lephripara on behalf of Governor of Odisha invites Percentage Rate bids online mode for Construction of the work detailed below.

1. **Name of the work** : Construction of Building works
2. **Total no. of work** : 1 (One) no.
3. **Class of Contractor** : C & B Class
4. **Period of completion** : Six Calendar Months

The bidders have to participate in online bidding only. The details will be available in the website www.tenderodisha.gov.in from **11.00 AM of 25.06.2026** to **5.00 PM of 08.07.2026.**

**Block Development Officer**
**Lephripara**

OIPR-19001/19486/1/26-27/0001

## ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
## ଡିମାଣ୍ଡ ନୋଟିସ୍

କ୍ଷେତ୍ରୀୟ କାର୍ଯ୍ୟାଳୟ: ପ୍ଲଟ୍ ନଂ.: ୧୦୮-ବି, ୧ମ ମହଲା, ୟୁନିଟ୍ - ୭, ସୂର୍ଯ୍ୟ ନଗର, ଗୋପବନ୍ଧୁ ଛକ ନିକଟ, ଭୁବନେଶ୍ୱର-୭୫୧୦୦୩

**ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ସରଫେଶୀ) ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ୍**

ସରଫେଶୀ ଆକ୍ଟ, ୨୦୦୨ ଅନୁଯାୟୀ ନିମ୍ନସ୍ୱାକ୍ଷରକାରୀ **ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର କ୍ଷମତାପ୍ରାପ୍ତ ଅଧିକାରୀ** ସରଫେଶୀ ଆକ୍ଟର ଧାରା ୧୩(୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଅନୁସାରେ ଦିଆଯାଇଥିବା କ୍ଷମତା ପ୍ରୟୋଗ କରି **ସମ୍ପୃକ୍ତ ଶାଖାର** ନିମ୍ନଦର୍ଶିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କୁ ନିମ୍ନଦର୍ଶିତ ତାରିଖରେ ଧାରା ୧୩(୨) ଅନୁଯାୟୀ ଡ଼ିମାଣ୍ଡ ନୋଟିସ୍ ଜାରି କରି କଥିତ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ସେମାନଙ୍କର ବକେୟା ଦେୟ ସମ୍ପୂର୍ଣ୍ଣ ଭାବେ ପଇଠ କରିବାକୁ କହିଥିଲେ । କଥିତ ଡିମାଣ୍ଡ ନୋଟିସ୍ ନିମ୍ନ ଦର୍ଶିତ ପକ୍ଷମାନଙ୍କୁ ପ୍ରଦାନ କରାଯାଇପାରିନଥିଲା। ଏହି ନୋଟିସ୍ ଦ୍ୱାରା ଆପଣମାନଙ୍କୁ ଜଣାଇଦିଆଯାଉଛି ଯେ ବର୍ତ୍ତମାନ ସୁଦ୍ଧା ଥିବା ସମସ୍ତ ବକେୟା ଦେୟ ରାଶି ସହିତ ତତ୍‌ପରବର୍ତ୍ତୀ ଭବିଷ୍ୟତ ସୁଧ ଏବଂ ଅନ୍ୟାନ୍ୟ ଦେୟ ଏହି ନୋଟିସ୍ ପ୍ରକାଶନର **୬୦ଦିନ** ମଧ୍ୟରେ ସୁରକ୍ଷିତ ଋଣଦାତାଭାବେ ଆମକୁ ପଇଠ କରନ୍ତୁ ଅନ୍ୟଥା ଆମେ ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୪) ଅନୁଯାୟୀ ଆମକୁ ପ୍ରାପ୍ତ ଅଧିକାର ଅନୁଯାୟୀ କ୍ଷମତା ପ୍ରୟୋଗ କରିବାକୁ ବାଧ ହେବୁ। ଏତଦ୍‌ଦ୍ୱାରା ଆପଣମାନଙ୍କୁ ଜଣାଇଦିଆଯାଉଛି ଯେ କଥିତ ଆକ୍ଟର ଧାରା ୧୩ର ଉପଧାରା ୧୩ ଅନୁଯାୟୀ ବ୍ୟାଙ୍କର ପ୍ରାକ୍ ଲିଖିତ ଅନୁମତି ବିନା ନିମ୍ନଲିଖିତ ବନ୍ଧକ ସମ୍ପତ୍ତିଗୁଡିକୁ ବିକ୍ରି, ଲିଜ୍ କିମ୍ବା ଅନ୍ୟ ମାଧ୍ୟମ ଦ୍ୱାରା ହସ୍ତାନ୍ତରିତ କରିପାରିବେ ନାହିଁ । ଆପଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଏହି ନିଷେଧାଦେଶ/ଅବରୋଧର କୌଣସି ପ୍ରକାର ଉଲଂଘନ ସରଫେଶୀ ଆକ୍ଟ ୨୦୦୨ ଅନୁଯାୟୀ ଏକ ଅପରାଧ ଅଟେ। ଏହି ନୋଟିସ୍‌ଟି ସରଫେଶୀ ଆକ୍ଟ ୨୦୦୨ ଏବଂ / କିମ୍ବା ଅନ୍ୟ କୌଣସି ଆଇନଗତ ଅଧିକାରକୁ ପ୍ରତିହତ ନକରି ଜାରି କରାଯାଇଅଛି।

**ଏତଦ୍‌ଦ୍ୱାରା ଆପଣଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟ, ୨୦୦୨ର ଧାରା ୧୩(୮)ର ବ୍ୟବସ୍ଥା ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଶାଖା / ଆକାଉଣ୍ଟ /ଋଣଗ୍ରହୀତା / ଗ୍ୟାରେଣ୍ଟିଦାତା / ବନ୍ଧକଦାତାମାନଙ୍କ ନାମ ଓ ଠିକଣା | ଋଣ ପ୍ରକାର/ଋଣ ରାଶି / ନୋଟିସ୍ ତାରିଖ | ଡିମାଣ୍ଡ ନୋଟିସ୍ ଦେୟ | ସମ୍ପତ୍ତି(ଗୁଡିକ)ର ବିବରଣୀ |
|---|---|---|---|
| **ପଳାଶପଲ୍ଲୀ ଶାଖା /** ଋଣଗ୍ରହୀତାମାନେ: ୧) ଶ୍ରୀମତୀ ସୁକାନ୍ତୀ ବାଳା ନାୟକ, ସ୍ୱାମୀ: ଶ୍ରୀ କ୍ଷୀରୋଦ କୁମାର ନାୟକ, ୨) ଶ୍ରୀ କ୍ଷୀରୋଦ କୁମାର ନାୟକ, ପିତା: ଶ୍ରୀ ଅଚ୍ୟୁତାନନ୍ଦ ନାୟକ, ଉଭୟଙ୍କ ଠିକଣା- ସା: ଖମାର, ପୋ: ଉରୁକୁଳ, ଥାନା: ହଣ୍ଡପା, ଜିଲ୍ଲା: ଅନୁଗୁଳ, ପିନ୍ - ୭୫୯୧୨୬ / **ଗ୍ୟାରେଣ୍ଟିଦାତା: ଶ୍ରୀ ବସନ୍ତ କୁମାର ସିଂ,** ପିତା: ୰ ଘଷିରାମ ସିଂ, ସା: ବଡବିଲ ମ୍ୟୁନିସିପାଲିଟି ୱାର୍ଡ ନଂ.: ୭, ପୋ: ବଡବିଲ, ଥାନା: ବଡବିଲ, ଜିଲ୍ଲା: କେନ୍ଦୁଝର, ପିନ୍ - ୭୫୮୦୩୫ / **ବନ୍ଧକଦାତା: ଶ୍ରୀମତୀ ସୁକାନ୍ତୀ ବାଳା ନାୟକ,** ସ୍ୱାମୀ: ଶ୍ରୀ କ୍ଷୀରୋଦ କୁମାର ନାୟକ, ସା: ଖମାର, ପୋ: ଉରୁକୁଳ, ଥାନା: ହଣ୍ଡପା, ଜିଲ୍ଲା: ଅନୁଗୁଳ, ପିନ୍ - ୭୫୯୧୨୬ | ସେଣ୍ଟ ହୋମ୍ ଡବଲ୍ ପ୍ଲସ୍ > ୨୫ ଲକ୍ଷ / ଟ.୬୮,୦୦,୦୦୦/- / ୨୦.୦୫.୨୦୨୬ | ୧୯.୦୫.୨୦୨୬ ସୁଦ୍ଧା ଟ.୯୩,୫୮,୮୧୦/- + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ | **ଶ୍ରୀମତୀ ସୁକାନ୍ତୀ ବାଳା ନାୟକ,** ସ୍ୱାମୀ: ଶ୍ରୀ କ୍ଷୀରୋଦ କୁମାର ନାୟକଙ୍କ ନାମରେ ଥିବା ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ହାଲ୍ ଖାତା ନଂ.: ୯୨୯/୨୦୮୭, ମ୍ୟୁଟେସନ୍ ଖାତା ନଂ.: ୯୨୯/୩୫୩୮, ପ୍ଲଟ୍ ନଂ.: ୩୭୬/୯୧୬୫, କ୍ଷେତ୍ର: ଏକର ୦.୦୩୫ ଡିସିମିଲି, ମୌଜା: ତୁରଙ୍ଗ, ତହସିଲ: ବଁଆରପାଳ, ଥାନା: ଅନୁଗୁଳ, ଜିଲ୍ଲା: ଅନୁଗୁଳ, ଏହାର ଚାରିପାର୍ଶ୍ୱରେ ପୂର୍ବ: ରାସ୍ତା, ପଶ୍ଚିମ: ରବିନ୍ଦ୍ର କୁମାର ଦାସ, ଉତ୍ତର: ରତ୍ନାକର ବିଶ୍ୱାଳ, ଦକ୍ଷିଣ: ଲକ୍ଷ୍ମୀଧର ପାଣି |
| **ପୁରୀ ଶାଖା /** ଋଣଗ୍ରହୀତା/ବନ୍ଧକଦାତାମାନେ: ୧) ମିସ୍ ନିରୁପମା ପ୍ରଧାନ, ପିତା: ୰ ରାଧାମୋହନ ପ୍ରଧାନ, ୨) ସୂର୍ଯ୍ୟମଣୀ ପ୍ରଧାନ, ସ୍ୱାମୀ: ୰ ରାଧାମୋହନ ପ୍ରଧାନ, ଉଭୟଙ୍କ ଠିକଣା ସା: ଗଣା ମଲ୍ଲ ସାହି, ବାଲି ସାହି, ଥାନା: ପୁରୀ, ଜିଲ୍ଲା: ପୁରୀ, ପିନ୍ - ୭୫୨୦୦୧ / **ଗ୍ୟାରେଣ୍ଟିଦାତା / ବନ୍ଧକଦାତାମାନେ:** ୧) ମିସ୍ ମମତା ପ୍ରଧାନ, ପିତା: ୰ ରାଧାମୋହନ ପ୍ରଧାନ, ସା: ଗଣା ମଲ୍ଲ ସାହି, ବାଲି ସାହି, ଥାନା: ପୁରୀ, ଜିଲ୍ଲା: ପୁରୀ, ପିନ୍ - ୭୫୨୦୦୧, ୨) ଶ୍ରୀମତୀ ତନୁଜା ପ୍ରଧାନ, ସ୍ୱାମୀ: ସୁଧୀର କୁମାର ପ୍ରଧାନ, ସା: ଝୋଲା ସାହି ପିଠାପୁର, ପୋ: ଦୋଳମୁଣ୍ଡାଇ, ଜିଲ୍ଲା: କଟକ, ପିନ୍ - ୭୫୩୦୦୧ | ସେଣ୍ଟ ମଡଗେଜ୍ / ଟ.୩,୫୦,୦୦୦/- / ୧୪.୦୫.୨୦୨୬ | ୧୩.୦୫.୨୦୨୬ ସୁଦ୍ଧା ଟ.୩୫,୫୨,୪୫୯/- + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ | **ସୂର୍ଯ୍ୟମଣୀ ପ୍ରଧାନ, ମିସ୍ ନିରୁପମା ପ୍ରଧାନ, ମିସ୍ ମମତା ପ୍ରଧାନ, ଶ୍ରୀମତୀ ତନୁଜା ପ୍ରଧାନଙ୍କ** ନାମରେ ଥିବା ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ସାବିକ ଖାତା ନଂ.: ୩୫୭/୧୬, ମ୍ୟୁଟେସନ୍ ଖାତା ନଂ.: ୧୮୬, ହାଲ୍ ପ୍ଲଟ୍ ନଂ.: ୧୧୬୪, ମ୍ୟୁଟେସନ୍ ପ୍ଲଟ୍ ନଂ.: ୨୪୩, କ୍ଷେତ୍ର: ଏକର ୦.୦୧୦ ଡିସିମିଲି, ମୌଜା: ବାଲିସାହି, ତହସିଲ: ପୁରୀ, ଥାନା: ପୁରୀ ଟାଉନ୍, ଜିଲ୍ଲା: ପୁରୀ, ଏହାର ଚାରିପାର୍ଶ୍ୱରେ ପୂର୍ବ: ହରେକୃଷ୍ଣ ବାରିକ, ପଶ୍ଚିମ: ବାବନ ଚନ୍ଦ୍ର ଖଡ଼ିରତ୍ନ, ଉତ୍ତର: ରାସ୍ତା, ଦକ୍ଷିଣ: ହାଡି ଗୋହାଳି |

ସ୍ଥାନ : ଭୁବନେଶ୍ୱର
ତାରିଖ : ୨୩.୦୬.୨୦୨୬

ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ
ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

ସକାଳ
THE SAKALA



### ବିଦେଶୀ ମଦ ଦୋକାନ ଲଟେରିରୁ ବାଦ୍ ପଡ଼ିବା ଘଟଣା

# ୩ ଆଇଏମ୍ଏଫ୍ଏଲ୍ ଦୋକାନ ଫଳ ପ୍ରକାଶ ଉପରେ ହାଇକୋର୍ଟଙ୍କ ରୋକ୍

ରାୟଗଡ,୨୩।୬(ସମିସ):

ରାୟଗଡ ଜିଲ୍ଲାର ବିଷମକଟକ, ଗୁଣପୁର-୨ ଓ ଗୁଡ଼ାରି ସମେତ ୩ଟି ବିଦେଶୀ ଠିପି ବନ୍ଦ ମଦ ଦୋକାନ (ଆଇଏମଏଫଏଲ୍ ଅଫ୍ ଦୋକାନ) ଲାଇସେନ୍ସ ଲଟେରି ପ୍ରକ୍ରିୟାକୁ ନେଇ ଦାଖଲ ହୋଇଥିବା ରିଟ୍ ମାମଲାର ଶୁଣାଣି କରି ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଗୁରୁତ୍ୱପୂର୍ଣ୍ଣ ଅନ୍ତରୀଣ ନିର୍ଦ୍ଦେଶ ଜାରି କରିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ଏହି ତିନୋଟି ଦୋକାନର ଚୂଡ଼ାନ୍ତ ଲଟେରି ବିଜେତାଙ୍କ ନାମ କୋର୍ଟଙ୍କ ଅନୁମତି ବିନା ପ୍ରକାଶ କରାଯିବ ନାହିଁ ବୋଲି ଆଦେଶ ଦିଆଯାଇଛି। ଆବେଦନକାରୀ ସତ୍ୟଜିତ ସାହୁ ଦାଖଲ କରିଥିବା ଏହି ରିଟ୍ ଆବେଦନରେ ଦର୍ଶାଯାଇଛି ଯେ, ସେ ୧୦ଟି (ଆଇଏମଏଫଏଲ୍ "ଅଫ୍' ଦୋକାନ) ପାଇଁ ଆବେଦନ କରିଥିଲେ। ସେଥିରୁ ୭ଟି ଆବେଦନ ଗ୍ରହଣ କରାଯାଇ ଲଟେରିରେ ସାମିଲ କରାଯାଇ ଥିବା ବେଳେ ବିଷମକଟକ, ଗୁଣପୁର-୨ ଓ ଗୁଡ଼ାରି ଦୋକାନ ପାଇଁ ତାଙ୍କ ଆବେଦନକୁ 'ପରିଚୟ ପତ୍ର ଦାଖଲ କରାଯାଇନଥିବା' ଦର୍ଶାଇ ଖାରଜ କରାଯାଇଥିଲା। ଗତ ୧୭ ଜୁନରେ ମାମଲାର ପ୍ରଥମ ଶୁଣାଣି ବେଳେ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଆଣିବାକୁ କହି ୧୯ ଜୁନକୁ ପରବର୍ତ୍ତୀ ଶୁଣାଣି ଧାର୍ଯ୍ୟ କରିଥିଲେ। ପରେ ୧୯ ଜୁନରେ ଶୁଣାଣି କରି କୋର୍ଟ ଅନ୍ତରୀଣ ଆଦେଶ ଜାରି କରି ବିଷମକଟକ, ଗୁଣପୁର-୨ ଓ ଗୁଡ଼ାରି ଆଇଏମଏଫଏଲ୍ "ଅଫ୍' ଦୋକାନର ଚୂଡ଼ାନ୍ତ ଲଟେରି ଫଳ ପ୍ରକାଶ ଉପରେ ରୋକ ଲଗାଇଥିଲେ। ଆବେଦନକାରୀ ଶ୍ରୀ ସାହୁ ଏହି କାରଣ ଅଯୁକ୍ତିସଙ୍ଗତ ବୋଲି ସେ ଦାବି କରିବା ସହ ନୂତନ ଲଟେରୀ କରିବାକୁ କୋର୍ଟଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ଶୁଣାଣି ବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ ସରକାରୀ ଆଇନଜୀବୀ କୈଳାଶ ଚନ୍ଦ୍ର କର କହିଥିଲେ ଯେ, ଉକ୍ତ ତିନୋଟି ଆବେଦନ ସହ ଆବେଦନକାରୀ ନିଜ ପରିଚୟ ପତ୍ର ପରିବର୍ତ୍ତେ ତାଙ୍କ ପିତାଙ୍କ ପ୍ୟାନ୍ କାର୍ଡ ଓ ପରିଚୟ ପତ୍ର ଅପଲୋଡ୍ କରିଥିଲେ। ସମ୍ପର୍କିତ ଦଲିଲ କୋର୍ଟରେ ଦାଖଲ ପାଇଁ ସମୟ ପ୍ରାର୍ଥନା କରାଯାଇଥିଲା। ଜଷ୍ଟିସ ସାବିତ୍ରୀ ରାଠୋ ଓ ଜଷ୍ଟିସ ଭି. ନରସିଂହଙ୍କ ଖଣ୍ଡପୀଠ ଉକ୍ତ ଦଲିଲଗୁଡ଼ିକୁ ସତ୍ୟପାଠ ସହ ୨୪ ଜୁନ୍ ସୁଦ୍ଧା ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ବେସରକାରୀ ପ୍ରତିପକ୍ଷଙ୍କୁ ନୋଟିସ ଜାରି କରିବା ସହ ମାମଲାର ପରବର୍ତ୍ତୀ ଶୁଣାଣି ୧ ଜୁଲାଇରେ ହେବ ବୋଲି ଧାର୍ଯ୍ୟ କରାଯାଇଛି। ଏହାସହିତ, ରିଟ୍ ମାମଲା ବିଚାରାଧୀନ ଥିବା ସତ୍ତ୍ୱେ ଆବେଦନକାରୀଙ୍କ ପକ୍ଷରୁ ଦାଖଲ ହୋଇଥିବା ପ୍ରତିନିଧିତ୍ୱ ପତ୍ରର ବିଚାର ଓ ନିଷ୍ପତ୍ତି ନେବାରେ ଅବକାରୀ କମିଶନରଙ୍କ ଉପରେ କୌଣସି ପ୍ରତିବନ୍ଧକ ରହିବ ନାହିଁ ବୋଲି ମଧ୍ୟ ଉଚ୍ଚ ନ୍ୟାୟାଳୟ ସ୍ପଷ୍ଟ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଚଳିତ ବର୍ଷ ରାୟଗଡ଼ ଜିଲ୍ଲାର ୨୮ଟି ଆଇଏମଏଫଏଲ୍ (ଠିପି ବନ୍ଦ) ମଦ ଦୋକାନ ପାଇଁ ଆବେଦନ ଆହ୍ୱାନ କରାଯାଇଥିଲା। ସେଥିରୁ ୩ଟି ଦୋକାନ ପାଇଁ କୌଣସି ଆବେଦନ ନ ଆସିବାରୁ ୨୫ଟି ଦୋକାନ ପାଇଁ ମୋଟ ୬୧୬ଟି ଆବେଦନ ଗ୍ରହଣ କରାଯାଇଥିଲା। ଆବେଦନ ବାବଦରେ ସରକାରଙ୍କ ତହବିଲକୁ ପ୍ରାୟ ୧୮ କୋଟି ୪୮ ଲକ୍ଷ ଟଙ୍କା ଆସିଥିଲା। ଆବେଦନଗୁଡ଼ିକର ସ୍କ୍ରୁଟିନି ପରେ ଲଟେରି ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ, ବିଷମକଟକ, ଗୁଣପୁର-୨ ଓ ଗୁଡ଼ାରି ଆଇଏମଏଫଏଲ୍ ଦୋକାନକୁ କେନ୍ଦ୍ର କରି ବର୍ତ୍ତମାନ ହାଇକୋର୍ଟରେ ବିବାଦ ପହଞ୍ଚିଛି।

## କୁଡୁମୁଲୁଗୁମ୍ମା ଫାଣ୍ଡିରେ କୋଲ୍ଡ ୱାଟର ପ୍ୟୁରିଫାୟର ସ୍ଥାପନ



ଖଇରପୁଟ,୨୩।୬(ସମିସ):

ଜନସାଧାରଣଙ୍କୁ ବିଶୁଦ୍ଧ ଓ ଥଣ୍ଡା ପାନୀୟ ଜଳ ଯୋଗାଇବା ଉଦ୍ଦେଶ୍ୟରେ ଆଜି ମାଲକାନଗିରି ଜିଲ୍ଲା କୁଡୁମୁଲୁଗୁମ୍ମା ସ୍ଥିତ ପୋଲିସ ଫାଣ୍ଡି ସମ୍ମୁଖରେଏକ ଥଣ୍ଡା ଶୁଦ୍ଧ ପାନୀୟ ଜଳ ଯୋଗାଣ ମେସିନ ସ୍ଥାପନ କରାଯାଇଛି। ଏହି ପ୍ୟୁରିଫାୟରର ଉଦ୍‌ଘାଟନ ଅବସରରେ ଖଇରପୁଟ ବ୍ଲକ ଅଧ୍ୟକ୍ଷ ବିଘ୍ନ କିର୍ଷାନୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରିବନ କାଟି ଏହାର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ଗ୍ରାମ ପଞ୍ଚାୟତ ସରପଞ୍ଚ ମଙ୍ଗଳା ମାଢୀ, ଜିଲ୍ଲା ପରିଷଦ ସଦସ୍ୟ ବଳି ମାଝୀ, ଲ୍ୟାମ୍ପ୍ସ ସଭାପତି ଗୋପି ପାଙ୍ଗୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ ରେବତୀନାଥ ମାଝୀ, ଫାଣ୍ଡି ଅଧିକାରୀ କୃଷ୍ଣ ଚନ୍ଦ୍ର ହିଆଲ ଓ ସମାଜସେବି ଭଗବାନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଶ୍ରୀ ମାଝୀ କହିଥିଲେ ଯେ, ଗ୍ରାମପଞ୍ଚାୟତ ପକ୍ଷରୁ ଏହି କୋଲ୍ଡ ୱାଟର ପ୍ୟୁରିଫାୟର ସ୍ଥାପନ କରାଯିବା ଦ୍ୱାରା କୁଡୁମୁଲୁଗୁମ୍ମା ଫାଣ୍ଡିକୁ ଆସୁଥିବା ଲୋକମାନଙ୍କ ସହ ରାସ୍ତାରେ ଯାତାୟାତ କରୁଥିବା ଶତାଧିକ ତୃଷାର୍ତ୍ତ ଯାତ୍ରୀ ବିଶୁଦ୍ଧ ଓ ଥଣ୍ଡା ପାନୀୟ ଜଳ ପାଇପାରିବେ। ଏହା ଜନସାଧାରଣଙ୍କ ପାଇଁ ବେଶ ଉପକାରୀ ସାବ୍ୟସ୍ତ ହେବ ବୋଲି ସେ ମତ ପ୍ରକାଶ କରିଥିଲେ। ବ୍ଲକ ଅଧ୍ୟକ୍ଷ ଶ୍ରୀ କିର୍ଷାନୀ ଏହି ମହତ୍ୱପୁର୍ଣ୍ଣ କାର୍ଯ୍ୟ ପାଇଁ ସରପଞ୍ଚ ଓ ପ୍ରଶାସନକୁ ଧନ୍ୟବାଦ ଜଣାଇଥିଲେ। ସେ କହିଥିଲେ ଯେ ଜନସାଧାରଣଙ୍କୁ ପାନୀୟ ଜଳ ଯୋଗାଣ କରିବା ଏକ ମହାନ ସେବା, ଯାହା ସମାଜ ପାଇଁ ଅତ୍ୟନ୍ତ ଉପକାରୀ। ଶେଷରେ ଫାଣ୍ଡି ଅଧିକାରୀ କୃଷ୍ଣ ଚନ୍ଦ୍ର ହିଆଲ ମଧ୍ୟ ଏହି ଉଦ୍ୟମକୁ ସ୍ୱାଗତ କରି ସମସ୍ତ ସହଯୋଗୀଙ୍କୁ ଅଭିନନ୍ଦନ ଜଣାଇଥିଲେ। ଉପସ୍ଥିତ ଅତିଥି ଓ ସ୍ଥାନୀୟ ବାସିନ୍ଦାମାନେ ଏହି ପଦକ୍ଷେପକୁ ପ୍ରଶଂସା କରିଥିଲେ।

### ● ରାଜସ୍ୱ କର୍ମଚାରୀଙ୍କ 'ମିଶନ ସ୍ୱାଭିମାନ'

## ୨୫ରୁ ଅନ୍‌ଲାଇନ କାର୍ଯ୍ୟ ବନ୍ଦ, ଜୁଲାଇ ୧ରୁ ଗଣଛୁଟି ଚେତାବନୀ



ମାଲକାନଗିରି,୨୩।୬(ସମିସ): ଦୀର୍ଘଦିନ ଧରି ରହିଆସିଥିବା ବିଭିନ୍ନ ଦାବି ପୂରଣ, କର୍ମଚାରୀ ଅଭାବ ଏବଂ ଅତ୍ୟଧିକ କାର୍ଯ୍ୟଭାର ପ୍ରତିବାଦରେ ଓଡ଼ିଶା ରାଜ୍ୟ ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘ ପକ୍ଷରୁ "ମିଶନ ସ୍ୱାଭିମାନ' ନାମରେ ଆନ୍ଦୋଳନ ଆରମ୍ଭ କରାଯାଇଛି। ମାଲକାନଗିରି ଜିଲ୍ଲା ସଂଘ ସଭାପତି ଶ୍ରୀନିବାସ ପଟ୍ଟନାୟକଙ୍କ ନେତୃତ୍ୱରେ ଜିଲ୍ଲାର ସମସ୍ତ ତହସିଲର ରାଜସ୍ୱ ନିରୀକ୍ଷକ (ଆର୍‌ଆଇ) ଓ କ୍ଷେତ୍ର କର୍ମଚାରୀମାନେ ତହସିଲଦାରମାନଙ୍କୁ ଦାବିପତ୍ର ପ୍ରଦାନ କରିଥିବା ବେଳେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ମଧ୍ୟ ସ୍ମାରକପତ୍ର ଦେଇଛନ୍ତି। ସଂଘ ପକ୍ଷରୁ ୨୨ ଜୁନରୁ କଳା ବ୍ୟାଜ୍ ପରିଧାନ କରାଯାଇଥିବା ବେଳେ ୨୫ ଜୁନରୁ ସମସ୍ତ ସରକାରୀ ହ୍ୱାଟ୍ସଆପ୍ ଗ୍ରୁପ୍ ଛାଡ଼ିବା ସହ ଅନ୍‌ଲାଇନ କାର୍ଯ୍ୟ ବନ୍ଦ କରିବାକୁ ଚେତାବନୀ ଦିଆଯାଇଛି। ଏହା ପରେ ମଧ୍ୟ ଦାବି ପୂରଣ ନହେଲେ ଜୁଲାଇ ୧ ତାରିଖରୁ ଗଣଛୁଟି ଓ ଗଣଇସ୍ତଫା ଦିଆଯିବ ବୋଲି ସଂଘ ସ୍ପଷ୍ଟ କରିଛି।ସଂଘର କହିବା ଅନୁଯାୟୀ, ରାଜ୍ୟରେ ମଞ୍ଜୁରୀପ୍ରାପ୍ତ ପଦବୀର ପ୍ରାୟ ଅର୍ଦ୍ଧାଧିକ ଖାଲି ପଡ଼ିଥିବାରୁ କମ୍ କର୍ମଚାରୀଙ୍କୁ ନେଇ ଅଧିକ କାମ କରାଯାଉଛି। ଏଥିସହ ଯାତ୍ରା ଭତ୍ତା, ମୋବାଇଲ୍ ଭତ୍ତା, ଆବଶ୍ୟକ ଭିତ୍ତିଭୂମି ଏବଂ ଜନବଳର ଅଭାବ କାରଣରୁ କ୍ଷେତ୍ର କର୍ମଚାରୀମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସଂଘ ପକ୍ଷରୁ ଖାଲି ପଦବୀ ପୂରଣ, ଆର୍‌ଆଇ କାର୍ଯ୍ୟାଳୟ ଗୁଡ଼ିକୁ ଲାପଟପ୍, ପ୍ରିଣ୍ଟର ଓ ଇଣ୍ଟରନେଟ୍ ସୁବିଧା ଯୋଗାଣ, ବକେୟା ଭତ୍ତା ପ୍ରଦାନ ଏବଂ ଅଣ-ରାଜସ୍ୱ କାର୍ଯ୍ୟରୁ ମୁକ୍ତି ଭଳି ଦାବି ଉଠାଯାଇଛି। ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ ସମୟରେ ସଂଘର ସମ୍ପାଦକ ସୁଶାନ୍ତ ଅନ୍ତିଆ, କାର୍ଯ୍ୟକାରୀ ସଭାପତି ସନ୍ତୋଷ ରାଉତ, ରୀନା ମାଡକାମି, ପ୍ରଦୀପ କୁମାର ରଥ, ବିଜୟ ମଜୁମଦାରଙ୍କ ସମେତ ବହୁ ଆର୍‌ଆଇ. ଓ ଏଆର୍‌ଆଇ. ଉପସ୍ଥିତ ଥିଲେ। ସଂଘ ଚେତାବନୀ ଦେଇଛି ଯେ, ଦାବିଗୁଡ଼ିକ ପ୍ରତି ସରକାର ତୁରନ୍ତ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ରାଜ୍ୟର ରାଜସ୍ୱ ସେବା ପ୍ରଭାବିତ ହୋଇପାରେ।

### କୋଟିଆରେ ସ୍ୱତନ୍ତ୍ର ସଘନ ସଂଶୋଧନ

## ୧୦୦ ପ୍ରତିଶତ ସଫଳତା ପାଇଁ ଜିଲ୍ଲାପାଳଙ୍କ ପ୍ରଶଂସା

ପଟାଙ୍ଗି,୨୩।୬(ସମିସ): ଓଡ଼ିଶା ଆନ୍ଧ୍ର ମଧ୍ୟରେ ବିବାଦ ଲାଗିରହିଥିବା କୋଟିଆରେ ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମ ଅଧୀନରେ କୋଟିଆରେ ୧୦୦ ପ୍ରତିଶତ ଗଣନା ଫର୍ମ ସଂଗ୍ରହ ଏବଂ ଡିଜିଟାଇଜେସନ୍ ହାସଲ କରିଥିବାରୁ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ପଟାଙ୍ଗିର ଅଧିକାରୀଙ୍କୁ ପ୍ରଶଂସା କରିଛନ୍ତି। ସୂଚନା ଅନୁଯାୟୀ, କୋଟିଆ ଦୀର୍ଘ ବର୍ଷ ଧରି ଆନ୍ଧ୍ର ଏବଂ ଓଡ଼ିଶା ମଧ୍ୟରେ ବିବାଦ ଘେରରେ ରହିଛି। ଆନ୍ଧ୍ର ପ୍ରଦେଶ କୋଟିଆ ପଞ୍ଚାୟତକୁ ୩ଟି ଭାଗରେ ବିଭାଜନ କରିବା ସହ ତିନୋଟି ପଞ୍ଚାୟତରେ ନିଜର ଜନ ପ୍ରତିନିଧିଙ୍କୁ ଚୟନ କରିଛି। ସ୍ଥାନୀୟ କିଛି ଆନ୍ଧ୍ର ଦଲାଲ ମାନଙ୍କୁ ମଧ୍ୟ ରଖିଛି। ଉକ୍ତ ଜନ ପ୍ରତିନିଧିଙ୍କ ସମେତ ଦଲାଲ ମାନେ ଓଡ଼ିଶାର ପ୍ରତ୍ୟେକ ଉନ୍ନୟନମୂଳକ କାର୍ଯ୍ୟ ଗୁଡ଼ିକୁ ଭଣ୍ଡୁର କରିବା ନିମନ୍ତେ ଚେଷ୍ଟା କରିଥାନ୍ତି। ଓଡ଼ିଶା ସରକାରଙ୍କ ଦ୍ୱାରା କୋଟିଆ ପଞ୍ଚାୟତରେ ମଧ୍ୟ ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମ ପଟାଙ୍ଗି ବ୍ଲକ୍ ପ୍ରଶାସନଙ୍କ ଦ୍ୱାରା କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମଟିକୁ ଭଣ୍ଡୁର କରିବା ନିମନ୍ତେ ଆନ୍ଧ୍ର ପ୍ରୟାସ କରିଥିଲା। କିନ୍ତୁ ପଟାଙ୍ଗି ବ୍ଲକ୍ ପ୍ରଶାସନ କୋଟିଆରେ ୧୦୦ ପ୍ରତିଶତ କରିବାରେ ସଫଳ ହୋଇପାରିଥିଲା। ଜିଲ୍ଲା ପ୍ରଶାସନ, କ୍ଷେତ୍ରସ୍ତରୀୟ କର୍ମକର୍ତ୍ତା ଏବଂ ନିର୍ବାଚନ ଅଧିକାରୀଙ୍କ ସମନ୍ୱିତ ପ୍ରୟାସ ମାଧ୍ୟମରେ ଏହି ସଫଳତା ସମ୍ଭବ ହୋଇପାରିଛି। ବିଡିଓ ତଥା ଏଇଆରଓ ରାମକୃଷ୍ଣ ନାୟକ ଏବଂ ତହସିଲଦାର ଦେବେନ୍ଦ୍ର ଧାରୁଆ ଏହି ଅଭିଯାନକୁ କ୍ରମାଗତ ନିକଟରୁ ତଦାରଖ କରିବା ଫଳରେ ନିର୍ଦ୍ଧାରିତ କାର୍ଯ୍ୟଗୁଡ଼ିକୁ ସମୟସୀମା ମଧ୍ୟରେ ସମାପ୍ତି ସୁନିଶ୍ଚିତ କରିଥିଲେ। ତେଣୁ ଜିଲ୍ଲାପାଳ ଶ୍ରୀ ମହାଜନ ବିଡିଓ ତଥା ଏଇଆରଓ ରାମକୃଷ୍ଣ ନାୟକ, ତହସିଲଦାର ଦେବେନ୍ଦ୍ର ଧାରୁଆ ଏବଂ କଲେକ୍ଟରେଟ୍‌ର ଲିଭ୍ ରିଜର୍ଭ ଅଫିସର ସ୍ୱରବ କୁମାର ଦାସଙ୍କୁ ପ୍ରଶଂସା କରିଥିଲେ। ଉକ୍ତ ସଫଳତା ପରେ ଅଧିକାରୀମାନେ କହିଛନ୍ତି ଯେ କୋଟିଆ ଗ୍ରାମପଞ୍ଚାୟତର ଦୂରଦୂରାନ୍ତ ଜନବସତି ଏବଂ ପହଞ୍ଚିବାକୁ କଷ୍ଟକର ଅଞ୍ଚଳଗୁଡ଼ିକ ଉପରେ ବିଶେଷ ଧ୍ୟାନ ଦିଆଯାଇଥିଲା। ଯାହା ଦ୍ୱାରା କୌଣସି ଯୋଗ୍ୟ ଭୋଟର ଏହି କାର୍ଯ୍ୟରୁ ବାଦ ପଡିନଥିଲେ। ନିରନ୍ତର କ୍ଷେତ୍ର ପରିଦର୍ଶନ, ଦୈନିକ ତଦାରଖ ଏବଂ ବୁଥ୍ ସ୍ତରୀୟ ଅଧିକାରୀ, ପର୍ଯ୍ୟବେକ୍ଷକ ଏବଂ ସ୍ଥାନୀୟ ଅଂଶୀଦାରମାନଙ୍କ ମଧ୍ୟରେ ସମନ୍ୱୟ କାର୍ଯ୍ୟକ୍ରମର ସଫଳତାରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଥିବା ପର୍ଯ୍ୟବେକ୍ଷକ ମହାଦେବ ହନ୍ତାଳ, ଭୂମିସ୍ତରୀୟ ତଦାରଖ ଏବଂ ସମନ୍ୱୟ ମାଧ୍ୟମରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଏହି ଅଭ୍ୟାସ ସମାପ୍ତ ହେବା ସହିତ ସମସ୍ତ ଗଣନା ଫର୍ମ ସଂଗ୍ରହ ଏବଂ ଡିଜିଟାଇଜେସନ୍ କରାଯାଇଛି। ରଣନୈତିକ ଭାବରେ ଗୁରୁତ୍ୱପୂର୍ଣ୍ଣ ସୀମାନ୍ତ ଗ୍ରାମପଞ୍ଚାୟତ କୋଟିଆରେ ଏସ୍‌ଆଇଆର୍ କାର୍ଯ୍ୟକଳାପର ସଫଳ ସମାପ୍ତିକୁ କୋରାପୁଟ ଜିଲ୍ଲା ପାଇଁ ଏକ ଉଲ୍ଲେଖନୀୟ ପ୍ରଶାସନିକ ସଫଳତା ଭାବରେ ଦେଖାଯାଉଛି। ଜିଲ୍ଲାପାଳ ଶ୍ରୀ ମହାଜନ ବ୍ଲକ ପ୍ରଶାସନଙ୍କୁ ପ୍ରଶଂସା ଜଣାଇବା ପରେ ଉକ୍ତ କାର୍ଯ୍ୟକ୍ରମ ସଫଳ କରିବାରେ ସହଯୋଗ କରିଥିବା ସମସ୍ତ ବ୍ଲକ୍ ଅଧିକାରୀଙ୍କୁ ପ୍ରଶଂସା କରିଥିବା ଦେଖିବାକୁ ମିଳିଛି।




### ■ ରେଳ ପ୍ରକଳ୍ପ ଜମି ଅଧିଗ୍ରହଣରେ ଅନିୟମିତତା ଅଭିଯୋଗ

## ନ୍ୟାୟ ଦାବି କଲେ ପୀଡ଼ିତ ପରିବାର

ମାଥିଲି, ୨୩।୬(ସମିସ): ମାଲକାନଗିରି ଜିଲ୍ଲା ମାଥିଲି ତହସିଲ ଅନ୍ତର୍ଗତ ମୁଣ୍ଡଗୁଡ଼ା ମୌଜାର ଖାତା ନମ୍ବର ୩୫ରେ ଚାଲିଥିବା ରେଳ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ପ୍ରକ୍ରିୟାରେ ଗୁରୁତର ଅନିୟମିତତା ହୋଇଥିବା ନେଇ ପୀଡ଼ିତ ପରିବାର ଅଭିଯୋଗ କରିଛନ୍ତି। ବାରମ୍ବାର ପ୍ରଶାସନର ଦ୍ୱାରସ୍ଥ ହେବା ସତ୍ତ୍ୱେ ସମାଧାନ ନ ମିଳିବାରୁ ସେମାନେ ସମାଜସେବୀ ଶରତ ଚନ୍ଦ୍ର ବୁରୁଦାଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। ଅଭିଯୋଗ ଅନୁଯାୟୀ, କ୍ଷତିପୂରଣ ବଣ୍ଟନ ପ୍ରକ୍ରିୟାରେ ବଂଶଜ ତାଲିକାରେ ହେରଫେର କରାଯାଇଥିବା ସହ ଜୀବିତ ଥିବା ଶୁଭଦ୍ରା ନାୟକଙ୍କୁ ମୃତ ଦର୍ଶାଇ ତାଙ୍କୁ କ୍ଷତିପୂରଣରୁ ବଞ୍ଚିତ କରାଯାଇଛି। ଏହା ସହିତ ଅନ୍ୟ ଦୁଇଜଣ ପ୍ରକୃତ ହିତାଧିକାରୀଙ୍କ ନାମ ମଧ୍ୟ ତାଲିକାରୁ ବାଦ ପଡ଼ିଥିବା ଅଭିଯୋଗ ହୋଇଛି। ପୀଡ଼ିତ ପରିବାରର କହିବା ଅନୁଯାୟୀ, ବିବାହିତ ହୋଇଥିବାରୁ ମହିଳାଙ୍କର ପୈତୃକ ସମ୍ପତ୍ତିରେ ଅଧିକାର ନାହିଁ ବୋଲି କୁହାଯାଇଥିଲା, ଯାହା ଆଇନ ସହ ସଙ୍ଗତିପୂର୍ଣ୍ଣ ନୁହେଁ। ଏହା ଫଳରେ ପ୍ରକୃତ ହିତାଧିକାରୀମାନେ ସରକାରୀ କ୍ଷତିପୂରଣରୁ ବଞ୍ଚିତ ହୋଇଥିବା ଦାବି କରିଛନ୍ତି। ଏହି ଘଟଣାରେ କିଛି ଅଧିକାରୀ ଓ ଅନ୍ୟ ବ୍ୟକ୍ତିଙ୍କ ସମ୍ପୃକ୍ତି ନେଇ ମଧ୍ୟ ଅଭିଯୋଗ ଉଠିଥିବା ବେଳେ ସମଗ୍ର ଘଟଣାର ନିରପେକ୍ଷ ଓ ଉଚ୍ଚସ୍ତରୀୟ ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଓ ପୀଡ଼ିତ ପରିବାରକୁ ନ୍ୟାୟ ପ୍ରଦାନ କରିବାକୁ ଦାବି ହୋଇଛି।

### ■ ବିଦ୍ୟାଳୟରେ ଶୌଚାଳୟ ନିର୍ମାଣକୁ ନେଇ ବିବାଦ

## କଂଗ୍ରେସ ଓ ବିଜେପି ମଧ୍ୟରେ ଟଣାଓଟରା

କୋରାପୁଟ/ପୋଡ଼ାଗଡ଼,୨୩।୬(ସମିସ): କୋରାପୁଟ ଜିଲ୍ଲା ସଦର ବ୍ଲକ ଅଧିନସ୍ଥ ମହାଦେଇପୁଟ ପଞ୍ଚାୟତ ଅନ୍ତର୍ଗତ ମଣ୍ଡାଗୁଡା ଗ୍ରାମରେ ଥିବା ମଙ୍ଗଳ ବିଭାଗର କନ୍ୟା ଆଶ୍ରମରେ ଜିଲ୍ଲା ଖଣିଜ ଫାଣ୍ଡିରୁ ୧୦ ଲକ୍ଷ ଟଙ୍କା ବିନିମୟରେ ଏକ ଶୌଚାଳୟ ନିର୍ମାଣ କାମକୁ ନେଇ କଂଗ୍ରେସ କର୍ମୀ ଓ ବିଜେପି କର୍ମୀ ମଧ୍ୟରେ ମଧ୍ୟରେ ଟଣାଓଟରା ଚାଲିଛି। ପ୍ରଥମେ ଉକ୍ତ କାମକୁ ସାଂସଦଙ୍କ ପ୍ରତିନିଧି କହିଥିବା ନେଇ କଂଗ୍ରେସ କର୍ମୀ ଭୀମ ଡଙ୍ଗରୀ ଶୌଚାଳୟ ନିର୍ମାଣ ନିମନ୍ତେ ଫାଉଣ୍ଡେସନ ଗାତ ଖୋଳି କଂକ୍ରିଟ ପକାଇଲେ। କିନ୍ତୁ ସେହି କାମକୁ ବିଜେପି କର୍ମୀ ସନ୍ତୋଶ ରାମଚନ୍ଦ୍ର ମିଶି କରିବା ନିମନ୍ତେ ପୁଣି ଲୋକଙ୍କୁ ଲଗାଇଥିବା ଦେଖିବାକୁ ମିଳିଛି। ଏହି କାମ କରିବା ନିମନ୍ତେ ସାଂସଦଙ୍କ ପ୍ରତିନିଧି କହି ଥିବାହେତୁ କଂଗ୍ରେସ କର୍ମୀ କରୁଥିବା କହିଛନ୍ତି। କିନ୍ତୁ ଜୋରା ଜବରଦସ୍ତ ବିଜେପି କର୍ମୀ କରିବାକୁ ପ୍ରୟାସ କରୁଥିବା କର୍ମୀ ମାନେ କହିଛନ୍ତି। ବିଜେପି କର୍ମୀ କଂଗ୍ରେସ କର୍ମୀମାନଙ୍କୁ କହିଛନ୍ତି କି 'ଆମର ଦଳର ବିଧାୟକ ଅଛନ୍ତି, ଏହି କାମ ଆମେ ହିଁ କରିବୁ' । କିନ୍ତୁ କଂଗ୍ରେସ କର୍ମୀ କାମ ଛାଡ଼ିବାକୁ ନାରାଜ। ଉଭୟ ଦଳର କର୍ମୀ ନିଜ ନିଜ ଭିତରେ ଟଣାଓଟରା ହେବାରୁ ଉନ୍ନୟନ ମୂଳକ କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି। ତୁରନ୍ତ ବ୍ଲକ ପ୍ରଶାସନ ହସ୍ତକ୍ଷେପ କରି ସମାଧାନ କରିବା ପାଇଁ ସ୍ଥାନୀୟ ବୁଦ୍ଧିଜୀବୀ ମତ ପ୍ରକାଶ କରିଛନ୍ତି।



# ଆର୍‌କେ ବାଳିକା ଉଚ୍ଚ ବିଦ୍ୟାଳୟକୁ ଅନୁଦାନ ମିଳିବ କେବେ ?

ସେମିଳିଗୁଡା, ୨୩।୬(ସମିସ)

କୋରାପୁଟ ଜିଲ୍ଲାର ସେମିଳିଗୁଡା ସହରର ସ୍ଥିତ ଆର୍ କେ ବାଳିକା ଉଚ୍ଚ ବିଦ୍ୟାଳୟ ଉନ୍ନତୀ ଉପରେ ଦୃଷ୍ଟି ଦେବେ ବୋଲି କୋରାପୁଟ ବିଧାୟକ ରଘୁରାମ ମାଛ ପ୍ରତିଶୃତି ଦେଇଥିଲେ। ରବିବାର ପଞ୍ଚମ ସ୍କୁଲ ମ୍ୟାନେଜମେଣ୍ଟ କମିଟି ବୈଠକରେ ଆୟୋଜିତ ହୋଇଯାଇଛି। ବୈଠକରେ ବିଧାୟକ ଓ ବିଦ୍ୟାଳୟ ସଭାପତି ରଘୁରାମ ମାଛ ଆଗାମୀ ଦିନରେ ଉନ୍ନତି ଦିଗରେ ଦୃଷ୍ଟି ଆକର୍ଷଣ କରିବେ ବୋଲି କହିଛନ୍ତି। ପଟାଙ୍ଗୀ ନିର୍ବାଚନ ମଣ୍ଡଳୀ ବିଧାୟକ ଓ ଉପସଭାପତି ରାମଚନ୍ଦ୍ର କାଡାମ ସହରରେ ବାଳିକା ମାନେଙ୍କ ପାଇଁ ଏହି ଉଚ୍ଚ ବିଦ୍ୟାଳୟ ସ୍ଥାପିତ କରାଯାଇଥିବା ବେଳେ ଅନେକ ସମସ୍ୟା ଦେଖା ଯାଉଛି। ସମସ୍ୟା ସମାଧାନ କରିବା ଲକ୍ଷ୍ୟ ରଖିଛି ବୋଲି କହିଛନ୍ତି। ଶିକ୍ଷକ ମାନେ ଏହି ଅବସରରେ ନିଜ ଦୁଃଖ ପ୍ରକାଶ କରିଛନ୍ତି କି ଏହି ବିଦ୍ୟାଳୟ ୧୯୯୮ ରେ ସ୍ଥାପନ ହୋଇଥିଲା। ଏହି ବାଳିକା ବିଦ୍ୟାଳୟ ୨୦୦୩ ମସିହାରେ ୮ମଶ୍ରେଣୀ, ୨୦୧୧ ମସିହାରେ ୯ମ ଏବଂ ୧୦ମ ଶ୍ରେଣୀ ପାଇଁ ସ୍ୱୀକୃତି ପ୍ରାପ୍ତ କରିଥିଲା। ପରେ ୨୦୧୩ରେ ଏହି ବାଳିକା ବିଦ୍ୟାଳୟ ସରକାରୀ ଅନୁଦାନ ପାଇବା ନିମନ୍ତେ ଯୋଗ୍ୟ ବିବେଚିତ ହୋଇଥିଲା। କିନ୍ତୁ ଆଜି ପର୍ଯ୍ୟନ୍ତ ଅନୁଦାନରୁ ବଞ୍ଚିତ ରହିଛି। ଏହି ୨୬ ବର୍ଷ ମଧ୍ୟରୁ ହଜାର ହଜାର ଛାତ୍ରୀ ବିଦ୍ୟାଳୟରୁ ପାଠ ପଢ଼ି ନିଜ ନିଜର ଭବିଷ୍ୟତ ଗଢି ମଣିଷ ହୋଇସାରିଲେଣି। କିନ୍ତୁ ଏମାନଙ୍କୁ ମଣିଷ କରି ଗଢ଼ି ତୋଳିଥିବା ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀମାନେ ନିଜ ଭବିଷ୍ୟତକୁ ଭୋକିଲା ପେଟରେ ଚାହିଁ ବସିଛନ୍ତି । ସରକାରୀ ଅନୁଦାନ ପାଇବା ପାଇଁ ସବୁ ସର ଉକ୍ତ ବାଳିକ ବିଦ୍ୟାଳୟ ପୂରଣ କରୁଥିଲେ ମଧ୍ୟ ବିଦ୍ୟାଳୟଟି ଏବେ ପର୍ଯ୍ୟନ୍ତ ସରକାରୀ ଅନୁଦାନ ପାଇନାହିଁ। ବିଦ୍ୟାଳୟରେ ୨୦୦ ଛାତ୍ରୀ ପାଠ ପଢୁଛନ୍ତି। ସେଥିମଧ୍ୟରୁ ୯୦ ପ୍ରତିଶତ କେବଳ ଆଦିବାସୀ ଛାତ୍ରୀ ପାଠ ପଢୁଥିବାବେଳେ ଆଇ ୧୦ ପ୍ରତିଶତ ଏସ୍‌ସି, ଓବିସି ଏବଂ ସାଧାରଣବର୍ଗର ଛାତ୍ରୀ। ଏଠାରେ ଥିବା ଛାତ୍ରୀ ନିବାସରେ ପ୍ରାୟ ୧୦୦ ଆଦିବାସୀ ଛାତ୍ରୀ ରହି ପାଠ ପଢୁଛନ୍ତି। ଛାତ୍ରା ନିବାସରେ ଡାଇନିଂ ହାଲ ସହ ଅନେକ ସମସ୍ୟା ସମାଧାନ ଉପରେ ଦୃଷ୍ଟି ଦେବା ପାଇଁ ବିଧାୟକଙ୍କୁ ଶିକ୍ଷକ ମାନେ ନିବେଦନ କରିଛନ୍ତି। ଯଥାଶୀଘ୍ର ଏହି ସବୁ ସମସ୍ୟା ଗୁଡ଼ିକୁ ସରକାରଙ୍କ ନିକଟରେ ଉପସ୍ଥାପନ କରିବା ପାଇଁ ବିଧାୟକ ମାନେ ପ୍ରତିଶ୍ରୁତି ଦେଇଛନ୍ତି। ବୈଠକରେ ସୁନାବେଡ଼ା ପୌର ପରିଷଦ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର୍ ପାତ୍ର, ,କୋଷାଧ୍ୟକ୍ଷ ବିଜୟ ଏକୁଡ୍ଡୁ, ସଦସ୍ୟ ତିଳକ ଖିମୁଡୁ, ବିଦ୍ୟାଳୟ ଶିକ୍ଷକ ଯୋଗ ଦେଇଥିଲେ। ବିଦ୍ୟାଳୟର ସମସ୍ୟା ଉପରେ ଆଲୋଚନା କରିଥିଲେ। ସ୍କୁଲର ବିଭିନ୍ନ ସମସ୍ୟା, ଭିତ୍ତିଭୂମିର ଉନ୍ନତି ଏବଂ ଛାତ୍ରୀମାନଙ୍କ ଶିକ୍ଷାର ଗୁଣବତ୍ତା ବୃଦ୍ଧି ନେଇ ଆଲୋଚନା କରାଯାଇଥିଲା। ଶିକ୍ଷାର ବିକାଶ ଓ ଛାତ୍ରୀମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ସମସ୍ତଙ୍କର ସମନ୍ୱିତ ପ୍ରୟାସ ଜାରି ରହିବ ବୋଲି ଦୁଇ ବିଧାୟକ ପ୍ରତିଶ୍ରୁତି ଦେଇଥିଲେ।

## ବିଷମ କଟକରେ 'ବିକାଶ ଧାରା, ଓଡ଼ିଶା ସାରା'



### ୪ର୍ଥ ଦିନରେ ଜନକଲ୍ୟାଣ କାର୍ଯ୍ୟକ୍ରମ

ବିଷମ କଟକ,୨୩।୬(ସମିସ): ରାଜ୍ୟ ସରକାରଙ୍କ ଦୁଇବର୍ଷ ପୂର୍ତ୍ତି ଅବସରରେ ରାୟଗଡ଼ ଜିଲ୍ଲା ବିଷମକଟକ ବ୍ଲକ ପ୍ରଶାସନ ଆନୁକୂଲ୍ୟରେ ସ୍ଥାନୀୟ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ 'ବିକାଶର ଧାରା, ଓଡ଼ିଶା ସାରା' କାର୍ଯ୍ୟକ୍ରମର ୪ର୍ଥ ଦିବସରେ ବିଭିନ୍ନ ବିଭାଗର ଯୋଗ୍ୟ ହିତାଧିକାରୀଙ୍କୁ ସହାୟତା ବଣ୍ଟନ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାରେ ୪୦ଜଣଙ୍କୁ ନୂତନ ରାସନ କାର୍ଡ, ୨୦ ଜଣ ଅଙ୍ଗନବାଡି କର୍ମୀଙ୍କୁ ସ୍ମାର୍ଟ ମୋବାଇଲ ଫୋନ୍ , ୫୦ ଜଣଙ୍କୁ ଶ୍ରମିକ କାର୍ଡ, ୨୦ ଜଣ ହିତାଧିକାରୀଙ୍କୁ ଆବାସ ଗୃହ କାର୍ଯ୍ୟାଦେଶ, ସ୍ୱଚ୍ଛ ଭାରତ ଯୋଜାନରେ ୫ଜଣଙ୍କୁ ପାଇଖାନା ନିର୍ମାଣ ପାଇଁ କାର୍ଯ୍ୟାଦେଶ, ୫ଜଣଙ୍କୁ ଜଙ୍ଗଲ ଜମି ପଟ୍ଟା,୨୦ଜଣଙ୍କୁ ଘରବାରି ପଟ୍ଟା ଏବଂ ୩୦ ଜଣଙ୍କୁ ସ୍ୱାସ୍ଥ୍ୟ କାର୍ଡ ପ୍ରଦାନ କରାଯାଇଛି। ଏହି ଅବସରରେ ବିଡିଓ ଶିବପ୍ରସାଦ ପଟ୍ଟନାୟକଙ୍କ ସମେତ କନିଷ୍ଠ ଯନ୍ତ୍ରୀ ଝରଣା ତ୍ରିପାଠୀ, ବ୍ଲକ ସମ୍ପ୍ରସାରଣ ଅଧିକାରୀ ଶୁଭପ୍ରଦା ଶାସମଲ, ସାଗରିକା ସାହୁ, ପଞ୍ଚାୟତ ଅଧିକାରୀ ସୁଦିପ କ୍ରିଷ୍ଣା, ବିଏସ୍‌ଏସ୍‌ଓ ମୁନା ତାଡିଙ୍ଗି, ବିଜେପି ବ୍ଲକ ମଣ୍ଡଳ ସଭାପତି ସୋମନାଥ ହିମିରିକା, ଅତିରିକ୍ତ ତହସିଲଦାର ଦିଲେଶ୍ୱରୀ ଦଳପତି ପ୍ରମୁଖ ଉପସ୍ଥିତ ଥିଲେ। ବିଶ୍ୱ ଯୋଗ ଦିବସର ଅବସରରେ ସକାଳ ୬ଘଟିକା ସମୟରେ କଲ୍ୟାଣ ମଣ୍ଡପ ପରିସରରେ ବ୍ଲକ ପ୍ରଶାସନ ତରଫରୁ ଯୋଗଭ୍ୟାସ କରାଯାଇଛି। ଯୋଗ ଗୁରୁ ମକରଧ୍ୱଜ ଉତରାସିଲି ଉପସ୍ଥିତ ମହିଳା ପୁରୁଷଙ୍କୁ ଯୋଗଭ୍ୟାସ କରାଇବା ସହ ଯୋଗର ଉପକାରିତା ସମ୍ବନ୍ଧରେ ସମ୍ୟକ ସୂଚନା ଦେଇଥିଲେ। ଏହି ପଦକ୍ଷେପ ମାଧ୍ୟମରେ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନାର ସୁଫଳ ପ୍ରତ୍ୟକ୍ଷ ଭାବରେ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ସହିତ ସେମାନଙ୍କ ସାମାଜିକ ଓ ଆର୍ଥିକ ସଶକ୍ତିକରଣକୁ ଅଧିକ ଗତିଶୀଳ କରାଯାଇଛି। ଜନସେବା ଓ ଜନକଲ୍ୟାଣ ପ୍ରତି ସରକାରଙ୍କ ଦୃଢ଼ ପ୍ରତିବଦ୍ଧତାକୁ ଆହୁରି ସୁଦୃଢ଼ କରିବା ଦିଗରେ ଏଭଳି କାର୍ଯ୍ୟକ୍ରମ ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ।

# ଆଦିବାସୀଙ୍କୁ ରୋଜଗାର ଦେଇଛି ଜାମୁକୋଳି

ଉମରକୋଟ,୨୩।୬(ସମିସ):



ଆଦିବାସୀ ଜଙ୍ଗଲ ଜାତ ଦ୍ରବ୍ୟ ଉପରେ ନିର୍ଭର କରି ନିଜ ଜୀବନ ଜୀବିକା ନିର୍ବାହ କରିଥାନ୍ତି। ଋତୁ ଅନୁସାରେ ଜଙ୍ଗଲରେ ମିଳୁଥିବା ଜଙ୍ଗଲଜାତ ଦ୍ରବ୍ୟ ଯେପରି ଶାଳ ପତ୍ର, ଶିଆଳି ପତ୍ର, ମହୁଲ, ସର୍ଗି ଫୁଲ, ବଡା ଛତୁ, ଶ୍ରାବଣ ଛତୁ, ଲାଖ, ଝୁଣା, କରଡି ଦାନ୍ତକାଠି, ଶାଳ ଦାନ୍ତକାଠି ଆଦିକୁ ସଂଗ୍ରହ କରିଥାନ୍ତି ଆଦିବାସୀ। ଏହି ସବୁ ଜିନିଷକୁ ବଜାରରେ ବିକ୍ରି କରି କିଛି ଅର୍ଥ ରୋଜଗାର କରିଥାନ୍ତି ଓ ନିଜେ ମଧ୍ୟ ବ୍ୟବହାର କରିଥାନ୍ତି। ଏହି ଗ୍ରୀଷ୍ମ ଋତୁରେ ଆଦିବାସୀ ମାନଙ୍କ ପାଇଁ ରୋଜଗାରର ମାଧ୍ୟାମ ପାଲଟିଛି ଜାମୁକୋଳି। ଏହି ଜାମୁକୋଳିକୁ ଚକନି ବା ଦନା ହିସାବରେ ବିକ୍ରି କରାଯାଇଥାଏ। ଗୋଟିଏ ଚକନିକୁ ୧୦ଟଙ୍କା ହିସାବରେ ବିକ୍ରି କରାଯାଇଥାଏ। ପୁରୁଷ ମାନେ ଜାମୁକୋଳି ଗଛରେ ଚଢି କୋଳି ଗୁଡିକୁ ଝାଡି ଥାନ୍ତି। ଶାଢି କିମ୍ବା ବଡ ପଲିଥିନ ଚାରି ପଟେ ଧରି ମହିଳା ମାନେ ତଳେ ରହି ଜାମୁକୋଳି ଗୁଡିକୁ ଧରିଥାନ୍ତି ଯେପରିକି କୋଳି ଗୁଡ଼ିକ ତଳେ ପଡ଼ି ନଷ୍ଟ ନହେବ। ପରେ ମହିଳା ମାନେ ଜାମୁକୋଳିକୁ ବଜାରରେ ଆଣି ବିକ୍ରୀ କରିଥାନ୍ତି। ଜଣେ ଜଣେ ମହିଳା ଜାମୁ କୋଳି ବିକ୍ରି କରି ଦିନକୁ ୨୦୦ରୁ ୩୦୦ ଶହ ଟଙ୍କା ପର୍ଯ୍ୟନ୍ତ ରୋଜଗାର କରିଥାନ୍ତି। ଜାମୁ କୋଳି ବଜାରକୁ ଆସିବା ମାତ୍ରେ ଗ୍ରାହକଙ୍କ ଭିଡ ଜମି ଯାଇଥାଏ। ଋତୁ କାଳୀନ କୋଳି ହୋଇଥିବାରୁ ଜଣେ ଜଣେ ଗ୍ରାହକ ୪୦ରୁ ୫୦ ଟଙ୍କାରେ ଜାମୁ କୋଳି କିଣି ନେଇଥାନ୍ତି। କିଛି ଲୋକ ଜାମୁ କୋଳି କିଣି ଦୂରରେ ରହୁଥିବା ନିଜର ସମ୍ପର୍କୀୟ ଓ ପରିବାର ପରିଜନଙ୍କୁ ମଧ୍ୟ ପଠାଇଥାନ୍ତି। କାରଣ ଏହି ଜାମୁକୋଳିରେ ରହିଛି ପ୍ରଚୁର ଭିଟାମିନ। ବିଶେଷଜ୍ଞ ମତ ଅନୁସାରେ ଜାମୁକୋଳି ଖାଇବା ଦ୍ୱାରା ପେଟ ସଫା ହୋଇଥାଏ। ଜାମୁକୋଳି ରକ୍ତ ଶର୍କରା ପାଇଁ ଏକ ଦୁର୍ଲଭ ଔଷଧ ରୂପରେ ଲୋକେ ଏହାକୁ ବ୍ୟବହାର କରିଥାନ୍ତି। ଜାମୁ କୋଳିର ମଞ୍ଜିକୁ ଖରାରେ ଶୁଖାଇ ଚୂର୍ଣ୍ଣ କରି ଏହି ଚୂର୍ଣ୍ଣ କୁ ସକାଳେ ଖାଲି ପେଟରେ ଖାଇଲେ ରକ୍ତ ଶର୍କରାର ପରିମାଣା ସମତୁଳ ରଖିଥାଏ। ନବରଙ୍ଗପୁର ଜିଲ୍ଲା ଉମରକୋଟ ଆଖପାଖ ଅଞ୍ଚଳରେ ଜାମୁ କୋଳି ପ୍ରଚୁର ପରିମାଣରେ ମିଳିଥାଏ। ଜାମୁକୋଳି ଛୋଟ, ମଧ୍ୟମ ଓ ବଡ ତିନୋଟି ଆକାରରେ ମିଳିଥାଏ। ଅନ୍ୟ କେତେ ଗୁଡିଏ କୋଳିର ହାଇବ୍ରିଡ କୋଳି ବଜାରରେ ମିଳିଥାଏ। କିନ୍ତୁ ଆଜି ପର୍ଯ୍ୟନ୍ତ ଜାମୁକୋଳିର କୌଣସି ହାଇବ୍ରିଡ କୋଳି ବାହାରି ନାହିଁ। ଯାହାକି ଆଦିବାସୀ ମହିଳାଙ୍କ ପାଇଁ ଏକ ବରଦାନ। ଜାମୁକୋଳି ଆଦିବାସୀ ମହିଳାଙ୍କୁ ଦେଢ଼ ମାସରୁ ଦୁଇ ମାସ ପର୍ଯ୍ୟନ୍ତ ରୋଜଗାର ଯୋଗାଇ ଥାଏ। ମାର୍ଚ୍ଚ ମାସରେ ଫୁଲ ଫୁଟି ଏପ୍ରିଲ ମାସରେ ଫଳ ଧରିଥାଏ। ଜାମୁକୋଳି କଞ୍ଚାରେ ସାଗୁଆ ରଙ୍ଗ ରହିଥିବା ବେଳେ ପାଚିଲେ କଳା ରଙ୍ଗ ହୋଇଥାଏ। ଋତୁ କାଳୀନ କୋଳି ହୋଇଥିବାରୁ ଓ ଖଟାମିଠା, କସା ଲାଗୁ ଥିବାରୁ ଲୋକେ ଆଗ୍ରହରେ ଘରକୁ କିଣି ନିଅନ୍ତି।

# ରାମନାଗୁଡ଼ା ବସ୍‌ଷ୍ଟାଣ୍ଡ ନାମ ବଦଳାଇବାକୁ ଦାବି



ରାମନାଗୁଡା,୨୩।୬(ସମିସ): ରାୟଗଡା ଜିଲ୍ଲା ରାମନାଗୁଡା ବସଷ୍ଟାଣ୍ଡର ନାମ 'ଅଟଳ ବସଷ୍ଟାଣ୍ଡ' ନାମ ରଖିବାକୁ ଦାବି ହେଉଛି। ଏହି ବସ୍‌ଷ୍ଟାଣ୍ଡର ନାମ କେବଳ ରାମନାଗୁଡ଼ା ବସ୍‌ଷ୍ଟାଣ୍ଡ ଲେଖା ହୋଇଛି। ଏହି ନାମକୁ ପରିବର୍ତ୍ତନ କରାଯାଇ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ନାମକୁ ସଂଯୋଗ କରିବାକୁ ଦାବି ହୋଇଛି।

# ଡକ୍ଟରେଟ୍ ପାଇଲେ ଜଟାବାଲର ଝିଅ

ପାପଡାହାଣ୍ଡି,୨୩।୬ (ସମିସ):



ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ବ୍ଲକ ଜଟାବାଲର ଝିଅ ହୁମେରା ବାନୁ ଡକ୍ଟରେଟ ପାଇଛନ୍ତି। ସଦ୍ୟ ପ୍ରକାଶିତ ତାଲିକା ପ୍ରକାଶ ପାଇବା ପରେ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି। ସେ ଉତ୍ତରପ୍ରଦେଶ ଆଗ୍ରା ଏଫଏଚ ମେଡିକାଲ କଲେଜର ଟପ୍ପର ହୋଇ ପ୍ରଥମ ସ୍ଥାନରେ ରହିଛନ୍ତି। ହୁମେରା ଜଟାବାଲ ଗ୍ରାମର ଅବଦୁଲ ଅନୱାରଙ୍କ ଝିଅ। ଉତ୍ତର ପ୍ରଦେଶର ସବୁଠୁ ବଡ଼ ୟୁନିଭରସିଟିରେ କୃତିତ୍ୱ ଲାଭ କରିବା ପରେ ସେ ଜିଲ୍ଲା ଓ ଗ୍ରାମ ପାଇଁ ଗୌରବ ଆଣିଛନ୍ତି। ନିଜର କଠିନ ପରିଶ୍ରମ ଓ ଗୁରୁଜନ ମାନଙ୍କ ଆଶୀର୍ବାଦକୁ ସେ ଶ୍ରେୟ ଦେଇଛନ୍ତି।

# ଆଇଟିଡିଏ ପକ୍ଷରୁ ଚାଷୀଙ୍କୁ ସ୍ପ୍ରେ ମେସିନ୍ ବଣ୍ଟନ




କୁନ୍ଦୁରା,୨୩।୬(ସମିସ): କୁନ୍ଦୁରା ବ୍ଲକ ଅନ୍ତର୍ଗତ ପଖନାଗୁଡ଼ା ପଞ୍ଚାୟତ କାଳିଆଗୁଡ଼ା ଠାରେ ଚାଷୀଙ୍କୁ ସ୍ପ୍ରେ ମେସିନ୍ ବଣ୍ଟନ କରାଯାଇଛି । ଆଇଟିଡିଏ ପ୍ରକଳ୍ପ ପରିଚାଳକ ଦେବାଶିଷ ପଟ୍ଟନାୟକଙ୍କ ଏଥିରେ ଅଧ୍ୟକ୍ଷତା କରିଥିଲେ। ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ରୂପୁ ଭତ୍ରା ଯୋଗଦେଇ ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ଯୋଜନାରେ ବ୍ଲକର ୯୦ ଚାଷୀଙ୍କୁ ବିନା ମୂଲ୍ୟରେ ସ୍ପ୍ରେ ମେସିନ ବଣ୍ଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାଂସଦ ପ୍ରତିନିଧି ଅମ୍ରୁ ପାତ୍ର, ବିଧାୟକ ପ୍ରତିନିଧି ବଦ୍ରି ନାରାୟଣ ଅଚାର୍ଯ୍ୟ ପ୍ରମୁଖ ମଞ୍ଚାସୀନ ଥିଲେ। ଉନ୍ନତ ଧରଣର ସ୍ପ୍ରେ ମେସିନ ଚାଷୀଙ୍କ ପାଇଁ ବହୁ ସହଜରେ ଓ କମ ପରିଶ୍ରମରେ ଔଷଧ ସିଞ୍ଚନ କରିବାରେ ବହୁ ସହାୟକ ହେବ ବୋଲି ଅତିଥି ମାନେ କହିଥିଲେ। ଆଇଟିଡିଏ କର୍ମକର୍ତ୍ତା ଏସଏମଏସ କେଶବ ଚନ୍ଦ୍ର ଦାସ, ବିଏଲଇ ଆଶିଷ ସ୍ୱାଇଁ ଏବଂ ପ୍ରକାଶ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ରାଜ ଚାଉଁରିଆ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷାଙ୍କୁ ବିଦାୟ ସମ୍ବର୍ଦ୍ଧନା



କୋଷାଗୁମୁଡ଼ା,୨୩।୬(ସମିସ): ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା ବ୍ଲକ କୋଡ଼ିଙ୍ଗାସ୍ଥିତ ରାଜ ଚାଉଁରିଆ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ଅନୁଷ୍ଠାନର ଅଧ୍ୟକ୍ଷା ଅମିତା ରାୟଙ୍କ ବିଦାୟ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସମ୍ମିଳନୀ କକ୍ଷଠାରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ସଦନ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ବରିଷ୍ଠ ସମାଜସେବୀ ଧରମ ସିଂହ, ବିଶିଷ୍ଟ ଅଧିବକ୍ତା ଦିଲ୍ଲୀପ କୁମାର ବେହେରା, ସମାଜସେବୀ ବଦ୍ରି ନାରାୟଣ ସିଂହ, ପରମାନନ୍ଦ ଖୋସଲା ବିଦାୟୀ ଅଧ୍ୟକ୍ଷା ଅମିତା ରାୟ, ପ୍ରଭାତ ନଳିନୀ ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ଥିଲେ। ଅନୁଷ୍ଠାନର ନୂତନ ଭାବେ ଦାୟିତ୍ୱ ନେଇଥିବା ଅଧ୍ୟକ୍ଷ ବିବେକ କୁମାର ମହାଳିକ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିବା ବେଳେ ଅଧ୍ୟାପକ ଅଖିଳ କୁମାର ଭଟ୍ଟ ମଞ୍ଚକୁ ଅତିଥି ମାନଙ୍କୁ ସ୍ୱାଗତ କରିବା ସହ ମଞ୍ଚ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ଅଧିବକ୍ତା ଅରୁଣ ପ୍ରସନ୍ନ ନାୟକ, ବରିଷ୍ଠ ସାମ୍ବାଦିକ ସମରେନ୍ଦ୍ର ପଟ୍ଟନାୟକ, ଯୁବ ସମାଜସେବୀ ତ୍ରିଲୋଚନ ସିଂହ , ବାବୁଲି ବାଘ୍‌ଙ୍କ ସହ ଅନୁଷ୍ଠାନର କର୍ମଚାରୀ ଅଧ୍ୟକ୍ଷାଙ୍କ ଗୁଣଗାନ କରିଥିଲେ। ଶେଷରେ ଅନୁଷ୍ଠାନ ତରଫରୁ ବିଦାୟୀ ଅଧ୍ୟକ୍ଷା ଶ୍ରୀମତି ଅମିତା ରାୟଙ୍କୁ ମୁଖ୍ୟ ଅତିଥି ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଅଧ୍ୟାପକ ଶ୍ରୀ ରବି ନାରାୟଣ ପାଣିଗ୍ରାହୀ ମାନପତ୍ର ପାଠ କରିଥିବା ବେଳେ ଶିକ୍ଷା ବିଭାଗର ଅଧ୍ୟାପକ ଦାମୋଦର ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ୨ ଲକ୍ଷ ଲାଞ୍ଚ ନେଉଥିବାବେଳେ ଧରାପଡ଼ିଲେ

# ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଅଧିକାରୀ ଭିଜିଲାନ୍ସ ଜାଲରେ





ରାୟଗଡ଼, ୨୩।୬(ସମିସ): ରାୟଗଡ଼ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ପଟ୍ଟନାୟକ ସୋମବାର ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। କାଶୀପୁର ବ୍ଲକର ଏକ ରାସ୍ତା ନିର୍ମାଣ କାର୍ଯ୍ୟର ବିଲ୍ ପାସ୍ କରାଇବା ପାଇଁ ସେ ସ୍ଥାନୀୟ ଠିକାଦାର ତ୍ରିନାଥ ନାୟକଙ୍କଠାରୁ ୩ ଲକ୍ଷ ଟଙ୍କା ଲାଞ୍ଚ ଦାବି କରିଥିଲେ। ପ୍ରଥମ କିସ୍ତି ଭାବେ ୨ ଲକ୍ଷ ଟଙ୍କା ଗ୍ରହଣ କରୁଥିବା ସମୟରେ ଭିଜିଲାନ୍ସ ଟିମ୍ ତାଙ୍କୁ ରଙ୍ଗେହାତ ଧରିଥିଲା। ସୂଚନା ଅନୁସାରେ, ଲାଞ୍ଚ ଦାବି ନେଇ ଠିକାଦାର ତ୍ରିନାଥ ନାୟକ ଭିଜିଲାନ୍ସ ବିଭାଗର ଦ୍ୱାରସ୍ଥ ହୋଇଥିଲେ। ଏହାପରେ ଜୟପୁର ଭିଜିଲାନ୍ସ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ରାୟଗଡ଼ ଭିଜିଲାନ୍ସ ଡିଏସ୍‌ପି ସୂର୍ଯ୍ୟକାନ୍ତି ଟାକ୍ରୀ ଓ ଡିଏସ୍‌ପି ଅଭୟ ପ୍ରଧାନଙ୍କ ନେତୃତ୍ୱରେ ୧୦ ଜଣିଆ ଟିମ୍ କଟୁରୁ ନିକଟସ୍ଥ ସରକାରୀ ବାସଭବନରେ ଚଢ଼ଉ କରିଥିଲେ। ଅଭିଯୁକ୍ତ ଅଧିକାରୀ ୨ ଲକ୍ଷ ଟଙ୍କା ଗ୍ରହଣ କରୁଥିବା ସମୟରେ ଟିମ୍ ତାଙ୍କୁ କାବୁ କରିଥିଲା। ଭିଜିଲାନ୍ସ ପକ୍ଷରୁ ପୂର୍ବରୁ ଲାଞ୍ଚ ଟଙ୍କାରେ ସ୍ୱତନ୍ତ୍ର ରାସାୟନିକ ପାଉଡର ଲଗାଯାଇଥିଲା। ପରୀକ୍ଷା ବେଳେ ଏହି ରାସାୟନିକ ଅଧିକାରୀଙ୍କ ହାତରେ ଲାଗିଥିବା ଜଣାପଡ଼ିବା ସହ ୨ ଲକ୍ଷ ଟଙ୍କା ମଧ୍ୟ ଜବତ କରାଯାଇଥିଲା। ଏହି ଆଧାରରେ ତାଙ୍କୁ ଭିଜିଲାନ୍ସ ବିଭାଗ ଗିରଫ କରିଛି। ଏହାସହ ନୟାଗଡ଼ ଜିଲ୍ଲା ଏବଂ ଭୁବନେଶ୍ୱରସ୍ଥିତ ତାଙ୍କର ବିଭିନ୍ନ ଠିକଣାରେ ଏକକାଳୀନ ଚଢ଼ଉ ଜାରି ରହିଛି। ତଦନ୍ତ ଶେଷ ପରେ ତାଙ୍କର ସମ୍ପତ୍ତି ଓ ଅନ୍ୟାନ୍ୟ ଆର୍ଥିକ କାରବାର ସମ୍ପର୍କିତ ତଥ୍ୟ ସାମ୍ନାକୁ ଆସିବ ବୋଲି ରାୟଗଡ଼ ଭିଜିଲାନ୍ସ ଡିଏସ୍‌ପି ସୂର୍ଯ୍ୟକାନ୍ତି ଟାକ୍ରୀ ସୂଚନା ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, ପ୍ରସନ୍ନ କୁମାର ପଟ୍ଟନାୟକ ଚଳିତ ମାସରେ ଚାକିରିରୁ ଅବସର ନେବେ। ତାଙ୍କ ବିରୋଧରେ ପୂର୍ବରୁ ସ୍ଥାନୀୟ ଠିକାଦାରମାନେ ଦୁର୍ନୀତି ଓ ଲାଞ୍ଚ କାରବାର ସମ୍ପର୍କରେ ଅଭିଯୋଗ ଆଣିଥିଲେ। ଠିକାଦାରମାନଙ୍କ ଅଭିଯୋଗ ଅନୁଯାୟୀ, ଲାଞ୍ଚ ନ ଦେଲେ ସେ କୌଣସି ବିଲ୍ ପାସ୍ କରୁନଥିଲେ। ସ୍ଥାନୀୟ ଠିକାଦାର ସନ୍ନ୍ୟାସୀ ସୁବୁଦ୍ଧି ମଧ୍ୟ ଏପରି ଅଭିଯୋଗ କରିଛନ୍ତି। ଖବର ଲେଖା ସୁଦ୍ଧା ବିଳମ୍ବିତ ରାତି ପର୍ଯ୍ୟନ୍ତ ଘଟଣାର ତଦନ୍ତ ଜାରି ରହିଛି। ତାଙ୍କ ସରକାରୀ ବାସଭବନରୁ ଚଢ଼ଉ ବେଳେ ଆହୁରି ୩ ଲକ୍ଷ ୪୭ ହଜାର ଟଙ୍କା ଜବତ କରାଯାଇଛି। ଭିଜିଲାନ୍ସ ପକ୍ଷରୁ ତାଙ୍କ ସରକାରୀ କାର୍ଯ୍ୟାଳୟରେ ମଧ୍ୟ ଚଢ଼ଉ କରାଯାଇଛି

## ମୌସୁମୀ ସତର୍କତା ଅଭିଯାନ ଆରମ୍ଭ

# ମୌସୁମୀରେ ଭୂସ୍ଖଳନ ଓ ପାହାଡ଼ ଧସିବା ପାଇଁ ସତର୍କତା



ରାୟଗଡ଼,୨୩।୬(ସମିସ): ବର୍ଷା ଋତୁରେ ରେଳ ଚଳାଚଳକୁ ସୁରକ୍ଷିତ, ନିରବଚ୍ଛିନ୍ନ ଓ ନିର୍ଭରଯୋଗ୍ୟ ରଖିବା ଲକ୍ଷ୍ୟରେ ପୂର୍ବତଟ ରେଳବାଇର ରାୟଗଡ଼ ଡିଭିଜନ ପକ୍ଷରୁ ବ୍ୟାପକ ମୌସୁମୀ ସତର୍କତା ଅଭିଯାନ ଆରମ୍ଭ କରାଯାଇଛି। ଗତ୧୦ ଜୁନରୁ ଆରମ୍ଭ ହୋଇଥିବା ଏହି ଅଭିଯାନ ଆସନ୍ତା ସେପ୍ଟେମ୍ବର ଶେଷ ପର୍ଯ୍ୟନ୍ତ ଜାରି ରହିବ। ପ୍ରବଳ ବର୍ଷା, ଭୂସ୍ଖଳନ, ପାହାଡ଼ ଧ୍ୱଂସ ଓ ଜଳବନ୍ଦୀ ଭଳି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ରେଳ ଚଳାଚଳରେ କୌଣସି ବାଧା ସୃଷ୍ଟି ନହେବା ପାଇଁ ରେଳବାଇ ପକ୍ଷରୁ ବିଭିନ୍ନ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରାଯାଉଛି। ରେଳ ଟ୍ରାକ୍ ପୋଲ, କଲଭର୍ଟ, ସୁଡ଼ଙ୍ଗ, ଡ୍ରେନେଜ୍ ବ୍ୟବସ୍ଥା, ସିଗ୍ନାଲିଂ ସିଷ୍ଟମ୍, ବୈଦ୍ୟୁତିକ ସଂଯୋଗ ଏବଂ ଓଭରହେଡ୍ ଉପକରଣର ନିୟମିତ ଯାଞ୍ଚ ଓ ରକ୍ଷଣାବେକ୍ଷଣ ଉପରେ ସ୍ୱତନ୍ତ୍ର ଗୁରୁତ୍ୱ ଦିଆଯାଉଥିବା ରେଳ ଅଧିକାରୀମାନେ ସୂଚନା ଦେଇଛନ୍ତି। ବିଶେଷକରି ରାୟଗଡ଼-କୋରାପୁଟ ରେଳପଥରେ ଥିବା ସୁଡ଼ଙ୍ଗ ଗୁଡ଼ିକର ସୁରକ୍ଷା ପାଇଁ ସ୍ୱତନ୍ତ୍ର ପ୍ରସ୍ତୁତି କରାଯାଇଛି। ପୂର୍ବରୁ ଏହି ରୁଟ୍‌ରେ ମୃତ୍ତିକା କ୍ଷୟ ଓ ଭୂସ୍ଖଳନ ଯୋଗୁଁ ଅନେକ ଥର ଟ୍ରେନ୍ ଚଳାଚଳ ବ୍ୟାହତ ହୋଇଥିବା ବେଳେ ନୂତନ ଭାବେ ନିର୍ମିତ ସୁଡ଼ଙ୍ଗଗୁଡ଼ିକର ସୁରକ୍ଷା ଦିଗରେ ମଧ୍ୟ ସତର୍କତା ଅବଲମ୍ବନ କରାଯାଇଛି। ସୂଚନାଯୋଗ୍ୟ ଯେ, ରାୟଗଡ଼-କୁନେରୁ ଓ ରାୟଗଡ଼-କୋରାପୁଟ ରେଳପଥରେ ଅତୀତରେ ପ୍ରାୟ ୧୪ ଥର ଭୂସ୍ଖଳନ ଘଟିଥିବାରୁ ଟ୍ରେନ୍ ଚଳାଚଳ ପ୍ରଭାବିତ ହୋଇଥିଲା ଏବଂ ଯାତ୍ରୀମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏହାକୁ ଦୃଷ୍ଟିରେ ରଖି ଚଳିତ ମୌସୁମୀ ଋତୁରେ ରେଳ ସୁରକ୍ଷାକୁ ସର୍ବାଧିକ ପ୍ରାଥମିକତା ଦିଆଯାଇଛି। ମୌସୁମୀ ଋତୁରେ ମାଲ ପରିବହନ ଓ ଯାତ୍ରୀବାହୀ ଟ୍ରେନ୍‌ର ସମୟାନୁବର୍ତ୍ତିତା ବଜାୟ ରଖିବା ସହ ଯାତ୍ରୀଙ୍କୁ ସୁରକ୍ଷିତ ଓ ନିର୍ଭରଯୋଗ୍ୟ ରେଳ ସେବା ଯୋଗାଇ ଦେବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ବୋଲି ରାୟଗଡ଼ ରେଳ ଡିଭିଜନର ଡିଆରଏମ୍ ଅମିତାଭ ସିଂଘଲ କହିଛନ୍ତି।

# ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା କାର୍ଡ ବାଣ୍ଟିଲେ ବିଧାୟକ

**ଦିଗପହଣ୍ଡି,୨୩।୬(ସମିସ):** ଦିଗପହଣ୍ଡି ବ୍ଲକର ସିଦ୍ଧେଶ୍ୱର , କୋଟିନଡା , କୁଶପଡା ଓ ବାସୁଦେବପୁର ପଞ୍ଚାୟତ କାର୍ଯ୍ୟାଳୟରେ ସୋମବାର ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଦିଗପହଣ୍ଡି ବିଧାୟକ ଡ. ସିଦ୍ଧାନ୍ତ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାରେ ହିତାଧିକାରୀଙ୍କୁ ଅତିରିକ୍ତ ୫ କେଜି ଚାଉଳ ଯୋଗାଣ ବ୍ୟବସ୍ଥା ପାଇଁ ସ୍ୱତନ୍ତ୍ର ରାସନ୍ କାର୍ଡ ବଣ୍ଟନ କରିଛନ୍ତି। ବ୍ଲକ ମାର୍କେଟିଂ ଇନ୍‌ସପେକ୍ଟର ବ୍ରଜେଶ୍ୱର ରାୟଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ପଞ୍ଚାୟତ ସରପଞ୍ଚ ବିଜୟ କୁମାର ପ୍ରଧାନ, ସମିତି ସଭ୍ୟ ପ୍ରତିନିଧି ପ୍ରଶାନ୍ତ ପ୍ରଧାନ, କୁଶପଡା ସରପଞ୍ଚ ବନିତା ସେଠୀ, ସମିତି ସଭ୍ୟ ରୀନା ଦୋରା, କୋଟିନଡା ସରପଞ୍ଚ ଗୀତାଞ୍ଜଳି ବେହେରା, ସମିତି ସଭ୍ୟ ତମାଳ ନାୟକ, ବାସୁଦେବପୁର ସରପଞ୍ଚ ଏମ୍ . ଶ୍ୟାମଘନ, ସରପଞ୍ଚ ପ୍ରତିନିଧି ଏମ୍. ସନ୍ତୋଷ ଉପସ୍ଥିତ ଥିଲେ।

# 'ବିକାଶର ଧାରା, ଓଡ଼ିଶା ସାରା' କାର୍ଯ୍ୟକ୍ରମ



ନବରଙ୍ଗପୁର, ୨୩।୬(ସମିସ): ଓଡ଼ିଶା ସରକାରଙ୍କ ଦ୍ୱିତୀୟ ବର୍ଷ ପୂର୍ତ୍ତି ଉପଲକ୍ଷେ ଆୟୋଜିତ "ବିକାଶର ଧାରା, ଓଡିଶା ସାରା" କାର୍ଯ୍ୟକ୍ରମର ନବରଙ୍ଗପୁର ଜିଲ୍ଲାସ୍ତରୀୟ ସମାପନୀ ଉତ୍ସବ ଆଜି ନବରଙ୍ଗପୁର ପୁଲିସ୍ ପଡିଆ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସମାରୋହରେ ନବରଙ୍ଗପୁର ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଗୌରୀ ଶଙ୍କର ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ନବରଙ୍ଗପୁର ସୁନୀଲ ଖରା, ଗୋଷ୍ଠୀ ଉନ୍ନୟନ ଅଧିକାରୀ କୋଷାଗୁମୁଡା ଆଶିଷ ତ୍ରିପାଠୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ତେନ୍ତୁଲୀଖୁଣ୍ଟି ମନୋଜ ପାଣିଗ୍ରାହୀ, ଜିଲ୍ଲା ସୂଚନା ଲୋକ ସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା ,କୃଷି ଅଧିକାରୀ ଯୋଗମୟୀ ପଟ୍ଟନାୟକ,ପ୍ରାଣୀ ସମ୍ପଦ ଚିକିତ୍ସକ ସ୍ମିତାଶ୍ରୀ ପଟ୍ଟନାୟକ, ଅତିରିକ୍ତ ମତ୍ସ୍ୟ ଅଧିକାରୀ ଏସ ଭବାନୀ ରେ‡ୀ,ବିଧାୟକ ନବରଙ୍ଗପୁର ପ୍ରତିନିଧି ଦେବଦାସ ମହାଙ୍କୁଡଙ୍କ ସମେତ ବିଭାଗୀୟ ଅଧିକାରୀ, ଜନପ୍ରତିନିଧି ,ସ୍କୁଲ ଛାତ୍ର ଛାତ୍ରୀ, ହିତାଧିକାରୀ ଓ ଜନସାଧାରଣ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ସରକାରୀ ହିତାଧିକାରୀ ସହାୟତା ଓ କାର୍ଯ୍ୟାଦେଶ ବଣ୍ଟନ କରାଗଲା। ମୁଖ୍ୟ ଅତିଥିଙ୍କ ଦ୍ୱାରା ଆଜି ମୋଟ ୨୯୫ ଜଣ ହିତାଧିକାରୀଙ୍କୁ ବିଭିନ୍ନ ଯୋଜନାର ସହାୟତା ଓ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ରାଜସ୍ୱ ଓ ବିପର୍ଯ୍ୟୟ ବିଭାଗ ଅଧୀନରେ ୫୦ ଜଣ ହିତାଧିକାରୀଙ୍କୁ ସମ୍ପତ୍ତି କାର୍ଡ , ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ୬୮ ଜଣ ହିତାଧିକାରୀଙ୍କୁ ଗୃହ ନିର୍ମାଣ ପାଇଁ କାର୍ଯ୍ୟାଦେଶ, ଖାଦ୍ୟ ଓ ଯୋଗାଣ ବିଭାଗର ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାର ୫୩ ଜଣ ହିତାଧିକାରୀ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଅଧୀନରେ ୯୧ ଜଣ ହିତାଧିକାରୀଙ୍କୁ ନୂତନ ମଧୁବାବୁ ପେନ୍‌ସନ୍ , ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗ ଅଧୀନରେ ୧ ଜଣ ହିତାଧିକାରୀଙ୍କୁ ସହାୟତା ପ୍ରଦାନ କରାଯାଇଥିଲା। ସେଭଳି ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗ ଅଧୀନରେ ଜଣେ ହିତାଧିକାରୀଙ୍କୁ ବାୟୋଫ୍ଲୋକ୍ ମତ୍ସ୍ୟଚାଷ ପାଇଁ ସହାୟତା ପ୍ରଦାନ କରାଯାଇଥିଲା। ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ୩୦ ଜଣ ଅଙ୍ଗନବାଡି କର୍ମୀଙ୍କୁ ସ୍ମାର୍ଟ ମୋବାଇଲ୍ ଫୋନ୍ ବିତରଣ କରାଯାଇଥିଲା, ଯାହା ସେମାନଙ୍କ ଡିଜିଟାଲ୍ କାର୍ଯ୍ୟ ପରିଚାଳନାରେ ସହାୟକ ହେବ। ଜାତୀୟ ସ୍ତରୀୟ ଗ୍ରାମ ସଭାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟ, ହିର୍ଲିକୁ ମୁଖ୍ୟ ଅତିଥି ଗୌରୀ ଶଙ୍କର ମାଝୀ ପୁଷ୍ପଗୁଚ୍ଛ ଓ ପ୍ରଶସ୍ତି ପତ୍ର ପ୍ରଦାନ କରି ସମ୍ମାନିତ କରିଥିଲେ। ଆଗାମୀ ଦିନରେ ଜିଲ୍ଲାରେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ଓ ନିଯୁକ୍ତି କ୍ଷେତ୍ରରେ ଆହୁରି ବଡ଼ ପ୍ରକଳ୍ପ ଆରମ୍ଭ ହେବ ବୋଲି କହିଥିଲେ। ବ୍ଲକ୍ କୃଷି ଅଧିକାରୀ ଲୋପାମୁଦ୍ରା ସାହୁ ଜୈବିକ ଓ ପ୍ରାକୃତିକ କୃଷିକୁ କିଭଳି ସରକାର ପ୍ରାଧାନ୍ୟ ଦେଉଛନ୍ତି ତା ଉପରେ କହିବା ସହ ଜିଲ୍ଲାର ଉପସ୍ଥିତ ଚାଷୀଙ୍କୁ ଜୈବିକ ପଦ୍ଧତିରେ ଚାଷ କରିବା ପ୍ରଣାଳୀ ଉପରେ ବିଶେଷ ତଥ୍ୟ ରଖିଥିଲେ। ସମାପନୀ ଉତ୍ସବରେ ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ନୃତ୍ୟ, ଆଦିବାସୀ ଲୋକଗୀତ ଗାନ କରାଯାଇଥିଲା। ଜିଭିଭି ରଞ୍ଜିତା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ନବରଙ୍ଗପୁର ସୁନୀଲ ଖରା, ସମସ୍ତ ଅଧିକାରୀ, କର୍ମଚାରୀ, ଗଣମାଧ୍ୟମ ପ୍ରତିନିଧି ଓ ଜନସାଧାରଣଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ।

# ସଫା ହେଲା ପାଣି ଟାଙ୍କି; ଜଲାପୁଟବାସୀ ଆଶ୍ୱସ୍ତ

ନନ୍ଦପୁର,୨୩।୬ (ସମିସ):




ନନ୍ଦପୁର ବ୍ଲକ ଅଧୀନ ବିଲାପୁଟ ପଞ୍ଚାୟତର ଜଲାପୁଟ ଗ୍ରାମରେ ଦୂଷିତ ପାନୀୟ ଜଳ ଯୋଗାଣକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏ ସମ୍ପର୍କିତ ଖବର 'ସକାଳ'ରେ ପ୍ରକାଶିତ ହେବା ପରେ ମଙ୍ଗଳବାର ଏ ପି ଜେ ନ୍ କ କର୍ତ୍ତୃପକ୍ଷ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଦୀର୍ଘ ବର୍ଷ ଧରି ଏକ ଅସୁରକ୍ଷିତ ଓ ଜର୍ଜରିତ ପାଣି ଟାଙ୍କି ମାଧ୍ୟମରେ ପାନୀୟ ଜଳ ଯୋଗାଣ କରାଯାଉଥିବାରୁ ଗ୍ରାମବାସୀ କ୍ଷୁବ୍ଧ ହୋଇଥିଲେ। ପାଣି ଟାଙ୍କି ସଫା ନ ହେବା ଏବଂ ଗ୍ରାମବାସୀଙ୍କୁ ଦୂଷିତ ପାନୀୟ ଜଳ ଯୋଗାଣ ନେଇ ଫରମ୍ୟାନ୍ ଅବଦୁଲ କରିମ୍ କହିଥିଲେ ଯେ ଗତ ୧୦ ତାରିଖରେ ପାଣି ଟାଙ୍କିର ସଫେଇ କାର୍ଯ୍ୟ କରାଯାଇଥିଲା ଏବଂ ପାଣିରେ କୌଣସି ସମସ୍ୟା ଥିବା ତାଙ୍କ ନଜରକୁ ଆସିନାହିଁ। ତେବେ ଯଦି ଜଳରେ ଅଶୁଦ୍ଧତା ଥିବା ପ୍ରମାଣିତ ହୁଏ, ତେବେ ପୁନର୍ବାର ଟାଙ୍କି ସଫା କରାଯିବ ବୋଲି ସେ କହିଥିଲେ । ମଙ୍ଗଳ ବାର ସକାଳେ ଟାଙ୍କି ସଫା ହୋଇଥିବା କହିଛନ୍ତି । ବର୍ତ୍ତମାନ ଡ୍ୟାମ୍‌ର ଜଳସ୍ତର କମି ଥିବାରୁ ପାଣି ଟିକିଏ ଦୂଷିତ ହୋଇଛି ବୋଲି କହିଛନ୍ତି । ସେପଟେ ଟାଙ୍କି ସଫା ହେବା ପରେ ଗ୍ରାମବାସୀ ଆଶ୍ୱସ୍ତ ପ୍ରକାଶ କରିଛନ୍ତି।

# ଦୁଷ୍କର୍ମ ଉଦ୍ୟମକାରୀକୁ ୩ବର୍ଷ ଜେଲ୍

ବ୍ରହ୍ମପୁର,୨୩।୬(ସମିସ): ସ୍ୱତନ୍ତ୍ର ପକସୋ କୋର୍ଟ ବିଚାରପତି ପ୍ରଣତି ପଟ୍ଟନାୟକ ମଙ୍ଗଳବାର ଏକ ଦୁଷ୍କର୍ମ ଉଦ୍ୟମ ମାମଲାର ଶୁଣାଣି କରି ପ୍ରମାଣ ଆଧାରରେ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଦୋଷୀ ସାବ୍ୟସ୍ତ ବ୍ୟକ୍ତି ଜଣକ ହେଲେ ଛତ୍ରପୁର ଥାନା ଅଞ୍ଚଳର ଶଶାଙ୍କ ପରିଡା ଓରଫ ବାଉରୀ (୨୪)ଙ୍କୁ କୋର୍ଟ ୩ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥି ସହ ୬ହଜାର ଟଙ୍କା ଜାରିମନା ଦେବାକୁ ନିର୍ଦ୍ଦେଶ ହୋଇଛି। ଜରିମାନା ଅନାଦେୟ ଅତିରିକ୍ତ ୬ମାସ ଜେଲଦଣ୍ଡ ପାଇଁ ମଧ୍ୟ କୋର୍ଟଙ୍କ ନିର୍ଦ୍ଦେଶ ରହିଛି। ସେହିପରି ପିଡ଼ିତାଙ୍କୁ ୨ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରିବାକୁ ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବଙ୍କୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଛତ୍ରପୁର ଅଞ୍ଚଳରେ ୨୦୨୫ମସିହା ଏପ୍ରିଲ ୭ତାରିଖରେ ଦଣ୍ଡନାଚ ଚାଲିଥିବା ବେଳେ ଜଣେ ୧୪ବର୍ଷର ନାବାଳିକା ଘରେ ଏକାକୀ ଥିଲେ। ସେହି ସମୟରେ ଅଭିଯୁକ୍ତ ଶଶାଙ୍କ ଘରର ପଛପଟୁ ଘର ଭିତରକୁ ପ୍ରବେଶ କରିଥିଲେ। ନାବାଳିକା ଜଣକ ଘରେ ଶୋଇଥିବା ବେଳେ ଶଶାଙ୍କ ତାଙ୍କୁ ବଳାତ୍କାର ଉଦ୍ୟମ କରିଥିଲେ। ନାବାଳିକା ଜଣକ ଚିତ୍କାର କରିବାରୁ ଶଶାଙ୍କ ଏକ ଛୁରୀରେ ତାଙ୍କ ନାକକୁ କାଟି ଦେଇଥିଲେ। ନାବାଳିକାଙ୍କ ଚିତ୍କାର ଶୁଣି ସାହି ଲୋକ ଘରକୁ ଆସିବା ପରେ ସମସ୍ତଙ୍କୁ ଶଶାଙ୍କ ଛୁରୀ ଦେଖାଇ ଭୟଭିତ କରି ସେଠାରୁ ଚାଲିଯାଇଥିଲେ। ପରେ ଏନେଇ ପିଡିତା ନାବାଳିକାଙ୍କ ବଡ଼ଭଉଣୀ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତ ଶଶାଙ୍କୁ ମାମଲା ନଂ ୨୦୯/୨୫ରେ ଗିରଫ କରି କୋର୍ଟଚାଲାଣ କରିଥିଲା। କିଛିମାସ ପରେ ସେ ଜାମିନରେ ମୁକୁଳିଥିଲେ। ମାମଲାର ବିଚାରଣା ବେଳେ ୬ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ଆଜି ରାୟ ପ୍ରକାଶ ବେଳେ ଅଭିଯୁକ୍ତ କୋର୍ଟରେ ହାଜର ହୋଇଥିଲା। ସାକ୍ଷୀମାନଙ୍କ ବୟାନକୁ ଆଧାର କରି କୋର୍ଟ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ନାରାୟଣ ପଣ୍ଡା ମକଦ୍ଦମା ପରିଚାଳନା କରିଥିଲେ।

### ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୪.୬୮ ● ପାଉଣ୍ଡ ୧୨୫.୪୦
- ୟୁରୋ ୧୦୮.୨୦ ● ୟେନ୍ ୦.୫୮

### ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୩୨,୫୫୦ (ଭୁବନେଶ୍ୱର)
- ରୁପା : ୨,୫୦,୦୦୦ (କେଜି)



### ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)
- ସେନ୍ସେକ୍ସ ୭୬,୨୦୦.୦୦
- ନିଫ୍ଟି ୨୩,୮୨୪.୧୦



### ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୯.୧୫ (ଭୁବନେଶ୍ୱର)
- ଡିଜେଲ୍ - ୧୦୦.୮୦



**ଭାରତରେ କମୁଛି ଆଖୁ ଚାଷ**

# ବିଶ୍ୱରେ ବଢ଼ିପାରେ ଚିନି ଦର

ନୂଆଦିଲ୍ଲୀ,୨୩।୬(ଏଜେନ୍ସି)

ବିଶ୍ୱ ତୈଳ ସଙ୍କଟର ଆଶଙ୍କା ମଧ୍ୟରେ ଏବେ ଚିନି ବଜାରରେ ଗୁରୁତ୍ୱପୂର୍ଣ୍ଣ ଅସ୍ଥିରତାର ସଙ୍କେତ ମିଳିଛି। ଦୁର୍ବଳ ମୌସୁମୀ ଏବଂ ଇଥାନଲର ଚାହିଦା ବୃଦ୍ଧି ପାଉଥିବାରୁ ଦେଶର ଆଖୁ ଫସଲ ଏବେ ବିପଦରେ। ଏକ ରିପୋର୍ଟ ଅନୁଯାୟୀ, ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ ପ୍ରତିକୂଳ ପାଣିପାଗର ଆଖୁ ଉତ୍ପାଦନ ଉପରେ ପ୍ରଭାବ ଚିନି ଉତ୍ପାଦନରେ ହ୍ରାସ ଘଟାଇପାରେ, ଯାହା ଫଳରେ

- ■ ଘରୋଇ ବଜାରରେ ଚାହିଦା ପୂରଣ ଏବେ ବଡ଼ ଆହ୍ୱାନ
- ■ ଆଖୁଚାଷରୁ ମୁହଁ ଫେରାଉଛନ୍ତି ଚାଷୀ
- ■ ଚିନି ରପ୍ତାନି ଉପରେ ଲାଗିପାରେ ଲମ୍ବା ବ୍ରେକ୍

ଆଗକୁ ବିଶ୍ୱ ସ୍ତରରେ ଚିନି ମୂଲ୍ୟରେ ତୀବ୍ର ବୃଦ୍ଧି ଘଟିପାରେ। ରିପୋର୍ଟ ଅନୁଯାୟୀ, ଏଲ୍-ନିନୋର ପ୍ରଭାବ ଯୋଗୁଁ ଚଳିତ ବର୍ଷ ମୌସୁମୀ ପ୍ରବାହ ଦୁର୍ବଳ ହେବାର ସମ୍ଭାବନା ରହିଛି, ଯାହା ସିଧାସଳଖ ଆଖୁ ଚାଷକୁ ପ୍ରଭାବିତ କରିପାରେ। ଅନ୍ୟପକ୍ଷରେ, ପେଟ୍ରୋଲ ସହିତ ମିଶ୍ରଣ ପାଇଁ ଇଥାନଲର ଚାହିଦା ବୃଦ୍ଧି ପାଉଥିବାରୁ ଆଖୁ ବ୍ୟବହାର ମଧ୍ୟ ନିରନ୍ତର ବୃଦ୍ଧି ପାଉଛି। ଏହି ଦୁଇଟି କାରଣ ଚିନି ଉତ୍ପାଦନ ଉପରେ



ଚାପ ବୃଦ୍ଧି କରିଛି। ଏମିତିକି ଘରୋଇ ବଜାରରେ ମଧ୍ୟ ଚିନି ଚାହିଦା ପୂରଣ ଚଳିତଥର ବଡ଼ ଆହ୍ୱାନ ପାଲଟିପାରେ।

ଭାରତ ବିଶ୍ୱର ପ୍ରମୁଖ ଚିନି ଉତ୍ପାଦକ ଏବଂ ରପ୍ତାନିକାରୀଙ୍କ ମଧ୍ୟରୁ ଅନ୍ୟତମ। ତେଣୁ, ଘରୋଇ ଆବଶ୍ୟକତାକୁ ବିଚାରକୁ ନେଇ ସରକାର ଆଗାମୀ ତିନି ବର୍ଷ ପାଇଁ ଚିନି ରପ୍ତାନି ଉପରେ କଠୋର ଆଭିମୁଖ୍ୟ ଗ୍ରହଣ କରିପାରନ୍ତି। ଯଦି ଏହା ହୁଏ, ତେବେ ଏସିଆ, ଆଫ୍ରିକା ଏବଂ ମଧ୍ୟପ୍ରାଚ୍ୟର ଅନେକ ଦେଶରେ ଚିନି ଉପଲବ୍ଧତା ପ୍ରଭାବିତ ହୋଇପାରେ। ଏଥିଯୋଗୁ ଅନ୍ତର୍ଜାତୀୟ ବଜାରରେ ମଧ୍ୟ ମୂଲ୍ୟ ବୃଦ୍ଧି ପାଇପାରେ। ଶିଳ୍ପ ଆକଳନ ଅନୁଯାୟୀ, ଚଳିତ ଋତୁରେ ଭାରତର ଚିନି ଉତ୍ପାଦନ ପ୍ରାୟ ୩୦.୯୫ ନିୟୁତ ଟନ୍ ହେବ ବୋଲି ଆକଳନ କରାଯାଇଥିଲା, କିନ୍ତୁ ଏହା ଏବେ ପ୍ରାୟ ୨୭.୯ ନିୟୁତ ଟନ୍‌କୁ ହ୍ରାସ ପାଇପାରେ। ଦେଶର ବାର୍ଷିକ ବ୍ୟବହାର ପ୍ରାୟ ୨୮.୫ ନିୟୁତ ଟନ୍। ଫଳସ୍ୱରୂପ, ପରବର୍ତ୍ତୀ ଋତୁ ଆରମ୍ଭ ସୁଦ୍ଧା ଦେଶରେ ଚିନି ଷ୍ଟକ୍ ମାତ୍ର ୩.୫ ନିୟୁତ ଟନ୍‌କୁ ହ୍ରାସ ପାଇବ ବୋଲି ଆଶଙ୍କା କରାଯାଉଛି, ଯାହା ଗତ ତିନି ଦଶନ୍ଧି ମଧ୍ୟରେ ସର୍ବନିମ୍ନ ସ୍ତର ବୋଲି ବିଶ୍ୱାସ କରାଯାଏ। ବିଶେଷଜ୍ଞମାନେ କହିଛନ୍ତି ଯେ ୨୦୧୫ ରେ ଏଲ୍-ନିନୋ ଯୋଗୁଁ ଆଖୁ ଫସଲ ପ୍ରଭାବିତ ହୋଇଥିଲା, ଯାହା ଫଳରେ ଭାରତ ୨୦୧୬-୧୭ରେ ଚିନି ଆମଦାନୀ କରିବାକୁ ବାଧ୍ୟ କରାଯାଇଥିଲା। ଯଦି ପାଗ ପରିସ୍ଥିତିରେ ଉନ୍ନତି ନ ହୁଏ ଏବଂ ଇଥାନଲ୍ ଚାହିଦା ବୃଦ୍ଧି ପାଇଥାଏ, ତେବେ ଆଗାମୀ ବର୍ଷଗୁଡ଼ିକରେ ଚିନି ବଜାର ଉପରେ ଚାପ ଆହୁରି ବଢ଼ିପାରେ। ଆଖୁ ଚାଷୀ, ଚିନି ମିଲ୍ ଏବଂ ଶିଳ୍ପ ଏବେ ମୌସୁମୀର ଅଗ୍ରଗତି ଏବଂ ସରକାରଙ୍କ ରପ୍ତାନି ନୀତି ଉପରେ ନଜର ରଖିଛନ୍ତି, କାରଣ ଏହି ଦୁଇଟି କାରଣ ଭବିଷ୍ୟତରେ ଚିନିର ଉପଲବ୍ଧତା ଏବଂ ମୂଲ୍ୟ ନିର୍ଣ୍ଣୟ କରିବ। ଉଲ୍ଲେଖ କରାଯିବା ଉଚିତ ଯେ ଭାରତ ପୂର୍ବରୁ ବିଶ୍ୱର ଦ୍ୱିତୀୟ ବୃହତ ଚିନି ରପ୍ତାନିକାରୀ ଦେଶ ଥିଲା, କିନ୍ତୁ ପରିସ୍ଥିତି ଦ୍ରୁତ ଗତିରେ ବଦଳୁଛି। ଯଦି ଆଖୁ ଉତ୍ପାଦନ ଆହୁରି ହ୍ରାସ ପାଏ, ତେବେ ଆଗାମୀ ବର୍ଷଗୁଡ଼ିକରେ ଭାରତକୁ ଚିନି ଆମଦାନି କରିବାକୁ ପଡ଼ିପାରେ। ଏଲ୍ ନିନୋ ହେଉଛି ଏକ ପ୍ରାକୃତିକ ଏବଂ ଜଟିଳ ଜଳବାୟୁ ଘଟଣା ଯାହା ବିଷୁବୀୟ ପ୍ରଶାନ୍ତ ମହାସାଗରରେ ଅସ୍ୱାଭାବିକ ଉଷ୍ଣ ସମୁଦ୍ର ପୃଷ୍ଠ ତାପମାତ୍ରା ଯୋଗୁଁ ସୃଷ୍ଟି ହୁଏ। ଏହା ସାରା ବିଶ୍ୱରେ ପାଗ, ବର୍ଷା ଏବଂ ତାପମାତ୍ରା ଢାଞ୍ଚାକୁ ଗୁରୁତର ଭାବରେ ପ୍ରଭାବିତ କରେ।

ପାଣିପାଗ ବିଶେଷଜ୍ଞଙ୍କ ମତରେ, ଏଲ୍-ନିନୋର ପ୍ରଭାବ ଯୋଗୁଁ ଭାରତରେ ଚଳିତ ବର୍ଷ ମୌସୁମୀ ସ୍ୱାଭାବିକ ଅପେକ୍ଷା ଦୁର୍ବଳ ହୋଇପାରେ। ଜୁନ୍ ମାସରେ ଦେଶର ଅନେକ ଅଞ୍ଚଳରେ ହାରାହାରି ତୁଳନାରେ ଯଥେଷ୍ଟ କମ୍ ବର୍ଷା ରେକର୍ଡ କରାଯାଇଛି, ଯାହା ଚାଷୀଙ୍କ ଚିନ୍ତା ବଢାଇଦେଇଛି। କମ ବର୍ଷା ଯୋଗୁଁ ଅନେକ ଚାଷୀ ଆଖୁ ଚାଷକୁ ସ୍ଥଗିତ ରଖିଛନ୍ତି ଏବଂ ଏହା ବଦଳରେ ସୋୟାବିନ୍, ହରଡ଼ ଏବଂ ଅନ୍ୟ କମ୍ ଜଳ ଲାଗୁଥିବା ଫସଲ ଆଡକୁ ମୁହାଁଇଛନ୍ତି। ଏହା ଆଗାମୀ ବର୍ଷଗୁଡ଼ିକରେ ଆଖୁ ଚାଷ ଏବଂ ଉତ୍ପାଦନ ଉଭୟକୁ ପ୍ରଭାବିତ କରିପାରେ। ଏହା ଦେଶରେ ଉତ୍ପାଦନ ଏବଂ ବ୍ୟବହାର ମଧ୍ୟରେ ବ୍ୟବଧାନ କ୍ରମାଗତ ଭାବେ କୁ ବୃଦ୍ଧି ପାଇବାରେ ଲାଗିଛି। ଫଳସ୍ୱରୂପ, ଚିନି ମିଲ୍‌ଗୁଡ଼ିକ ପାଖରେ ରଖିଥିବା ଷ୍ଟକ୍ ମଧ୍ୟ ଗତ ତିନି ଦଶନ୍ଧି ମଧ୍ୟରେ ସର୍ବନିମ୍ନ ସ୍ତରକୁ ହ୍ରାସ ପାଇପାରେ।

## ଏନ୍‌ଏସ୍‌ଇ, ବିଏସ୍‌ଇରେ ବେଦାନ୍ତ ଆଲୁମିନିୟମ୍ ତାଲିକାଭୁକ୍ତ ସ୍ୱାଧୀନ ସଂସ୍ଥା



ଭୁବନେଶ୍ୱର, ୨୩।୬(ସମିସ): ବେଦାନ୍ତ ଆଲୁମିନିୟମ ମେଟାଲ୍ ଲିମିଟେଡ୍ ୧୫ ଜୁନ୍ ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନଏସଇ) ଏବଂ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସଇ)ରେ ଏକ ସ୍ୱାଧୀନ ତାଲିକାଭୁକ୍ତ ସଂସ୍ଥା ଭାବରେ ଆନୁଷ୍ଠାନିକ ଭାବରେ ବାଣିଜ୍ୟ ଆରମ୍ଭ କରିଛି। ବେଦାନ୍ତ ଗ୍ରୁପର ଐତିହାସିକ ଡିମର୍ଜରର ସଫଳ ସମାପ୍ତି ପରେ, ଗତ ମେ' ପହିଲାରେ କାର୍ଯ୍ୟକାରୀ ହୋଇଥିଲା। ବେଦାନ୍ତ ଆଲୁମିନିୟମ ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ଏବଂ ବିଶ୍ୱର ପ୍ରମୁଖ ସମନ୍ୱିତ ଆଲୁମିନିୟମ କମ୍ପାନୀ ମଧ୍ୟରୁ ଗୋଟିଏ ଭାବରେ ପରବର୍ତ୍ତୀ ପର୍ଯ୍ୟାୟରେ ପ୍ରବେଶ କରିଛି। କମ୍ପାନୀ ଆମେରିକା, ୟୁରୋପ, ମଧ୍ୟପ୍ରାଚ୍ୟ, ଅଷ୍ଟ୍ରେଲିଆ ଏବଂ ଆଫ୍ରିକାରେ ସର୍ବବୃହତ ଆଲୁମିନିୟମ ଉତ୍ପାଦକ ଭାବରେ ଉଭା ହେବାକୁ ପ୍ରସ୍ତୁତ। ବିଦ୍ୟମାନ ଉତ୍ପାଦନ କ୍ଷମତାକୁ ବାର୍ଷିକ ୬୦ ଲକ୍ଷ ଟନକୁ ଦ୍ୱିଗୁଣିତ କରିବା, ଏବଂ ସଂରଚନାତ୍ମକ ମୂଲ୍ୟ ସୁବିଧା ସହିତ, ଏହା ବିଶ୍ୱ ସ୍ତରରେ ଉତ୍ପାଦନର ସର୍ବନିମ୍ନ ଖର୍ଚ୍ଚ ମଧ୍ୟରୁ ଗୋଟିଏ ହାସଲ କରିବାକୁ ସ୍ଥିର ହୋଇଛି, ଗୁଣବତାର ସର୍ବୋଚ୍ଚ ମାନଦଣ୍ଡକୁ ବଜାୟ ରଖି, ପ୍ରମୁଖ ବିଶ୍ୱ ବଜାରରେ ଚାହିଦା ପୂରଣ କରି ଏବଂ ଭିତିଭୂମି, ଅଟୋମୋଟିଭ୍, ବିଦ୍ୟୁତୀକରଣ, ମହାକାଶ ଏବଂ ଉନ୍ନତ ଉତ୍ପାଦନରେ ଦୀର୍ଘକାଳୀନ ଟେଲୱାଇଣ୍ଡରୁ ଲାଭ ପାଇଛି। ଡିମର୍ଜରର ଗୁରୁତ୍ୱ ଉପରେ ମତ ଦେଇ ବେଦାନ୍ତ ଆଲୁମିନିୟମର ସିଇଓ ରାଜେଶ କୁମାର କହିଛନ୍ତି, ବେଦାନ୍ତ ଆଲୁମିନିୟମର ବିକାଶରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହେବ, ଭବିଷ୍ୟତର ଧାତୁ, ଆଲୁମିନିୟମର ପୂର୍ଣ୍ଣ ସମ୍ଭାବନାକୁ ଉନ୍ମୁକ୍ତ କରିବା ପାଇଁ ଉତ୍ସର୍ଗୀକୃତ ଏକ ଅଗ୍ରଣୀ ଧାତୁ କମ୍ପାନୀ ଗଠନ କରିବାର ଆମର ଦୃଷ୍ଟିକୋଣକୁ ତ୍ୱରାନ୍ୱିତ କରୁଛି। ଆମର ଧ୍ୟାନ ଏକ ଦ୍ରୁତ ପରିବର୍ତ୍ତିତ ବିଶ୍ୱର ଆବଶ୍ୟକତା ସହିତ ସମନ୍ୱିତ ଏକ ସ୍ଥିର, ପ୍ରଯୁକ୍ତିବିଦ୍ୟା-ଚାଳିତ ଏବଂ ମୂଲ୍ୟ-ଦକ୍ଷ ବ୍ୟବସାୟ ସୃଷ୍ଟି କରିବା ଉପରେ। ବିଶ୍ୱ ଶକ୍ତି ପରିବର୍ତ୍ତନ ଏବଂ ଅତ୍ୟାଧୁନିକ ନବସୃଜନର ମୂଳରେ ଆଲୁମିନିୟମ ସହିତ, ଆମେ ଏକ ଉତ୍ପାଦନ ଶକ୍ତିହାଉସ୍ ଭାବରେ ଭାରତର ଉଦୟକୁ ଯୋଗଦାନ ଦେବା ସହିତ ଦୀର୍ଘକାଳୀନ ମୂଲ୍ୟ ପ୍ରଦାନ କରିବା ପାଇଁ ଅସାଧାରଣ ଭାବରେ ଭଲ ସ୍ଥିତିରେ ଅଛୁ।

## ଇମ୍ଫା 'ସଖୀ ସୀଡ୍' କାର୍ଯ୍ୟକ୍ରମର ଶୁଭାରମ୍ଭ

ଭୁବନେଶ୍ୱର, ୨୩।୬(ସମିସ): ଇଣ୍ଡିଆନ୍ ମେଟାଲ୍ସ ଆଣ୍ଡ ଫେରୋ ଆଲଏଜ୍ ଲିମିଟେଡ୍ (ଇମ୍ଫା) ନିଜର ସାମାଜିକ ଦାୟିତ୍ୱବୋଧ ଶାଖା 'ବଂଶୀଧର ଆଣ୍ଡ ଇଲା ପଣ୍ଡା ଫାଉଣ୍ଡେସନ୍' (ବିଆଇପିଏଫ୍) ମାଧ୍ୟମରେ 'ସଖୀ ସୀଡ୍' କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ନେଇ ଘୋଷଣା କରିଛି। ଏହା ଏକ ଅଭିନବ କାର୍ଯ୍ୟକ୍ରମ ଯାହା ଗ୍ରାମାଞ୍ଚଳର ଏବଂ କ୍ଷୁଦ୍ର ମହିଳା ଉଦ୍ୟୋଗୀମାନଙ୍କୁ ସହାୟତା ପ୍ରଦାନ କରିବା ପାଇଁ ପ୍ରସ୍ତୁତ କରାଯାଇଛି। ଏହି ମହିଳାମାନଙ୍କ ପାଖରେ ଉତ୍ତମ ବ୍ୟବସାୟିକ ଚିନ୍ତାଧାରା ଏବଂ ଦୃଢ଼ ଉଦ୍ୟୋଗୀ ହେବାର ସାମର୍ଥ୍ୟ ଥିଲେ ମଧ୍ୟ ସେମାନେ ପ୍ରାୟତଃ ପାରମ୍ପରିକ ଆର୍ଥିକ ସ୍ରୋତ ବା ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାରୁ ବଞ୍ଚିତ ହୋଇଥାନ୍ତି। ଏହି ଯୋଜନା ଅଧୀନରେ ୧୦ ଜଣ ମହିଳା ଉଦ୍ୟୋଗୀଙ୍କୁ ପ୍ରତ୍ୟେକଙ୍କୁ ୫ ଲକ୍ଷ ଟଙ୍କାର ଅନୁଦାନ ପ୍ରଦାନ କରାଯିବ। ଏହା ସହିତ ଜାଭିୟର ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ଭୁବନେଶ୍ୱର ପକ୍ଷରୁ ସେମାନଙ୍କୁ ସୁସଂଗଠିତ ବ୍ୟବସାୟିକ ପରାମର୍ଶ ଦିଆଯିବ, ଯାହାଦ୍ୱାରା ସେମାନେ ନିଜର ସ୍ଥାୟୀ ବ୍ୟବସାୟକୁ ମଜବୁତ ଓ ସଂପ୍ରସାରିତ କରିପାରିବେ। ଏହି କାର୍ଯ୍ୟକ୍ରମଟି 'କାଟାଲିଟିକ୍ କ୍ୟାପିଟାଲ୍' (ଉତପ୍ରେରକ ପୁଞ୍ଜି) ନୀତି ଉପରେ ଆଧାରିତ, ଯାହା ଉଦ୍ୟୋଗୀମାନଙ୍କୁ ସେମାନଙ୍କ ଯାତ୍ରାର ପ୍ରାରମ୍ଭିକ ତଥା ସବୁଠାରୁ ଦୁର୍ବଳ ସମୟରେ ଧୈର୍ଯ୍ୟବାନ ଏବଂ ବିପଦ-ସହନଶୀଳ ପାଣ୍ଠି ଯୋଗାଇ ଦେଇ ସଶକ୍ତ କରିଥାଏ। ଏହି ଅବସରରେ ବଂଶୀଧର ଆଣ୍ଡ ଇଲା ପଣ୍ଡା ଫାଉଣ୍ଡେସନର ପ୍ରତିଷ୍ଠାତା ତଥା ସିଇଓ ଶୈଫାଳିକା ପଣ୍ଡା କହିଛନ୍ତି, ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଉଛି ଏକ ପ୍ରମାଣ ସୃଷ୍ଟି କରିବା ଯେ, ଯେଉଁ ମହିଳାମାନେ ବର୍ତ୍ତମାନର ଆନୁଷ୍ଠାନିକ ଋଣ ପାଇଁ ଯୋଗ୍ୟ ନୁହନ୍ତି, ସେମାନଙ୍କୁ ଯଦି ସଠିକ୍ ପୁଞ୍ଜି, ପରାମର୍ଶ ଏବଂ ଆନୁଷଙ୍ଗିକ ସହାୟତା ମିଳେ, ତେବେ ସେମାନେ ମଧ୍ୟ ଏକ ସ୍ଥାୟୀ ଓ ପ୍ରଗତିଶୀଳ ବ୍ୟବସାୟ ପ୍ରତିଷ୍ଠା କରିପାରିବେ।




ଏହି କାର୍ଯ୍ୟକ୍ରମ ଏକ ଦକ୍ଷ ପରାମର୍ଶଦାତା ବୋର୍ଡ ଦ୍ୱାରା ପରିଚାଳିତ। ଏଥିରେ ଫ୍ରଣ୍ଟିୟର ମାର୍କେଟର ପ୍ରତିଷ୍ଠାତା ଓ ସିଇଓ ଏବଂ ଫ୍ରଣ୍ଟିୟର ଇନୋଭେସନ୍ସ ଫାଉଣ୍ଡେସନର ସଭାପତି ଅଜାଇତା ଶାହ; ମାନ୍ ଦେଶୀ ଫାଉଣ୍ଡେସନର ପ୍ରତିଷ୍ଠାତା ଚେତନା ଗାଲା ସିହ୍ନା;ବିଆଇପିଏଫ୍‌ର ପ୍ରତିଷ୍ଠାତା ଓ ସିଇଓ ଶୈଫାଳିକା ପଣ୍ଡା; ଇଣ୍ଡିଆ ପି୨ ପିର ସହ-ପ୍ରତିଷ୍ଠାତା ଓ ସିଇଓ ନେହା ଜୁନେଜା ଏବଂ ସିଏନ୍‌ବିସି ଟିଭି୧୮ର ମ୍ୟାନେଜିଂ ଏଡିଟର ଶିରିନ୍ ଭାନ୍ ସାମିଲ ଅଛନ୍ତି। ଏହି ପ୍ରଥମ ବ୍ୟାଚ୍ ପାଇଁ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇସାରିଥିବାବେଳେ ଏହା ଜୁଲାଇ ୨୦ ପର୍ଯ୍ୟନ୍ତ ଚାଲିବ।

## ୧୫୭ଟି ଔଷଧ ନମୁନା ପରୀକ୍ଷାରେ ବିଫଳ

**ସୂଚୀରେ କଫ୍ ସିରପ୍, ମୁଣ୍ଡବିନ୍ଧା ଔଷଧ**

ନୂଆଦିଲ୍ଲୀ,୨୩।୬(ଏଜେନ୍ସି): ସେଣ୍ଟ୍ରାଲ୍ ଡ୍ରଗ୍ସ ଷ୍ଟାଣ୍ଡାର୍ଡ କଣ୍ଟ୍ରୋଲ୍ ଅର୍ଗାନାଇଜେସନ୍ ଦ୍ୱାରା ସାରା ଦେଶରେ ନିର୍ମିତ ୧୫୭ଟି ଔଷଧର ନମୁନା ବିଫଳ ହୋଇଛି। ଏଥିରେ କଫ୍ ସିରପ୍, ମୁଣ୍ଡବିନ୍ଧା ଔଷଧ, ଥଣ୍ଡା ଔଷଧ ଏବଂ ହୃଦରୋଗ, ଏବଂ କିଛି ଲୋସନ୍, ସାବୁନ, ସାନିଟାଇଜର ଏବଂ ଅନ୍ୟାନ୍ୟ ବିଫଳତା ନମୁନା ଅନ୍ତର୍ଭୁକ୍ତ। ଲୁହା ଏବଂ ଭିଟାମିନ୍ ଟାବଲେଟ୍, ଜେଲ୍ ଏବଂ ଫୋଲିକ୍ ଏସିଡ୍ ମଧ୍ୟ ଅନ୍ତର୍ଭୁକ୍ତ। ବିଫଳ ଔଷଧ ମଧ୍ୟରେ ହିମାଚଳ ପ୍ରଦେଶରେ ସର୍ବାଧିକ ସଂଖ୍ୟକ ଔଷଧ ଅନ୍ତର୍ଭୁକ୍ତ ହୋଇଛି। ୧୧ଟି ବିଭିନ୍ନ ଶିଳ୍ପରେ ନିର୍ମିତ ୨୦ଟି ଇଞ୍ଜେକ୍ସନ୍ ଏବଂ କାଶ ସିରପର ନମୁନା ମଧ୍ୟ ଔଷଧ ସତର୍କତାରେ ବିଫଳ ହୋଇଛି। ଏଥିରେ ହିମାଚଳର ୪୩ଟି, ଉତ୍ତରାଖଣ୍ଡର ୨୭ଟି, ଗୁଜରାଟର ୨୫ଟି, ମଧ୍ୟ ପ୍ରଦେଶର ୧୦ଟି, ରାଜସ୍ଥାନର ସାତଟି, ହରିୟାଣାର ଛଅଟି, ଉତ୍ତର ପ୍ରଦେଶ, ସିକିମ ଏବଂ ତାମିଲନାଡୁର ପାଞ୍ଚଟି, କର୍ଣ୍ଣାଟକ ଏବଂ ଆନ୍ଧ୍ର ପ୍ରଦେଶର ଚାରିଟି, ମହାରାଷ୍ଟ୍ର ଏବଂ କେରଳର ତିନୋଟି, ପୁଡୁଚେରୀ, ଦିଲ୍ଲୀ, ତେଲେଙ୍ଗାନା ଏବଂ ପଞ୍ଜାବର ଦୁଇଟି ଔଷଧ ଅନ୍ତର୍ଭୁକ୍ତ।

**● ୟୁଆଇଡିଏଆଇର ବଡ଼ ଘୋଷଣା**

## ଇ-ମେଲ୍ ଅପ୍‌ଡେଟ୍‌ରେ ଲାଗିବନି ଫି'

**ଡିସେମ୍ବର ୩୧ ଯାଏ ସୁବିଧା ଉପଲବ୍ଧ**

ନୂଆଦିଲ୍ଲୀ, ୨୩।୬(ଏଜେନ୍ସି): ଆଧାର କାର୍ଡରେ ଅପଡେଟ୍ ହୋଇଥିବା ଇ-ମେଲ୍ ଆଇଡି ନାହିଁ କିମ୍ବା ପୁରୁଣା ଇ-ମେଲ୍ ଆଇଡି ଏଣିକି ବିନା ଶୁଳ୍କରେ ପରିବର୍ତ୍ତନ କରିହେବ। ଭାରତୀୟ ଅନନ୍ୟ ପରିଚୟ କର୍ତ୍ତୃପକ୍ଷ (ୟୁଆଇଡିଏଆଇ) ଇ-ମେଲ୍ ଆଇଡି ଅପଡେଟ୍ କରିବା ପାଇଁ ୭୫ ଟଙ୍କା ଫି'କୁ ଅସ୍ଥାୟୀ ଭାବରେ ଛାଡ଼ କରିବାକୁ ନିଷ୍ପତ୍ତି ନେଇଛି। ୟୁଆଇଡିଏଆଇ ଦ୍ୱାରା ଜାରି ଏକ ସରକାରୀ ବିଜ୍ଞପ୍ତି ଅନୁଯାୟୀ, ଆଧାର ମୋବାଇଲ୍ ଆପ୍ ମାଧ୍ୟମରେ ଇ-ମେଲ୍ ଆଇଡି ଅପଡେଟ୍ କରିବା ପାଇଁ ୭୫ ଟଙ୍କା ଫି' ଆସନ୍ତା ଜୁଲାଇ ପହିଲାରୁ ଚଳିତବର୍ଷ ଡିସେମ୍ବର ୩୧ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଛାଡ଼ କରାଯାଉଛି। ଏହି ସମୟ ମଧ୍ୟରେ, ବ୍ୟବହାରକାରୀମାନେ କୌଣସି ଶୁଳ୍କ ବିନା ସେମାନଙ୍କର ଆଧାର ଇ-ମେଲ୍ ଆଇଡି ଅପଡେଟ୍ କରିପାରିବେ। ୟୁଆଇଡିଏଆଇର ଏହି ନିଷ୍ପତ୍ତି ଲକ୍ଷ ଲକ୍ଷ ଆଧାର ଉପଭୋକ୍ତାଙ୍କୁ ସେମାନଙ୍କର ଆଧାରରେ ସେମାନଙ୍କର ଇ-ମେଲ୍ ଆଇଡି ଯୋଡିବା କିମ୍ବା ଅପଡେଟ୍ କରିବାକୁ ଅନୁମତି ଦେବ।ଆଧାର କାର୍ଡରେ ଇ-ମେଲ୍ ଆଇଡି ଅପଡେଟ୍ ଏବଂ ପରିବର୍ତ୍ତନ କରିବା ସମ୍ପର୍କରେ ସୂଚନା ସିଧାସଳଖ ବ୍ୟବହାରକାରୀଙ୍କ ଇ-ମେଲ ଆକାଉଣ୍ଟକୁ ପଠାଯାଇଥାଏ।

## ମୌସୁମୀ ଋତୁରେ ଉପଭୋକ୍ତାଙ୍କ ବିଦ୍ୟୁତ୍ ସୁରକ୍ଷାକୁ ଟିପିସିଓଡିଏଲ୍‌ର ପ୍ରାଥମିକତା

ଭୁବନେଶ୍ୱର,୨୩।୬(ଏଜେନ୍ସି): ମୌସୁମୀ ଋତୁରେ ପ୍ରବଳ ବର୍ଷା, ବଜ୍ରପାତ ଏବଂ ଜୋରରେ ପବନ ହେଉଥିବାରୁ, ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଏକ ମିଳିତ ଉଦ୍ୟୋଗ ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ (ଟିପିସିଓଡିଏଲ), ସମସ୍ତ ଉପଭୋକ୍ତାମାନଙ୍କୁ ବିଦ୍ୟୁତ ସୁରକ୍ଷାକୁ ପ୍ରାଥମିକତା ଦେବାକୁ ଏବଂ ବିଦ୍ୟୁତ ସରଞ୍ଜାମ ଗୁଡ଼ିକ ଆଖପାଖରେ ସତର୍କ ଏବଂ ସଜାଗ ରହିବାକୁ ପରାମର୍ଶ ଦେଇଛି। ଉପଭୋକ୍ତାମାନଙ୍କୁ ବିଦ୍ୟୁତ ଖୁଣ୍ଟ , ଟ୍ରାନ୍ସଫର୍ମର, ଫିଡର ପିଲାର ଏବଂ ଅନ୍ୟାନ୍ୟ ବିଦ୍ୟୁତ ଉପକରଣ ନିକଟରେ ଥିବା ଜଳବନ୍ଦୀ ସ୍ଥାନଗୁଡ଼ିକରୁ ଦୂରେଇ ରହିବାକୁ ପରାମର୍ଶ ଦିଆଯାଇଛି। ଯଦି କେଉଁଠି ବିଦ୍ୟୁତ ତାର ଛିଣ୍ଡି ପଡ଼ିଥାଏ, କଣ୍ଡକ୍ଟର ଭାଙ୍ଗିଯାଇଥାଏ କିମ୍ବା ବିଦ୍ୟୁତ ଭିତ୍ତିଭୂମି ନଷ୍ଟ ହୋଇଯାଇଥାଏ, ତେବେ ସେଠାରୁ ନିରାପଦ ଦୂରତା ବଜାୟ ରଖିବା ସହିତ ତୁରନ୍ତ ଏ ବିଷୟରେ ଟିପିସିଓଡିଏଲ୍‌କୁ ଖବର ଦିଅନ୍ତୁ। କୌଣସି ପରିସ୍ଥିତିରେ ବି କୌଣସି ବୈଦ୍ୟୁତିକ ଉପକରଣ ବା କେବୁଲ୍‌କୁ ଛୁଇଁବାକୁ କିମ୍ବା ଘୁଞ୍ଚାଇବାକୁ ଆଦୌ ଚେଷ୍ଟା କରନ୍ତୁ ନାହିଁ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ସମସ୍ତ ପରିବାର ନିଜ ଘରର ଆର୍ଥିଙ୍ଗ ଠିକ୍ ଅଛି କି ନାହିଁ ତାହା ନିଶ୍ଚିତ କରିବା ଉଚିତ, ଘର ଭିତରର ୱାୟରିଂକୁ ସୁରକ୍ଷିତ ରଖିବା ଉଚିତ ଏବଂ ବଜ୍ରପାତ କିମ୍ବା ପ୍ରବଳ ବର୍ଷା ସମୟରେ ଅନାବଶ୍ୟକ ବୈଦ୍ୟୁତିକ ଉପକରଣଗୁଡ଼ିକର ପ୍ଲଗ୍ ବାହାର କରିଦେବା ଉଚିତ। ଉପଭୋକ୍ତାମାନେ ବିଦ୍ୟୁତ ସମ୍ବନ୍ଧୀୟ ଯେକୌଣସି ଜରୁରୀକାଳୀନ ପରିସ୍ଥିତି ବିଷୟରେ ଟିପିସିଓଡିଏଲ୍‌ର ୨୪ ଘଣ୍ଟିଆ ଟୋଲ୍-ଫ୍ରି ହେଲ୍ପଲାଇନ ନମ୍ବର ୧୯୧୨ ମାଧ୍ୟମରେ ତୁରନ୍ତ ଜଣାଇବାକୁ ମଧ୍ୟ ପରାମର୍ଶ ଦିଆଯାଇଛି। ଏହି ଅବସରରେ ଟିପିସିଓଡିଏଲ୍‌ର ସିଇଓ ଗଜାନନ ଏସ୍. କାଲେ କହିଛନ୍ତି ଯେ ଆମର ଟିମ୍‌ଗୁଡ଼ିକ ଉପଭୋକ୍ତା ମାନଙ୍କୁ ନିରବଚ୍ଛିନ୍ନ ବିଦ୍ୟୁତ ସେବା ଯୋଗାଇବା ଏବଂ ଯେକୌଣସି ସମସ୍ୟାର ତୁରନ୍ତ ସମାଧାନ କରିବା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି।

## ଆନ୍ତଃରାଜ୍ୟ ଆଥଲେଟିକ୍ସ ଚାମ୍ପିଅନସିପ୍‌ରେ ରିଲାଏନ୍ସ ଫାଉଣ୍ଡେସନ ଆଥଲେଟ୍

ଭୁବନେଶ୍ୱର,୨୩।୬(ସମିସ): ରିଲାଏନ୍ସ ଫାଉଣ୍ଡେସନ ଦ୍ୱାରା ସମର୍ଥିତ ମୋଟ ୫୦ ରୁ ଅଧିକ ଆଥଲେଟ ଚଳିତ ବର୍ଷ ଶେଷ ଭାଗରେ ଜାପାନରେ ହେବାକୁ ଥିବା ଏସୀୟ କ୍ରୀଡାରେ ସ୍ଥାନ ପକ୍କା କରିବାକୁ ଚେଷ୍ଟା କରିବେ, ଯେତେବେଳେ ସେମାନେ ୨୪ ରୁ ୨୮ ଜୁନ୍ ମଧ୍ୟରେ ଓଡ଼ିଶାର ଭୁବନେଶ୍ୱର ସ୍ଥିତ ଅତ୍ୟାଧୁନିକ କଳିଙ୍ଗ ଷ୍ଟାଡିୟମରେ ୬୫ ତମ ଜାତୀୟ ଆନ୍ତଃରାଜ୍ୟ ସିନିୟର ଆଥଲେଟିକ୍ସ ଚାମ୍ପିଅନସିପରେ ଅଂଶଗ୍ରହଣ କରିବେ। ଅଂଶଗ୍ରହଣ କରୁଥିବା ଏହି ଆଥଲେଟମାନଙ୍କ ସମ୍ପର୍କରେ ରିଲାଏନ୍ସ ଫାଉଣ୍ଡେସନର ଆଥଲେଟିକ୍ସ ନିର୍ଦ୍ଦେଶକ ଜେମ୍ସ ହିଲିଅର କହିଛନ୍ତି, ଆନ୍ତଃରାଜ୍ୟ ଚାମ୍ପିଅନସିପ୍ ଏସୀୟ କ୍ରୀଡ଼ା ପାଇଁ ଯୋଗ୍ୟତା ମାନଦଣ୍ଡ ଭାବରେ ପରିଗଣିତ ହୁଏ ଏବଂ ଆମର ଅନେକ ଖେଳାଳି ପୂର୍ବରୁ ଏସୀୟ କ୍ରୀଡ଼ା ପାଇଁ ଯୋଗ୍ୟତା ମାନଦଣ୍ଡ ଅତିକ୍ରମ କରିସାରିଛନ୍ତି। ସେହି ଖେଳାଳିମାନେ ଶ୍ରେଷ୍ଠ ଦୁଇ ସ୍ଥାନରେ ରହିବା ଏବଂ ଏସୀୟ କ୍ରୀଡ଼ା ପାଇଁ ଭାରତୀୟ ଦଳରେ ସ୍ଥାନ ପକ୍କା କରିବା ଉପରେ ଧ୍ୟାନ ଦେବେ। ଆମେ କିଛି ବ୍ୟକ୍ତିଗତ ଶ୍ରେଷ୍ଠ ଏବଂ ଏହି କ୍ରୀଡା ସିଜିନର ଶ୍ରେଷ୍ଠ ପ୍ରଦର୍ଶନ ଆଶା କରୁଛୁ କାରଣ ଆମେ ଏପରି ଭାବରେ ତାଲିମ ନେଇଛୁ ଯାହା ଆମର ଅଧିକାଂଶ ଖେଳାଳିଙ୍କୁ ଏହି ପ୍ରତିଯୋଗିତାରେ ଶୀର୍ଷରେ ପହଞ୍ଚିବାକୁ ସକ୍ଷମ କରିବ। ଆମର ଅଭୟ ସିଂହ, ହରିତା ଭଦ୍ରା ଏବଂ ଉନ୍ନାଥୀ ଆୟାପାଙ୍କ ଭଳି କିଛି ଅତ୍ୟନ୍ତ ଉତ୍ସାହଜନକ ଯୁବ ସ୍ପ୍ରିଣ୍ଟର ଅଛନ୍ତି, ଯେଉଁମାନଙ୍କ ପାଖରେ ଏସୀୟ କ୍ରୀଡ଼ା ପାଇଁ ଆଗକୁ ବଢ଼ିବାର ସାମାନ୍ୟ ସମ୍ଭାବନା ଅଛି।



**ଆମେରିକା ହଟାଇଲା ନିଷେଧାଦେଶ**

## ତେଲ ବିକିବାକୁ ଚାହୁଁଛି ଇରାନ୍, କିଣିବ କି ଭାରତ ?

ନୂଆଦିଲ୍ଲୀ,୨୩।୬(ଏଜେନ୍ସି):

**ଟ୍ରମ୍ପଙ୍କୁ କରିପାରୁନାହାନ୍ତି ଭରସା**



ଚୁକ୍ତି ଅନୁଯାୟୀ, ଆମେରିକା ପକ୍ଷରୁ ୬୦ ଦିନର ପ୍ରତିବନ୍ଧକ କୋହଳ କରାଯିବା ପରେ ଇରାନ ଏବେ ତେଲ ବିକିବାକୁ ତରବର ହେଉଛି। ଇରାନ୍‌ର ନଜରରେ ବର୍ତ୍ତମାନ ଏସିଆର ଗ୍ରାହକମାନଙ୍କ ଉପରେ। ଭାରତ ମଧ୍ୟ ଇରାନ୍ ତେଲକୁ ଚାହିଁବସିଛି। ଚୀନ୍ ବ୍ୟତୀତ ଅନ୍ୟ ଦେଶଗୁଡ଼ିକୁ ନିଜର ଅଶୋଧିତ ତୈଳ ରପ୍ତାନୀ କରିବା ପାଇଁ ତେହେରାନ ପାଇଁ ଏହା ଏକ ସୁବର୍ଣ୍ଣ ସୁଯୋଗ। ବ୍ଲୁମବର୍ଗର ଏକ ରିପୋର୍ଟ ଅନୁଯାୟୀ, ଆମେରିକାର ଏହି ଘୋଷଣା ପୂର୍ବରୁ ହିଁ ଇରାନର ବିକ୍ରେତା, ମଧ୍ୟସ୍ଥି ଏବଂ 'ନ୍ୟାସନାଲ ଇରାନୀ ଅଏଲ କମ୍ପାନୀ'ର ପ୍ରତିନିଧିମାନେ ଭାରତ, ଜାପାନ, ଦକ୍ଷିଣ କୋରିଆ ଭଳି ଏସୀୟ ଦେଶର ରିଫାଇନାରୀଗୁଡ଼ିକ ସହ ଯୋଗାଯୋଗ ଆରମ୍ଭ କରିଦେଇଥିଲେ। ଏସିଆର ବଡ଼ ବଡ଼ ତୈଳ ଗ୍ରାହକଙ୍କ ସହ ପୁଣିଥରେ ଯୋଗାଯୋଗ ସ୍ଥାପନ କରିବାକୁ ଚେଷ୍ଟା ଚଳାଇଛି। ଏହି ଦୌଡ଼ରେ ଭାରତ ମଧ୍ୟ ସାମିଲ ଅଛି। ଚୀନ୍ ବ୍ୟତୀତ ଅନ୍ୟ ଦେଶଗୁଡ଼ିକୁ ନିଜର ଅଶୋଧିତ ତୈଳ ରପ୍ତାନୀ କରିବା ପାଇଁ ତେହେରାନ ପାଇଁ ଏହା ଏକ ସୁବର୍ଣ୍ଣ ସୁଯୋଗ। ହେଲେ ଇରାନ୍ ତେଲ ବିକିବାକୁ ଚାହୁଁଥିବାବେଳେ ଇରାନ୍ ତେଲ ଭାରତ କିଣିବ କି ନାହିଁ ତାହା ଏବେ ବଡ଼ ଚର୍ଚ୍ଚାର ବିଷୟ। କାରଣ ଖାଲି ଭାରତ କାହିଁକି ଏସୀୟ ଦେଶଗୁଡିକୁ ଆମେରିକା ଆଡୁ ଇରାନ୍ ଉପରେ ପୁନର୍ବାର କଠୋର ପ୍ରତିବନ୍ଧକ ଭୟ ଘାରିବାରେ ଲାଗିଛି।

ଇରାନର ଏହି ବ୍ୟାକୁଳତା ପଛର ମୁଖ୍ୟ କାରଣ ହେଉଛି, ସମୁଦ୍ରରେ ଭାସୁଥିବା ତା'ର ବିପୁଳ ପରିମାଣର ଅଶୋଧିତ ତୈଳ। ଆନାଲିଟିକ୍ସ ସଂସ୍ଥା ଭୋର୍ଟେକ୍ସାର ସୂଚନା ଅନୁଯାୟୀ, ଜୁନ୍ ୨୨ ସୁଦ୍ଧା ସମୁଦ୍ରରେ ଥିବା ଟ୍ୟାଙ୍କରଗୁଡ଼ିକରେ ପ୍ରାୟ ୬.୮ କୋଟି ବ୍ୟାରେଲ୍ ଇରାନୀ ତେଲ ମହଜୁଦ ରହିଛି। ଏହି ମୋଟ ତେଲର ପ୍ରାୟ ୮୦%ରୁ ଅଧିକ ଅଂଶର କୌଣସି ନିର୍ଦ୍ଦିଷ୍ଟ ଗନ୍ତବ୍ୟ ସ୍ଥଳ ସ୍ଥିର ହୋଇନାହିଁ। ଏହି ତୈଳ ଗ୍ରାହକମାନଙ୍କ ପାଇଁ ତୁରନ୍ତ ଉପଲବ୍ଧ ହୋଇପାରିବ। ଅନେକ ତୈଳବାହୀ ଜାହାଜ ଏସିଆ ଆଞ୍ଚଳିକ ଜଳସୀମାରେ ଥିବାରୁ, ଭାରତ ଚାହିଁଲେ ଖୁବ୍ କମ୍ ସମୟ ମଧ୍ୟରେ ଏହି ତେଲ ଆମଦାନୀ କରିପାରିବ। ବର୍ଷ ବର୍ଷ ଧରି ଭାରତ, ଇରାନର ସବୁଠାରୁ ବଡ଼ ତୈଳ କ୍ରେତାମାନଙ୍କ ମଧ୍ୟରୁ ଏକ ପ୍ରମୁଖ ଦେଶ ଥିଲା। ମାତ୍ର ପରବର୍ତ୍ତୀ ସମୟରେ ଆମେରିକାର କଠୋର ପ୍ରତିବନ୍ଧକ ଯୋଗୁଁ ଭାରତୀୟ ରିଫାଇନରୀଗୁଡ଼ିକ ଇରାନ ଠାରୁ ତେଲ କିଣିବା ବନ୍ଦ କରିବାକୁ ବାଧ୍ୟ ହୋଇଥିଲେ। ଯଦିଓ ବର୍ତ୍ତମାନ ଆମେରିକା ତରଫରୁ ସାମୟିକ କୋହଳ ମିଳିଛି, ତଥାପି ଭାରତୀୟ ତୈଳ କମ୍ପାନୀଗୁଡ଼ିକ ଏଥିପାଇଁ ବିଶେଷ ଆଗ୍ରହ ଦେଖାଉ ନାହାନ୍ତି। ହର୍ମୁଜ ପ୍ରଣାଳୀ ରେ ଗତ କିଛି ମାସ ଧରି ଲାଗି ରହିଥିବା ଅନିଶ୍ଚିତତା ଯୋଗୁଁ ଅଧିକାଂଶ ଏସୀୟ ଦେଶ ବିକଳ୍ପ ବ୍ୟବସ୍ଥା କରିସାରିଛନ୍ତି। ଭାରତୀୟ ରିଫାଇନରୀଗୁଡ଼ିକ ମଧ୍ୟ ଆସନ୍ତା ଅଗଷ୍ଟ ମାସ ପର୍ଯ୍ୟନ୍ତ ନିଜର ଆବଶ୍ୟକୀୟ ତୈଳ ଚାହିଦା ଅନ୍ୟ ବିକଳ୍ପ ମାଧ୍ୟମରେ ପୂରଣ କରିସାରିଛନ୍ତି। ତେଣୁ ବର୍ତ୍ତମାନ ସେମାନଙ୍କର ତୁରନ୍ତ ଇରାନ ତେଲର କୌଣସି ଆବଶ୍ୟକତା ନାହିଁ।

ଅନ୍ୟପଟେ ଏସିଆର ଦେଶଗୁଡ଼ିକ ଇରାନ ଠାରୁ ତେଲ କିଣିବା ପୂର୍ବରୁ ଅନେକ ଦିଗ ପ୍ରତି ସତର୍କତା ଅବଲମ୍ବନ କରୁଛନ୍ତି । ଆମେରିକାର ଇରାନ ପ୍ରତି ଥିବା ବୈଦେଶିକ ନୀତି ବାରମ୍ବାର ବଦଳୁଛି। ଏହି ୬୦ ଦିନର ରିହାତି ପରେ ପୁଣି କଠୋର ପ୍ରତିବନ୍ଧକ ଲାଗିବାର ଭୟ ରହିଛି। ତେଣୁ କୌଣସି ଦେଶ ଦୀର୍ଘକାଳୀନ ଚୁକ୍ତି କରିବାକୁ ଚାହୁଁନାହାନ୍ତି। ଆମେରିକା ପ୍ରତିବନ୍ଧକ କୋହଳ କରିଥିଲେ ମଧ୍ୟ ବ୍ରିଟେନ ଏବଂ ୟୁରୋପୀୟ ୟୁନିଅନର ପ୍ରତିବନ୍ଧକ ଏବେ ବି ବଳବତ୍ତର ରହିଛି। ଏହାଦ୍ୱାରା ତୈଳ ପରିବହନ ପାଇଁ ଆବଶ୍ୟକ ହେଉଥିବା ବୀମା ଏବଂ ବ୍ୟାଙ୍କିଙ୍ଗ୍ କାରବାର କ୍ଷେତ୍ରରେ ବଡ଼ ସମସ୍ୟା ସୃଷ୍ଟି ହେଉଛି। ପ୍ରତିବନ୍ଧକ ସମୟରେ ଇରାନୀ ତେଲ ପରିବହନ କରୁଥିବା ଗୁପ୍ତ ଜାହାଜଗୁଡ଼ିକୁ ନିଜ ବନ୍ଦରରେ ପ୍ରବେଶ ଅନୁମତି ଦେବା ପାଇଁ ଅନେକ ଅନ୍ତର୍ଜାତୀୟ ବନ୍ଦର ଅନିଚ୍ଛା ପ୍ରକାଶ କରୁଛନ୍ତି। ଇରାନକୁ ନେଇ ଆମେରିକା ବାରମ୍ବାର ନିଜ ନୀତିରେ ପରିବର୍ତ୍ତନ କରୁଥିବାରୁ ଭାରତ ଭଳି ଦେଶ ଏବେ ଇରାନ ତେଲ କିଣିବାକୁ ଇଚ୍ଛା ପ୍ରକାଶ କରୁନଥିବା ରିପୋର୍ଟରୁ ଜଣାପଡ଼ିଛି ।

## ଆଜିର ରାଶିଫଳ

**ମେଷ:** ଦିନଟି ଭଲରେ କଟିବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଆର୍ଥିକ ସ୍ଥିତି ଭଲ ରହିବ। ବନ୍ଧୁଙ୍କ ସହାୟତା ମିଳିବ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ। ନକାରାତ୍ମକ ଚିନ୍ତା ଦୂର ହେବ।

**ବୃଷ:** ଯାତ୍ରା ଯୋଗ ଅଛି। ଜୀବନସାଥୀଙ୍କ ସହ ସୁଖମୟ ସମୟ ଅତିବାହିତ କରିବେ। ନିବେଶରୁ ଦୂରେଇ ରୁହନ୍ତୁ। କୌଣସି ଶୁଭ ଖବର ମିଳିବ। ବନ୍ଧୁଙ୍କ ସହ ମନୋମାଳିନ୍ୟ ଦେଖା ଦେବ।

**ମିଥୁନ:** ଯାନବାହନ କିଣିବେ। ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ। ମନ ପ୍ରସନ୍ନ ରହିବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ପରୋପକାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ।

**କର୍କଟ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। କୌଣସି କାର୍ଯ୍ୟରେ ସମସ୍ୟା ଦେଖା ଦେବ। ଅଯଥା ଖର୍ଚ୍ଚ ବୃଦ୍ଧି ପାଇବ। ବିବାହରେ ସମସ୍ୟା ଆସିବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ।

**ସିଂହ:** ଚାକିରିରେ ସଫଳତା ମିଳିବ। ବ୍ୟବସାୟରେ ଆଶାଜନକ ପରିଣାମ ମିଳିବ ନାହିଁ। ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କନ୍ୟା:** ଚାକିରିକୁ ନେଇ କୌଣସି ସମସ୍ୟା ଦେଖା ଦେବ। ପାରିବାରିକ ଜୀବନ ସୁଖମୟ ହେବ। ଘରେ ପୂଜାପାଠ ଆୟୋଜନ କରିବେ। ଆୟର ନୂଆ ଅବସର ପ୍ରାପ୍ତ ହେବ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଆର୍ଥିକ ସ୍ଥିତି ମଜଭୁତ୍ ହେବ। ବିବାହ ପ୍ରସ୍ତାବ ଆସିବ। ରାଜନୀତିରେ ସଫଳତା ମିଳିବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ।

**ବିଛା:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ବୈବାହିକ ଜୀବନ ସୁଖଶାନ୍ତିରେ କଟିବ। ବିଦ୍ୟାର୍ଥୀ ପଢ଼ାରେ ମନୋନିବେଶ କରିବେ।

**ଧନୁ:** ପରିବାର ଲୋକଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଆୟ ତୁଳନାରେ ବ୍ୟୟ ଅଧିକ ହେବ। କଥାରେ ମଧୁରତା ରକ୍ଷା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ହେବ। ପୈତୃକ ସମ୍ପତ୍ତିକୁ ଲାଭ ମିଳିବ। ପ୍ରେମ ସମ୍ବନ୍ଧ ସୁଖମୟ ହେବ।

**କୁମ୍ଭ:** ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିବେ। ନିବେଶରୁ ଦୂରେଇ ରୁହନ୍ତୁ। ଘରେ ପୂଜାପାଠ ଆୟୋଜନ ହେବ। ବିବାହ ସମସ୍ୟା ସମାଧାନ ହେବ। ଯାନବାହନ କ୍ରୟର ଯୋଗ ଅଛି।

**ମୀନ:** ଚାକିରିରେ ବନ୍ଧୁଙ୍କ ସହାୟତା ମିଳିବ। ଅଫିସ୍‌ରେ ସହକର୍ମୀଙ୍କ ସହ ମତାନ୍ତର ଦେଖା ଦେବ। ନୂଆ କାର୍ଯ୍ୟ ଆରମ୍ଭ କରିବାର ଉତ୍ତମ ସମୟ। ସ୍ୱାମୀ-ସ୍ତ୍ରୀ ମଧ୍ୟରେ ଉତ୍ତମ ବୁଝାମଣା ରହିବ।

## ଆଜିର ଇତିହାସ

- ୧୭୯୩- ଫ୍ରାନ୍ସ ପ୍ରଥମ ଥର ପାଇଁ ରିପବ୍ଲିକାନ୍ ସମ୍ବିଧାନକୁ ଆପଣାଇଲା।
- ୧୯୧୮ - କାନାଡ଼ାର ମଣ୍ଟ୍ରିଲ୍ ଓ ଟରଣ୍ଟୋ ମଧ୍ୟରେ ଏୟାରମେଲ୍ ସେବା ଆରମ୍ଭ ହେଲା।
- ୧୯୮୨- ସୋଭିଏତ୍ ସଂଘ ସୋୟୁଜ୍ ଟି-୬ ଲଞ୍ଚ କଲା।
- ୧୯୬୬- ମୁମ୍ବାଇରୁ ନ୍ୟୁୟର୍କ ଯାଉଥିବା ଏୟାର ଇଣ୍ଡିଆ ବିମାନ ସ୍ୱିଜରଲ୍ୟାଣ୍ଡରେ ଦୁର୍ଘଟଣାଗ୍ରସ୍ତ ହେବାରୁ ୧୧୭ ଲୋକଙ୍କ ପ୍ରାଣହାନି।


# ଚା’-ବିସ୍କୁଟ୍‌ରୁ ହୋଇପାରେ ମଧୁମେହ



ଅନେକ ଲୋକଙ୍କର ସକାଳେ ଉଠିବା ମାତ୍ରେ ଚା’-ବିସ୍କୁଟ୍ ଖାଇବା ଅଭ୍ୟାସ ଥାଏ। ସେହିପରି ଯେଉଁମାନେ କେବଳ ଚା’ ପିଅନ୍ତି ଏସିଡିଟି ନ ହେବା ଆଶାରେ ଏହାସହ ବିସ୍କୁଟ୍ ଖାଇଥାନ୍ତି। ହେଲେ ଏଭଳି ଅଭ୍ୟାସ ମଧୁମେହର କାରଣ ହୋଇପାରେ। ଦିଲ୍ଲୀ ଏମ୍ସର ଏଣ୍ଡୋକ୍ରାଇନୋଲଜି ବିଭାଗର ପ୍ରଫେସର ଡା. ରାଜେଶ ଖଡ଼ଗାବତ ସକାଳୁ ଚା’-ବିସ୍କୁଟ୍ ଖାଇବା ଅଭ୍ୟାସକୁ ନେଇ ଲୋକଙ୍କୁ ସତର୍କ କରାଇଛନ୍ତି। ସେ କହିଛନ୍ତି, ‘ବିସ୍କୁଟ୍‌ରେ ଲାକ୍‌ଟୋଜ ଏବଂ ଗ୍ଲୁକୋଜ୍ ଥାଏ। କିଛି ବିସ୍କୁଟ୍‌ରେ ଫ୍ଲେଭର୍ ବି ମିଶାଯାଇଥାଏ। ଏଥିରେ ଚିନି ଲୁଚିକରି ଥାଏ। ସେହିପରି କିଛି ବିସ୍କୁଟ୍‌ରେ କୃତ୍ରିମ ଶର୍କରା ବି ମିଶାଯାଏ। ଏହାକୁ ଖାଇବା ଦ୍ୱାରା କ୍ୟାଲୋରି ଏବଂ ଶରୀରରେ ଚର୍ବି ବୃଦ୍ଧି ପାଏ। ଏଭଳି ସ୍ଥିତିରେ ଚା’ ମିଠା ଥିଲେ ଏହା ଅଧିକ କ୍ଷତି ପହଞ୍ଚାଏ। ଖାଲି ପେଟରେ ଚା- ବିସ୍କୁଟ୍ ଖାଇବା ମଧୁମେହକୁ ନିମନ୍ତ୍ରଣ ଦେବା ସଦୃଶ। ଏହାକୁ ଖାଇବା ଦ୍ୱାରା ଶର୍କରା ସ୍ତର ବଢ଼ିଯାଏ। ଏଭଳି ସ୍ଥିତିରେ ସବୁଠୁ ଜରୁରି ହେଉଛି, ବିସ୍କୁଟ୍ ଖାଇବା ବେଳେ ଏହାର ଲେବଲ ପଢ଼ିବା ଏବଂ ତା’ ସହ ଏଥିରେ ବ୍ୟବହୃତ ସାମଗ୍ରୀ ସମ୍ପର୍କରେ ଜାଣିବା। ଯଦି ଏଥିରେ ଉଚ୍ଚ ଶର୍କରା, ପାମ୍ ତେଲ ଲେଖାଥାଏ, ତେବେ ଏହାକୁ ଖାଇବାଠୁ ଦୂରେଇ ରହିବା ଉଚିତ। ଏଭଳି ବିସ୍କୁଟ୍ ସ୍ୱାସ୍ଥ୍ୟ ଲାଗି ହାନିକାରକ।’ ତେଣୁ ସକାଳ ଜଳଖିଆରେ ବିସ୍କୁଟ୍ ନ ଖାଇବା ଭଲ। ଏହାକୁ ଖାଇଲେ ବି କିଛି ଲାଭ ନାହିଁ। ବିସ୍କୁଟ୍‌ରୁ ପ୍ରୋଟିନ କିମ୍ବା ପୋଷଣ କିଛି ନ ଥାଏ। ଏହା ବଦଳରେ ଚଣା, ମଖାନା ଖାଇବା ଶରୀର ପାଇଁ ଉତ୍ତମ। ଏଥିରେ ଶରୀରକୁ ପ୍ରୋଟିନ ମିଳେ ଏବଂ ଏସବୁ ସ୍ୱାସ୍ଥ୍ୟ ପାଇଁ ହିତକର।

## ଆଜିର ବ୍ୟକ୍ତିତ୍ୱ

# ଜନସେବକ ନବକୃଷ୍ଣ ଚୌଧୁରୀ



ଓଡ଼ିଶା ଇତିହାସରେ ନବକୃଷ୍ଣ ଚୌଧୁରୀ ଜଣେ ନିଆରା ବ୍ୟକ୍ତିତ୍ୱ। ୧୯୫୦ରୁ ୧୯୫୬ ମସିହା ପର୍ଯ୍ୟନ୍ତ ସେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଥିଲେ। ନିଜର ସରଳ ଜୀବନଯାପନ, ସ୍ପଷ୍ଟବାଦିତା ଏବଂ ତ୍ୟାଗପୂତ ରାଜନୀତି ପାଇଁ ସେ ଜନମାନସରେ ‘ନବବାବୁ’ ଭାବେ ବେଶ୍ ପରିଚିତ। ସେ ଜଗତସିଂହପୁର ଜିଲ୍ଲାର ଖେରସା ଗାଁରେ ୧୯୦୧ ମସିହା ନଭେମ୍ବର ୨୩ ତାରିଖରେ ଜନ୍ମଗ୍ରହଣ କରିଥିଲେ। ନବକୃଷ୍ଣ ପ୍ୟାରୀମୋହନ ଏକାଡେମୀରେ ୧୪ ବର୍ଷ ବୟସରେ ଶିକ୍ଷା ସମାପନ କରିଥିଲେ। ହାଇସ୍କୁଲ ପରୀକ୍ଷାରେ କୃତିତ୍ୱର ସହ ଉତ୍ତୀର୍ଣ୍ଣ ହୋଇ ଉଚ୍ଚ ଶିକ୍ଷା ପାଇଁ ସେ ରେଭେନ୍ସା କଲେଜରେ ନାମ ଲେଖାଇଥିଲେ। ହେଲେ ପରାଧୀନ ଭାରତର ଦୁରବସ୍ଥା ତାଙ୍କୁ ସର୍ବଦା ବିଚଳିତ କରୁଥିଲା ଏବଂ ଅଧାରୁ ପାଠପଢ଼ା ଛାଡ଼ି ସେ ସ୍ୱାଧୀନତା ଆନ୍ଦୋଳନରେ ଯୋଗ ଦେଲେ। ସ୍ୱାଧୀନତା ସଂଗ୍ରାମ ସମୟରେ ଲବଣ ସତ୍ୟାଗ୍ରହ ଏବଂ ଭାରତ ଛାଡ଼ ଆନ୍ଦୋଳନରେ ସକ୍ରିୟ ଅଂଶଗ୍ରହଣ କରି ସେ ଅନେକ ଥର କାରାବରଣ କରିଥିଲେ। ଅଧାରୁ ଛାଡ଼ିଥିବା ଉଚ୍ଚଶିକ୍ଷା ସମାପନ ପାଇଁ ସେ ଶାନ୍ତି ନିକେତନ ଯାଇଥିଲେ। ସେଠାରେ ତାଙ୍କର ମାଳତୀ ସେନ୍‌ଙ୍କ ସହ ପରିଚୟ ହୋଇଥିଲା। ପରେ ଉଭୟ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ। ବିବାହ ପରେ ଦୁହେଁ ଆସି ଜଗତସିଂହପୁର ଅନ୍ତର୍ଗତ ତରିକୁଦ ଗ୍ରାମରେ ବାସ କରିଥିଲେ। ସେଠାରେ ସେମାନେ ସାଧାରଣ ଲୋକଙ୍କ ସହ ମିଶି କୃଷି କାର୍ଯ୍ୟ କରୁଥିଲେ, ଶିକ୍ଷା ଦେଉଥିଲେ, ସ୍କୁଲ ଚଳାଉଥିଲେ। କୃଷକ ଓ ସାଧାରଣ ଲୋକଙ୍କ ପାଇଁ ପ୍ରଥମେ ‘ସାରଥି’ ଏବଂ ତା ପରେ ‘କୃଷକ’ ନାମକ ପତ୍ରିକା ବାହାର କରିଥିଲେ। ଜମିଦାର ଘରେ ଜନ୍ମ ନେଇଥିବା ନବକୃଷ୍ଣ ତାଙ୍କର ସମସ୍ତ ଜମି ଭୂଦାନ ଆନ୍ଦୋଳନବେଳେ ଦାନ କରିଦେଇଥିଲେ। ୧୯୩୭ରେ ନୂତନ ଓଡ଼ିଶା ବିଧାନସଭା ନିର୍ବାଚନରେ ତିର୍ତ୍ତୋଲ ଏରସମା ନିର୍ବାଚନ ମଣ୍ଡଳୀରୁ ସେ ନିର୍ବାଚିତ ହେଲେ ମଧ ଦଳର ଆଦର୍ଶ ଅନୁଯାୟୀ, କୌଣସି ପଦବୀରେ ଅଧିଷ୍ଠିତ ହୋଇନଥିଲେ। ୧୯୪୬ରେ ମହତାବଙ୍କ ମନ୍ତ୍ରିମଣ୍ଡଳରେ ସାମିଲ୍ ହୋଇ ସେ ଓଡ଼ିଶାର ରାଜସ୍ୱ ମନ୍ତ୍ରୀ ହେଲେ। ୧୯୫୦ ମେ’ ମାସରୁ ୧୯୫୬ ମସିହା ଅକ୍ଟୋବର ମାସ ପର୍ଯ୍ୟନ୍ତ ପ୍ରାୟ ସାଢ଼େ ଛଅ ବର୍ଷ କାଳ ସେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଥିଲେ। ଏହି ସମୟ ଭିତରେ ଆଧୁନିକ ଓଡ଼ିଶାର ନିର୍ମାଣ ଭିତ୍ତି ସ୍ଥାପନ ହୋଇଥିଲା। ଭାଗଚାଷୀ ଆଇନ, ଜମିଦାରୀ ପ୍ରଥା ଉଚ୍ଛେଦ, ଜଗନ୍ନାଥ ମନ୍ଦିର ପରିଚାଳନା ନିମନ୍ତେ ଆଇନ, ଓଡ଼ିଶା ଗ୍ରାମପଞ୍ଚାୟତ ଆଇନ ପ୍ରଣୟନ ଭଳି ସେ ବହୁ ବଳିଷ୍ଠ ଓ ଜନହିତକର ପଦକ୍ଷେପ ନେଇଥିଲେ। ସେହିପରି ଓଡ଼ିଆ ଭାଷାକୁ ସରକାରୀ ଭାଷାର ମାନ୍ୟତା ଦେଇ ସେ ଏକ ଯୁଗାନ୍ତକାରୀ ପଦକ୍ଷେପ ନେଇଥିଲେ। ଜୀବନର ଶେଷ ସମୟ ପର୍ଯ୍ୟନ୍ତ ସେ ଜଣେ ସାଧାରଣ ଚାଷୀ ଭଳି ଜୀବନ ବିତାଇ ଗରିବ ଓ ନିଷ୍ପେଷିତ ଲୋକଙ୍କ ସେବା କରିଥିଲେ। ୧୯୮୪ ମସିହା ଆଜିର ଦିନରେ ଏହି ମହାନ ଜନନାୟକଙ୍କର ପରଲୋକ ଘଟିଥିଲା।

# ‘କକ୍‌ଟେଲ୍’ ପାଇଁ ମନା କରିଥିଲେ ରଣବୀର



ରଣବୀର କପୁର ଏବଂ ଦୀପିକା ପାଦୁ୍ୟକୋନ୍ ଏଯାବତ୍ ତିନୋଟି ଫିଲ୍ମରେ ଏକାଠି କାମ କରିଛନ୍ତି। ଏହି ଯୋଡ଼ିଙ୍କର ଆଉ ଏକ ଫିଲ୍ମ ମଧ୍ୟ ଆସିବାର ଥିଲା, କିନ୍ତୁ ନିଜେ ରଣବୀର ଏହାକୁ କରିବାକୁ ମନା କରିଦେଇଥିଲେ। ଏହି ଫିଲ୍ମଟି ଥିଲା ‘କକ୍‌ଟେଲ୍’। ଏହା ବକ୍ସ ଅଫିସ୍‌ରେ ସୁପରହିଟ୍ ସାବ୍ୟସ୍ତ ହୋଇଥିଲା। ୨୦୧୨ରେ ମୁକ୍ତିଲାଭ କରିଥିବା ‘କକ୍‌ଟେଲ୍’ ଚଳଚ୍ଚିତ୍ରରେ ଦୀପିକା, ଡାଏନା ପେଣ୍ଟି ଏବଂ ସୈଫ୍ ଅଲ୍ଲୀ ଖାନ୍‌ଙ୍କ ସହ ଲିଡ୍ ରୋଲରେ ନଜର ଆସିଥିଲେ। ସୈଫ୍ ଏହି ଚଳଚ୍ଚିତ୍ରରେ ‘ଗୌତମ’ ଚରିତ୍ରରେ ଅଭିନୟ କରିଥିଲେ। ହେଲେ ଗୌତମ ଚରିତ୍ର ପାଇଁ ସୈଫ୍ ପ୍ରଥମ ପସନ୍ଦ ନ ଥିଲେ। ଫିଲ୍ମ ପ୍ରଯୋଜକ ଏହି ଚରିତ୍ର ପାଇଁ ରଣବୀର କିମ୍ବା ଇମ୍ରାନ୍ ଖାନ୍‌ଙ୍କୁ ନେବାକୁ ଚାହୁଁଥିଲେ। ଉଭୟ କିନ୍ତୁ ଏହି ଫିଲ୍ମ କରିବାକୁ ମନା କରି ଦେଇଥିଲେ। ନିକଟରେ ଏକ ସାକ୍ଷାତକାର ସମୟରେ ସୈଫ୍ କହିଛନ୍ତି ଯେ, “ଏହି ଚଳଚ୍ଚିତ୍ର ପାଇଁ ଦୀପିକା ଏବଂ ଡାଏନାଙ୍କୁ ଚୟନ କରାଯାଇ ସାରିଥିଲା, କିନ୍ତୁ ନିର୍ମାତାମାନଙ୍କୁ ଚଳଚ୍ଚିତ୍ରର ମୁଖ୍ୟ ନାୟକ ଖୋଜିବାରେ ଅସୁବିଧା ହେଉଥିଲା, କାରଣ ‘ଭେରୋନିକା’(ଦୀପିକା)ଙ୍କ ଚରିତ୍ର ବହୁତ ଜବରଦସ୍ତ ଥିଲା। ମୋତେ ଲାଗୁଛି ଯେ, ସେମାନେ ଇମ୍ରାନ୍ ଏବଂ ରଣବୀରଙ୍କୁ ଏଥିପାଇଁ ଯୋଗାଯୋଗ କରିଥିଲେ। ଏଥିରେ ହିରୋଙ୍କର କିଛି ବିଶେଷ ଭୂମିକା ନାହିଁ ବୋଲି ଅନୁଭବ କରି ରଣବୀର ଓ ଇମ୍ରାନ୍ ଏହାକୁ ଛାଡ଼ି ଦେଇଥିଲେ। ମୋତେ ଏହି ଚରିତ୍ର ପାଇଁ ଯୋଗାଯୋଗ କରିବା ପରେ ମୁଁ କାମ କରିବା ପାଇଁ ରାଜିଥିଲି। ମୋତେ ଲାଗୁଛି ଯେ, ସେମାନେ ସମସ୍ତେ ମୋ ପାଖରେ ଏଥିପାଇଁ କୃତଜ୍ଞ ରହିବା ଉଚିତ ଯେ, ମୁଁ ଏହି ଚରିତ୍ରଟି କଲି।” ଗୁରୁତ୍ୱପୂର୍ଣ୍ଣ କଥାଟି ହେଲା, ରଣବୀର ‘କକ୍‌ଟେଲ୍’କୁ ପ୍ରତ୍ୟାଖ୍ୟାନ କରିବା ସହିତ ଦୀପିକାଙ୍କୁ ମଧ୍ୟ ଏହି ଚଳଚ୍ଚିତ୍ରରେ କାମ ନ କରିବା ପାଇଁ ପରାମର୍ଶ ଦେଇଥିଲେ। ହେଲେ, ଦୀପିକା ତାଙ୍କ କଥା ନ ଶୁଣି ଏଥିରେ କାମ କରିବା ପାଇଁ ରାଜି ହୋଇ ଯାଇଥିଲେ। ଏହି ଚଳଚ୍ଚିତ୍ର ରିଲିଜ୍ ହେବା ପରେ ରଣବୀର ତାଙ୍କର ନିଷ୍ପତ୍ତି ଭୁଲ୍ ଥିଲା ବୋଲି ପରେ ସ୍ୱୀକାର କରିଥିଲେ।

## ସମ୍ଭାବନା



# ସାର୍ଟିଫିକେଟ୍ କିଭଳି ସାଇତି ରଖିବେ



**ସ୍କୁଲ ତଥା କଲେଜ ଦସ୍ତାବିଜଙ୍କୁ ସାଇତି ରଖିବା ଛାତ୍ର ଏବଂ ଅଭିଭାବକଙ୍କ ପାଇଁ ଏକପ୍ରକାର କଷ୍ଟକର କାମ ହୋଇଥାଏ। ତେବେ କିଛି ସହଜ ଉପାୟ ଆପଣାଇ ଏହି କାମକୁ ବ୍ୟବସ୍ଥିତ କରିପାରିବେ ଏବଂ ସବୁ କିଛି ଠିକ୍ ସ୍ଥାନରେ ରହିପାରିବ।**

ଆଜିର ସମୟରେ ପ୍ରତ୍ୟେକ କାମ ଟେକ୍ନୋଲୋଜି ମାଧ୍ୟମରେ ହେଉଛି। ଡିଜିଟାଲ ଉପାୟରେ ଫାଇଲକୁ ସେଭ୍ କରିବା ଉପଯୋଗୀ ହୋଇପାରେ। ଜରୁରି ଦସ୍ତାବିଜକୁ ସ୍କାନ କରି କମ୍ପ୍ୟୁଟର ତଥା କ୍ଲାଉଡ ଷ୍ଟୋରେଜରେ ଅଲଗା ଅଲଗା ଫୋଲଡର କରି ରଖନ୍ତୁ। ଏହା ଦ୍ୱାରା କାଗଜପତ୍ର ଖୋଜିବାକୁ ପଡ଼ିବ ନାହିଁ।

ରଙ୍ଗରେ କୋଡ୍ କରି ସ୍କୁଲ, କଲେଜ ଦସ୍ତାବିଜକୁ ବ୍ୟବସ୍ଥିତ ରଖିବାର ଏକ ସହଜ ଓ ପ୍ରଭାବୀ ଉପାୟ ବୋଲି କୁହାଯାଉଛି। ଅଲଗା ଅଲଗା ଜିନିଷ ଲାଗି ଭିନ୍ନ ଭିନ୍ନ ରଙ୍ଗ ବାଛିପାରିବେ। ଆସାଇନମେଣ୍ଟ, ସିଲ୍ୟାବସ ଲାଗି ଅଲଗା, ଜରୁରି ସୂଚନା ଲାଗି ଭିନ୍ନ ରଙ୍ଗକୁ ବାଛିପାରିବେ। ଏହା ଦ୍ୱାରା ଏକଥା ବୁଝିବାରେ ସହଜ ହେବ, କେଉଁ ଦସ୍ତାବିଜ୍ ଆବଶ୍ୟକ।

ସ୍କୁଲ ଦସ୍ତାବିଜ ସିଷ୍ଟମକୁ ବ୍ୟବସ୍ଥିତ ରଖିବା ଲାଗି ଏକ ନିର୍ଦ୍ଧାରିତ ଦିନଚର୍ଯ୍ୟା ପ୍ରସ୍ତୁତ କରିବା ଉଚିତ। ଏ ଲାଗି ସପ୍ତାହରେ କିଛି ସମୟ ବାହାର କରି ନୂଆ କାଗଜପତ୍ରକୁ ଦେଖି ପୁରୁଣା ଦସ୍ତାବିଜକୁ ଅପଡେଟ୍ କରନ୍ତୁ। ଯାହାର ଆବଶ୍ୟକତା ନାହିଁ, ତାହାକୁ ହଟାଇ ଦିଅନ୍ତୁ।

ଦସ୍ତାବିଜକୁ ଭଲଭାବରେ ସମ୍ଭାଳିବା ପାଇଁ ଅନେକ ମୋବାଇଲ ଆପ୍ ଉପଲବ୍ଧ। ଏହି ଆପ୍ ସ୍ମାର୍ଟଫୋନ୍ , ଟାବଲେଟ୍‌ରୁ ସିଧା ଫାଇଲକୁ ସ୍କାନ କରିବା ସହିତ ସାଇତି ରଖେ। ଏପରିକି ସେୟାର କରିବା ସୁବିଧା ପ୍ରଦାନ କରେ।

# ପାଠପଢ଼ାରେ ଧ୍ୟାନ ବୃଦ୍ଧି ପାଇଁ...



ସାଧାରଣତଃ ପାଠ ପଢ଼ାରେ ପିଲାଙ୍କ ଧ୍ୟାନ ଭଗ୍ନ ଶୀଘ୍ର ହୋଇଯାଏ। ବର୍ତ୍ତମାନ ସମୟରେ ମୋବାଇଲ, ଟିଭି, ଭିଡିଓ ଗେମ୍, ସୋସିଆଲ ମିଡିଆ ସେମାନଙ୍କ ଧ୍ୟାନ ଉପରେ ପ୍ରଭାବ ପକାଉଛି। ପଢ଼ାରେ ଧ୍ୟାନ କେନ୍ଦ୍ରିତ କରିବା ଲାଗି ବ୍ରେନ ଏକ୍ସରସାଇଜ୍ କଲେ ଦୁଇ ମିନିଟ୍‌ରେ ପଢ଼ାରେ ମନ ଲାଗିବ।

**୫-୪-୩-୨-୧ ନିୟମ:** ପିଲାଙ୍କୁ ପାଞ୍ଚଟି ଜିନିଷ ଦେଖାନ୍ତୁ। ୪ଟିକୁ ସ୍ପର୍ଶ କରିବାକୁ କୁହନ୍ତୁ। ତିନିଟିର ଶବ୍ଦ ଶୁଣାନ୍ତୁ। ୨ଟି ସୁଗନ୍ଧ ଅନୁଭବ କରିବାକୁ କୁହନ୍ତୁ। ଗୋଟିଏର ସ୍ୱାଦ ବାରିବାକୁ କୁହନ୍ତୁ। ଏହି ଏକ୍ସରସାଇଜ୍ ମସ୍ତିଷ୍କକୁ ଶାନ୍ତ କରେ ଏବଂ ଧ୍ୟାନ କେନ୍ଦ୍ରିତ କରିବାରେ ସାହାଯ୍ୟ କରେ।

**ମେମୋରି ଟ୍ରେ ଚ୍ୟାଲେଞ୍ଜ:** ଗୋଟିଏ ଟ୍ରେରେ ୮ରୁ ୧୦ଟି ଛୋଟ ଜିନିଷ ରଖନ୍ତୁ। ପିଲାଙ୍କୁ ୩୦ ସେକେଣ୍ଡ ପର୍ଯ୍ୟନ୍ତ ତାହାକୁ ଦେଖିବାକୁ ଦିଅନ୍ତୁ। ତା’ପରେ ଟ୍ରେକୁ ଘୋଡ଼ାଇ ଦିଅନ୍ତୁ। ଏବେ ପିଲାଙ୍କୁ ବସ୍ତୁର ନାଁ ପଚାରନ୍ତୁ। ଏହି ଏକ୍ସରସାଇଜ ମେମୋରି ଏବଂ ଧ୍ୟାନକୁ ମଜଭୁତ କରେ।

**ଖେଳରେ ଧ୍ୟାନ:** ପିଲାଙ୍କୁ ଛିଡ଼ା କରି ଡାହାଣ ହାତକୁ ବାମ ଗୋଡ଼ ଏବଂ ବାମ ହାତରେ ଡାହାଣ ଗୋଡ଼କୁ ଛୁଇଁବାକୁ କୁହନ୍ତୁ। ଏହାକୁ ୨-୨ ମିନିଟ୍ କରନ୍ତୁ। ଏହି ଏକ୍ସରସାଇଜ୍ ମସ୍ତିଷ୍କର ଦୁଇ ଭାଗ ମଧ୍ୟରେ ସମନ୍ୱୟ ବୃଦ୍ଧି କରେ। ଶିଖିବା କ୍ଷମତାକୁ ବିକଶିତ କରାଏ। ପିଲାଙ୍କୁ ଗୀତରେ ନାଚିବାକୁ କୁହନ୍ତୁ। ଗୀତ ବନ୍ଦ ହେବା ପରେ ସ୍ଥିର ହୋଇ ଛିଡ଼ା ହେବାକୁ କୁହନ୍ତୁ। ଏହି ଖେଳ ଆତ୍ମନିୟନ୍ତ୍ରଣ- ଧ୍ୟାନ କେନ୍ଦ୍ରିତ କରିବାରେ ସାହାଯ୍ୟ କରେ।

**ସ୍କ୍ରିନ୍ ଟାଇମ୍ ସୀମିତ କରନ୍ତୁ:** ପିଲାଙ୍କୁ ପର୍ଯ୍ୟାପ୍ତ ଶୋଇବାକୁ କୁହନ୍ତୁ। ପଢ଼ା ପାଇଁ ଶାନ୍ତ ବାତାବରଣ ସୃଷ୍ଟି କରନ୍ତୁ। ୨୦-୩୦ ମିନିଟ୍ ପଢ଼ା ପରେ ଛୋଟ ବ୍ରେକ୍ ନିଅନ୍ତୁ। ପୁଷ୍ଟିକର ଖାଦ୍ୟ ଏବଂ ଶାରୀରିକ କାର୍ଯ୍ୟକଳାପକୁ ପ୍ରୋତ୍ସାହିତ କରନ୍ତୁ। ସ୍କ୍ରିନ ଟାଇମ୍ ସୀମିତ କରନ୍ତୁ।

# କ୍ୟାରିୟର ପାଇଁ କମ୍ପ୍ୟୁଟର କୋର୍ସ



**ବର୍ତ୍ତମାନ ଯୁଗ ସମ୍ପୂର୍ଣ୍ଣ ଡିଜିଟାଲ। ଚାକିରି ହେଉ ଅବା ବ୍ୟବସାୟ ପ୍ରାୟ ପ୍ରତ୍ୟେକ ସ୍ଥାନରେ କମ୍ପ୍ୟୁଟର ଜ୍ଞାନ ଏବେ ଲୋଡ଼ା ପଡୁଛି। ଏଭଳି ସ୍ଥିତିରେ କମ୍ ସମୟରେ କମ୍ପ୍ୟୁଟର ଜ୍ଞାନ କୌଶଳ ଶିଖିବା ଜରୁରି। କାରଣ ଏହା କ୍ୟାରିୟରକୁ ନୂଆ ଦିଶା ପ୍ରଦାନ କରିବ। କିଛି କମ୍ପ୍ୟୁଟର କୋର୍ସ ଏଭଳି ଅଛି, ଯାହାକୁ ୬ ମାସରୁ ଆରମ୍ଭ କରି ବର୍ଷେ ଭିତରେ ପୂରା କରାଯାଇପାରିବ। ଏହା ମାଧ୍ୟମରେ ଭଲ ଚାକିରି ମଧ୍ୟ ମିଳିଥାଏ।**

**ଡିସିଏ:** ଡିପ୍ଲୋମା ଇନ୍ କମ୍ପ୍ୟୁଟର ଆପ୍ଲିକେସନ (ଡିସିଏ) ଏକ ଉତ୍ତମ କୋର୍ସ। ଏହି କୋର୍ସର ଅବଧି ମୁଖ୍ୟତଃ ୬ ମାସରୁ ବର୍ଷେ। ଏଥିରେ ଏମ୍‌ଏସ୍ ୱାର୍ଡ, ଏକ୍‌ସେଲ, ପାୱାର ପଏଣ୍ଟ, ଇଣ୍ଟରନେଟ୍ ଏବଂ କମ୍ପ୍ୟୁଟର ସମ୍ପର୍କରେ ଶିଖାଯାଏ। ଏହି କୋର୍ସର ଫି’ ଇନଷ୍ଟିଚ୍ୟୁଟ୍ ଅନୁସାରେ, ନିର୍ଦ୍ଧାରିତ ହୁଏ। କୋର୍ସ ପୂରା କରିବା ପରେ ଡାଟା ଏଣ୍ଟ୍ରି ଅପରେଟର, ଅଫିସ୍ ଆସିଷ୍ଟାଣ୍ଟ, କମ୍ପ୍ୟୁଟର ଟ୍ରେନର ଭାବେ କ୍ୟାରିୟର କରିପାରିବେ।

**ଟାଲି:** କମର୍ସ ଏବଂ ଆକାଉଣ୍ଟିଂରେ ଆଗ୍ରହ ରଖିଥିବା ଛାତ୍ରଛାତ୍ରୀଙ୍କ ପାଇଁ ଟାଲି କୋର୍ସ ଖୁବ୍ ଉତ୍ତମ। ଦଶମ ଏବଂ ଦ୍ୱାଦଶ ପରେ ଏହି କୋର୍ସ କରାଯାଇପାରିବ। ଏଥିରେ ବୁକ୍‌କିପିଂ, ଜିଏସ୍‌ଟି, ବିଲିଂ, ଇନଭେଣ୍ଟ୍ରି ମ୍ୟାନେଜମେଣ୍ଟ ଏବଂ ଆକାଉଣ୍ଟ ସହ ଜଡ଼ିତ ବିଷୟ ଉପରେ ଟ୍ରେନିଂ ପ୍ରଦାନ କରାଯାଏ। ଏହି କୋର୍ସ ପୂରା ହେବା ପରେ କମ୍ପାନି ଆକାଉଣ୍ଟ ବିଭାଗରେ ଚାକିରି ପାଇବା ଅବସର ବଢ଼ିଯାଏ।

**ସି++:** ପୋଗ୍ରାମିଂ ପ୍ରତି ଆଗ୍ରହ ଥିଲେ ସି++ ଏବଂ ସଫ୍ଟୱେର ଇଞ୍ଜିନିୟରିଂ କୋର୍ସ ଭଲ ବିକଳ୍ପ। ଏହି କୋର୍ସରେ ପୋଗ୍ରାମିଂ ଲାଙ୍ଗୁଏଜ, ସଫ୍ଟୱେର ଡେଭଲପମେଣ୍ଟ, ଆପ୍ଲିକେସନ ଡିଜାଇନିଂ ସମ୍ପର୍କିତ ଜ୍ଞାନ ପ୍ରଦାନ କରାଯାଏ। ଆଜିର ସମୟରେ ସଫ୍ଟୱେର ଡେଭଲପର ଏବଂ ଆପ୍ ଡେଭଲପରର ଚାହିଦା ଦ୍ରୁତ ଗତିରେ ବଢୁଛି। ଏହା ପରେ ଟେକ୍ନୋଲୋଜି ସେକ୍ଟରରେ କ୍ୟାରିୟରର ଅନେକ ରାସ୍ତା ଖୋଲିଯାଏ।

**ଇ-ବିଜନେସ୍:** ଡିଜିଟାଲ ଇଣ୍ଡିଆ ଏବଂ ଅନଲାଇନ ବିଜନେସର ଚାହିଦା ବଢୁଥିବାରୁ ସାଇବର ସିକ୍ୟୁରିଟି ଏବଂ ଇ-ବିଜନେସ ଏକ୍ସପର୍ଟଙ୍କ ଚାହିଦା ଦ୍ରୁତ ଗତିରେ ବଢୁଛି। ଏହି କୋର୍ସରେ ୱେବ୍‌ସାଇଟ ମ୍ୟାନେଜମେଣ୍ଟ, ଅନଲାଇନ ପେମେଣ୍ଟ ସିଷ୍ଟମ, ଡିଜିଟାଲ ବିଜନେସ ଅପରେସନ ଏବଂ ଇଣ୍ଟରନେଟ୍ ସୁରକ୍ଷା ସହିତ ଜଡ଼ିତ ବିଷୟ ଶିଖାଯାଉଛି। କୋର୍ସ ପୂରା ହେବା ପରେ ଡିଜିଟାଲ ମାର୍କେଟିଂ ଏଜେନ୍ସି, ଇ-କମର୍ସ କମ୍ପାନି ବା ସାଇବର କନସଲଟାଣ୍ଟ ଭାବେ ନିଜ କ୍ୟାରିୟର ଆରମ୍ଭ କରିପାରିବେ।

# ଜୁମ୍‌ର ନୂଆ ଟୁଲ୍

ଜୁମ୍ ତା’ର ନୂଆ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଟୁଲ୍ ‘ଜୁମ୍‌ମେଟ୍’କୁ ପରିଚିତ କରାଇଛି। ଏହି ଟୁଲ୍ ମିଟିଂକୁ ଧ୍ୟାନରେ ଶୁଣେ ଏବଂ ଏହାପରେ ଫଲୋ-ଅପ୍ କାମକୁ ସଙ୍ଗେ ସଙ୍ଗେ ନିଜେ କରିଦିଏ। ମିଟିଂରେ କୌଣସି ନିଷ୍ପତ୍ତି ନିଆଗଲେ ଏହି ଟୁଲ୍ ସଙ୍ଗେ ସଙ୍ଗେ ତାହା ଉପରେ କାମ କରିବା ଆରମ୍ଭ କରେ। ଏଇ ଯେମିତି ଟିକଟ୍ ତିଆରି କରିବା, ସେଲଫୋର୍ସକୁ ଅପଡେଟ କରିବା, ପ୍ରସ୍ତାବ ପ୍ରସ୍ତୁତ କରିବା ତଥା ଟିମ୍‌କୁ ଜରୁରି ତଥ୍ୟ ଦେବା।

ଏହା ଜୁମ୍‌ମେଟ୍ ସ୍ଲେକ୍, ଗୁଗଲ ୱାର୍କସ୍ପେସ୍, ମାଇକ୍ରୋସଫ୍ଟ ୩୬୫ ଏବଂ ଅନ୍ୟ ପରିଚିତ ଆପ ସହିତ ସହଜରେ ଯୋଡ଼ି ହୋଇଯାଏ। ଏହା କେବଳ ମିଟିଂର ସାରାଂଶ ପ୍ରଦାନ କରି ନ ଥାଏ , ବରଂ ଲାଇଭ୍ ମିଟିଂ ସମୟରେ ପ୍ରକୃତ କାମ କରିଥାଏ। ଏହା ଦରକାର ପଡ଼ିଲେ ଜରୁରି ଡାଟାକୁ ସାମ୍ନାକୁ ଆଣେ। ନଚେତ କଲ୍ କଟି ଯିବା ମାତ୍ରେ ହିଁ ଫଲୋ-ଅପ୍ ମେସେଜ ପଠାଇ ଦିଏ। ଏହି ଟୁଲ୍ ଜୁମ୍‌ର ପେଡ୍ ପ୍ଲାନ୍ ସହିତ ଆଡ୍‌ଅନ୍ ଭାବେ ମିଳିଥାଏ। ଏହା ଦ୍ୱାରା ବ୍ୟସ୍ତ ଟିମ୍‌କୁ କାମ କରିବା ଖୁବ୍ ସହଜ ହେବା କୁହାଯାଉଛି।



ସକାଳ THE SAKALA
www.sakalaepaper.com






### ୧୦୦ତମ ମ୍ୟାଚ୍‌ରେ କିଲିଆନ୍ ଏମ୍‌ବାପେଙ୍କ ଡବଲ ଗୋଲ୍

# ଇରାକ୍‌କୁ ହରାଇ ନକ୍‌ଆଉଟ୍‌ରେ ଫ୍ରାନ୍ସ

ଫିଲାଡେଲଫିଆ,୨୩।୬(ଏଜେନ୍ସି)

ସୁପରଷ୍ଟାର କିଲିଆନ୍ ଏମ୍‌ବାପେଙ୍କ ୧୦୦ତମ ଅନ୍ତର୍ଜାତୀୟ ମ୍ୟାଚ୍‌ରେ ଡବଲ ଗୋଲ୍ ସ୍କୋର କରିବା ଫଳରେ ଏଠାରେ ସୋମବାର ରାତିରେ ଖେଳାଯାଇଥିବା ଗ୍ରୁପ୍-ଆଇ'ର ଏକ ଲିଗ୍ ମ୍ୟାଚ୍‌ରେ ଫ୍ରାନ୍ସ ୩-୦ ଗୋଲରେ ଇରାକ୍‌କୁ ପରାସ୍ତ କରିଛି। ସେହିପରି ଅନ୍ୟତମ ସୁପରଷ୍ଟାର ଏର୍ଲିଙ୍ଗ ହଲାଣ୍ଡଙ୍କ ଡବଲ ଗୋଲ ବଳରେ ନ୍ୟୁୟର୍କର ନ୍ୟୁ ଜର୍ସୀଠାରେ ଖେଳାଯାଇଥିବା ଗ୍ରୁପ୍‌ର ଅନ୍ୟ ଏକ ମ୍ୟାଚ୍‌ରେ ନରୱେ ୩-୨ ଗୋଲରେ ସେନେଗାଲ୍‌ଙ୍କୁ ହରାଇ ଦେଇଛି। ଏହା ଫଳରେ ଗ୍ରୁପ୍‌ରେ କ୍ରମାଗତ ବିଜୟ ସହ ୨ଥରର ଚାମ୍ପିଅନ୍ ଫ୍ରାନ୍ସ ଏବଂ ନରୱେ ଗ୍ରୁପ୍-ଆଇ'ରୁ ନକ୍‌ଆଉଟ ବା ରାଉଣ୍ଡ ଅଫ ୩୨ରେ ପ୍ରବେଶ କରିଛନ୍ତି। ଏହି ଦୁଇ ଦଳ ମଧ୍ୟରେ ହେବାକୁ ଥିବା ମୁକାବିଲା ପରେ ଗ୍ରୁପରେ କିଏ ପ୍ରଥମ ଓ କିଏ ଦ୍ୱିତୀୟ ସ୍ଥାନ ଅଧିକାର କରିବ ତାହା ସ୍ଥିର ହେବ। ଏହି ମ୍ୟାଚ୍‌ରେ ଡବଲ ଗୋଲ ଦେଇ ଫରାସୀ ତାରକା ଏମ୍‌ବାପେ ଫିଫା ବିଶ୍ୱକପ୍ ଇତିହାସରେ ୧୬ତମ ଗୋଲ ସ୍କୋର କରି



ଦୀର୍ଘଦିନର ରେକର୍ଡଧାରୀ ମିରୋସ୍ଲାଭ୍ କ୍ଲୋଜ୍‌ଙ୍କ ରେକର୍ଡ ସହ ସମକକ୍ଷ ହୋଇଛନ୍ତି। ତାଙ୍କ ପୂର୍ବରୁ ଅଷ୍ଟ୍ରିଆ ବିପକ୍ଷରେ ଡବଲ ଗୋଲ ସ୍କୋର କରିଥିବା ଆର୍ଜେଣ୍ଟିନାର ଲିଓନେଲ ମେସୀ ବିଶ୍ୱକପ୍ ଇତିହାସରେ ସର୍ବକାଳୀନ ସର୍ବାଧିକ ୧୮ଟି ଗୋଲ ଦେଇ ରେକର୍ଡ କରିଥିଲେ। ଫ୍ରାନ୍ସ ଓ ଇରାକ୍ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍‌ର ପ୍ରଥମାର୍ଦ୍ଧ ପରେ ବର୍ଷା, ଘଡଘଡ଼ି ଯୋଗୁଁ ଦୀର୍ଘ ସମୟ ଖେଳ ବନ୍ଦ ରହିଥିଲା। ଚଳିତ ଫିଫା ବିଶ୍ୱକପ୍‌ରେ ଖରାପ ପାଗ ଯୋଗୁଁ ଖେଳ ବାଧାପ୍ରାପ୍ତ ହେବାରେ ଏହା ହେଉଛି ପ୍ରଥମ ମ୍ୟାଚ୍।

ନ୍ୟୁ ଜର୍ସି ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଇରାକ ବିପକ୍ଷ ମ୍ୟାଚ୍‌ରେ ଫ୍ରାନ୍ସ ଖେଳକୁ ନିୟନ୍ତ୍ରଣରେ ରଖି ଖେଳିଥିଲା। ଖେଳର ୧୪ତମ ମିନିଟ୍‌ରେ ଏମ୍‌ବାପେ ପ୍ରଥମ ଗୋଲ ସ୍କୋର କରିଥିଲେ। ଏହି ଗୋଲ୍ ବଳରେ ପ୍ରଥମାର୍ଦ୍ଧ ଶେଷ ସୁଦ୍ଧା ଫ୍ରାନ୍ସ ୧-୦ ଗୋଲରେ ଆଗୁଆ ରହିଥିଲା। ଏହି ସମୟରେ ପ୍ରବଳ ବର୍ଷା ସହ ଘଡ଼ଘଡ଼ି ଓ ବଜ୍ରପାତ ହେବାରୁ ଖେଳ ବନ୍ଦ ରହିଥିଲା। ଏପରିକି ଖେଳାଳି ଓ କର୍ମକର୍ତ୍ତାମାନେ ସୁରକ୍ଷିତ ସ୍ଥାନକୁ ଚାଲିଯାଇଥିଲେ। ୧୩୦ ମିନିଟ୍ ଖେଳ ବନ୍ଦ ରହିବା ପରେ ମୁକାବିଲା ଆରମ୍ଭ ହୋଇଥିଲା। ଖେଳର ୫୪ତମ ମିନିଟ୍‌ରେ ଏମ୍‌ବାପେ ଦ୍ୱିତୀୟ ଓ ଚଳିତ ବିଶ୍ୱକପ୍‌ରେ ଚତୁର୍ଥ ଗୋଲ ସ୍କୋର କରିଥିଲେ। ଖେଳର ୬୬ମତ ମିନିଟ୍‌ରେ ଚଳିତବର୍ଷ ସର୍ବଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଥିବା ଓସୁମାନେ ଡେମ୍ବେଲେ ବିଶ୍ୱକପ୍‌ରେ ତାଙ୍କ ଖାତା ଖୋଲିଥିଲେ। ଇରାକ୍ ସେପରି କିଛି ଯୋଜନାବଦ୍ଧ ଆକ୍ରମଣ କରିପାରି ନ ଥିଲା। ଯେଉଁ କେତୋଟି ଆକ୍ରମଣ ରଚନା କରିଥିଲା ତାହାକୁ ଫ୍ରାନ୍ସର ଶକ୍ତିଶାଳୀ ରକ୍ଷଣଭାଗ ବିଫଳ କରିଦେଇଥିଲେ। ଯାହା ଫଳରେ ଦଳ ଗୋଲ ଦେବାକୁ ବଞ୍ଚିତ ହୋଇଥିଲା।

## ୧୬ତମ ଗୋଲ୍ ଦେବାରେ ଏମ୍‌ବାପେ ଦ୍ରୁତତମ

ଫିଲାଡେଲଫିଆ,୨୩।୬(ଏଜେନ୍ସି): ଏଠାରେ ସୋମବାର ଖେଳାଯାଇଥିବା ଇରାକ ବିପକ୍ଷ ବିଶ୍ୱକପ୍ ମ୍ୟାଚ୍‌ରେ ଫ୍ରାନ୍ସର ୨୭ ବର୍ଷୀୟ ତାରକା ଖେଳାଳି କିଲିଆନ୍ ଏମ୍‌ବାପେ ୨ଟି ଗୋଲ ସ୍କୋର କରିଛନ୍ତି। ଏହି ଡବଲ ଗୋଲ ବଳରେ ବିଶ୍ୱକପ୍‌ରେ ତାଙ୍କ ଗୋଲ ସଂଖ୍ୟା ୧୬ରେ ପହଞ୍ଚିଛି। ସେ ବିଶ୍ୱକପ୍‌ରେ ୧୬ତମ ମ୍ୟାଚ୍ ଖେଳି ୧୬ଟି ଗୋଲ ଦେବା ସହ ଜର୍ମାନୀର ମିରୋସ୍ଲାଭ୍ କ୍ଲୋଜଙ୍କ ରେକର୍ଡ ସହ ସମକକ୍ଷ ହୋଇଛନ୍ତି। କ୍ଲୋଜ୍ ୨୪ଟି ଓ ସର୍ବକାଳୀନ ଟପ୍ ସ୍କୋରର ଆର୍ଜେଣ୍ଟିନାର ଲିଓନେଲ ମେସି ୨୭ତମ ମୁକାବିଲାରେ ୧୬ତମ ଗୋଲ ସ୍କୋର କରିଥିଲେ। କ୍ଲୋଜ୍ ୪ଟି ଓ ମେସି ୬ଟି ବିଶ୍ୱକପ୍ ସଂସ୍କରଣରେ ଖେଳିଛନ୍ତି। କିନ୍ତୁ ୨୦୧୮, ୨୦୨୨ ଓ ୨୦୨୬ରେ ଏମ୍‌ବାପେ ତୃତୀୟ ବିଶ୍ୱକପ୍ ଖେଳୁଛନ୍ତି। ସେ ଯେପରି ଖେଳୁଛନ୍ତି ଚଳିତ ବିଶ୍ୱକପ୍‌ରେ ମେସିଙ୍କୁ ଅତିକ୍ରମ କରି ଫିଫା ବିଶ୍ୱକପ୍‌ରେ ସର୍ବକାଳୀନ ଟପ୍ ଗୋଲ ସ୍କୋରର ହେବାର ରେକର୍ଡ କରିବାର ଯଥେଷ୍ଟ ସମ୍ଭାବନା ରହିଛି। ଫ୍ରାନ୍ସ ପକ୍ଷରୁ ସେ ମଧ୍ୟ ୧୦୦ତମ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିବାରେ ସମର୍ଥ ହୋଇଛନ୍ତି ଓ ଏବେ ଦଳର ଅଧିନାୟକ ରହିଛନ୍ତି। ମେସି ୧୮, ଏମ୍‌ବାପେ ଓ କ୍ଲୋଜ୍ ୧୬ଟି ଲେଖାଏଁ, ବ୍ରାଜିଲ୍‌ର ରୋନାଲ୍ଡୋ ୧୫ଟି, ପଶ୍ଚିମ ଜର୍ମାନୀର ଗର୍ଡ ମୁଲର ୧୪ଟି ଗୋଲ ସ୍କୋର କରି ସର୍ବକାଳୀନ ସର୍ବାଧିକ ଗୋଲ ତାଲିକାରେ ଯଥାକ୍ରମେ ପ୍ରଥମରୁ ପଞ୍ଚମ ସ୍ଥାନରେ ରହିଛନ୍ତି।

## କ୍ରିଷ୍ଟିଆନୋ ରୋନାଲ୍ଡୋଙ୍କ ଡବଲ

ହଷ୍ଟନ, ୨୨।୬ (ଏଜେନ୍ସି): ଚଳିତ ଫିଫା ବିଶ୍ୱକପ୍‌ରେ ତାରକା ଖେଳାଳି ଚମକିଛନ୍ତି। ଲିଓନେଲ ମେସି, କିଲିଆନ୍ ଏମ୍‌ବାପେ ଓ ଏର୍ଲିଙ୍ଗ ହଲାଣ୍ଡ ସୋମବାର ରାତିରେ ୨ଟି ଲେଖାଏଁ ଗୋଲ ସ୍କୋର କରିଥିଲେ। ମଙ୍ଗଳବାର ରାତିରେ ଏଠାରେ ଖେଳାଯାଇଥିବା ଉଜ୍‌ବେକିସ୍ତାନ ବିପକ୍ଷ ଗ୍ରୁପ୍-କେ'ର ମୁକାବିଲାରେ ପର୍ତ୍ତୁଗାଲର କ୍ରିଷ୍ଟିଆନୋ ରୋନାଲ୍ଡୋ ଡବଲ ଗୋଲ ଦେଇ ଚମକିଛନ୍ତି। ତାଙ୍କ ଡବଲ ଓ ନୁନୋ ମେଣ୍ଡିସ୍‌ଙ୍କ ଗୋଟିଏ ଗୋଲ ବଳରେ ପ୍ରଥମାର୍ଦ୍ଧ ଖେଳ ଶେଷସୁଦ୍ଧା ପର୍ତ୍ତୁଗାଲ ୩-୦ ଗୋଲରେ ଆଗୁଆ ରହିଛି। ପର୍ତ୍ତୁଗାଲ ପ୍ରଥମ ମ୍ୟାଚ୍ ଡ୍ର ରଖିଥିଲାବେଳେ ଦ୍ୱିତୀୟ ମ୍ୟାଚ୍‌ରେ ବିଜୟ ସୁନିଶ୍ଚିତ କରିଛି। ଉଜ୍‌ବେକିସ୍ତାନ ପ୍ରଥମ ମ୍ୟାଚ୍ ହାରିଥିଲାବେଳେ ଏହି ମ୍ୟାଚ୍ ହାରିଲେ ପ୍ରତିଯୋଗିତାରୁ ବିଦା ହେବ।



| ଫିଫା ବିଶ୍ୱକପ୍ ମୁକାବିଲା |
|---|
| ଜୁନ୍-୨୪, ବୁଧବାର ରାତି |
| ସ୍ୱିଜରଲାଣ୍ଡ-କାନାଡା |
| ଭାଙ୍କୋଭର, ରାତି ୧୨.୩୦ |
| ବୋସ୍‌ନିଆ-କତାର |
| ସିଆଟଲ, ରାତି ୧୨.୩୦ |
| ମରକ୍କୋ-ହାଇତି |
| ଆଟଲାଣ୍ଟା, ରାତି ୩.୩୦ |
| ବ୍ରାଜିଲ-ସ୍କଟଲାଣ୍ଡ |
| ମିଆମି, ରାତି ୩.୩୦ |
| ଜୁନ୍-୨୫ ଗୁରୁବାର ସକାଳ |
| ଦ.କୋରିଆ-ଦ.ଆଫ୍ରିକା |
| ଗୌଦଲଜାରା, ସକାଳ ୬.୩୦ |
| ମେକ୍ସିକୋ-ଚେକିଆ |
| ମେକ୍ସିକୋ ସିଟି, ସକାଳ ୬.୩୦ |
| ପ୍ରସାରଣ: ଜୀ ଟିଭି ନେଟ୍‌ୱର୍କ, ଜୀ-୫ |

### ହଲାଣ୍ଡଙ୍କ ଡବଲ ଗୋଲ

## ତୃତୀୟଥର ଲାଗି ନକ୍‌ଆଉଟରେ ନରୱେ

ନ୍ୟୁୟର୍କ, ୨୩।୬ (ଏଜେନ୍ସି): କ୍ରମାଗତ ଦ୍ୱିତୀୟ ବିଜୟ ସହ ନରୱେ ଚଳିତ ଫିଫା ବିଶ୍ୱକପ୍‌ର ନକ୍‌ଆଉଟ୍ ଅର୍ଥାତ୍ ରାଉଣ୍ଡ-୩୨ରେ ପ୍ରବେଶ କରିଛି। ମଙ୍ଗଳବାର ଭୋର ସମୟରେ ସ୍ଥାନୀୟ ନ୍ୟୁଜର୍ସି ଷ୍ଟାଡିୟମରେ ଅନୁଷ୍ଠିତ ଗ୍ରୁପ୍-ଆଇ'ର ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚରେ ନରୱେ ୩-୨ ଗୋଲରେ ସେନେଗାଲ୍‌କୁ ପରାସ୍ତ କରିଥିଲା। ଦଳର ଷ୍ଟାର ଷ୍ଟ୍ରାଇକର ଏର୍ଲିଙ୍ଗ ହଲାଣ୍ଡ ଡବଲ୍ ଗୋଲ୍ ଦେଇ ନରୱେକୁ ବିଜୟୀ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ପୂର୍ବରୁ ପ୍ରଥମ ମ୍ୟାଚରେ ୪-୧ ଗୋଲ୍‌ରେ ଇରାକକୁ ହରାଇଥିବା ନରୱେ ଏଥିସହ ୬ ପଏଣ୍ଟ ପାଇ ଫ୍ରାନ୍ସ ପଛକୁ ଦ୍ୱିତୀୟ ଦଳ ଭାବେ ଏହି ଗ୍ରୁପ୍‌ରୁ ରାଉଣ୍ଡ-୩୨କୁ ଯୋଗ୍ୟତା ଅର୍ଜନ କରିଛି। ନରୱେ ଏହାର ଶେଷ ମ୍ୟାଚରେ ଜୁନ ୨୭ରେ ଟେବୁଲ ଟପ୍ପର ଫ୍ରାନ୍ସକୁ ଭେଟିବ।

ନରୱେ ଓ ସେନେଗାଲ୍ ମଧ୍ୟରେ ଅନୁଷ୍ଠିତ ଏହି ମ୍ୟାଚ୍ ବେଶ୍ ସଂଘର୍ଷପୂର୍ଣ୍ଣ ରହିଥିଲା। ତେବେ ପ୍ରଥମାର୍ଦ୍ଧର ଅନ୍ତିମ ମୁହୂର୍ତ୍ତରେ ମାର୍କସ ହୋଲମଗ୍ରୀନଙ୍କ ଗୋଲ୍ ବଳରେ ନରୱେ ଖାତା ଖୋଲିଥିଲା। ଏହାପରେ ଦ୍ୱିତୀୟାର୍ଦ୍ଧରେ ଆହୁରି ସଂଘର୍ଷପୂର୍ଣ୍ଣ ଖେଳ ଦେଖିବାକୁ ମିଳିଥିଲା। ୪୮ତମ ମିନିଟରେ ହଲାଣ୍ଡଙ୍କ ଗୋଲ୍ ବଳରେ ନରୱେର ଅଗ୍ରଣୀ ୨-୦କୁ ବୃଦ୍ଧି ପାଇଥିଲା। ଏହାର ୫ ମିନିଟ୍ ସେନେଗାଲ୍‌ର ଇସମାଇଲ ସାର୍ ଦଳ ପାଇଁ ପ୍ରଥମ ଗୋଲ୍



ଦେଇଥିଲେ। ଫଳରେ ମ୍ୟାଚ୍ ୨-୧ ସ୍ଥିତିକୁ ଚାଲିଆସିଥିଲା। ତେବେ ପାଞ୍ଚ ମିନିଟ୍ ପରେ ପୁଣିଥରେ ହଲାଣ୍ଡଙ୍କ ଚମକ ଦେଖିବାକୁ ମିଳିଥିଲା। ହଲାଣ୍ଡ ବ୍ୟକ୍ତିଗତ ଦ୍ୱିତୀୟ ଓ ଦଳ ପାଇଁ ତୃତୀୟ ଗୋଲ୍ ଦେଇଥିଲେ। ଏହାପରେ ସେନେଗାଲ୍ ମ୍ୟାଚକୁ ପ୍ରତ୍ୟାବର୍ତ୍ତନ ପାଇଁ ଆପ୍ରାଣ ଉଦ୍ୟମ କରିଥିଲା। ଇଞ୍ଜୁରୀ ଟାଇମ୍‌ରେ ଇସମାଇଲ ଆଉ ଏକ ଗୋଲ୍ କରିଥିଲେ ମଧ୍ୟ ସେନେଗାଲକୁ ୨-୩ ଗୋଲରେ ପରାଜୟରୁ ରକ୍ଷା କରିପାରି ନ ଥିଲେ। ବିଜୟ ସହ ନରୱେ ବିଶ୍ୱକପ୍ ଇତିହାସରେ ତୃତୀୟଥର ଲାଗି ନକ୍‌ଆଉଟ୍‌ରେ ପ୍ରବେଶ କରିଛି। ଦଳ ଏଥିପୂର୍ବରୁ ନରୱେ ୧୯୩୮ ଓ ୧୯୯୮ରେ ନକ୍‌ଆଉଟ୍ ଖେଳିଥିଲା।

## ଜୋର୍ଡାନକୁ ବିଦା କଲା ଆଲଜେରିଆ

ସାଣ୍ଟା କ୍ଲାରା,୨୩।୬(ଏଜେନ୍ସି): ନାଧୀର ବେନ୍‌ବୌଆଲୀ ଓ ଅମିନେ ଗୌଇରୀଙ୍କ ଗୋଲ ବଳରେ ସାନ୍‌ଫ୍ରାନସିସ୍କୋ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଗ୍ରୁପ୍-ଜେ'ର ଏକ ଲିଗ୍ ମ୍ୟାଚ୍‌ରେ ଆଲଜେରିଆ ୨-୧ ଗୋଲରେ ଜୋର୍ଡାନକୁ ପରାସ୍ତ କରିଛି। ଦ୍ୱିତୀୟ ମୁକାବିଲାରୁ ପ୍ରଥମ ବିଜୟ ଫଳରେ ଆଲଜେରିଆ ନକ୍‌ଆଉଟକୁ ଉନ୍ନୀତ ହେବାର ଆଶା ଉଜ୍ଜୀବିତ ରଖିଛି। ସେହିପରି କ୍ରମାଗତ ମ୍ୟାଚ୍‌ରେ ହାରିଯିବା ପରେ ଡେବ୍ୟୁଟାଣ୍ଟ ଜୋର୍ଡାନ୍ ଚଳିତ ବିଶ୍ୱକପ୍ ଲିଗ୍ ବା ପ୍ରଥମ ପର୍ଯ୍ୟାୟରୁ ବିଦାୟ ନେଇଛି। ଏହି ମ୍ୟାଚ୍‌ଟି ଆଲଜେରିଆର ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ରହିଥିଲା। ସମସ୍ତ ବିଭାଗରେ ଆଲଜେରିଆର ଖେଳାଳିମାନେ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା। କିନ୍ତୁ ମ୍ୟାଚ୍‌ରେ ପ୍ରଥମ ଗୋଲ ଦେଇଥିଲା ଜୋର୍ଡାନ। ଖେଳର ୩୬ତମ ମିନିଟ୍‌ରେ ମୌସା ଅଲି ତମାରିଙ୍କ ପାସ ଗୋଲ ପୋଷ୍ଟ ସାମ୍ନାରେ ପଡ଼ିଥିଲା। ସେଠାରେ ଥିବା ନିଜାର ଅଲ ରାଶଦାନ କୌଣସି ତ୍ରୁଟି ନ କରି ନିଜ ଦେଶ ପକ୍ଷରୁ ପ୍ରଥମ ବିଶ୍ୱକପ୍ ଗୋଲ ସ୍କୋର କରିଥିଲେ। ପ୍ରଥମାର୍ଦ୍ଧ ସୁଦ୍ଧା ଜୋର୍ଡାନ ୧-୦ରେ ଆଗୁଆ ରହିଥିଲା। ଦ୍ୱିତୀୟାର୍ଦ୍ଧରେ ଆଲଜେରିଆ ସବୁଥିରେ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା। ଖେଳର ୬୯ତମ ମିନିଟ୍‌ରେ ରିୟାଦ୍ ମାହେରାଜ୍‌ଙ୍କଠାରୁ ପାସ୍ ପାଇ ବଦଳ ଖେଳାଳି ନାଧିର ହେଡ୍‌ର ଜରିଆରେ ଗୋଲ ଶୁଝାଇ ଦେଇଥିଲେ। ଖେଳ ସମାନ ସ୍ତରକୁ ଆସିବା ପରେ ଆଲଜେରଆ ଘନ ଘନ ଆକ୍ରମଣ କରିଥିଲା। ଜୋର୍ଡାନ ମଧ୍ୟ ଏହି ସମୟରେ ସଂଘର୍ଷ କରିଥିଲା। ଏଥିରୁ ଫାଇଦା ଉଠାଇ ୮୨ତମ ମିନିଟ୍‌ରେ ଆମିନେ ଗୌଇରୀ ଦ୍ରୁତଗତିରେ ବଲ୍‌କୁ ପୋଷ୍ଟ ମଧ୍ୟକୁ ପଠାଇଦେଇଥିଲେ। ଶେଷଭାବେ ଏହି ଉତ୍ତର ଆଫ୍ରିକୀୟ ଦଳ ଖେଳକୁ ନିୟନ୍ତ୍ରଣରେ ରଖିବା ସହ ପୂରା ୩ ପଏଣ୍ଟ ପାଇ ଦ୍ୱିତୀୟ ରାଉଣ୍ଡକୁ ଯିବାର ଆଶା ଉଜ୍ଜୀବିତ ରଖିଛି।

## ପ୍ରୋ-ଲିଗ୍ ହକି: ଭାରତଠାରୁ ହାରିଲା ପାକିସ୍ତାନ

ଲଣ୍ଡନ,୨୩।୬(ଏଜେନ୍ସି): ଏଫ୍‌ଆଇଏଚ୍ ପ୍ରୋ-ଲିଗ୍‌ର ଆଜି ଖେଳାଯାଇଥିବା ଏକ ମୁକାବିଲାରେ ଭାରତ ତାହାର ପଡୋଶୀ ପାକିସ୍ତାନକୁ ୪-୩ ଗୋଲରେ ପରାସ୍ତ କରିଛି। ନିକଟରେ ଜର୍ମାନୀ ଓ ନେଦରଲ୍ୟାଣ୍ଡସ ପରି ବିଶ୍ୱଚାମ୍ପିଅନ ଦଳକୁ ହରାଇଥିବା ଭାରତ ଏହି ମ୍ୟାଚ୍‌ରେ ଆଶାନୁରୂପ ଖେଳ ପ୍ରଦର୍ଶନ କରିପାରି ନ ଥିଲା। ତଥାପି ଦଳ ପ୍ରଥମେ ଗୋଲ ଖାଇବା ପରେ ଖେଳକୁ ନିଜ ନିୟନ୍ତ୍ରଣକୁ ଆଣି ମ୍ୟାଚ୍ ଜିତିବାରେ ସଫଳ ହୋଇଥିଲା। ଭାରତ ପକ୍ଷରୁ ଅଭିଷେକ, ନିଳକାନ୍ତ ଶର୍ମା, ସୁଖଜିତ ସିଂହ ଓ ରାଜିନ୍ଦର ସିଂହ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ପାକିସ୍ତାପ ପକ୍ଷରୁ ନଦୀମ ଅହମ୍ମଦ୍, ଅବୁ ମହମ୍ମଦ୍ ଓ ମୋଇନ୍ ସକିଲ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ।

## ରୋହିତ୍, ଅମ୍ରିତରାଜଙ୍କୁ 'ପଦ୍ମ' ପୁରସ୍କାର

ନୂଆଦିଲ୍ଲୀ, ୨୩।୬ (ଏଜେନ୍ସି): ଟି-୨୦ ବିଶ୍ୱକପ୍ ବିଜୟୀ ଭାରତୀୟ କ୍ରିକେଟ୍ ଦଳର ପୂର୍ବତନ ଅଧିନାୟକ ରୋହିତ୍ ଶର୍ମା ଓ ପୂର୍ବତନ ମହାନ ଟେନିସ୍ ଖେଳାଳି ବିଜୟ ଅମ୍ରିତରାଜଙ୍କୁ ମଙ୍ଗଳବାର 'ପଦ୍ମ' ପୁରସ୍କାର ପ୍ରଦାନ କରାଯାଇଛି। ନୂଆଦିଲ୍ଲୀରେ ରାଷ୍ଟ୍ରପତି ଭବନରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ 'ପଦ୍ମଶ୍ରୀ' ପୁରସ୍କାର ରୋହିତ୍ ଶର୍ମାଙ୍କୁ ପ୍ରଦାନ କରିଥିଲେ। ଦେଶର ଚତୁର୍ଥ ସର୍ବୋଚ୍ଚ ନାଗରିକ ସମ୍ମାନ ଗ୍ରହଣ କରିବାରେ ରୋହିତ ୪୦ତମ କ୍ରିକେଟର୍ ହୋଇଛନ୍ତି। ସେହିଭଳି ୭୨ ବର୍ଷୀୟ ଅମ୍ରିତରାଜଙ୍କୁ ଦେଶର ତୃତୀୟ ସର୍ବୋଚ୍ଚ ନାଗରିକ ସମ୍ମାନ 'ପଦ୍ମଭୂଷଣ' ପ୍ରଦାନ କରାଯାଇଥିଲା। ଅମ୍ରିତରାଜ ୧୯୮୦ରେ ବିଶ୍ୱ ମାନ୍ୟତାର ୧୮ତମ ସ୍ଥାନ ହାସଲ କରିଥିଲେ। ଯାହାକି ଏଟିପି ସିଙ୍ଗଲ୍ସରେ



ତାଙ୍କର କ୍ୟାରିୟର ଶ୍ରେଷ୍ଠ ମାନ୍ୟତା ଥିଲା। ବିଜୟ ତିନିଥର ଜାତୀୟ ସିଙ୍ଗଲ୍ସ ଚାମ୍ପିଅନ୍ ରହିଥିଲେ। ସେ ଦୁଇ ଦଶନ୍ଧି ଧରି ଭାରତରୁ ପ୍ରତିନିଧିତ୍ୱ କରିଥିବା ବିଜୟଙ୍କ ନେତୃତ୍ୱରେ ଭାରତ ୧୯୭୪ ଏବଂ ୧୯୮୭ରେ ଦୁଇଥର ଡେଭିସ୍ କପ୍ ଫାଇନାଲ ଖେଳିଥିଲା। ସିଓଲରେ ୧୯୮୦ରେ ଅନୁଷ୍ଠିତ ଅଲିମ୍ପିକ୍ସ ପାଇଁ ସେ ଭାରତୀୟ ଦଳର ମଶାଲବାହକ ଭୂମିକା ନିଭାଇଥିଲେ।

## କଳିଙ୍ଗରେ ଆଜିଠାରୁ ଆନ୍ତଃରାଜ୍ୟ ଦୌଡ଼କୁଦ

ଭୁବନେଶ୍ୱର,୨୩।୬(ସମିସ): ୬୫ତମ ଜାତୀୟ ଆନ୍ତଃରାଜ୍ୟ ଦୌଡ଼କୁଦ ପ୍ରତିଯୋଗିତା ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ଆସନ୍ତାକାଲିଠାରୁ ୫ ଦିନ ଧରି ଆୟୋଜିତ ହେବ। ସେପ୍ଟେମ୍ବର ୧୯ରୁ ଅକ୍ଟୋବର ୪ ପର୍ଯ୍ୟନ୍ତ ଜାପାନରେ ହେବାକୁ ଥିବା ଏସିଆନ୍ ଗେମ୍ସ ଲାଗି ଏହି ପ୍ରତିଯୋଗିତା ଅନେକ ଗୁରୁତ୍ୱ ରଖୁଛି। ଏଥିରେ ମୋଟ ୬୩୦ ଜଣ ପ୍ରତିଯୋଗୀ ୪୫ଟି ଇଭେଣ୍ଟରେ ଅଂଶଗ୍ରହଣ କରୁଛନ୍ତି। ଓଡ଼ିଶାରୁ ୨୮ଜଣ ଅଂଶଗ୍ରହଣ କରୁଛନ୍ତି। କିଶୋର ଜେନା, ଶ୍ରାବଣୀ ନନ୍ଦ, ଅନିମେଶ କୁଜୁର, ଲାଲୁପ୍ରସାଦ ଭୋଇ, ପ୍ରଜ୍ଞାପ୍ରଶାନ୍ତି ସାହୁ ଓ ସବିତା ଟପ୍ପୋ ଓଡ଼ିଶା ଲାଗି ପଦକ ଜିତିବାର ସମ୍ଭାବନା ରହିଛି।

### ଆୟର୍ଲାଣ୍ଡ ଓ ଇଂଲଣ୍ଡ ବିପକ୍ଷ ଟି-୨୦ ସିରିଜ୍

## ନୀତୀଶ ବାଦ୍; ସୂର୍ଯ୍ୟାଂଶ ସାମିଲ

ନୂଆଦିଲ୍ଲୀ, ୨୩।୬ (ଏଜେନ୍ସି): ଭାରତୀୟ କ୍ରିକେଟ୍ ଦଳ ଖୁବ୍ ଶୀଘ୍ର ୟୁକେ ଗସ୍ତ କରିବାକୁ ଯାଉଛି। ତେବେ ଏହି ଗସ୍ତ ପୂର୍ବରୁ ଭାରତକୁ ବଡ଼ ଝଟକା ଲାଗିଛି। ଅଲରାଉଣ୍ଡର ନୀତୀଶ କୁମାର ରେଡ୍ଡୀ ଆଘାତଜନିତ ସମସ୍ୟା ଲାଗି ଆୟର୍ଲାଣ୍ଡ ଏବଂ ଇଂଲଣ୍ଡ ବିପକ୍ଷ ଟି-୨୦ ସିରିଜରୁ ବାଦ ପଡ଼ିଛନ୍ତି। ଫଳରେ ବିସିସିଆଇ ତାଙ୍କ ସ୍ଥାନରେ ବଦଳ ଖେଳାଳି ଭାବେ ମୁମ୍ବଇ ଅଲ୍‌ରାଉଣ୍ଡର ସୂର୍ଯ୍ୟାଂଶ ଶେଡଗେଙ୍କୁ ଦଳରେ ସାମିଲ କରିଛି। ନିକଟରେ ଶ୍ରୀଲଙ୍କାରେ ତ୍ରି-ରାଷ୍ଟ୍ରୀୟ ସିରିଜ ଚାମ୍ପିଅନ ହୋଇଥିବା ଭାରତ-ଏ ଦଳର ସୂର୍ଯ୍ୟାଂଶ ସଦସ୍ୟ ରହିଥିଲେ। ଟୁର୍ଣ୍ଣାମେଣ୍ଟରେ ସେ ୫ଟି ମ୍ୟାଚ୍ ଖେଳି ୧୪୭ ରନ କରିବା ସହ ୨ଟି ୱିକେଟ ନେଇଥିଲେ। ୟୁକେ ଗସ୍ତରେ ଭାରତ ପ୍ରଥମେ ଆୟର୍ଲାଣ୍ଡ ବିପକ୍ଷରେ ଜୁନ ୨୬ ଓ ଜୁନ ୨୮ରେ ଦୁଇଟି ଟି-୨୦ ମ୍ୟାଚ୍ ଖେଳିବାର କାର୍ଯ୍ୟସୂଚୀ ରହିଛି। ଏହାପରେ ଇଂଲଣ୍ଡ ଗସ୍ତ କରି ସେଠାରେ ଘରୋଇ ଦଳ ବିପକ୍ଷରେ ପାଞ୍ଚଟି ଟି-୨୦ ଓ ତିନୋଟି ଦିନିକିଆ ମ୍ୟାଚ୍ ଖେଳିବ।

### ଆଇପିଏଲ୍‌ରେ ହାଇପ୍ରୋଫାଇଲ ଖେଳାଳି ଡିଲ୍

## ୧୫ କୋଟିରେ ଦିଲ୍ଲୀକୁ ଫେରିଲେ ପନ୍ତ

ନୂଆଦିଲ୍ଲୀ, ୨୩।୬ (ଏଜେନ୍ସି)

ଆଇପିଏଲ ଇତିହାସର ଅନ୍ୟତମ ହାଇପ୍ରୋଫାଇଲ ଖେଳାଳି ଅଦଳବଦଳ ମଙ୍ଗଳବାର ଦେଖିବାକୁ ମିଳିଛି। ଲକ୍ଷ୍ନୌ ସୁପରଜାଏଣ୍ଟସ୍ ଛାଡିବା ପରେ ରିଷଭ ପନ୍ତ ତାଙ୍କ ପୁରୁଣା ଟିମ୍ ଦିଲ୍ଲୀ କ୍ୟାପିଟାଲ୍ସକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ସେହିଭଳି ପନ୍ତଙ୍କ ସ୍ଥାନରେ ଦିଲ୍ଲୀର ରିଷ୍ଟ ସ୍ପିନର କୁଲଦୀପ୍ ଯାଦବ ଲକ୍ଷ୍ନୌ ଦଳରେ ସାମିଲ ହୋଇଛନ୍ତି। ୨୦୨୫ ଆଇପିଏଲ୍ ମେଗା ଖେଳାଳି ନିଲାମୀରେ ଲକ୍ଷ୍ନୌ ୨୭ କୋଟି ଟଙ୍କାରେ ପନ୍ତଙ୍କ ସହ ଚୁକ୍ତି କରିଥିଲା। ଫଳରେ ସେ ଆଇପିଏଲ୍ ଇତିହାସର ସବୁଠାରୁ ମହଙ୍ଗା ଖେଳାଳି ହୋଇଥିଲେ। ତେବେ ସଦ୍ୟ ଖେଳାଳି ଅଦଳବଦଳ ଡିଲ୍‌ରେ ପନ୍ତ ୧୫



କୋଟି ଟଙ୍କାର ସଂଶୋଧିତ ଚୁକ୍ତିରେ ଦିଲ୍ଲୀ ଫେରିଛନ୍ତି। ଫଳରେ ପନ୍ତଙ୍କ ୧୨ କୋଟି ଟଙ୍କା କ୍ଷତି ହୋଇଛି। ସେହିଭଳି କୁଲଦୀପ ୧୩.୫ କୋଟି ଟଙ୍କା ଚୁକ୍ତିରେ ଲକ୍ଷ୍ନୌରେ ଯୋଗ ଦେଇଛନ୍ତି। ଗତ ସିଜନରେ ଦିଲ୍ଲୀ କୁଲଦୀପଙ୍କୁ ୧୩.୨୫ କୋଟି ଟଙ୍କାରେ ଚୁକ୍ତି କରିଥିଲା। ଫଳରେ ଆଜିର ଏହି ଡିଲ୍‌ରେ କୁଲଦୀପଙ୍କ ୨୫ ଲକ୍ଷ ଟଙ୍କା ଫାଇଦା ହୋଇଛି।

ଉଲ୍ଲେଖଯୋଗ୍ୟ ପନ୍ତ ୨୦୧୬ରୁ ୨୦୨୪ ପର୍ଯ୍ୟନ୍ତ ୯ସିଜନ ଧରି ଦିଲ୍ଲୀ ଫ୍ରାଞ୍ଚାଇଜ ପକ୍ଷରୁ ୧୧୧ ମ୍ୟାଚ୍ ଖେଳିଥିଲେ। ଯେଉଁଥିରେ ସେ ୨୦୨୧ ରୁ ୨୦୨୪ ପର୍ଯ୍ୟନ୍ତ ୪୩ ମ୍ୟାଚରେ ଦଳର ନେତୃତ୍ୱ ଭାର ସମ୍ଭାଳିଥିଲେ। ପନ୍ତ ଆଇପିଏଲ୍‌ରେ ଏପର୍ଯ୍ୟନ୍ତ ୧୩୯ ମ୍ୟାଚ୍ ଖେଳିଛନ୍ତି। ସେ ୩୩.୬୦ ହାରରେ ୩୮୬୫ ରନ୍ କରିଛନ୍ତି। ଏହା ମଧ୍ୟରେ ସେ ୨ଟି ଶତକ ଏବଂ ୨୦ଟି ଅର୍ଦ୍ଧଶତକ ହାସଲ କରିଛନ୍ତି।

## ଶୀର୍ଷରେ ଶ୍ରୀ ଚରଣି

ଦୁବାଇ, ୨୩।୬ (ଏଜେନ୍ସି): ଯୁବ ଭାରତୀୟ ସ୍ପିନର ଶ୍ରୀ ଚରଣି ବିଶ୍ୱର ଏକ ନମ୍ବର ଟି-୨୦ ବୋଲର ହୋଇଛନ୍ତି। ଆଇସିସି ପକ୍ଷରୁ ମଙ୍ଗଳବାର ସଦ୍ୟ ପ୍ରକାଶିତ ମହିଳା ଟି-୨୦ ର୍‌ୟାଙ୍କିଙ୍ଗ୍‌ର ବୋଲିଂ ତାଲିକାରେ ଶ୍ରୀ ଚରଣି ଗୋଟିଏ ପାହାଚ ଉପରକୁ ଉଠି ଏକ ନମ୍ବର ସ୍ଥାନ ହାସଲ କରିଛନ୍ତି। ଇଂଲଣ୍ଡରେ ଚାଲିଥିବା ଟି-୨୦ ବିଶ୍ୱକପ୍‌ରେ ଚରଣି ଦମ୍‌ଦାର ପ୍ରଦର୍ଶନ କରିଛନ୍ତି।



ତିନୋଟି ମ୍ୟାଚ୍ ଖେଳିଥିବା ଏହି ବାମହାତୀ ସ୍ପିନର ବିଶ୍ୱକପ୍‌ରେ ମୋଟ୍ ୧୦ଟି ୱିକେଟ୍ ନେଇସାରିଛନ୍ତି। ଯେଉଁଥି ପାଇଁ ତାଙ୍କ ମାନ୍ୟତାରେ ଉନ୍ନତି ଘଟିଛି। ସେ ଇଂଲଣ୍ଡର ଲିନସୀ ସ୍ମିଥଙ୍କୁ ହଟାଇ ଶୀର୍ଷ ସ୍ଥାନ ହାସଲ କରିଛନ୍ତି। ଅନ୍ୟତମ ଇଂଲଣ୍ଡ ବୋଲର ଚାର୍ଲି ଡିନ୍ ର୍‌ୟାଙ୍କିଙ୍ଗ୍‌ରେ ଚତୁର୍ଥରୁ ଦ୍ୱିତୀୟ ସ୍ଥାନକୁ ଲମ୍ଫ ମାରିଛନ୍ତି। ସେହିଭଳି ସୋଫି ଇକଲେଷ୍ଟୋନ ୮ମରୁ ୪ର୍ଥ ସ୍ଥାନକୁ ଉଠିଛନ୍ତି। ତେବେ ଭେଟେରାନ ଭାରତୀୟ ସ୍ପିନର ଦୀପ୍ତି ଶର୍ମା ୩ଟି ସ୍ଥାନ ହରାଇଛନ୍ତି। ସଦ୍ୟ ପ୍ରକାଶିତ ମାନ୍ୟତାରେ ସେ ୮ମ ସ୍ଥାନ ଲାଭ କରିଛନ୍ତି। ଇଂଲଣ୍ଡ ଲୌରେନ ବେଲ୍ ମଧ୍ୟ ତୃତୀୟରୁ ୭ମ ସ୍ଥାନକୁ ଖସିଯାଇଛନ୍ତି।

### ମହିଳା ଟି-୨୦ ବିଶ୍ୱକପ୍

## ଦ୍ୱିତୀୟ ବିଜୟ ସହ ନ୍ୟୁଜିଲାଣ୍ଡର ଆଶା ଉଜ୍ଜୀବିତ

ବ୍ରିଷ୍ଟଲ, ୨୩।୬ (ଏଜେନ୍ସି): ଡିଫେଣ୍ଡିଂ ଚାମ୍ପିଅନ ନ୍ୟୁଜିଲାଣ୍ଡ ଚଳିତ ଆଇସିସି ମହିଳା ଟି-୨୦ ବିଶ୍ୱକପ୍‌ରେ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ମଙ୍ଗଳବାର ଏଠାରେ ଅନୁଷ୍ଠିତ ଗ୍ରୁପ୍-ବି'ର ଏକ ମ୍ୟାଚରେ ନ୍ୟୁଜିଲାଣ୍ଡ ୬ ୱିକେଟ୍‌ରେ ସ୍କଟଲାଣ୍ଡ ମହିଳା ଦଳକୁ ପରାସ୍ତ କରିଛି। ଏହି ଲୋ-ସ୍କୋରିଂ ମ୍ୟାଚରେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ସ୍କଟଲାଣ୍ଡ ୭ ୱିକେଟରେ ୧୩୧ ରନ କରିଥିଲା। ଓପନର୍ ଡାର୍ସି କାର୍ଟର ୫୨ ବଲରେ ୭୨ ରନର ଅପରାଜିତ ପାଳି ଖେଳିଥିଲେ। ପ୍ରତିପକ୍ଷ ନ୍ୟୁଜିଲାଣ୍ଡ ପକ୍ଷରୁ ଅଧିନାୟିକା ଆମେଲିଆ କେର ୩ ଏବଂ ସୋଫି ଡିଭାଇନ ୨ଟି ୱିକେଟ ନେଇଥିଲେ। ଜବାବରେ ନ୍ୟୁଜିଲାଣ୍ଡ ୪ ୱିକେଟ୍ ହରାଇ ୧୦ଟି ବଲ୍ ବଳକା ଥାଇ ଲକ୍ଷ୍ୟ ହାସଲ କରିନେଇଥିଲା। ଇଜି ଶାର୍ପ ୬୨ ଓ ବ୍ରୁକ୍ ହଲିଡେ ୪୧ ରନର ଉପଯୋଗୀ ଇନିଂସ ଖେଳିଥିଲେ। ନ୍ୟୁଜିଲାଣ୍ଡ ଚଳିତ ବିଶ୍ୱକପର ପ୍ରଥମ ଦୁଇଟି ମ୍ୟାଚରେ ଯଥାକ୍ରମେ ୱେଷ୍ଟଇଣ୍ଡିଜ (୭ ୱିକେଟ୍) ଓ ଶ୍ରୀଲଙ୍କା (୫ ୱିକେଟ) ନିକଟରୁ ହାରିଥିଲା।

## ଚାମରିଙ୍କ ଶତକରେ ଜିତିଲା ଶ୍ରୀଲଙ୍କା

ବ୍ରିଷ୍ଟଲ,୨୩।୬(ଏଜେନ୍ସି): ଅଧିନାୟିକା ଚାମରି ଆଟାପାଟୁଙ୍କ ଅପରାଜିତ ଶତକ ବଳରେ ଏଠାରେ ମଙ୍ଗଳବାର ଅନୁଷ୍ଠିତ ମହିଳା ଟି-୨୦ ବିଶ୍ୱକପ୍ ଗ୍ରୁପ୍-ବି'ର ଏକ ମ୍ୟାଚ୍‌ରେ ଶ୍ରୀଲଙ୍କା ୯ ୱିକେଟରେ ଆୟର୍ଲାଣ୍ଡକୁ ପରାସ୍ତ କରିଛି। ଫଳରେ ଦଳ ୪ର୍ଥ ମ୍ୟାଚ୍‌ରୁ ଦ୍ୱିତୀୟ ବିଜୟ ସହ ସେମିଫାଇନାଲ ଦୌଡ଼ରେ ରହିଛି। ଏହି ମ୍ୟାଚ୍‌ରେ ଅଧିନାୟିକା ଗାବି ଲୁଇସ୍ ୫୦ବଲ୍‌ର ସାମ୍ନା କରି ୮ ଚୌକା ସହ ୫୯ ରନ କରିବା ଫଳରେ ପ୍ରଥମେ ବ୍ୟାଟିଂ କରିଥିବା ଆୟର୍ଲାଣ୍ଡ ୫ ୱିକେଟରେ ୧୩୦ ରନ୍ କରିଥିଲା। ଜବାବରେ ଚାମରି ଆଟାପାଟୁ ୬୧ବଲ୍‌ରୁ ୧୭ ଚୌକା ଓ ୨ ଛକା ସହ ଅପରାଜିତ ୧୦୬ ରନ୍ ବଳରେ ଶ୍ରୀଲଙ୍କା ୧୫.୩ ଓଭରରେ ମାତ୍ର ଗୋଟିଏ ୱିକେଟ ହରାଇ ବିଜୟ ଲାଗି ଆବଶ୍ୟକ ରନ୍ ସଂଗ୍ରହ କରିନେଇଥିଲା। ଚାମରିଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS